# ସମାରୋହ

ମଇ ୨୦୨୫

www.samaroha.in



# KALINGA COMMERCIAL CORPORATION LTD

**A Leading Turnkey Service Provider for Mining Sector**

**(ISO 9001 : 2008 Certified)**

*Our Strength is-*
*Unity &*
*Teamwork with*





*Commitment and*
*Dedication*

*Our Motto –*
*No Words but Deeds*





*Aiming for Excellence*
*in Achievement with*
*Customer Satisfaction*

Our Vision:
Aspire to set Benchmark on Global Mining,Value Creation and Corporate Social Responsibility

***CORPORATE OFFICE***

**A/47, NILAKANTHA NAGAR, NAYAPALLI, BHUBANESWAR, ODISHA 751012**
**MOB: 9937559264**
**WEB: www.kccl.co.in**

**torrent**
**ADVERTISERS**


**R.Shed No.37,Rasulgarh Ind. Estate**
**Bhubaneswar - 751010, Odisha**

**Mob - 9437021015**
**Email - torrentadv1 @gmail.com**

Branch Office
Cuttack, Sambalpur, Rourkela, Behrampur, Puri

**- Deals In -**
**Hoarding, Bulletin, Kiosks, Backlit, Mobile Van**
**Hi-tech Bus Shelters**




Begin your
Happily
ever
after
with us
Specially Curated Menu
Bespoke Decor
Trained Event Crew
AA Convention Complex
a destination of your dream events.......
AIIMS Square, Patrapada, Bhubaneswar
Contact for Booking : 9861717767 / 9861717768
jjcreativevision / abcl-01/23

# ସମାରୋହ

( କଳା, ସାହିତ୍ୟ, ସଂସ୍କୃତିର ପାରିବାରିକ ମାସିକ ପତ୍ରିକା )


**Editor:**
Sailorani Mishra
**ସଂପାଦିକା:**
ଶୈଳରାଣୀ ମିଶ୍ର
**Associate Editor:**
Rabi Narayna Nanda
Kishore Kumar Mohanty
**ସହଯୋଗୀ ସଂପାଦକ:**
ରବି ନାରାୟଣ ନନ୍ଦ
କିଶୋର କୁମାର ମହାନ୍ତି
**Publisher:**
Bibhuti Bhusan Nanda
Gandarpur, Cuttack-753003
**ପ୍ରକାଶକ:**
ବିଭୂତି ଭୂଷଣ ନନ୍ଦ
ଗଣ୍ଡରପୁର, କଟକ-୭୫୩୦୦୩
**DTP:**
Printtech Offset Pvt. Ltd.
Bhubaneswar-24
**ଡିଟିପି:**
ପ୍ରିଣ୍ଟଟେକ୍ ଅଫ୍‌ସେଟ୍ ପ୍ରା:ଲି
ଭୁବନେଶ୍ୱର-୨୪
**Printer:**
Bibhuti Bhusan Nanda
Lipsa Printers, Gandarpur, Cuttack
**ମୁଦ୍ରଣ:**
ବିଭୂତି ଭୂଷଣ ନନ୍ଦ
ଲିପ୍‌ସା ପ୍ରିଣ୍ଟର୍ସ, କଟକ
**Managing Editor:**
Kalyani Nanda
**ପରିଚାଳନା ସଂପାଦିକା:**
କଲ୍ୟାଣୀ ନନ୍ଦ

**Volume - 34 Issue - 8**
**May - 2025**
**Price- Rs. 20/-**

*Owned, Printed and Published by*
*Bibhuti Bhusan Nanda, Gandarpur, Cuttack, Odisha*


## ସୂଚୀପତ୍ର

### ପ୍ରବନ୍ଧ


**ବୌଦ୍ଧ ଭୂଖଣ୍ଡର ଧର୍ମୀୟ ପ୍ରବାହ** ଇଂ. ଡ. ସଞ୍ଜୟ କୁମାର ପଣ୍ଡା.. ୬
**ଶ୍ରେଷ୍ଠ ଧର୍ମ ମାନବଧର୍ମ** ଜୟଶ୍ରୀ ପଟ୍ଟନାୟକ............. ୯


### କଥା ଓ କାହାଣୀ


**କଲ୍‌ମା** ବିନୋଦ........................ ୧୧
**ପ୍ରୀତି ନଈ ପରିମିତି** ନୃସିଂହ ବେହେରା............. ୧୪
**ବିସାରିତ ଅପତ୍ୟ** ଡଃ ସୁକାନ୍ତ ମହାରଣା............ ୧୭
ଅତି ସର୍ବତ୍ର ଗର୍ହିତମ୍ ବୀରେଶ୍ୱର ମହାନ୍ତି.............. ୨୩
**ପ୍ରାର୍ଥନା** ତାମିଲ ଗଳ୍ପ: ଅନୁରାଧା ରାମାନାନଙ୍କ
ରୂପାନ୍ତର: ସୃଜନ ପ୍ରକାଶ ଦାସ........... ୨୬
**ପବିତ୍ର ପାପୀ** ଜିତେନ୍ଦ୍ର ପରିଡ଼ା.................୩୦
**ଋଣ କରି ଘିଅ ଖାଅ** ଅଜୟ କୁମାର ପଟ୍ଟନାୟକ......୩୫
**କ୍ୟାମେରା** ମୂଳ ହିନ୍ଦୀ - ସଙ୍ଗୀତା ମାଥୁର
ଅନୁବାଦ-ଦେବସ୍ମିତା ବେହେରା...........୩୭
**ଅନ୍ନ୍ୱୋସିଆଲ୍** ସ୍ନିଗ୍ଧା ନାୟକ...................୪୧


### କବିତା


ପେଡ୍‌ହେଲ୍ ଗାଉଁ ଦେବାଶିଷ ଚକ୍ରବର୍ତ୍ତୀ........... ୪୫
**ଭାଗଶେଷ** ଶ୍ରୀରାମ ଦାଶ...................୪୫
**ଜୀବନଟା ଏମିତି କବିତାଟିଏ...** ଡାଃ ମନୋରଞ୍ଜନ ଦାଶ....... ୪୬
**ନିଆଁ** ଶରତ କୁମାର ଦାସ.............୪୭
**କେମିତି ଲେଖିଲ ତୁମେ** ରାଧାଶ୍ୟାମ ମହାନ୍ତି.............. ୪୭
**ସୁବିଧାବାଦୀର ପରିଚୟ** ନୃସିଂହ ବେହେରା..............୪୮
**ଓଡ଼ିଆ ଅସ୍ମିତାରେ ପ୍ରଭୁ ଜଗନ୍ନାଥ** ଶ୍ରୀମତୀ ସୁଷମା ଲେଙ୍କା...୪୮
**ବାପା ତୁମେ ଆଜି ବି ହାରିନ!** ସ୍ନିଗ୍ଧାରାଣୀ ପଣ୍ଡା............... ୪୯
**ଗ୍ରାମବଧୂ** ସୁଜିତ କୁମାର ମିଶ୍ର............. ୪୯
**ଜନ୍ମଦିନ** ସନ୍ତୋଷିନୀ ଦାଶ (ଗିରି)....... ୫୦
**ରଥରେ ଭାବନ୍ତି କଳା ଠାକୁର** ବିଭୁତି ଭୂଷଣ ତ୍ରିପାଠୀ........ ୫୦
**ହସି ଉଠୁ ଭାଇଚାରା** ଅନସୂୟା ପଣ୍ଡା.................୫୧
**ଆଦ୍ୟ ଆଷାଢ଼** ରତ୍ନମଞ୍ଜରୀ ରାଉତ............. ୫୧
**ଭାବ ବିନିମୟ** ଡ. ଅଶୋକ କୁମାର ସେଠୀ.... ୫୨

## ସମାରୋହ ନିୟମାବଳୀ

- ଏହା ପ୍ରତିମାସର ଦ୍ୱିତୀୟ ସପ୍ତାହରେ ପ୍ରକାଶ ପାଏ ।
- ସମାରୋହ ସମସ୍ତ ଲେଖକ ଲେଖିକାଙ୍କୁ ସମାନ ଗୁରୁତ୍ୱ ପ୍ରଦାନ କରେ ଓ ବିଶେଷତଃ ନୂତନ ଲେଖକଙ୍କୁ ଉତ୍ସାହିତ କରିବାରେ ବିଶ୍ୱାସ କରେ, କିନ୍ତୁ ଲେଖା ଉନ୍ନତମାନର ହୋଇଥିଲେ ହିଁ ଏହା ପ୍ରକାଶିତ ହୁଏ ।
- ଲେଖା ପଠାଇବା ସମୟରେ ଏହାର ଏକ ନକଲ ପାଖରେ ରଖନ୍ତୁ କାରଣ ଅମନୋନୀତ ଲେଖା ଫେରସ୍ତ ଦିଆଯାଏ ନାହିଁ ।
- ଲେଖା ସହିତ ନିଜର ସଂପୂର୍ଣ୍ଣ ଠିକଣା, ଦୂରଭାଷ ନମ୍ବର ଓ ପରିଚୟ ପଠାନ୍ତୁ ।
- ଅନ୍ୟ ପତ୍ରିକାରେ ପ୍ରକାଶିତ ହୋଇଥିବା କିମ୍ବା ପ୍ରକାଶ ପାଇଁ ଦେଇଥିବା ଲେଖା ପଠାନ୍ତୁନାହିଁ ।
- ଲେଖା ପଠାଇବାର ୬ ମାସ ମଧ୍ୟରେ ଏହା ପ୍ରକାଶିତ ନ ହୋଇଥିଲେ କିମ୍ବା କୌଣସି ଉତ୍ତର ନପାଇଲେ ଲେଖାଟି ଅମନୋନୀତ ବୋଲି ଧରିନେବେ ।
- ଲେଖାଟିଏ ସମାରୋହକୁ ପ୍ରକାଶ ପାଇଁ ପଠାଇବା ପରେ ୬ ମାସ ପର୍ଯ୍ୟନ୍ତ ତାହା ଅନ୍ୟତ୍ର ପ୍ରକାଶ ପାଇଁ ଦିଅନ୍ତୁ ନାହିଁ ।
- ଚାହିଁଲେ ଆପଣ ଲେଖାକୁ (ଶ୍ରୀଲିପି / ଆକୃତି)ରେ ପଠାଇ ପାରନ୍ତି । ପଠାଇବାର ଇ-ମେଲ୍ ଠିକଣା:- thesamaroha@gmail.com
- ହାତଲେଖା ସ୍ପଷ୍ଟ ହୋଇନଥିଲେ ଏବଂ ପଢ଼ି ହେଉନଥିଲେ ଲେଖା ପ୍ରକାଶ ନିମନ୍ତେ ବିଚାରକୁ ନିଆଯିବ ନାହିଁ ।
- ଫିଚର, ମହିଳା ମହଲ, ତନ୍ମାତ୍ର, ବ୍ୟକ୍ତିତ୍ୱ, ଖେଳ ଖେଳାଳୀ ପ୍ରଭୃତିର ପୃଷ୍ଠା ନିମନ୍ତେ ଉତ୍ତମ ମାନର ତଥ୍ୟ ସମ୍ବଳିତ ଲେଖା ପ୍ରକାଶ ଯୋଗ୍ୟ । ତେବେ ଏ ସମସ୍ତ ଲେଖା ପଠାଇବା ପୂର୍ବରୁ ସଂପାଦିକାଙ୍କ ସହିତ ଯୋଗାଯୋଗ କରି ଅନୁମତି ନେବା ଆବଶ୍ୟକ ।

**ସମସ୍ତ ଲେଖା, ମନିଅର୍ଡ଼ର ପଠାଇବା ନିମନ୍ତେ ଏବଂ ସମସ୍ତ ଯୋଗାଯୋଗ ନିମନ୍ତେ ଡି-୯, ବିଜେବି ନଗର ପରିବର୍ତ୍ତେ ସହଯୋଗୀ ସଂପାଦକଙ୍କର ନିମ୍ନୋକ୍ତ ଠିକଣାଟି ବ୍ୟବହାର କରିବାକୁ ଅନୁରୋଧ ।**

**ପରିଚାଳନା ସଂପାଦିକା**

**ସମାରୋହ ଆଜୀବନ ପୃଷ୍ଠପୋଷକ**
**- ଶ୍ରୀ ଦେବ ପଟ୍ଟନାୟକ**
**- ଶ୍ରୀ ଲକ୍ଷ୍ମୀକାନ୍ତ ମିଶ୍ର**
**- ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ**
**- ଡା. ଅମରେନ୍ଦ୍ରନାଥ ଦାସ**


## ତନ୍ମାତ୍ର

**ଆଗାମୀ ଚିତ୍ର ସଂପର୍କରେ**........................................ ୫୩

## ଖେଳ ଓ ଖେଳାଳୀ

**ଭାରତୀୟ ଫୁଟବଲର କାଲି, ଆଜି ଓ ଆସନ୍ତାକାଲି**.. ୫୪

## ଜ୍ୟୋତିଷ ବିଚାର

**ମାସିକ ରାଶିଫଳ** ଜ୍ୟୋତିର୍ବିଦ - ବିଶ୍ୱନାଥ ନାୟକ............ ୫୫



**ପଢ଼ନ୍ତୁ ! ପଢ଼ନ୍ତୁ !**

**ମାସିକ ଓଡ଼ିଆ ପତ୍ରିକା**






<u>ଯୋଗାଯୋଗ ଠିକଣା</u>

**ସହଯୋଗୀ ସଂପାଦକ : ସମାରୋହ**
**ସି-୧୬୩, ବିଡିଏ ଡୁ୍ୟପ୍ଲେକ୍ସ, ପ୍ରଜ୍ଞାବିହାର, ବରମୁଣ୍ଡା, ଭୁବନେଶ୍ୱର-୩**
**ଫୋନ୍ ନମ୍ବର : ୦୬୭୪-୨୩୫୪୮୭୩, ମୋବାଇଲ ନମ୍ବର : ୯୦୯୦୪୬୮୦୪୬**
E-mail: thesamaroha@gmail.com



| **ସମାରୋହର ଦେୟ** | | |
|---|---|---|
| | ବାର୍ଷିକ................ଟ. ୩୦୦.୦୦ | ଦ୍ୱିବାର୍ଷିକ..............ଟ. ୬୦୦.୦୦ |
| | ୩ ବର୍ଷ ପାଇଁ..........ଟ. ୯୦୦.୦୦ | ୫ ବର୍ଷ ପାଇଁ..........ଟ. ୧୫୦୦.୦୦ |

*ପ୍ରତ୍ୟେକ ମାସିକ ସଂଖ୍ୟା ଡାକ ଯୋଗେ ଗ୍ରାହକଙ୍କ ନିକଟକୁ ପଠାଇଦିଆଯିବାର ବ୍ୟବସ୍ଥା ରହିଛି ।*

# ସଂ ପା ଦ କୀ ୟ

ସମୟ କାହାରିକୁ ଅପେକ୍ଷା କରେନାହିଁ। ଚିରାଚରିତ ପନ୍ଥାରେ ସେ ସହଜରେ ଗତିକରି ଚାଲିଥାଏ। ଶୁଭ ମୁହୂର୍ତ୍ତକୁ ଅପେକ୍ଷା କରି ଅନେକ ହତୋତ୍ସାହ ହୋଇଯାଇଥାନ୍ତି। ଏପରିକି ଉଦ୍ଦେଶ୍ୟକୁ ମଧ୍ୟ ପାଶୋରି ପକାଇବା ବିଚିତ୍ର ନୁହେଁ। ତେଣୁ ଘଣ୍ଟା କହେ ଟିକ୍ ଟିକ୍। ପଢ଼ିଛି, ଜାଣିଛି କିନ୍ତୁ ନିଜ ଜାଣତରେ ସବୁ ପାସୋରି ଦେବାର ସମୟ ଆସି ଉପସ୍ଥିତି ହେଲାଣି। ତେଣୁ ମୋ'ର ସବୁଥିରେ ସମୟ ଗଡ଼ିଯିବା ପରେ ସବୁକିଛି ପାଇଗଲା ପରି ଏବେ ମଧ୍ୟ ଏଇ ଗୋଟିଏ ସମ୍ପାଦକୀୟ ନିମନ୍ତେ ବହୁତ ଗୁଡ଼ାଏ ଟାଳ ଟୁଳ ହୋଇଯାଏ। ନିଜେ ଏପର୍ଯ୍ୟନ୍ତ ସଚେତନ ଥାଇ ମଧ୍ୟ ଏଇ ଗୋଟିଏ ଏପରି ବିରାଟ ଭୁଲ ବାରମ୍ବାର କାହିଁକି କରେ ନିଜେ ମଧ୍ୟ ଏ ବୟସରେ ବୁଝିବାକୁ ସମୟ ପ୍ରାପ୍ତ ହେବା ଉଚିତ୍। ତେବେ ଏ ମୁଖଶାଳାର ଆଡ଼ମ୍ବର ଏତିକିରେ ଥାଉ, ବର୍ତ୍ତମାନ ନିଜର କାର୍ଯ୍ୟକୁ ପ୍ରାଧାନ୍ୟ ଦେଇ କିଛି ଲେଖିଦେବା ପାଇଁ ପ୍ରଭୁଙ୍କୁ ପ୍ରାର୍ଥନା କରି କାଗଜ କଲମ ଧରି ବସିଛି। ତାଙ୍କରି ଦୟା କରୁଣା ବିନା ଏ ଜୀବନକୁ ଅତିବାହିତ କରିବା ଯେପରି କଷ୍ଟକର, ମୋର ଏଇ ଗୋଟିଏ ଦାୟିତ୍ୱକୁ ସେଇ ପ୍ରଭୁ ନିଜ ଇଚ୍ଛାରେ ସମାଧାନ କରିଦିଅନ୍ତୁ ଏତିକି ବିନମ୍ର ପ୍ରାର୍ଥନା। ମଇ ମାସର ସମ୍ପାଦକୀୟ ପାଇଁ କିଛି ପଢ଼ାପଢ଼ି ମଧ୍ୟ କରିପାରିନାହିଁ। ତେଣୁ ସେ ଯାହା ଚାହିଁବେ ତାକୁ ଏଇ କାଗଜ କଲମରେ ଲେଖିଦେଇ ଯିବେ।

ଟିଭି, ରେଡ଼ିଓ, ଫୋନ୍ ଇତ୍ୟାଦିରୁ ବହୁ ସମ୍ବାଦ ସଂଗ୍ରହ କରିବା ସମ୍ଭବ ହୋଇଥାଏ। କିନ୍ତୁ ସେ ସବୁପାଇଁ ବର୍ତ୍ତମାନ ମୁଁ ବୋଧହୁଏ ସନ୍ନ୍ୟାସ ନେଇ ଯାଇଛି। ଏକମାତ୍ର ଭରସା ଖବରକାଗଜ। ତାକୁ ମଧ୍ୟ ପଢ଼ିବା ସହଜ ନୁହେଁ, କାରଣ ମୋର ଦୃଷ୍ଟିଶକ୍ତି ଖସି ଖସି ଗଲାଣି। ଏଇ ମାସରେ ତେୟାନବେ ବର୍ଷ ପୁରି ଚଉରାନବେ ପ୍ରବେଶ କରିଗଲାଣି। ଏଇ ମୁଣ୍ଡରେ ଆଉ କେତେ ରସ ଅଛି ଝରିବା ପାଇଁ, ତେଣୁ ଆଜିର ସମ୍ପାଦକୀୟ କିମ୍ଭୁତ କିମାକାର ହୋଇପାରେ। ପାଠକେ ଦୋଷ ଦେଲେ ମଧ୍ୟ ସହିବାର ଶକ୍ତି ଭଗବାନଙ୍କ ଦୟାରୁ ଏପର୍ଯ୍ୟନ୍ତ କିଛି ରହିଯାଇଛି। ଆପଣମାନଙ୍କୁ ଦୃଷ୍ଟିରେ ରଖି ଆଗେଇବାକୁ ଚେଷ୍ଟା କରିବି। ନୂଆ କିଛି ଉଦ୍‌ଭାବନ କରିବା ବ୍ୟକ୍ତି ମୁଁ ନୁହେଁ। ଚକ୍ରଧାରୀ ମଧ୍ୟ ନୁହଁ, କେବଳ ଆପଣମାନଙ୍କ ସଦିଚ୍ଛା ଓ ସ୍ନେହକୁ ପାଥେୟ କରି କିଛି ଗାରେଇ ଦେବାକୁ ସକ୍ଷମ ହେବି ଭାବୁଛି।

ସମୟ ଚକ୍ରରେ ସମସ୍ତେ ନିକ୍ଷେପିତ। ମୁଁ ମଧ୍ୟ ସେଥିରୁ ବାଦ୍‌ଯିବି କିପରି। ଯଦି ମୋର ଏଇ ବୟସର ଭାବନା କାହାରିକୁ ଭଲ ଲାଗି ନପାରେ ସେଥିପାଇଁ କ୍ଷମା କରିଦେବେ। ଯଦିଓ ପୃଥିବୀକୁ ମୁଁ ଚତୁର୍ଦ୍ଦିଗରୁ ଦେଖି ପାରୁନାହିଁ– ତଥାପି ଏତିକି ବୁଝି ହୁଏ ଯେ କେତେକ ବହୁତ ପ୍ରାପ୍ତି ନେଇ ବଂଚିଛନ୍ତି ଏବଂ ଅନେକ ହାହାକାର କରି ନିଜର ଜୀବନ ଓ ସମୟର ଅପଚୟ କରିଛନ୍ତି। ମୋର ଉପଦେଶ ହେଲା ପରନିନ୍ଦା ପରଚର୍ଚ୍ଚା ନ କରି ନିଜେ କିଛି କରି ଦେଖାଇ ଦେଲେ ଦେଶର ପ୍ରଭୂତ ଉନ୍ନତି ଘଟନ୍ତା। ଆଶା ସମସ୍ତେ ଜାଗ୍ରତ ଓ ସଚେତନ ହୋଇ ଠିକ୍ ଭୁଲ୍ ବିଚାର କରିବେ। ସଂସାରରେ କାହାର ସର୍ବଦା ପୁଷମାସ ନଥାଏ ବା ସର୍ବନାଶ ହୋଇ ନଥାଏ। ଯେତିକି ପାଇଛେ ସେତିକିରେ ସନ୍ତୁଷ୍ଟ ରହି ଯେଉଁ ଗୋଟିଏ କାମନାରେ ସମ୍ପୂର୍ଣ୍ଣ ରୂପେ ବୁଝି, ସତ୍ୟ ଓ ନିଷ୍ଠାର ସହିତ କରିବାକୁ ଥରେ ଆରମ୍ଭ କରିଦେଲେ ଆମର ଏଇ ପୃଥିବୀ ଶାନ୍ତ ଶୀତଳ ହୋଇଯିବ। ଯୁଦ୍ଧର ଘନଘଟା ଚତୁର୍ଦ୍ଦିଗରୁ ଆଉ ଶୁଣିବାକୁ ମିଳିବ ନାହିଁ।

ଦରଦାମ୍ ବୃଦ୍ଧି ପାଇବାରେ ଲାଗିଛି– ତେବେ ସତ୍ ପଥରେ ହେଉ ବା ଅସତ୍ ପଥରେ ଅର୍ଥ ଆସିଯାଇଛି କେବଳ ତାକୁ ପରିଚାଳନା କରି ନିଜକୁ ନିଷ୍ଠାବାନ୍ କରିବାକୁ ହେବ। ଯାହାର ଉଦ୍ଦେଶ୍ୟ ଥିବ ଭୀମଭୋଇଙ୍କର ଚିରନ୍ତନ ଗୀତ "ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ।"

ରାମଲାଲା ଅଯୋଧ୍ୟାରେ ଆସି ପ୍ରତିଷ୍ଠିତ ହୋଇଗଲେ। ବାରାଣାସୀରେ ଉତ୍କୃଷ୍ଟ ବିଶେଷ ବୁଡ଼ରେ ସମସ୍ତେ ନିଜକୁ ଭିଜାଇ ନିଶ୍ଚିତ ଆନନ୍ଦରେ ରହିବେ। ତେଣୁ ଯେତେବେଳେ ସୁଖ ବା ଆନନ୍ଦ ମିଳୁଛି ସେତେବେଳେ ବିଷାଦ ବା ଦୁଃଖ ପ୍ରବେଶ ନିଷେଧ କରିଦିଅ। ତେବେ ଯାଇ ସତ୍ ଚରିତ୍ରରେ ଗଠିତ ହୋଇପାରିବ। ବର୍ତ୍ତମାନର ଅବସ୍ଥାକୁ ଦେଖି ଲାଗୁଛି ଭବିଷ୍ୟତରେ କେବଳ ବିରାଟ ବିରାଟ ହର୍ମ୍ୟମାନ ରହିଥିବେ କିନ୍ତୁ ଦୁବଘାସ ଉଠିବାକୁ ସ୍ଥାନ ପାଉ ନଥିବେ। ତଥାପି ସେମାନେ ମଧ୍ୟ ନିଜକୁ ଫଠାଇ କୌଣସି ମତେ ସେହି କଠିନ ସ୍ତରକୁ ଭେଦି ଉପରକୁ ଉଠିଆସି ନିଜର ଏବଂ ପରିବାରର ଉତ୍ତୋରତ୍ତର ଉନ୍ନତି କରିବେ ଏହା ସତ୍ୟ ସିଦ୍ଧ। ଭୟ ନାହିଁ ସ୍ୱଚ୍ଛ ମନପ୍ରାଣ ନିଷ୍ଠା ସାଧନାରେ ସବୁକିଛି ସମ୍ଭବ ହୋଇଥାଏ ପ୍ରଭୁଙ୍କ ଶୁଭାଶୀର୍ବାଦରେ।

ହରିଓଁ ତତ୍‌ସତ୍

ବ୍ରହ୍ମାର୍ପଣମସ୍ତୁ

ସୌଦାମିଣୀ ମିଶ୍ର

ପ୍ରବନ୍ଧ

# ବୌଦ୍ଧ ଭୂଖଣ୍ଡର ଧର୍ମୀୟ ପ୍ରବାହ

## ଇଂ. ଡ. ସଞ୍ଜୟ କୁମାର ପଣ୍ଡା

ଅଧୁନା ବୌଦ୍ଧଜିଲ୍ଲା ପ୍ରାଚୀନ ଯୁଗରୁ ବଉଦ, ବୌଦ୍ଧ, ବୌଦ, ବୌଧ, ବୌଦ୍ଧଗଡ, ବୌଦ୍ଧରାଜ ନାମରେ ନାମିତ ହୋଇଥିବା ସ୍ଥଳେ ବୌଦ୍ଧ କୀର୍ତ୍ତିରାଜୀର ଗୌରବବହନ କରୁଥିବାରୁ ସମ୍ପ୍ରତ୍ତିଛି ବୌଦ୍ଧ ନାମରେ ଓଡିଶା ମାନଚିତ୍ରରେ ସ୍ଥାନିତ । ମହାଭାରତର ଦ୍ୱିତୀୟ ପର୍ବରେ "ବଉଦ ନାମେ ଯେ ନଗ୍ରମହେନ୍ଦ୍ର ଅଞ୍ଚଳ" ବଉଦର ନାମ ଦୃଶ୍ୟମାନ । ଏ ଭୂଖଣ୍ଡ ଗୋସିଂହ ଦୈତ୍ୟ ଦ୍ୱାରା ଶାସିତ ହେଉଥିବାବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ୭୨ଜଣ ବ୍ରାହ୍ମଣ ଶାସକଙ୍କ ଦ୍ୱାରା ଶାସିତ ହୋଇଥିଲା । ଏହାର ଶେଷରାଜା ଗନ୍ଧମାର୍ଦ୍ଦନ ଦେବ ଥିଲେ । ବ୍ରାହ୍ମଣ ଶାସନ କାଳରେ ବିଭିନ୍ନ ଧର୍ମପୀଠ ସ୍ଥାପିତ ହୋଇ ବେଦ ବେଦାନ୍ତ ରଚନା ଓ ଆଲୋଚନା ହେଉଥିବାରୁ ଏହି ପବିତ୍ର ବେଦଭୂମିକୁ 'ବେଦ' ଓ ପରେ 'ବଉଦ' କୁହାଯିବାର କିମ୍ବଦନ୍ତି ରହିଛି ।

ଐତିହ୍ୟମହୀ, ଧର୍ମମୟୀ, ମନ୍ଦରିମାଳିନୀ, ବେଦଭୂମି ବୌଦ୍ଧ ଭୂଖଣ୍ଡ ଆଦିବାସୀ ସଂସ୍କୃତି, ବୌଦ୍ଧ ସଂସ୍କୃତି, ଜଗନ୍ନାଥ ସଂସ୍କୃତି, ଶୈବ ସଂସ୍କୃତି, ବୈଷ୍ଣବ ସଂସ୍କୃତି ଓ ଶାକ୍ତ ସଂସ୍କୃତିର ଧର୍ମୀୟ ବାହିକା ଅଟେ । ଏହି ପବିତ୍ର ମାଟିକୁ ଦ୍ୱାଦଶ ବୁଦ୍ଧ, ଏକାଦଶ ରୁଦ୍ରଙ୍କ ଆରାଧ୍ୟ ଭୂମି ରୂପେ ବିବେଚନା କରାଯାଏ ।

ଏହି ଭୂଖଣ୍ଡର ଅଧିବାସୀ ଅଷ୍ଟ୍ରୋଏସୀୟ ବର୍ଗର ଅନ୍ତର୍ଗତ ହୋଇ ମୂଳତଃ କନ୍ଧ ସମ୍ପ୍ରଦାୟର ଜନଜାତି ଶ୍ରେଣୀୟ ଅଟନ୍ତି । ଫଳତଃ ଦ୍ରାବିଡୀୟ ସଂସ୍କୃତିର କ୍ରମଶଃ ରୂପାନ୍ତରୀକରଣ ହୋଇ ଆର୍ଯ୍ୟ ସଂସ୍କୃତିର ଉପକ୍ରମଣ ହୋଇଛି । ଆଦିବାସୀ ସଂସ୍କୃତିର ଧାରା ସ୍ୱୟଂଚକ୍ରରେ ଶାକ୍ତ ସଂସ୍କୃତିରେ ଉପନୀତ ହେବାର ଦୃଶ୍ୟ ପରିଲକ୍ଷିତ ହୋଇଥାଏ ।

ଆଦିବାସୀ ଧର୍ମୀୟ ପରମ୍ପରା ଲୋକ ଦେବାଦେବୀ କଳ୍ପନା ସମ୍ଭୁତ । ଅତଏବ ନିର୍ଦ୍ଦିଷ୍ଟ ରୂପରେ ଖବି ବର୍ଜିତ । ପ୍ରକୃତିକୁ ବିଶ୍ୱାସ କରୁଥିବା ସରଳ ଜନଜାତି ନିଜର ସୁରକ୍ଷିତ ଜୀବନ ଯାପନ ଯାଚନା ପାଇଁ ଗ୍ରାମଦେବ ବା ଦେବୀଙ୍କୁ ପୂଜା କରିଥାଏ । ସେ ବୃକ୍ଷ, ଡାଳ, ଖମ୍ବ, ପଥର ଆଦିରେ ନିଜର ଆରାଧ୍ୟକୁ ସନ୍ଧାନ କରିଥାଏ । ସାଧାରଣତଃ ଦେବତାଙ୍କୁ ବୁଢା ଓ ଦେବୀଙ୍କୁ ବୁଢୀ ରୂପର ଆରାଧନା କରାଯାଇ ମୂଖ୍ୟତଃ ଗ୍ରାମ ମୁଣ୍ଡରେ, ମୁକ୍ତାକାଶରେ, ବୃକ୍ଷମୂଳରେ, ପୀଠସ୍ଥଳୀରେ ସ୍ଥାପନା କରାଯାଇଥାଏ । ବିଶ୍ୱାସ ଆଧାରରେ କେବେକେବେ ପୋଖରୀ ହୁଡା, ପାହାଡ ପାଦ, ରାସ୍ତା ପାର୍ଶ୍ୱ, ଉଇହୁଙ୍କା, ଶ୍ମଶାନ, ନଦୀକୂଳ, ଗୁମ୍ଫା ଆଦି ମଧ୍ୟ ପୀଠସ୍ଥଳୀ ପାଲଟିଯାଏ ।

ବୌଦ୍ଧ ଭୂଖଣ୍ଡରେ ଅସଂଖ୍ୟ ଲୋକ ଦେବୀ ପୂଜିତ ହୁଅନ୍ତି ଯଥା – କଳାସୀ, କରମସାନୀ, କନ୍ଧେନ ବୁଢୀ, ଅନ୍ଧାରୀ ଦେବୀ, ମାଉଲୀ ଦେବୀ, ଖମ୍ବେଶ୍ୱରୀ, କ୍ଷେତ୍ରପାଳ, ଦନ୍ତେଶ୍ୱରୀ, ବୁଢୀ ସମଲେଇ, ଝାର ସମଲେଇ, ସତୀ କନ୍ୟା, ଛାୟାଦେବୀ, ସାତଭଉଣୀ, ଗଉଡ ଦେଇ, ଗଉଡ ବୁଢା, ପୁତ୍‌ନା ବୁଢା, ଗୁରୁ ବୁଢା, ଭୂଆସେନ୍, ବୁଢୀ ବାଉରୀ ଆଦି ।

"ଧାର୍ଯ୍ୟତେ ଲୋକାଧି ଯେନ ଇତି ଧର୍ମ" ଅର୍ଥାତ୍ ଯାହା ସାମାଜିକ ଜୀବନକୁ ଦୃଢଭାବରେ ଧାରଣ କରିଥାଏ, ତାହା ଧର୍ମ । ଧର୍ମୀୟ ପରମ୍ପରାରେ ପର୍ବ ଗୁରୁତ୍ୱପୂର୍ଣ୍ଣ । ସଂସ୍କୃତଶବ୍ଦ ପର୍ବଂରୁ 'ପର୍ବ' ଅପଭ୍ରଂଶ ହୋଇ ଆନୀତ ହୋଇଛି । ଏହି ପର୍ବ ଜନଜାତିଙ୍କ ଜୀବନ ପ୍ରଣାଳୀର ମୁଖ୍ୟ ଉପାଦାନ ଅଟେ । ଆଦିବାସୀ ପର୍ବପର୍ବାଣୀ ମୁଖ୍ୟତଃ କୃଷିଭିତ୍ତିକ ହୋଇଥିଲେ ମଧ୍ୟ ପ୍ରତିକ୍ଷଣ ଧର୍ମୀୟ ସଙ୍ଗତ ଉପଲବ୍ଧ ହୁଏ । ପର୍ବପର୍ବାଣୀ ସବୁ ମଣିଷ ଜୀବନରେ ଥିବା କ୍ଳାନ୍ତି, ଅବସାଦ, ଦୁଃଖ, ରୋଗ, ତାପ ଆଦି ନିରାକରଣ କରିବାର ମାଧ୍ୟମ ପାଲଟିଯାଏ ।ଏଣୁ ସମସ୍ତ ପର୍ବପର୍ବାଣୀ ମୁଖ୍ୟତଃ ଶାସ୍ତ୍ରୀୟ, ଲୌକିକ, ଆଂଚଳିକ ଓ କୃଷିଭିତ୍ତିକ ଶ୍ରେଣୀଭୁକ୍ତ କରାଯାଏ ।

ଆଦିବାସୀ ଧର୍ମୀୟ ପରମ୍ପରାରେ ଗହ୍ମା ପୁର୍ଣ୍ଣମୀ, ପୁରାଉଁଆସ, ପୋଢବଳି, ଝାଗଡି ଯାତ୍ରା, ଗୁଁଡିଖାଇ ପର୍ବ, ପୁଷପୁନି, ମହାଦୁକା ପର୍ବ, ଖୁରାବଟା, କରମା, ହୁଏଲ ପୁଡା, ଡାଲଖାଇ, କଳାସୀ, ଖଳାପୁଜା, ଚୁଡାଖାଇ, କନ୍ଧେନ ବୁଢୀ ପର୍ବ ପାଳନ କରାଯାଇ ନିରାମୟ ଜୀବନଯାପନର ଭିକ୍ଷା ନିଜର ଆରାଧ୍ୟଙ୍କ ପାଖରେ କରାଯାଏ । ଆଦିବାସୀ ସଂସ୍କୃତିର ପ୍ରତ୍ୟେକ ପର୍ବ ଅତ୍ୟନ୍ତ ସରଳ ବିଶ୍ୱାସ ଉପରେ ଆଧାରିତ । ଏଠାରେ ପାଣ୍ଡିତ୍ୟର ଆବଶ୍ୟକତା ନ ଥାଏ । ପୂଜକ ବା ଦେହ୍‌ରୀ (ଦେହୁରୀ) ଲୋକ ଦେବାଦେବୀଙ୍କୁ ନିଜର କଥିତ ଭାଷାରେ ଆରାଧନା କରି ସମର୍ପଣ ଭାବରେ ପୂଜା ଅର୍ଚ୍ଚନା କରିଥାଏ । ନିଜର ଭୋଜ୍ୟ ଦ୍ରବ୍ୟକୁ ଅମାୟିକ ଭାବେ ଦାନକରି ଭୋଗ ଲଗେଇଥାଏ । ଏଣୁ ବଳିପ୍ରଥା ଏ ସମାଜର ଅବିଚ୍ଛେଦ୍ୟ ପରମ୍ପରା ଅଟେ । ଏହାକୁ ଆଧୁନିକ ସମାଜ ହିଂସା

କହୁଥିବାବେଳେ ଏହା ଅନ୍ତରାଳେ ଲୁକ୍କାୟିତ ତ୍ୟାଗ, ନିଃସ୍ୱାର୍ଥପରତା, ସମର୍ପଣ ଭାବ କ୍ୱଚିତ ହୃଦୟଙ୍ଗମ କରିପାରନ୍ତି।

**ବୌଦ୍ଧଧର୍ମ:-**

ବିନୟ ପିଟକ ଅନୁସାରେ ଉରୁବେଳ ଅରଣ୍ୟରେ ଗୌତମବୁଦ୍ଧ, ବୁଦ୍ଧତ୍ୱ ପ୍ରାପ୍ତ କରି ସାତ ସପ୍ତାହ ଉପବାସ କରିଥିଲେ। ଏହି ସମୟରେ ମଜ୍ଝିମ୍ ଦେଶ (ମଧ୍ୟ ଦେଶ)ରୁ ପଣ୍ୟଦ୍ରବ୍ୟ ନେଇ ଉକ୍ଳଳ ଦେଶ (ଓକ୍କଳ ଦେଶ)ର ଦୁଇ ସୌଦାଗର ତପସ୍ସୁ ଓ ଭଲ୍ଲୀକ ଗୌତମ ବୁଦ୍ଧଙ୍କୁ ମଧୁ ପିଣ୍ଡକ ପ୍ରଦାନ କରି ଶିଷ୍ୟତ୍ୱ ଗ୍ରହଣ କରିଥିଲେ। ପ୍ରାଚୀନ କାଳରେ ବୌଦ୍ଧ ରାଜ୍ୟଭୂଖଣ୍ଡକୁ ମଜ୍ଝିମ ଦେଶ କୁହାଯାଉଥିଲା। ବୌଦ୍ଧଧର୍ମର ତିନିଶିଷ୍ୟ ଉରୁବିଲ୍ୱ, ନନ୍ଦୀ ଓ ମହାକାଶ୍ୟପ ମଧ୍ୟ କଳିଙ୍ଗ ଦେଶବାସୀ ଅଟନ୍ତି। ଅଶୋକଙ୍କ ରାଜୁତି ସମୟରେ ବୌଦ୍ଧଧର୍ମର ୨୭୩ଟି ବିନୟ ନିୟମ ମଧ୍ୟରୁ ଅନ୍ତତଃ ଦଶଗୋଟି ନିୟମରେ ପରିବର୍ତ୍ତନ ହେବାରୁ ବୌଦ୍ଧଧର୍ମର ବିଭାଜନ ହେଲା। ଏହି ପାଟଳିପୁତ୍ରରେ ଅନୁଷ୍ଠିତ ମହାସଙ୍ଗତିରେ ହୋଇଥିଲା।ଏହି ବିଭାଜନ ଶେଷରେ କନିଷ୍କଙ୍କ କାଳରେ କାଶ୍ମୀର କୁଣ୍ଡଳି ବନରେ ଅନୁଷ୍ଠିତ ମହାସଙ୍ଗତିରେ ହୋଇଥିଲା। ଏହି ବିଭାଜନ ଶେଷରେ କନିଷ୍କଙ୍କ କାଳରେ କାଶ୍ମୀର କୁଣ୍ଡଳି ବନରେ ଅନୁଷ୍ଠିତ ମହାସଙ୍ଗତିରେ ହୀନଯାନ ଓ ମହାଯାନ ରୂପେ ପରିଗଣିତ ହେଲା। ରକ୍ଷଣଶୀଳ ଗୋଷ୍ଠୀକୁ ହୀନଯାନ ଓ କୋହଳ ନିୟମକୁ ଗ୍ରହଣକରୁଥିବା ଗୋଷ୍ଠୀକୁ ମହାଯାନ କୁହାଗଲା। ପ୍ରଖ୍ୟାତ ଐତିହାସିକ ଡ. ନବୀନ କୁମାର ସାହୁଙ୍କ ମତରେ ମହାଯାନର ମୁଖ୍ୟ ପ୍ରବକ୍ତା ଆଚାର୍ଯ୍ୟ ନାଗାର୍ଜ୍ଜୁନ କୋଶଳ ରାଜ୍ୟ ଅନ୍ତର୍ଗତ ବିଦର୍ଭର ବେଲିଗ୍ରାମର ଅଟନ୍ତି।

ବୌଦ୍ଧ ଜିଲ୍ଲାରେ ମହାଯାନର ପ୍ରଭାବ ଯଥେଷ୍ଟ ଅନୁଭୂତ ହୋଇଥାଏ। ଏହି କ୍ରମରେ ପୂର୍ବବର୍ତ୍ତୀ କାଳରେ ହୀନଯାନର ଉପସ୍ଥିତି ମଧ୍ୟ କିଂଚିତ୍ ମାତ୍ରାରେ ଥିଲା। ଅତଏବ ବୌଦ୍ଧ ଭୂଖଣ୍ଡରେ ପାଂଚୋଟି ମୁଖ୍ୟ ବୌଦ୍ଧ ବିହାର ଯଥା – ବୌଦ୍ଧ ସହରର ବୌଦ୍ଧ ବିହାର, ଶ୍ୟାମସୁନ୍ଦରପୁର ବୌଦ୍ଧ ବିହାର, ପରଗଲପୁର ବୌଦ୍ଧବିହାର, କନ୍ଧମାଳ (ବୌଦ୍ଧ ଶାସିତ) ଜିଲ୍ଲାର ସୁବର୍ଣ୍ଣଗିରି ଓ ଡୁଙ୍ଗୀ। ଏହିସବୁ ବୌଦ୍ଧବିହାର ଗବେଷଣା ସାପେକ୍ଷ ଅଟନ୍ତି।

ବୌଦ୍ଧ ରାଜା ରାଜାକ୍ଷେମକର, ଶିବକର, ପ୍ରଥମ ଶୁଭକର ଆଦି ବୌଦ୍ଧ ଧର୍ମାବଲମ୍ବୀ ଥିବାରୁ ଏ ଅଂଚଳରେ ବୌଦ୍ଧ ଧର୍ମର ଯଥେଷ୍ଟ ପ୍ରଭାବ ଥିଲା। ବୌଦ୍ଧ ରାଜବାଟି ସମ୍ମୁଖସ୍ଥ ବୌଦ୍ଧ ବିହାରର ପଦ୍ମପୁଷ୍ପ ସ୍ୱରୂପ ଭିତ୍ତିଭୂମିରେ ଗଠିତ ହୋଇଥିବାରୁ ଏହାକୁ ପୁଷ୍ପଗିରି ମଧ୍ୟ କୁହାଯାଏ।

ମହାଯାନ ତା'ର ଯୋଗାଚାର ଶାଖାରେ ଯୋଗସାଧନାକୁ ଅଙ୍ଗୀଭୂତ କରି ଏଥିରେ ବିଭିନ୍ନ ଅଲୌକିକ ଶକ୍ତି ମନ୍ତ୍ରର ସିଦ୍ଧି ପ୍ରୟୋଗ କରି ପ୍ରଚଳିତ ଶୈବ ଓ ବୈଷ୍ଣବ ଧର୍ମକୁ ପ୍ରଭାବିତ କରିବାକୁ ଚେଷ୍ଟାକଲା। ଫଳରେ ମହାଯାନର ପ୍ରଭାବ ତନ୍ତ୍ର ପ୍ରଭାବ ହୋଇ ଦୀର୍ଘ ତିନି ଚାରି ଶତ ବର୍ଷ ପର୍ଯ୍ୟନ୍ତ କାଏମ ରହିଥିଲା।ଏହ ତନ୍ତ୍ରଯାନ ମୁଖ୍ୟତଃ ତିନି ପ୍ରକାର – ବଜ୍ରଯାନ, କାଳଚକ୍ର ଯାନ ଓ ସହଜ ଯାନ। ବୌଦ୍ଧ ଭୂଖଣ୍ଡରେ ନିର୍ଗୁଣ ସାହିତ୍ୟରେ ଯନ୍ତ୍ର, ତନ୍ତ୍ର ଓ ସହଜ ଅବସ୍ଥାର ବର୍ଣ୍ଣନା ପରିଲକ୍ଷିତ ହୁଏ। ମଜ୍ଝିମ ଦେଶ ବାଉଡ୍ଡୀୟାନ କ୍ଷେତ୍ର (ବୌଦ୍ଧ ଭୂଖଣ୍ଡ)ରେ ସିଦ୍ଧ ତନ୍ତ୍ରଶାସ୍ତ୍ରୀ ଥିଲେ ଯଥା – ସରହପା, ନାଗାର୍ଜ୍ଜୁନ, ଲୁଇପା, (ମତ୍ସ୍ୟେନ୍ଦ୍ରନାଥ), କମ୍ବଳପା, ପଦ୍ମବଜ୍ର, ଲଳିତବଜ୍ର, କାହ୍ନୁପା ଇତ୍ୟାଦି। ଏଥି ମଧ୍ୟରୁ ଲୁଇପାକୈବର୍ତ୍ତ ଜାତିର ଥିଲେ। ଏହାଙ୍କ ବଂଶ ଜଲୁଇ ସଞ୍ଜ୍ଞାଧାରୀ ବୌଦ୍ଧରାଜ୍ୟରେ ଏଯାବତ୍ ବସବାସ କରୁଛନ୍ତି। ଏମାନଙ୍କ ମୁଖ୍ୟ ବେଉଷା ମତ୍ସ୍ୟଧରା ଓ ଗୁଣିଗାରେଡି ରହିଥିଲା। ହୀନଯାନରେ ନିର୍ଗୁଣତତ୍ତ୍ୱ ଥିବାବେଳେ ମହାଯାନରେ ମୂର୍ତ୍ତିତତ୍ତ୍ୱର ପ୍ରବାଦ ପରିଲକ୍ଷିତ ହେଲା। 'ଲତଃ ବୁଦ୍ଧଦେବଙ୍କୁ ଭଗବାନଙ୍କ ସ୍ୱରୂପ ପ୍ରଦାନ କରାଗଲା। ବୌଦ୍ଧରେ ଭୂମି ସ୍ପର୍ଶ ମୁଦ୍ରା "ବୁଦ୍ଧଦେବ"ଙ୍କୁ ବୁଢାରଜା ରୂପେ ନାମିତ କରାଯାଏ। ପ୍ରତ୍ୟେକ ମାଙ୍ଗଳିକ କାର୍ଯ୍ୟରେ ତାଙ୍କୁ ତେଲ, ହଳଦୀ ସ୍ନାନ କରାଯାଇ ପୂଜାର୍ଚ୍ଚନା ପୂର୍ବକ ନିମନ୍ତ୍ରଣ କରାଯାଏ। ବୌଦ୍ଧ ବିହାରକୁ "ମୁଚୁଳିକ" ବୌଦ୍ଧ ବିହାର ଭାବେ ମଧ୍ୟ ବର୍ଣ୍ଣନା କରାଯିବା ସହ ଏହା ଓଡିଶାରେ ତୃତୀୟ ରୂପେ ବିବେଚନା କରାଯାଏ।

ସହଜ ଯାନରେ ମନୁଷ୍ୟର ସହଜାତ ପ୍ରବୃତ୍ତିର ଜନ୍ମସ୍ଥଳୀ ଦେହକୁ ସର୍ବଦେବାଦେବୀଙ୍କ ଆଶ୍ରୟସ୍ଥଳୀ ଭାବେ ବିବେଚନା କରାଗଲା।ଏହି ଦେହ ସମ୍ଭୋଗମୟ ଲୋଭନୀୟ ଧର୍ମ କ୍ରମଶଃ ଲୋକାଭିମୁଖୀ ହୋଇ ପଶ୍ଚିମରୁ ପୂର୍ବ ଓ ଉତ୍ତରରୁ ଦକ୍ଷିଣକୁ ପରିବ୍ୟାପ୍ତ ହେଲା। କିନ୍ତୁ ନିମ୍ନବର୍ଗର ଭକ୍ତମାନଙ୍କ ସାଧନାରୁ ଅପପ୍ରୟୋଗ ହେବାରୁ (ଗୁଢତତ୍ତ୍ୱ ଅଜ୍ଞାନତା ହେତୁ) ବହୁ ବିଭ୍ରାଟ ଓ ଆତଙ୍କ ସୃଷ୍ଟିହେଲା, ଫଳରେ ଏହାର ପତନ ହେବା ସହ ଜଗନ୍ନାଥ ଓ ଶୈବସଂସ୍କୃତିର ପ୍ରସାର ପୁନଶ୍ଚ ଆରମ୍ଭ ହେଲା।

**ଜଗନ୍ନାଥ ଧର୍ମ:-**

ଜଗନ୍ନାଥ ଶବ୍ଦ ଶାବରିକ ଅଟେ। 'ଜଗନ'ରୁ ଜଗନ୍ନାଥ ଶବ୍ଦର ସୃଷ୍ଟି। ଏହାଛଡା ଜଗା ବୋଇ ଶବ୍ଦ ଅର୍ଥାତ୍ ଜଗା ଦେବତା ମଧ୍ୟ ବ୍ୟବହୃତ ହୁଏ। 'ଜଗନାଏଲେ'। ମଧ୍ୟ ଦାରୁମୂର୍ତ୍ତି। ଅତଏବ ଜଗନ୍ନାଥ ଶବର ଦେବତା ଅଟନ୍ତି। ବୌଦ୍ଧ ଭୂଖଣ୍ଡ ଆଦିବାସୀ ଅଧ୍ୟୁଷିତ ଅଂଚଳ ହୋଇଥିବାରୁ ଏ ଅଂଚଳର କୋଣେ କୋଣେ ଜଗନ୍ନାଥ ସଂସ୍କୃତି ପରିଲକ୍ଷିତ ହୁଏ।

ଶ୍ରୀଜଗନ୍ନାଥ ରକ୍ତବାହୁର ଆକ୍ରମଣ କାଳରେ ବୌଦ୍ଧ ସହର ସନ୍ନିକଟସ୍ଥ ଦେବଗଡ ଗ୍ରାମସ୍ଥ ନାଏକପଡା ଗୁମ୍ଫାରେ ପାତାଳି ହୋଇଥିଲେ। ମହାନଦୀର ଦକ୍ଷିଣ ପାର୍ଶ୍ୱରେ ବୌଦ୍ଧ ରାଜ୍ୟର ରାଜଧାନୀ ଧୃତିପୁର ଥିଲା। ଶ୍ରୀଜଗନ୍ନାଥଙ୍କୁ ନୌକା ସାହାଯ୍ୟରେ ଶ୍ରୀକ୍ଷେତ୍ରରୁ ଅଣାଯାଇ ଏଠାରୁ ନାଏକପଡା ଗୁମ୍ଫାକୁନେଇ ପାତାଳି କରାଯାଇଥିଲା।

ଐତିହାସିକ ମତାନୁସାରେ ଭୌମକର ରାଜୁତିର ଅବସାନ ପରେ ଏକ ଶତାବ୍ଦୀ ଧରି ଓଡିଶାରେ ସାର୍ବଭୌମଶାସନ ନଥିଲା ଓ ଓଡିଶା କ୍ଷୁଦ୍ର କ୍ଷୁଦ୍ର ରାଜ୍ୟରେ ବିଭକ୍ତ ହୋଇ ଶାସିତ ହେଲା। ଲାମାତାରା ନାଥଙ୍କ ତିବ୍ବତୀୟ ବିବରଣୀ ଅନୁସାରେ ଏହା ଘୋର ଅରାଜକତା ଯୁଗ ଥିଲା। ଭୌମକର ବଂଶ ଶେଷ ରାଜୁତୀ ସମୟରେ ଏକାଦିକ୍ରମେ ନାରୀମାନଙ୍କ ଦ୍ୱାରାଶାସନ ଚାଲିବାରୁ ଏପରି ଅବ୍ୟବସ୍ଥା ଦେଖାଦେଇଥିଲା। ଐତିହାସିକ ମାନଙ୍କ ମତରେ ଏହି ଅରାଜକତା କାଳ "ମାଦଳାପାଞ୍ଜୀ" ବର୍ଣ୍ଣିତ ରକ୍ତବାହୁର ଆକ୍ରମଣ କାଳ ହୋଇଥାଇପାରେ।

[ Dr. K.C. Panigrahi – Bhubaneswar – Page – 250]
[ଓଡିଶା ଇତିହାସ – ଡ. ହରେକୃଷ୍ଣ ମହତାବ, ପୃ - ୧୭୩]
[Indian Antiquary. Vol.IV Page – 360]

ବୌଦ୍ଧ ସହରରେ ଜଗନ୍ନାଥ ମନ୍ଦିର, ପଦ୍ମନପୁରର ଦଧିବାମନ, ବୁଟୁପାଲି ଜଗନ୍ନାଥ ମନ୍ଦିର, ଘଣ୍ଟାପଡାର ଜଗନ୍ନାଥ ମନ୍ଦିର, ସାମ୍ପୋଚର ଜଗନ୍ନାଥ ମନ୍ଦିର, ବାଉଁଶୁଣୀର ଜଗନ୍ନାଥ ମନ୍ଦିର ଆଦି ଅନେକ ମନ୍ଦିର ଜଗନ୍ନାଥ ମନ୍ଦିରର ମୂକସାକ୍ଷୀ। ନବ ଦିନାତ୍ମକ ରଥଯାତ୍ରା ବୌଦ୍ଧର ପ୍ରସିଦ୍ଧ ଯାତ୍ରା ଥିବାବେଳେ ଘୂର୍ଣ୍ଣାୟମାନ ରଥ ସମଗ୍ର ଉତ୍କଳରେ କ୍ୱଚିତ୍ ଦୃଶ୍ୟମାନ। ବୁଟୁପାଲିର ରଥଯାତ୍ରା ଏକଦିନ ବିଳମ୍ବରେ ହେଉଥିବାରୁ ଏହାକୁ "ବାସୀ ରଥଯାତ୍ରା" ମଧ୍ୟ କୁହାଯାଏ। ଶ୍ରୀକ୍ଷେତ୍ରର ଧର୍ମ ପରମ୍ପରାର ଅନୁଶୀଳନ ବୌଦ୍ଧ ଜଗନ୍ନାଥ ମନ୍ଦିରରେ ପରିଲକ୍ଷିତ ହୁଏ, ଏଠାରେ ଧାଡି ପହଣ୍ଡିରେ ପହଣ୍ଡି ଯାତ୍ରା ପାଳିତ ହୁଏ।

**ଶୈବ ଧର୍ମ:-**

ଇତିହାସ ପୃଷ୍ଠା ଅବଲୋକନ କଲେ ଜଣାଯାଏ ଯେ ଉଭୟ ଖିଞ୍ଜିଳି ମଣ୍ଡଳ ଓ ଖିଜିଙ୍ଗ ମଣ୍ଡଳର ଭଞ୍ଜବଂଶୀଙ୍କ ପୂର୍ବଜ ନାଗବଂଶୀ ଥିଲେ। ଏହିବଂଶର ଶେଷରାଜା ନେଙ୍ଗ ଭଞ୍ଜ। ବୌଦ୍ଧରାଜ୍ୟର ଗନ୍ଧପତ ନଗରର ରାଜଧାନୀରେ ରାଜତ୍ୱ କରୁଥିଲେ ଶତ୍ରୁ ଭଞ୍ଜ ଗନ୍ଧଟ ଓ ତାଙ୍କ ପୁତ୍ର ରଣ ଭଞ୍ଜ ଦ୍ୱିତୀୟ। ଏହି ସମୟରେ ରଣ ଭଞ୍ଜ ଦ୍ୱିତୀୟଙ୍କ ଦ୍ୱାରା ପ୍ରାୟ ଖ୍ରୀ ୮୨୦ରେ ହରିହର ଯୁଗଳ ମନ୍ଦିର ନିର୍ମିତ ହୋଇଥିଲା। ବର୍ତ୍ତମାନ ଏହା ଗନ୍ଧରାଡି ହରହରି ଯୁଗଳ ମନ୍ଦିର ରୂପେ ପ୍ରଖ୍ୟାତ। ରଣ ଭଞ୍ଜଙ୍କ କଦମ୍ବବଂଶୀୟ ରାଣୀ ବିଜୟା ମହାଦେବୀ ପରମ ଶୈବ ଥିବାବେଳେ ରାଜା ପରମ ବୈଷ୍ଣବ ଥିଲେ। ଯାହାର ପରିଣାମ ହରହରି ଯୁଗଳ ଭାସ୍କର୍ଯ୍ୟ ଅଟେ।

ସୋମବଂଶୀ ରାଜା ଜନ୍ମେଜୟଙ୍କ ଭଞ୍ଜ ଶାସକରଣ ଭଞ୍ଜଙ୍କୁ କୁନ୍ତ ଦ୍ୱାରା ନିହତ କରିବା ପରେ ବୌଦ୍ଧରେ ଶୈବ ସଂସ୍କୃତିର ପ୍ରଚାର ପ୍ରସାର ହେଲା। ଏହିକ୍ରମରେ ରାମନାଥ ମନ୍ଦିରରେ ଚତୁର୍ଦ୍ଧା ଶିବଲିଙ୍ଗ ସହ ମନ୍ଦିର ନିର୍ମିତ ହେଲା। ଗଙ୍ଗବଂଶୀୟ ରାଜା ଅନଙ୍ଗଭୀମ ଦେବ (୩ୟ) ମଧ୍ୟ ମହାନଦୀ କୂଳେ କୂଳେ ଯୋଜନ କଶିବ ମନ୍ଦିର ପ୍ରତିଷ୍ଠା କରି ଶେଷରେ ସୋନପୁର ଜିଲ୍ଲା ଚରଦା ଗ୍ରାମର ପାପକ୍ଷୟ ଘାଟରେ ଶିବମନ୍ଦିର ନିର୍ମାଣ କରି ଶାପମୁକ୍ତ ହେଲେ।ଏତିକିରେ ଶିବମନ୍ଦିର ନିର୍ମାଣ ସରିଥିବାରୁ ଏହି ଗ୍ରାମକୁ "ରହଲା" କୁହାଗଲା।

ବୌଦ୍ଧଜିଲ୍ଲାର ହରିହର ମନ୍ଦିର, ଚନ୍ଦ୍ରଚୂଡ ମନ୍ଦିର, ରାମନାଥ ମନ୍ଦିର, ମାତଙ୍ଗେଶ୍ୱର ମନ୍ଦିର, ଧବଳେଶ୍ୱର, କପିଳେଶ୍ୱର, ସିଦ୍ଧେଶ୍ୱର ଆଦି ମନ୍ଦିର ବିଭିନ୍ନ ପ୍ରାନ୍ତରେ ନିର୍ମିତ ହୋଇ ଶୈବଧର୍ମର ପରାକାଷ୍ଠା ପ୍ରତିପାଦିତ କରୁଛନ୍ତି। ଶିବରାତ୍ରୀ, ମକର ସଂକ୍ରାନ୍ତି, କାର୍ତ୍ତିକ ପୂଜା, ଦଣ୍ଡଯାତ୍ରା, ଶୀତଳଷଷ୍ଠୀ ଯାତ୍ରା ଶୈବଧର୍ମର ଅନବଦ୍ୟ ରୂପାନ୍ତର।

**ବୈଷ୍ଣବ ସଂସ୍କୃତି ଧର୍ମ:-**

ଶୈବ, ବୈଷ୍ଣବ ସଂସ୍କୃତିର ମିଳନ ପୀଠ ବୌଦ୍ଧ ଭୂଖଣ୍ଡ। ଆର୍ଯ୍ୟ ସଂସ୍କୃତିର ଆଗମନରେ ବ୍ରାହ୍ମଣ୍ୟ ଧର୍ମର ବିକାଶ ଧାରାରେ ବୈଷ୍ଣବ ଧର୍ମ ଅଭ୍ୟୁଦୟ ହେଲା। ସୋମବଂଶୀ ରାଜାମାନଙ୍କ ଦ୍ୱାରା ବୈଷ୍ଣବ ଧର୍ମ ବେଶ ସୁଖ୍ୟାତି ଲାଭକଲା। ଭୌମବଂଶୀ ଓ ଗଙ୍ଗବଂଶୀ ଶାସନ କାଳରେ ଉଭୟ ଶୈବ ଓ ବୈଷ୍ଣବ ସଂସ୍କୃତିର ପ୍ରସାରଣ ହେଲା। ରାଜା ଓ ରାଣୀମାନେ ଶୈବ ଓ ବୈଷ୍ଣବାଲମ୍ବୀ ଥିବା ସହ ବୌଦ୍ଧଧର୍ମକୁ ମଧ୍ୟ ବିଶ୍ୱାସ କରୁଥିବାରୁ ଏହି ଅଂଚଳରେ ସର୍ବଧର୍ମ ସମନ୍ୱୟ ପରିଲକ୍ଷିତ ହୁଏ।

ପଂଚଦଶ ଶତାବ୍ଦୀରେ ସାରଳା ଦାସ ଓ ଷୋଡଶ ଶତାବ୍ଦୀ ବେଳକୁ ଶ୍ରୀଚୈତନ୍ୟଙ୍କ ଆଗମନ ହେତୁ ଗୌଡୀୟ ବୈଷ୍ଣବ ଧର୍ମବୌଦ୍ଧ ଅଂଚଳରେ ପରିଦୃଶ୍ୟ ହେଲା।

ବୌଦ୍ଧ ସହର ରଘୁନାଥ ମନ୍ଦିର, ବଡିଗାଁର ରାମମନ୍ଦିର, ବାମଣ୍ଡାର ରଘୁନାଥ ମନ୍ଦିର, ବୌଦ୍ଧ ସହର ମଦନମୋହନ ମନ୍ଦିର, ସରସରା ରାଧାକୃଷ୍ଣ ମନ୍ଦିର, ବୌଦ୍ଧ ସହରର ଗୋପାଳଜୀ ମନ୍ଦିର, ବୌଦ୍ଧ ସହରର ହନୁମାନ ମନ୍ଦିର ଇତ୍ୟାଦି ବୈଷ୍ଣବ ସଂସ୍କୃତିର ମୁଖ୍ୟ ବାହକ। ଏହି ଧର୍ମରେ ଜନ୍ମାଷ୍ଟମୀ, ରାକ୍ଷୀ ପୂର୍ଣ୍ଣିମା, ଦୋଳ ପୂର୍ଣ୍ଣିମା, ଭଗବତ ଜନ୍ମୋତ୍ସବ, ଗିରିଗୋବର୍ଦ୍ଧନ ପୂଜା, ରାସ ପୂର୍ଣ୍ଣିମା, ପ୍ରହର ନାମଯଜ୍ଞ ଭକ୍ତ ଜଗତକୁ ଆହ୍ଲାଦିତ କରିଥାଏ।

**ଶାକ୍ତ ସଂସ୍କୃତି ଧର୍ମ:-**

ବୌଦ୍ଧ ଭୂଖଣ୍ଡ ଯନ୍ତ୍ର, ମନ୍ତ୍ର, ତନ୍ତ୍ର ପୀଠ ଥିବାରୁ ଶାକ୍ତ ସଂସ୍କୃତିର ବଳିଷ୍ଠ ଉପସ୍ଥିତି ଏ ଅଂଚଳରେ ଯଥେଷ୍ଟ ମାତ୍ରାରେ ପରିଲକ୍ଷିତ ହୁଏ। ବୌଦ୍ଧ ସହରର ମାଁ ଭୈରବୀ (ବଟୁକ ଭୈରବ), ବଡିଗାଁର ବଟୁକ ଭୈରବ, ପୁରୁଣା କଟକ (ପଦ୍ମନାରସିଂହ କଣ୍ଟକ) ମାଁଭୈରବୀ, ଚଣ୍ଡୀ ତଳଚଣ୍ଡୀ ମନ୍ଦିର, ବୌଦ୍ଧ ସହର ମାଁ ଗେହ୍ଲାଦେବୀ, ଜଗତି ଗ୍ରାମର କ୍ଷେତ୍ରପାଳିକା, ବଲାକିରା ମାହେଶ୍ୱରୀ ମନ୍ଦିର, ଘଣ୍ଟାପଡା ସମଲେଶ୍ୱରୀ ମନ୍ଦିର, ସରସରା ରାଣେଶ୍ୱରୀ ରାମଚଣ୍ଡୀ ମନ୍ଦିର, ରାମଗଡର ବୁଢୀବାଉରୀ ମନ୍ଦିର ଶାକ୍ତ ସଂସ୍କୃତିର ଉପସ୍ଥିତି ଜାହିର କରୁଛି।

ଏଥି ସହ ବୌଦ୍ଧ ଭୂଖଣ୍ଡରେ ଲଘୁ ଧର୍ମ ହିସାବରେ ମହିମା ଧର୍ମର ପ୍ରଚାର ପ୍ରସାର ହୋଇଥିଲା। ମହିମା ଧର୍ମର ପ୍ରବର୍ତ୍ତକ ମୁକୁନ୍ଦ ଦାସ (ମହିମାସ୍ୱାମୀ) ବୌଦ୍ଧ ନିବାସୀ ଥିବାବେଳେ ବଲାସିଙ୍ଗା ଗ୍ରାମରେ ଜଟ ମନ୍ଦିର ଓ ମହାନଦୀ କୂଳରେ ମହିମା ଗାଦି ରହିଛି। ମହିମା ମଠର ଗୋବିନ୍ଦ ବାବା, ଉଦ୍ଧବବାବା ଓ କାଳୁବାବା ଏ ଅଂଚଳରେ ପ୍ରଚାରକ ଥିଲେ। ଏହି ମଠରେ କାର୍ତ୍ତିକ ଚତୁର୍ଦ୍ଦଶୀ, ଭାଦ୍ରବ ଚତୁର୍ଦ୍ଦଶୀ, ବୈଶାଖ ଚତୁର୍ଦ୍ଦଶୀ, ଫାଲଗୁନ ଚତୁର୍ଦ୍ଦଶୀ ଓ ମାଘମେଳା ପାଳନ କରାଯାଏ।

ଏଥି ସହ ମୁସଲମାନ ଧର୍ମ, ଖ୍ରୀଷ୍ଟଧର୍ମର ଉପସ୍ଥିତି ବୌଦ୍ଧ ଭୂଖଣ୍ଡରେ ପରିଲକ୍ଷିତ ହୁଏ।

ଅତଏବ ବୌଦ୍ଧ ଭୂଖଣ୍ଡ ସର୍ବଧର୍ମ ସମନ୍ୱୟର ଏକ ଅନନ୍ୟ ସମ୍ମିଳନୀ ସ୍ଥଳ ହୋଇ ଏହାର ଐତିହ୍ୟ ଓ ଗୌରବର ବାସ୍ନା ସର୍ବ ଦିଗକୁ ପରିବ୍ୟାପ୍ତ କରିଛି, ଏହା ନିଃସନ୍ଦେହ।

*ଶିକ୍ଷାବିତ୍, ଗବେଷକ, ନୀଳଚକ୍ର, ବୌଦ୍ଧ*
*ଦୂରଭାଷ: ୯୪୩୭୦୭୯୦୯୯*

# ଶ୍ରେଷ୍ଠ ଧର୍ମ ମାନବଧର୍ମ

## ଜୟଶ୍ରୀ ପଟ୍ଟନାୟକ

ଯେଉଁ ସତକର୍ମ ସଂପାଦନାଦ୍ୱାରା ମନୁଷ୍ୟ ଐହିକ ଓ ପାରତ୍ରିକ ସୁଖଲାଭ କରେ ତାହାହିଁ ଧର୍ମ। ଧର୍ମରୁ ମଣିଷର କର୍ତ୍ତବ୍ୟ ନିରୂପିତ ହୁଏ। ତୃଷାର୍ତ୍ତକୁ ଜଳଦାନ, କ୍ଷୁଧାର୍ତ୍ତକୁ ଅନ୍ନଦାନ, ଭୂମିହୀନଙ୍କୁ ଭୂମିଦାନ, ବୃକ୍ଷରୋପଣ, ପୁରାଣ ପାଠ, ମନ୍ଦିର ନିର୍ମାଣ, ନିଜେ ଖୁସିରେ ରହି ଅନ୍ୟମାନଙ୍କୁ ଖୁସିରେ ରଖିବା ଦ୍ୱାରା ମଣିଷ ଧର୍ମର ମାନବିକତା ଗୁଣ ସଂପ୍ରସାରିତ ହୋଇଥାଏ।

ହିଂସା, ଦ୍ୱେଷ ଆଦି ଦୁର୍ଗୁଣ ପରିତ୍ୟାଗ କରି ସାମ୍ୟ, ମୈତ୍ରୀ ଆଦି ମହତ ଗୁଣରେ ମଣିଷର ମହନୀୟତା ପ୍ରକାଶ ପାଏ। ଦୃଢ ଈଶ୍ୱର ବିଶ୍ୱାସ, ଆଧ୍ୟାତ୍ମିକତା ବଳରେ ସେ ସମାଜର କାର୍ଯ୍ୟ କରେ। ନିଃସ୍ୱାର୍ଥପର ଜୀବନ ଯାପନ କରି ପୀଡିତ, ଅସହାୟ, ଦୁର୍ଗତ ମାନବକୁ ବିପଦରୁ ରକ୍ଷା କରିବା ହେଉଛି ଧର୍ମ। ଧର୍ମର ଦ୍ୱାହି ଦେଇ ସାଂପ୍ରଦାୟିକତା ସୃଷ୍ଟି କରିବା ଏବଂ ନିରୀହ ମଣିଷଙ୍କୁ ହତ୍ୟା କରିବା ବିଧର୍ମୀର ଲକ୍ଷଣ। ଯାହାଦ୍ୱାରା ମଣିଷ ବଂଚି ରହି ଆଗକୁ ବଢ଼େ, ନିଜର ବିକାଶ ସହ ରାଷ୍ଟ୍ରର ମଙ୍ଗଳ ଚିନ୍ତା କରେ ତା ପାଖରେ ହିଂସାର ସ୍ଥାନ ନ ଥାଏ। ଆଜି ସାଂପ୍ରଦାୟିକତାର ବିଷ ବିପର୍ଯ୍ୟସ୍ତ କରୁଛି ଦେଶର ଅର୍ଥନୀତିକୁ, ସାମାଜିକ ବ୍ୟବସ୍ଥାକୁ। ବିଭିନ୍ନ ଦେଶ ମାନଙ୍କରେ ପରିବ୍ୟାପ୍ତ ଆତଙ୍କବାଦ ଓ ହିଂସାକାଣ୍ଡ ମୂଳରେ ଏହି ସାଂପ୍ରଦାୟିକତା ହିଁ ମୂଳ କାରଣ ହୋଇପଡ଼ିଛି। ଯଦି ଦେଶ ଓ ଦେଶ ଭିତରେ ବିକାଶ ଶବ୍ଦକୁ ନେଇ ପ୍ରତିଯୋଗିତା ହୁଅନ୍ତା ତେବେ ସେଠି ସାଂପ୍ରଦାୟିକତାର ଶବ୍ଦ ଉଠନ୍ତାନାହିଁ। ଆମକୁ ଭାବିନେବାକୁ ହେବ ଯେ ଆମର ଜନ୍ମ ଗୋଟିଏ ମହତ ଉଦ୍ଦେଶ୍ୟ ନେଇକି। ଭାରତ ବିଭିନ୍ନ ଧର୍ମ ଓ ସଂପ୍ରଦାୟର ଭିତ୍ତିଭୂମି। ଭାରତର ଚିନ୍ତାଧାରା ଶୈବ, ଶାକ୍ତ, ବୈଷ୍ଣବ, ସୌର ଓ ଗାଣପତ୍ୟ, ବୌଦ୍ଧ, ଜୈନ, ଖ୍ରୀଷ୍ଟିଆନ, ଇସଲାମ ପ୍ରଭୃତି ଅନେକ ସଂପ୍ରଦାୟର ଗୋଟିଏ ଧର୍ମ ନିରପେକ୍ଷ ରାଷ୍ଟ୍ର। ବୈଦେଶିକ ଅନୁପ୍ରବେଶ, ବାଣିଜ୍ୟ ଭାରତ ମାଟିର ଆକର୍ଷଣ ହିଁ ଏହାର ଐତିହ୍ୟ ସଂସ୍କୃତିକୁ ବିଭିନ୍ନତା ମଧ୍ୟରେ ଏକତାକୁ ପାଥେୟ କରି କୋଉ ଆବହମାନ କାଳରୁ ସମୃଦ୍ଧ କରି ଆସିଛି। ଭାରତୀୟ ସଂସ୍କୃତି ଓ ଧର୍ମ ପରଂପରାରେ ଅହିଂସା ପରମ ଧର୍ମ ରୂପେ କାଳେ କାଳେ ଗୃହୀତ। ମୁନିଋଷି, ମନୀଷୀ, ପଣ୍ଡିତ ଓ ଜ୍ଞାନୀମାନେ ଅହିଂସାକୁ ଶୀର୍ଷସ୍ଥାନ ଦେଇଛନ୍ତି। ହିଂସା ହିଁ ବ୍ୟକ୍ତି ମଧ୍ୟରେ ଶତ୍ରୁତା ବଢ଼ାଏ। ହିଂସାର କୁପରିଣତି ବିଷୟରେ ଅବିହିତ କରାଇବା ପାଇଁ ପୁରାଣ, ନୀତିଶାସ୍ତ୍ର, ଧର୍ମଶାସ୍ତ୍ରମାନ ରଚିତ। ଧର୍ମ ନାମରେ ନରସଂହାର କୌଣସି ବୀରର ଲକ୍ଷଣ ନୁହେଁ କାରଣ ବୀର ସବୁବେଳେ ସାମ୍ନା ଯୁଦ୍ଧରେ ଲଢ଼େଇ କରି ଜିତେ ବା ମରେ। ଲୁଚି ଲୁଚି ଆସି ନିରସ୍ତ୍ର, ନିରୀହ ଜନତାଙ୍କୁ ବଳପ୍ରୟୋଗ ଭାବରେ କଲମା ଆସୁଛି ତ ପଢ଼, ପ୍ୟାଂଟ ଖୋଲି ଦେଖିବା ଭଳି ଛୋଟ କାର୍ଯ୍ୟ କରିବା କାହା ନୂଆ ସଂସାର ଉଜାଡ଼ିଦେବା କେବଳ ଭୀରୁତାର ପରିଚୟ ଦିଏ। ଯୋଉ ଥାଳିରେ ଖାଉଛ ରୋଜି ରୋଟି ସେହି ଥାଳିରେ ଗୋଇଠା ମାରିବା ଦ୍ୱାରା ନିଜ ଅର୍ଥନୀତିର ପତନ ହେବ, ଦୁଇ ଦେଶ ଭିତରେ ସଂପର୍କ ଛିନ୍ନ ହେବାଦ୍ୱାରା ବିକାଶ କାର୍ଯ୍ୟରେ ଅନ୍ତରାୟ ଘଟିବ।

ଏହା କେଉଁ ବୀରତ୍ୱର ଲକ୍ଷଣ ? ଧର୍ମ ମାର୍ଗରେ ପରିଚାଳିତ ବ୍ୟକ୍ତି ଅନ୍ୟ ସଂପ୍ରଦାୟ ପ୍ରତି ସହନଶୀଳ ହୁଏ। ନିଜର ଧର୍ମକୁ ଶ୍ରେଷ୍ଠ ବିଚାର କରିବା ଦ୍ୱାରା ଅନ୍ୟ ଧର୍ମ ପ୍ରତି ବିଦ୍ୱେଷ ଭାବ ବଢ଼ାଇବା ଏବଂ ନିରୀହ ମଣିଷଙ୍କୁ ପ୍ରହାର କରି ନିଜେ ଅଶାନ୍ତି କିଣିବା ଏବଂ ରାଷ୍ଟ୍ରର ଶାନ୍ତି ଓ ବିକାଶ କ୍ଷେତ୍ରରେ ଅନ୍ତରାୟ ହେବା, ରାଷ୍ଟ୍ରକୁ ହାଣ ମୁହଁରେ ପକାଇବା। ନିଜର ଅହଂ ଭାବକୁ ଅନ୍ୟ ଉପରେ ଲଦିଦେବା। ବିଧର୍ମୀ, ଆତଙ୍କବାଦୀ, ସନ୍ତ୍ରାସବାଦୀ କେବେ ଈଶ୍ୱରଙ୍କୁ ଡରନ୍ତି ନାହିଁ କି ଭଲ ପାଆନ୍ତି ନାହିଁ। ସେମାନେ ନିଜ ସ୍ୱାର୍ଥକୁ ଚିହ୍ନିଥାନ୍ତି, ନିଜକୁ ପ୍ରଚାର କରି ଅଜ୍ଞାନ ଅନ୍ଧକାରରେ ବୁଡ଼ି ରହିଥିବା ଶାସକମାନଙ୍କୁ ପ୍ରଭାବିତ କରନ୍ତି ଏବଂ ବାହାବା ନିଅନ୍ତି ତାଙ୍କର ସ୍ୱକୀୟ ହୀନକର୍ମ ଦ୍ୱାରା। ଶିକ୍ଷାର ଅଭାବ, ପରିଣତିର ଭୟାବହତା ଉପରେ ସେମାନଙ୍କର ସଚେତନତା ନ ଥାଏ। ଧର୍ମକୁ ପୁଞ୍ଜି କରି ଚଳୁଥିବା ମଣିଷ ଅନ୍ୟ ଧର୍ମ ପ୍ରତି ସହନଶୀଳ ହେବା ଦରକାର ନହେଲେ ଯୋଉ ଡାଳର ଆଶ୍ରାରେ ବସିଛ ସେହି ଡାଳକୁ କାଟି ନିଜ ସହ ନିଜ ରାଷ୍ଟ୍ରର ମୁଣ୍ଡକୁ ନୁଆଁଇବା ପରି କାର୍ଯ୍ୟରେ ପରିଗଣିତ ହେବା ସହ ସମାନ। ନିଜେ ସବୁବେଳେ ଭାବିବା ଦରକାର ରାଷ୍ଟ୍ର ତଥା

ସମାଜ ପ୍ରତି ତୁମର ଅବଦାନ କଣ। ପ୍ରକୃତି ଦେଇଛି ସୃଷ୍ଟିକୁ ଅନେକ ଜିନିଷ ହେଲେ ତାକୁ ଧ୍ୱଂସ କରି ମଣିଷ ପାଉଛି କଣ? ବରଂ ଦୁଃଖ କିଣି ଦୁଃଖରେ ବଞ୍ଚିବା ହିଁ ସାର ହେଉଛି, ଧନ ଜୀବନ ନଷ୍ଟ ହେଉଛି। ରାଜନୀତିଜ୍ଞ ମାନେ ବି ଜାଣି ରଖିବା ଉଚିତ ଯେ ପ୍ରତ୍ୟେକ ଭୋଟର ସେମାନଙ୍କୁ ଦେଶର ବିକାଶ କାର୍ଯ୍ୟରେ, ମଣିଷର ହିତରେ ସେମାନଙ୍କୁ ରାଷ୍ଟ୍ର ପରିଚାଳନାର ଦାୟିତ୍ୱ ଦେଇଛନ୍ତି ସ୍ୱେଚ୍ଛାଚାରୀ, ମନୋମୁଖୀ, ଅର୍ଥଲୋଭୀ, ସଂପ୍ରଦାୟ ପାଇଁ ନୁହେଁ। ରାଷ୍ଟ୍ରର ଏକତା ଓ ସାର୍ବଭୌମତା ଓ ଶାନ୍ତି ବଜାୟ ରଖିବା ଦ୍ୱାରା ନିଜ ଶାସନ ଗୌରବାନ୍ୱିତ ହୁଏ, ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲେଖାହୁଏ ତାଙ୍କର ବୀରତ୍ୱ ଓ ସୁଶାସନ। ଧର୍ମର ବାହୁ ବିସ୍ତାର କଲେ ରାଷ୍ଟ୍ର କେବେ ଆଗକୁ ବଢ଼ି ପାରିବନାହିଁ ବରଂ ଧର୍ମର ଶ୍ରେଣୀ ବିଭାଜନ ହୋଇ ସାଂପ୍ରଦାୟିକତା ବୃଦ୍ଧିପାଇବ, ଆତଙ୍କବାଦ ଚେର ଲମ୍ବିବ ରାଷ୍ଟ୍ର ଯୁଦ୍ଧ ମନୋବୃତ୍ତିକୁ ଟାଣିବ ଆଉ ପୃଥିବୀ ଧ୍ୱଂସର ବିଭୀଷିକା ରଚିବ। ଯେଉଁ ରାଷ୍ଟ୍ର ଆତଙ୍କବାଦୀଙ୍କୁ ଆଶ୍ରୟ ଦିଏ ପ୍ରୋତ୍ସାହିତ କରେ ମନେ ରଖିବା ଦରକାର ଯେ ସ୍ୱାର୍ଥ ସରିଗଲେ କେହି ନୁହେଁ କାହାର। ଧର୍ମ ନାମରେ ଅନ୍ୟ ଧର୍ମପ୍ରତି ଆକ୍ରମଣ, ଜାତିର ମହତ୍ୱ ବୁଝିବାପାଇଁ ଅନ୍ୟ ଜାତି ପ୍ରତି ନିଷ୍ଠୁର ଆଚରଣ ତଥା ସାଂପ୍ରଦାୟିକ ବିଭେଦ ଦ୍ୱାରା ମଣିଷକୁ ଅଣ ନିଃଶ୍ୱାସୀ ବଦଳରେ ମାନବ କଲ୍ୟାଣରେ ବ୍ରତୀ ହେଲେ ଦେଶ ଓ ରାଷ୍ଟ୍ର ଭିତରେ ଏକତା ବଢ଼ିବ, ବିକାଶ ସାଧନ ହୋଇପାରିବ। ପ୍ରତ୍ୟକ ରାଷ୍ଟ୍ର ହିରୋସୀମା ନାଗାସାକୀର ପରମାଣୁ ବିଭୀଷିକାକୁ ମନେରଖି ମାନବ ସଭ୍ୟତାର ଏକନିଷ୍ଠ ରକ୍ଷକ ସାଜନ୍ତୁ। ପ୍ରତ୍ୟେକ ବ୍ୟକ୍ତି ରାଷ୍ଟ୍ର ପ୍ରତି ମୋ ଦାୟିତ୍ୱ କଣ ଭାବିବା ଦରକାର ସବୁବେଳେ। ଆଉ ରାଷ୍ଟ୍ର କହିଲେ 'ମୁଁ' ଭାବିଲେ ଫ୍ରାନ୍ସ ର ରାଜା ଚତୁର୍ଦ୍ଦଶ ଲୁଇର ଅବସ୍ଥା ହିଁ ହେବ। ଆସନ୍ତୁ ଗୋଟିଏ ଧର୍ମ ନିରପେକ୍ଷ ରାଷ୍ଟ୍ର ଗଠନରେ ସହାୟକ ହେବା ଯେଉଁଠି ଥିବ ଭିନ୍ନତା ଭିତରେ ଏକତାର ମହାମନ୍ତ୍ର। ଆଉ ତାହା ହିଁ ପ୍ରତ୍ୟେକ ନାଗରିକର ଶ୍ରେଷ୍ଠଧର୍ମ।

*ଭୁବନେଶ୍ୱର*
*ଦୂରଭାଷ: ୭୯୭୮୧୧୦୪୭୪*



କଥା ଓ କାହାଣୀ

# କଲ୍‌ମା

**ବିନୋଦ**

ଭୁବନେଶ୍ୱରରୁ ଦିଲ୍ଲୀ। ସେଠାରୁ ଶ୍ରୀନଗର। ଶ୍ରୀନଗରରେ ବିମାନ ଅବତରଣ କରିବା ପରେ ପହଲଗାମ ଅଭିମୁଖେ ଟାକ୍ସିରେ ବାହାରିଥିଲେ ଅମିତାଭ ଓ ଫତିମା।

ବିବାହ କିଛି ବର୍ଷ ପରେ ଦୁହିଁଙ୍କର ସ୍ୱପ୍ନ ଥିଲା ଭୂସ୍ୱର୍ଗ କାଶ୍ମୀର ବୁଲିବା ଲାଗି। କାଶ୍ମୀରର ମନ୍ତ୍ରମୁଗ୍ଧ ପରିବେଶରେ କିଛି ଦିନ ଆତ୍ମବିସ୍ମୃତିରେ ଲୀନ ହେବା ଲାଗି ମନରେ ବାନ୍ଧିଥିଲେ ଅନେକ ଆଶା। ବ୍ୟସ୍ତ ବହୁଳ ଜୀବନରେ ତ ଦୂର ସ୍ଥାନ ବୁଲିବା କଷ୍ଟକର। ତଥାପି କୌଣସି ପ୍ରକାରେ ଛୁଟି ମଞ୍ଜୁର ହେବା ପରେ ସେମାନେ ନିଷ୍ପତ୍ତି ନେଇଥିଲେ ଜାମ୍ମୁ ଓ କାଶ୍ମୀର ବୁଲିଯିବା ଲାଗି। କେତେକ ବନ୍ଧୁଙ୍କଠାରୁ ସେମାନେ ଶୁଣିଥିଲେ ଜାମ୍ମୁ ଓ କାଶ୍ମୀରର ଅନେକ ମନୋରମ ଅଞ୍ଚଳ ମଧ୍ୟରୁ ପହଲଗାମ ଅନ୍ୟତମ। ତେଣୁ ସେମାନେ ପ୍ରଥମେ ପହଲଗାମ ଯିବା ଲାଗି ନିଷ୍ପତ୍ତି ନେଇଥିଲେ। ସାଥୀରେ ଥିଲା କୁନି ପୁଅ ଆୟୁଷ ମହମ୍ମଦ। ଦୁଇଟି ଧର୍ମର ଦମ୍ପତିଙ୍କ ବିବାହରୁ ସନ୍ତାନ ହୋଇଥିବାରୁ ବାପାମା' ଖୁସିରେ ତା' ନାଁ ରଖିଥିଲେ ଆୟୁଷ ମହମ୍ମଦ।

ଅମିତାଭ ହିନ୍ଦୁ ଓ ଫତିମା ମୁସଲମାନ। ସେମାନେ ପ୍ରେମବିବାହ କରିଥିଲେ। ସମାଜର ପ୍ରତିକୂଳ ଧର୍ମୀୟ ଭାବନା ବିରୋଧରେ ସେମାନେ ପରସ୍ପରର ହାତ ଧରିଥିଲେ। ଅମିତାଭ ଓ ଫତିମାଙ୍କ ଧର୍ମ ଅଲଗା ହୋଇଥିଲେ ବି ସେମାନେ ଉଚ୍ଚମନା ଥିଲେ। ସମସ୍ତ ଧାର୍ମିକ ଅନ୍ଧବିଶ୍ୱାସକୁ ଏଡ଼ାଇ ସେମାନେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ଯଦି ସେମାନେ ମଣିଷ ତେବେ ସେମାନଙ୍କ ଲାଗି ଧର୍ମୀୟ ବନ୍ଧନ କାହିଁକି? ବିନା ଧର୍ମରେ କେହି କ'ଣ ବଂଚିପାରିବ ନାହିଁ? ଧର୍ମୀୟ ଆଚାର ବିଚାରରେ ରହିଥିବା କୁଞ୍ଚ ଚିନ୍ତାଧାରା କ'ଣ ପାଇଁ? ଏସବୁ ଅସୁମାରି ପ୍ରଶ୍ନର ସମାଧାନ ପରେ ଦୁହେଁ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ।

ଧାର୍ମିକ ନେତାଙ୍କ ଚେତାବନୀ, ସରକାରଙ୍କ ଧର୍ମୀୟ ମୌଳବାଦକୁ ପ୍ରୋତ୍ସାହନ ସତ୍ତ୍ୱେ ସାହସିକ ପଦକ୍ଷେପ ନେଇଥିଲେ ଦମ୍ପତି। ସେମାନେ ମାନବ ଜାତିର କୌଣସି କ୍ଷତି ସାଧନ କରିନାହାନ୍ତି। ବରଂ ଧର୍ମ ପରି ଏକ ଅନ୍ଧବିଶ୍ୱାସର କଠୋର ବନ୍ଧନକୁ ଭାଙ୍ଗିବା ଲାଗି ଚେଷ୍ଟା କରିଛନ୍ତି। ତଥାପି ଜଣେ ଆଲ୍ଲାଙ୍କୁ ଡାକେ, ଅନ୍ୟ ଜଣେ ଭଗବାନଙ୍କୁ ଡାକେ। ବିବାହର ବର୍ଷେ ହେଲାଣି। କେଉଁ ଧର୍ମ ତ ତଳେ ପଡ଼ିଯାଇନି କି ଭାଙ୍ଗିରୁଜି ଯାଇନି। ହେଲେ କାହିଁକି ଏହି ଧାର୍ମିକ ନେତାମାନେ କରିଚାଲିଛନ୍ତି ଭ୍ରାନ୍ତ ରାଜନୀତି? ମଣିଷଙ୍କୁ ଜାତି, ବର୍ଣ୍ଣ, ଧର୍ମରେ ବିଭାଜିତ କରିବାକୁ କାହିଁକି ଛଳନା?

ସେମାନଙ୍କ ପରିବାର ଅଛନ୍ତି। ସାହିଭାଇ ଅଛନ୍ତି। ବନ୍ଧୁବାନ୍ଧବ ଅଛନ୍ତି। ସଭ୍ୟ ସାଙ୍ଗସାଥୀ ରହିଛନ୍ତି। ହେଲେ ବିବାହ ଉତ୍ସବକୁ ଡରି ଅନେକେ ଆସି ନଥିଲେ। ବିବାହ କି ଭାଙ୍ଗିବ? ନିରାଡ଼ମ୍ବର ଭାବେ ଉତ୍ସବ ସମ୍ପାଦିତ ହୋଇଥିଲା। ଦୁହିଁଙ୍କର ଆଦର୍ଶଗତ ଅଙ୍ଗୀକାର, ଆତ୍ମିକ ପ୍ରୀତି ହିଁ ଏହି ବିବାହକୁ ସାକାର ରୂପ ଦେଇଥିଲା। ଶହ ଶହ ବର୍ଷର ମାନସିକତା ଉପରେ ଧକ୍କା ଦେଇଥିଲେ ଅମିତାଭ ଓ ଫତିମା।

ଗାଡ଼ି ଚାଲିଥିଲା ପହଲଗାମ ଅଭିମୁଖେ। ପ୍ରାକୃତିକ ସୌନ୍ଦର୍ଯ୍ୟର ଅପରୂପ ଗନ୍ତାଘର। ସୁଶୀତଳ ପରିବେଶରେ ସବୁଜିମାର ଚିତ୍ରପଟ। ନିସ୍ତବ୍ଧ ମାୟାପୁରୀରେ ବରଫର କୋମଳ ସ୍ପର୍ଶ। ବିଶାଳ ରଙ୍ଗିନ ଚାଦରରେ ପ୍ରକୃତି ସତେ ଯେପରି ତୂଳିରେ ଅଙ୍କନ କରିଥିଲା ନୈସର୍ଗିକ ନୀଳିମା। ଏଭଳି ଏକ ବୈଚିତ୍ର୍ୟମୟ ଭୂଖଣ୍ଡକୁ ନ ଆସିଲେ ଜୀବନ ସତେ ଯେପରି ଅପୂର୍ଣ୍ଣ ରହିଯିବ?

ଅମିତାଭ ଓ ଫତିମାଙ୍କ ପରି ଅନେକ ଦମ୍ପତିଙ୍କ ସୁଅ ଛୁଟିଥିଲା ପହଲଗାମକୁ। କିଏ ପରିବାର ସହ କିଏ ସଂାଗସାଥୀ ସହ ଆସିଥିଲେ। ବୈଚିତ୍ର୍ୟର ବର୍ଣ୍ଣାଳୀରେ କିଛି ସମୟ ହଜିଯିବାର ମଧୁର ଅନୁଭୂତି ଲାଗି ସମସ୍ତେ ଥିଲେ ବ୍ୟଗ୍ର।

କିଛି ସମୟର ବ୍ୟବଧାନ ପରେ ପହଲଗାମରେ ପହଞ୍ଚିଯାଇଥିଲା ଟାକ୍ସି। ସେହି ସ୍ୱପ୍ନର ଆବରଣ ଭିତରେ ସତେ ଯେପରି ଭୂସ୍ୱର୍ଗରେ ପାଦ ଦେଇଥିଲେ ଅମିତାଭ ଓ ଫତିମା। ସତରେ ଏକ ବିଚିତ୍ର ପରିବେଶ। ମଧୁର ଆବେଗର ମୂର୍ଚ୍ଛନାରେ ରଞ୍ଜିତ ହେଉଥିଲା ଜୀବନର ପ୍ରତିଟି ମୂହୂର୍ତ୍ତ। ବାଲ୍ୟକାଳର ଅମୃତ ଚିନ୍ତନ ପରି ଅମିତାଭ ଓ ଫତିମା ଫେରିଯାଇଥିଲେ ବହୁ ବର୍ଷ ପଛକୁ।

କେବଳ ସେମାନେ ନୁହନ୍ତି ସେଠାରେ ସମୟକୁ ସମୟ ବଢ଼ିବାରେ ଲାଗିଥିଲା ପର୍ଯ୍ୟଟକଙ୍କ ସଂଖ୍ୟା। ଦେଶବିଦେଶରୁ ଆସିଥିବା ଅତିଥିଙ୍କୁ

ଆଦରିବା ଲାଗି ନିଜର ପ୍ରଶସ୍ତ ବକ୍ଷ ପ୍ରସାରିତ କରୁଥିଲା ପହଲଗାମ।

ଏହାରି ଭିତରେ ସରିଆସୁଥିଲା ଦିବସର ଆୟୁଷ। ତାହା ସହ ବି ଅଜଣାତରେ ଘନେଇ ଆସୁଥିଲା ଏକ ଭୟଙ୍କର ଅନ୍ଧକାର। ଏହା କେହି ଜାଣିବା କ'ଣ ସମ୍ଭବ ?

ପ୍ରକୃତିର ଅପରୂପ ଶୋଭାରାଜିର ମନ୍ଥନରେ ମାନସିକ ଶାନ୍ତି ସହ ଆତ୍ମବିସ୍ମୃତିରେ ଲୀନ ହୋଇଯାଇଥିଲେ ଅମିତାଭ ଓ ଫତିମା।

ପହଲଗାମରୁ ବନ୍ଧୁବର୍ଗ, ସଂଗସାଥୀଙ୍କୁ ଖୁସିର ବାର୍ତ୍ତା ଦେଉଥିଲେ ଉଭୟେ।

ହଠାତ୍ ପର୍ଯ୍ୟଟକଙ୍କୁ ଘେରି ଯାଇଥିଲେ ସାମରିକ ପୋଷାକ ପରିହିତ କେତେକ ବ୍ୟକ୍ତି। ଅମିତାଭ ଓ ଫତିମା ଧରିନେଲେ ସେମାନେ ଯବାନ। ଜାମ୍ମୁ ଓ କାଶ୍ମୀର ପରି ଆତଙ୍କବାଦ ଅଧ୍ୟୁଷିତ ଅଞ୍ଚଳରେ ତ ଯବାନମାନେ ପହରା ଦେବା ସ୍ୱାଭାବିକ।

କେହି କିଛି ବୁଝିବା ପୂର୍ବରୁ ହଠାତ୍ ସେମାନେ ପ୍ରତି ପର୍ଯ୍ୟଟକଙ୍କ ନିକଟକୁ ଯାଇ ପଚାରିଥିଲେ ତୁମେ ହିନ୍ଦୁ ନା ମୁସଲମାନ।

ପର୍ଯ୍ୟଟକ ସତ କାହିଁକି ବା ଲୁଚାଇବେ। ସେ ନିଜ ନିଜ ଧର୍ମର ନାଁ କହିଥିଲେ। ଯବାନ ପୋଷାକ ପରିହିତ ବ୍ୟକ୍ତିମାନେ ପରେ କହିଲେ କଲମା ବୋଲିବା ଲାଗି। ହେଲେ କଲମା କ'ଣ ? ତାହା ତ ଅନେକେ ଜାଣି ନଥିଲେ। ଯେଉଁ ପର୍ଯ୍ୟଟକ କଲମା ବୋଲି ପାରିଲେ ନାହିଁ ଅକସ୍ମାତ ସେମାନଙ୍କ ଉପରକୁ ହୋଇଥିଲା ଗୁଳି। ପତ୍ନୀ, ସଂଗସାଥୀ, ପରିବାର ସଦସ୍ୟଙ୍କ ଆଗରେ ହିଁ ଟଳିପଡ଼ିବାରେ ଲାଗିଥିଲେ ଜଣକ ପରେ ଜଣେ। ଅତ୍ୟାଧୁନିକ ରାଇଫଲର ଶବ୍ଦରେ ପ୍ରକମ୍ପିତ ହେଉଥିଲା ପହଲଗାମର ନିସ୍ତବ୍ଧ ପରିବେଶ। ତାଜା ରକ୍ତରେ ଲାଲ୍ ହୋଇଯାଉଥିଲା ସବୁଜର ଗାଲିଚା। କେହି କୁଆଡ଼େ ଦୌଡ଼ି ଚାଲିଯିବା ବି ସମ୍ଭବ ନୁହେଁ। ସମସ୍ତଙ୍କୁ ଆଡ଼କୁ ଯେ ମୁହାଁଇଥିଲା ଧାତବ ଦାନବ। ରନ୍ଧ୍ର ସତେ ଯେପରି ଗିଳିବାରେ ଲାଗିଥିଲା ଗୋଟିଏ ପରେ ଗୋଟିଏ ଜୀବନ।

ସେମାନେ ପ୍ରକୃତରେ ଯବାନ ନଥିଲେ ବରଂ ଆତଙ୍କବାଦୀ ଥିଲେ ବୋଲି ସ୍ପଷ୍ଟ ହେଲେ ଅମିତାଭ ଓ ଫତିମା।

କ୍ରମଶଃ ଜଣେ ଆତଙ୍କବାଦୀ ଅମିତାଭ ଓ ଫତିମାଙ୍କ ଆଡ଼କୁ ଆସିଲା। ବୟସ ତିରିଶରୁ ସାମାନ୍ୟ ଅଧିକ ହୋଇପାରେ। ହାତରେ ଧରିଥିଲା ଚକ୍‌ଚକ୍ କରୁଥିବା ରାଇଫଲ୍।

ଜୀବନ ବିକଳରେ ଆୟୁଷକୁ ଅମିତାଭ ଓ ଫତିମା କୋଳାଇନେଲେ। ଅନ୍ତତଃ ପୁଅ ରକ୍ଷା ପାଇଯାଉ।

ସମ୍ମୁଖରେ ବିଶାଳ ବିପଦ ଘନେଇ ଆସୁଥିଲା। ଦୈତ୍ୟର ପୈଶାଚିକ ଚାହାଣୀରେ ଥରିବାରେ ଲାଗିଥିଲେ ଅମିତାଭ ଓ ଫତିମା। ଆଉ ସତରେ କ'ଣ କିଛି ମୁହୂର୍ତ୍ତ ବାକି ? ସତରେ ଅନ୍ୟମାନଙ୍କ ପରି ସେମାନଙ୍କର ଦୁର୍ଦ୍ଦଶା ହେବ ?

ଆତଙ୍କୀର ପାଦ ତଳେ ପଡ଼ିଗଲେ ଅମିତାଭ ଓ ଫତିମା। ସେମାନେ ନିର୍ଦ୍ଦୋଷ। ନିରୀହ। ସେମାନେ କାହାର କିଛି କ୍ଷତି କରିନାହାନ୍ତି। ହେଲେ ସେ ତ ରକ୍ତମୁଖା ଆତଙ୍କୀ। ଅମିତାଭକୁ କଲମା ବୋଲିବା ଲାଗି ନିର୍ଦ୍ଦେଶ ଦେଲା। ମାତ୍ର ଅମିତାଭ ତ ତାହା ଜାଣେନା। କେବଳ ନେହୁରା ହେଲା। ଆତଙ୍କୀର ପାଦ ତଳେ ପଡ଼ି ଗୁହାରି କଲା, କାକୁତିମିନତି ହେଲା ଫତିମା। ସେ ବି କହିଲା– ଅମିତାଭ ହିନ୍ଦୁ, ସେ କିନ୍ତୁ ମୁସଲମାନ। ହେଲେ ଆତଙ୍କୀ କିଛି ଶୁଣିଲା ନାହିଁ।

ଆୟୁଷ ବି ବୁଝିପାରୁଥିଲା କ'ଣ ସବୁ ଘଟୁଛି। ସେ ବି ଆତଙ୍କୀକୁ ନେହୁରା ହେଲା। ବାପାଙ୍କୁ ଛାଡ଼ି ଦେବା ଲାଗି ବିକଳରେ କହିଲା। ହେଲେ ସବୁ ନିଷ୍ଫଳ।

ଅତି ନିର୍ଦ୍ଦୟ ଭାବେ ଅତି ନିକଟରୁ ଅମିତାଭକୁ ଗୁଳି କଲା ଆତଙ୍କୀ।

କ୍ଷୀଣ ଚିତ୍କାର କରି ତଳେ ପଡ଼ିଯାଇଥିଲା ଅମିତାଭ।

ଆତଙ୍କୀକୁ ଫତିମା କହିଲା– ମୋତେ ବି ଗୁଳିକରି ଦିଅ।

ମାତ୍ର ଆତଙ୍କୀ ମନା କଲା। କହିଲା– ଶିଶୁ ଓ ମହିଳାଙ୍କୁ ଗୁଳିକରିବାକୁ ଆମକୁ ନିର୍ଦ୍ଦେଶ ନାହିଁ।

ଗୁଳି କରି ଆତଙ୍କୀମାନେ ଚାଲି ଯାଉଥିଲେ ଘଞ୍ଚ ଜଙ୍ଗଲ ଆଡ଼କୁ। ପଛରେ ଶୁଭୁଥିଲା ଆର୍ତ୍ତ ଚିତ୍କାର। ମରଶରୀର ଉପରେ ଲୋଟିପଡୁଥିଲେ ସ୍ତ୍ରୀ, ଭଉଣୀ ବା ସମ୍ପର୍କୀୟ। ଅତି ହୃଦୟ ବିଦାରକ ଦୃଶ୍ୟ ଭିତରେ କୋହ ଫଟାଇ ପହଲଗାମ ସତେ ଯେପରି ମାଗୁଥିଲା କ୍ଷମା।

ଫତିମା କିଛି ବୁଝିପାରୁ ନଥିଲା ନିମିଷକେ ମଧ୍ୟରେ କ'ଣ ସବୁ ଘଟିଗଲା। ସେ ଏବେ କରିବ କ'ଣ ? କାହାକୁ ସହାୟତା ମାଗିବ ? ମରଶରୀର, କୁନି ପୁଅକୁ ଧରି ଯିବ କୁଆଡ଼େ ?

କ'ଣ ଏହି ଧର୍ମ ? କ'ଣ ତା'ର ବାର୍ତ୍ତା ? ଧର୍ମ କ'ଣ ଏହି ଶିକ୍ଷା ଦିଏ ? କଲମା କ'ଣ ମଣିଷ ହେବାର ଏକମାତ୍ର ପରିଚୟ ? ବିନା କଲମାରେ କ'ଣ କେହି ବଂଚିପାରିବେ ନାହିଁ ?

ହଠାତ୍ ଫତିମାର ମନେ ପଡ଼ିଗଲା ତା' ସହରର କଥା। ସେଠାରେ ଯେ ଦିନେ ଦଙ୍ଗା ହୋଇଥିଲା। ଧର୍ମ ପାଇଁ କେତେକ ମୁସଲମାନଙ୍କୁ ଜିଅନ୍ତା ଜାଳି ଦେଇଥିଲେ ହିନ୍ଦୁ ଆତଙ୍କୀ। ମସଜିଦରେ ନିଆଁ ଲଗାଇ ଦେଇଥିଲେ। ମୁସଲିମ ପରିବାରକୁ ଗଣହତ୍ୟା ଧମକ ଦେଇ ସହରରୁ ହଟାଇ ଦେଇଥିଲେ। ସେ ନିଜେ ବି ଦେଖିଛି କିପରି ଜଣେ ସ୍ୱାମୀର ମରଶରୀର ଉପରେ ପଡ଼ି ତା' ସ୍ତ୍ରୀ ବୁକୁ ଫଟାଇ ଚିତ୍କାର କରୁଥିଲା।

ଏ କି ପରମ୍ପରା ? ଏ କି ପ୍ରକାର ମାନସିକତା ? ସଭ୍ୟ ମଣିଷ ଲାଗି ଏହି ସବୁ ଘଟଣା ଅନେକ ପ୍ରଶ୍ନ ଉଠାଉ ନାହିଁ କି ?

ସ୍ୱାମୀର ଜୀବନ ବଞ୍ଚାଇବା ଲାଗି ଫତିମା କେତେ ନେହୁରା ହୋଇ ନଥିଲା ! ନିଜେ କଲମା ଜାଣିଥିଲା, ହେଲେ ସ୍ୱାମୀ ଜାଣି ନଥିଲେ ବୋଲି ତାଙ୍କୁ ମରିବାକୁ ପଡ଼ିଲା। ଜଣେ ମଣିଷ ହିସାବରେ କ'ଣ କଲମା ଏତେ ଜରୁରୀ ? କଲମା କ'ଣ ସତରେ ଏହି ଶିକ୍ଷା ଦିଏ ? ଯେଉଁମାନେ ହିନ୍ଦୁ ଦର୍ଶାଇ ମୁସଲିମମାନଙ୍କୁ ହତ୍ୟା କରନ୍ତି ସେମାନଙ୍କ ଭଗବାନ କ'ଣ ଏହି ଶିକ୍ଷା ଦିଅନ୍ତି ? ଧର୍ମଶାସ୍ତ୍ରରେ ହତ୍ୟା ଲାଗି କ'ଣ ପରାମର୍ଶ ଦିଆଯାଇଛି ? ଆଖିରେ ଧର୍ମର ଅନ୍ଧପୁଟୁଳି ବାନ୍ଧି ମଣିଷ ଆଉ କେତେଦିନ ବର୍ବର ପଥର ଯାତ୍ରୀ ହେବ ?

ଗୀତା, ଭାଗବତ ହେଉ ବା କଲମା ହେଉ– ଏସବୁ କ'ଣ ଜଣେ ମଣିଷର ପରିଚୟ ? ଏସବୁ ତ ମଣିଷ ଲିଖିତ। ଯୁଗର ଗତି ଅନୁସାରେ ମଣିଷର ମାନସିକତାର ପ୍ରତିଫଳନ ଏସବୁ ଧର୍ମଶାସ୍ତ୍ର। ହେଲେ ଏସବୁକୁ

ଆଧାର କରି ରକ୍ତପାତ କାହିଁକି ? ଫତିମା ଜଣେ ମୁସଲିମ ହୋଇ ବି ତା'ର ଅନୁରୋଧକୁ ଯେ ଗ୍ରହଣ କରିପାରିଲେନି ମୁସଲିମ ଆତଙ୍କୀ ?

ଯଦି ଜଣେ ହିନ୍ଦୁ ମୁସଲିମକୁ ମାରିପାରେ ଜଣେ ମୁସଲିମ ବି କାହିଁକି ଜଣେ ହିନ୍ଦୁକୁ ମାରିପାରିବ ନାହିଁ ? ସବୁ ତ ଧର୍ମାନ୍ଧତାର ଖେଳ ।

ଅମିତାଭର ମରଶରୀର ଉପରେ ମୁଣ୍ଡ ପିଟି କାନ୍ଦୁଥିଲା ଫତିମା । ଆୟୁଷ ବି ଜାଣିପାରୁଥିଲା କ'ଣ ସବୁ ଘଟିଚାଲିଛି । କୋମଳ ପ୍ରାଣରେ ବି ତା'ର ଦୁଃଖର ବନ୍ୟା । ସେ ଜାଣିସାରିଥିଲା ତା'ବାପା ଆଉ ଆସିବ ନାହିଁ । କାନ୍ଦର ସ୍ୱର ବି ମଳିନ ପଡ଼ିଗଲାଣି ।

ଫତିମାର ଆଖି ମୁଦି ହୋଇଆସୁଥିଲା । ଆତଙ୍କୀ ତାଙ୍କ ସ୍ୱାମୀଙ୍କୁ ନୁହେଁ ବରଂ ତାଙ୍କୁ ଶେଷ କରିଦେଇଥିଲେ ଭଲ ହୋଇଥାନ୍ତା ବୋଲି ବାହୁନି କାନ୍ଦୁଥିଲା ଫତିମା ।

ସ୍ମୃତିରେ ତା'ର ଭାସିଆସୁଥିଲା ପହଲଗାମର ଧାର୍ମିକ ଆବାଜ । ପୁରାଣ ଅନୁସାରେ ତ ଏଠାରେ ନନ୍ଦୀଙ୍କୁ ପରିତ୍ୟାଗ କରି ଅମରନାଥ ଅଭିମୁଖେ ଯାଇଥିଲେ ଶିବ । ପରେ ଚନ୍ଦନବାଡ଼ିରେ ଶିବ ପରିତ୍ୟାଗ କରିଥିଲେ ମସ୍ତକରେ ଧାରଣ କରିଥିବା ଚନ୍ଦ୍ରଙ୍କୁ । ଶେଷନାଗ ହ୍ରଦ ନିକଟରେ ଛାଡ଼ିଥିଲେ ନିଜ ଗଳାରେ ଧାରଣ କରିଥିବା ନାଗକୁ । ହେଲେ ଏହି ଯେ ସେହି ପହଲଗାମ ଯେଉଁଠି ବହିଗଲା ରକ୍ତନଦୀ । ଏହି କ'ଣ ସେହି ସବୁ ଧର୍ମର ବାଣୀ ? ଏଠାକୁ ହିନ୍ଦୁମାନେ ବି ଆସନ୍ତି । ହେଲେ ଏଠାରୁ ଯାଇ ହିଂସାରେ ଲିପ୍ତ ରହନ୍ତି । ଏସବୁର ଉତ୍ତର ଫତିମାକୁ ଦେବ କିଏ ?

ପହଲଗାମର ରକ୍ତାକ୍ତ କ୍ଷେତ୍ରରେ ପହଞ୍ଚିଯାଇଥାନ୍ତି ପୋଲିସ । ସମସ୍ତ ଶବକୁ ଏକାଠି କରି ପରୀକ୍ଷା କରୁଥିଲେ କିଏ ଜୀବିତ, କିଏ ମୃତ । ସମଗ୍ର ସ୍ଥଳୀରେ ଭୟଙ୍କର ନୀରବତା । ଅଧିକାଂଶ ମହିଳାଙ୍କ କଣ୍ଠ ହୋଇଯାଇଥିଲା ରୁଦ୍ଧ । କିଏ ମରଶରୀର ଉପରେ ଚେତାଶୂନ୍ୟ ହୋଇ ପଡ଼ିରହିଥିଲା ତ କିଏ ପାଗଳୀଙ୍କ ପରି ପ୍ରଳାପ କରୁଥିଲା । ସମସ୍ତଙ୍କ ଲାଗି ସାରା ଦୁନିଆ ପାଲଟିଯାଇଥିଲା ଅନ୍ଧକାର ।

ସମସ୍ତ ଶବକୁ ଗାଡ଼ିରେ ଲଦୁଥିଲେ ପୋଲିସ । କି ହୃଦୟ ବିଦାରକ ଦୃଶ୍ୟ... । ଦମ୍ଭିଲା ଲୋକ ବି ହାରି ଯାଇପାରେ ।

ଆଗେ ଆଗେ ଚାଲିଥିଲା ଶବଭର୍ତ୍ତି ଗାଡ଼ି । ପଛରେ ପୋଲିସ ଗହଣରେ ଯାଉଥିଲେ ଫତିମା ଓ ଆୟୁଷ ।

ଏକ ଅସହାୟତାର ଭାରୀ ବୋଝ ଭିତରେ ଦୟନୀୟ ଜୀବନର ଆତୁର ଚିତ୍କାର ଶୁଣିପାରୁଥିଲା ଫତିମା ।...

***ଦୂରଭାଷ: ୯୪୩୭୧୬୪୭୬୪***

*(୨୨.୪.୨୦୨୫ରେ ପହଲଗାଓଁରେ ଲସ୍କର ସଂଗଠନର ଛାମୁଆ ସଂଗଠନ ଦି ରେଜିଷ୍ଟାନ୍ସଫ୍ରଣ୍ଟର ଗୁଳିମାଡ଼ରେ ପ୍ରାଣ ହରାଇଥିଲେ ୨୬ ପର୍ଯ୍ୟଟକ)*


## କ୍ଷୀରୋଦ ଦାସଙ୍କ ପ୍ରକାଶିତ ପୁସ୍ତକ ସମୂହ



ଗଳ୍ପ ସଂକଳନ
- ଅସୁସ୍ଥ ସମୟ
- ନିରବତାର ଭାଷା
- ମୂକ ରାଜଜେମା
- ଭୋକ
- ଅନେକ ଯନ୍ତ୍ରଣା ଓ ଅନ୍ୟାନ୍ୟ ଗଳ୍ପ
- ସତସତିକା ଖେଳ
- ମୁଠାଏ ଦୀର୍ଘଶ୍ୱାସ
- କାଠ କଣ୍ଢେଇ
- ନିଃଶବ୍ଦ ପଦଧ୍ୱନି
- ଅନ୍ଧାରର ଆତ୍ମଲିପି
- ନବଘନର ଘର
- କଥାକଳ୍ପ
- ସଞ୍ଜ ସଙ୍ଗୀତ
- ମୁକ୍ତି ଓ ଅନ୍ୟାନ୍ୟ ଗଳ୍ପ
- ଶୂନ୍ୟ ଉପତ୍ୟକା
- ଅଧ୍ୟାୟ ଅଷ୍ଟାଦଶ
- ବୋଲେ ହୁଁ ଟି
- ବନ୍ଦିନୀ ଓ ଅନ୍ୟାନ୍ୟ ଗଳ୍ପ
- ପୂର୍ଣ୍ଣ ପ୍ରତ୍ୟୁଷ

ଉପନ୍ୟାସ
- ସଂପର୍କର ସୂତାଖିଅ
- ବେଦନାର ବେଦ
- ପ୍ରିୟ ପୃଥିବୀ
- ଆଞ୍ଜୁଳାଏ ମୁକ୍ତି
- କଳାଜାଈ
- ଶେଷଦୃଶ୍ୟ
- ମହାନାୟକ
- ପ୍ରିୟ ପଞ୍ଚକ

ସଂପାଦନା
- ସମାରୋହ ଶ୍ରେଷ୍ଠଗଳ୍ପ
- ପ୍ରିୟଗଳ୍ପ
- ଜୀବନ
- ଗଳ୍ପର ଗାଁ
- ବାପା
- ବୋଉ
- ଝିଅ

9437163002

# ପ୍ରୀତି ନଇ ପରିମିତି

ନୃସିଂହ ବେହେରା

ଅନୁମାନର ଅନୁପାତ ସାମାନ୍ୟ ଏ ପାଖ ସେ ପାଖ ହେଉଥିଲା । କିନ୍ତୁ ଘର ଭିତରୁ କାହ୍ନାକୁ ଦେଖିବା ପରେ ବିଷମ ଭାବ ଅପସରି ଗଲା । ଓହ୍ଲେଇ ପଡ଼ିଲା ମିତା । ଚଳକ ବ୍ୟାଗଟିକୁ ବାରଣ୍ଡାରେ ଥୋଇ ଅଟୋ ଷ୍ଟାର୍ଟ କରି ଚାଲିଗଲା । ସ୍ୱାଭାବିକ ପଦକ୍ଷେପରେ ଘର ଭିତରକୁ ପ୍ରବେଶ କଲା ମିତା । କାହ୍ନା ନିର୍ବାକ ହୋଇ ତାକୁ ଚାହିଁଥାଏ । ତା'ର ଚିନ୍ତା ଚେତନା ସବୁ ଯେମିତି ଲୋପ ହୋଇଯାଇଛି । ବାବୁ କ'ଣ ଚିହ୍ନି ପାରୁନାହାନ୍ତି ? ଭାବିଥିଲେ ମୋବାଇଲ୍ ସୁଇଚ୍ ଅଫ୍ କରିଦେଲେ ମୁଁ ତୁମ ପାଖରେ ପହଞ୍ଚି ପାରିବି ନାହିଁ ? ନିର୍ବାକ କାହ୍ନା ହାତକୁ ଟିକେ ଟାଣି ଦେଇ ପୁନଶ୍ଚ କହି ଚାଲିଲା ମିତା । ମୁଁ କହିଥିଲି ନା ଠିକ୍ ସମୟରେ ନିଶ୍ଚୟ ପହଞ୍ଚିଯିବି । ଆସିଲି କି ନାହିଁ ? ଅବଶ୍ୟ ଆଗରୁ ଘର ଦେଖି ନଥିଲି । ଫଟୋ ତ ଦେଖି ଥିଲି । ତୁମେ ଅନେକ ଥର ଡାକିଥିଲ । ମୁଁ ସରପ୍ରାଇଜ୍ ଦେବି ବୋଲି କହିଥିଲି । ମୋ କଥାକୁ କାମରେ ଦେଖାଇ ପାରିଲି କି ନାହିଁ ?

ମଧୁମିତାର ଏତେ କଥା ସତ୍ତ୍ୱେ କାହ୍ନାର ମୁହଁରୁ ଶବ୍ଦଟିଏ ବାହାରିଲା ନାହିଁ । ଏତିକି ବେଳେ ଭିତରୁ ଶୁଭିଲା କିଏ ଆସିଛି କିରେ କାହ୍ନା ? କାହା ସାଥୀରେ କଥା ହେଉଛୁ ? ସମ୍ଭବତ ଅପରିଚିତ କଣ୍ଠସ୍ୱର ପାଇଁ ଏମିତି ପ୍ରଶ୍ନ । କାହ୍ନା ଆଡ଼କୁ, ଜିଜ୍ଞାସୁ ଦୃଷ୍ଟି ନିକ୍ଷେପ କଲା ମିତା । ମା'... । ଏକ ସଂକ୍ଷିପ୍ତ ଉତ୍ତରଟିଏ ଥୋଇଲା କାହ୍ନା । ଇତି ମଧ୍ୟରେ କାହ୍ନାର ମା' ସେମାନଙ୍କ ପାଖରେ ପହଞ୍ଚିଗଲେ । ତାଙ୍କୁ ଭୂମିଷ୍ଠ ପ୍ରଣାମ କଲା ମିତା । ମା'ଙ୍କର ସ୍ନେହଶିକ୍ତ ଆଶୀର୍ବାଦ ପାଇବା ପରେ ପରେ ପାଇଲା ଅନେକ ପ୍ରଶ୍ନ । ଝିଅ ତୋର ନା କ'ଣ ? ଘର କେଉଁଠି ? ତୁ କ'ଣ କାହ୍ନାକୁ ଆଗରୁ ଚିହ୍ନିଛୁ ? ଏକା ବେଳେକେ ଏତେ ଗୁଡ଼ିଏ ପ୍ରଶ୍ନ ପାଇ ଉତ୍ତର ଉଦ୍ଦେଶ୍ୟରେ ମିତା କାହ୍ନା ଆଡ଼କୁ ଚାହିଁଲା । ସେ ସେମିତି ନିର୍ବାକ୍ ଓ ଅବିଚଳ ଥାଏ । ନିଯେ କିନ୍ତୁ ବିଚଳିତ ହେଲା ନାହିଁ । କହିଲା ମୁଁ ମଧୁମିତା, ସମସ୍ତେ ମୋତେ ମିତା ବୋଲି ଡାକନ୍ତି । ବାବାଙ୍କ ନାମ ମଧୁସୁଦନ ରାୟ । ଆମ ଘର ମାଧପୁର । କଲେଜରେ ପଢ଼ିବା ବେଳେ ଆମର ଚିହ୍ନା । କାହ୍ନା ଅନେକ ଥର ମୋତେ ଡାକିଛନ୍ତି । କହିଥିଲି ମୁଁ ଠିକ୍ ସମୟରେ ଯିବି । ଆମେ ସାରା ଜୀବନ ଏକାଠି ରହିବାର ନିଷ୍ପତ୍ତି ନେଇ ସାରିଛୁ । ଶେଷ କଥାଟା ଗଉରୀ ଦେବୀ ଅର୍ଥାତ କାହ୍ନାର ମା'ଙ୍କୁ ଅଡୁଆ ଲାଗିଲା । ତଥାପି ସେ ନିଜର ମନୋଭାବକୁ ନିଜ ଭିତରେ ରଖି କହିଲେ ଝିଅ, ତୁ କାହ୍ନା ସହ କଥା ହେଉଥା, ମୁଁ କିଛି ଖାଇବାକୁ ଆଣୁଛି ।

ତାଙ୍କ ପଛରେ ଭିତର ଘରେ ପ୍ରବେଶ କଲା ମିତା । ଆତିଥ୍ୟରେ ଆପ୍ୟାୟିତ ପାଇଁ କିଛି ଯୋଗାଡ଼ରେ ଲାଗିଲେ ଗଉରୀ ଦେବୀ । ଉଦ୍ଦେଶ୍ୟ ଅନୁଭବି ମିତା କହିଲା, ଥାଉ ମା । ଏସବୁ ଏବେ ଦରକାର ନାହିଁ । ମୁଁ ପରେ ଖାଇବି । ପରେ... ନାଇଁରେ ଝିଅ ତୋର ଡେରି ହୋଇଯିବ । ବେଳ ବୁଡ଼ିଲାଣି ପୁଣି ଶୀତ ଦିନ । ଚାହୁଁ ଚାହୁଁ ରାତି ଆସିଯିବ । ତୁ ଏକା ଅଛୁ । ଫେରିବାକୁ ଅସୁବିଧା ହେବ । ସତରେ ମା ମୁଁ ଆଉ ଫେରିବି ନାହିଁ । ସବୁଦିନ ପାଇଁ କାହ୍ନା ସାଥିରେ ଓ ତମମାନଙ୍କ ସହ ରହିବାର ନିଷ୍ପତ୍ତି ନେଇ ଘର ଛାଡ଼ିଛି । କାହ୍ନା ମୋତେ ଆଗରୁ ଏଠାକାର କଥା କହିଛନ୍ତି । ତମ ମାନଙ୍କର ସମ୍ମତିର ସୂଚନା ମଧ୍ୟ ଦେଇଛନ୍ତି । କେବଳ ସମୟକୁ ଅପେକ୍ଷା କରିବାକୁ ମୁଁ କହିଥିଲି । ତାହା କିନ୍ତୁ ସମ୍ଭବ ହେଲା ନାହିଁ । ପରିସ୍ଥିତି ମୋତେ ବାଧ୍ୟ କଲା, ତେଣୁ ନିଜ ଲୋକଙ୍କୁ ପର କରି ଚାଲି ଆସିଲି ।

ମିତାର କଥାରେ ଗଉରୀ ଦେବୀ ବିସ୍ମିତ ହୋଇ ଚାହିଁ ରହିଲେ । ଦେଖିଲେ ଝିଅଟି ଦେଖିବାକୁ ଗୋଟିଏ ଛାଞ୍ଚରେ ଗଢ଼ା । ଏଇ ଦାସ ସାହିରେ କ'ଣ ଖଣ୍ଡ ମଣ୍ଡଳରେ ଏମିତି କେହି ନଥିବେ ? କାହ୍ନାର ହାତ ଧରି ଏ ଘରେ ବୋହୂ ହେବାଟା, ତାଙ୍କ ପାଇଁ ନିଶ୍ଚୟ ଭାଗ୍ୟର କଥା । ହେଲେ ଏମିତି କ'ଣ ହୁଏ ? ନିଜ ଜାତିର ନୁହଁ, ବାପା ମା'ର ସମ୍ମତି ନାହିଁ । ଏକାବେଳେ ଘରର ବୋହୂ ? ଲୋକେ କ'ଣ କହିବେ ? ତା'ର ବାପା ମା କାହିଁକି ଦୋଷାରୋପ ନ କରିବେ ? ଇଚ୍ଛା ହେଲା ଆଚ୍ଛାକରି କାହ୍ନାକୁ ଝାଡୁରେ ଦୁଇ ପାହାର ବାଡ଼େଇ ଯିବେ । ବେଶୀ ଗେହ୍ଲା କରିବାରୁ ସେ ଏମିତି କାମରେ ମାତିଛି । ସିଏ ତ ତାକୁ ଟିପ ଛୁଇଁ ନାହାନ୍ତି । ସାନ ବୋଲି ସାମାନ୍ୟ କଟୁ କଥା କହିନାହାନ୍ତି । ତଥାପି ସେ ତାକୁ ସଫା ସଫା ଶୁଣେଇ ଦେବେ । ତାର ଏମିତି ବେଅକଲି କାମ ପାଇଁ ତାଗିଦ୍ କରିବେ । କିନ୍ତୁ ସେଥିରେ ଯଦି ବିଗିଡ଼ି ଯାଇ ବଡ଼ ପୁଅ ପରି ଘର ଛାଡ଼ି ଚାଲିଯାଏ... ।

ତେବେ କ'ଣ ହେବ ? ଏମିତି ଭାବି ଭାବି ସେ କହିଲେ ଝିଅ ତୁ କ'ଣ କହୁଛୁ ମୁଁ କିଛି ବୁଝିପାରୁନାହିଁ। କାହ୍ନାକୁ କହୁଛି ଏବେ ସେ ତୋତେ ତମ ଘରେ ଛାଡ଼ି ଆସିବ। ପରେ ଚିନ୍ତା କରି ଯାହା କରିବା। ଏହା କହି ସେ କାହ୍ନାକୁ ଡାକିଲେ। କାହ୍ନା କିନ୍ତୁ ସେଠାରେ ନଥିଲା।

ମିତା କହିଲା ତାଙ୍କୁ ଖୋଜିବା ଦରକାର ନାହିଁ। ମୁଁ ଆଉ ଫେରିବି ନାହିଁ। ହୁଏତ ଆଉ କିଛି ଦିନ ପରେ ଆସିଥାନ୍ତି। ଟିକେ ଆଗରୁ ଚାଲି ଆସିଲି। ମୋର ଆଉ କିଛି ଉପାୟ ନଥିଲା। ଆର ମାସ ମୋର ବଡ଼ ଭଉଣୀର ବାହାଘର। ସେଥିପାଇଁ ସେ ମୋ ଉପରେ ବହୁତ କଟକଣା ଜାହିର କଲା। ମା' ମଧ୍ୟ ତା କଥାରେ ମୋ ଉପରେ ହାତ ଉଠାଇଲେ। ମୁଁ କାହିଁକି ଛାଡ଼ନ୍ତି ? ସମସ୍ତଙ୍କୁ ଠିକଣା ଜବାବ୍ ଦେଇଛି। ଆମ ଭିତରେ ଏକ ପ୍ରକାର ଖଣ୍ଡଯୁଦ୍ଧ ହୋଇଗଲା। ତାପରେ ମୁଁ କାହ୍ନାକୁ ଫୋନ୍ କଲି। ସେ ଉଠାଇଲେ ନାହିଁ। ପରେ ପରେ ସୁଇଚ୍ ଅଫ୍‌ର ସୂଚନା ପାଇଲି। ଭାବିଲି ତାଙ୍କର ଫୋନ୍ ବୋଧେ ହଜିଯାଇଛି। ଆଦୌ ଭଲ ଲାଗିଲା ନାହିଁ। କାରଣ କାହ୍ନା ହିଁ ପ୍ରତି କଥାରେ ମୋତେ ବୁଦ୍ଧି ଦିଅନ୍ତି ଓ ବାଟ ଦେଖାନ୍ତି। ସିଏ ତ ମୋର ବଳ। ଯେତେବେଳେ ତାଙ୍କଠାରୁ କୌଣସି ଉତ୍ତର ନ ପାଇଲି ନିରୁପାୟ ହୋଇ ଘର ଛାଡ଼ି ଚାଲିଆସିଲି।

ମିତାର କଥା ଗଉରୀ ଦେବୀଙ୍କୁ ଗପ ଭଳି ଲାଗୁଥାଏ। ସେ ଆହୁରି ଆଶ୍ଚର୍ଯ୍ୟ ହୋଇ ତା ମୁହଁକୁ ଚାହିଁଲେ। କାହ୍ନା ତାଙ୍କର ଏତେ ନୀରିହ ଯେ ଟିକେ ବି ଟାଣ କଥା କହେ ନାହିଁ। କେଉଁ ଝିଅ ସହ ମିଶିବା ତ ଦୂରର କଥା କେହି ଘରକୁ ଆସିଲେ ଲାଜରେ ଦୂରେଇ ଯାଏ। ସିଏ ପୁଣି ଏ ଝିଅ ସହ ଏତେ ଦିନରୁ ସମ୍ପର୍କ ରଖିଛି ? ବାହା ହେବାକୁ କଥା ଦେଇଛି ? ସେ ଅବଶ୍ୟ ବସି ବସି ମୋବାଇଲ୍‌ରେ ବେଶୀ ସମୟ ସାରେ। ପଚାରିଲେ ସେଥିରେ ପାଠ ପଢୁଛି କହେ। ଏମିତି ଚିନ୍ତାରେ ବୁଡ଼ି ରହି କ'ଣ କରିବେ କିଛି ଭାବିପାରିଲେ ନାହିଁ ଗଉରି ଦେବୀ। ଝିଅ ତୋ କଥା ମୁଁ ଜାଣିଲି, ହେଲେ ଏସବୁ ଭଲ ନୁହେଁ। ଏବେ ତୁ ଘରକୁ ଫେରିଯା। ପରେ ଯାହା ଉଚିତ୍ ତାହା କରିବା। ନହେଲେ କାଲି ସକାଳେ ତୋ ବାପା ପୋଲିସ୍ ଧରି ଆସିବେ। ଆମର ଅବସ୍ଥା କ'ଣ ହେବ କହିଲୁ ? କିଛି ହେବ ନାହିଁ। ମୁଁ କହିବି ମୋତେ ଏକୋଇଶି ବର୍ଷ ହେଲାଣି। ମୁଁ ମୋର ନିଜ କଥା ନିଜେ ବୁଝିବି। ବାପା ମା' ମୋତେ ବହୁତ ଟର୍ଚ୍ଚର କରିଛନ୍ତି। ତେଣୁ ମୁଁ ଏମିତି କରିବାକୁ ନିଷ୍ପତ୍ତି ନେଲି।

ଗଉରୀ ଦେବୀ ଜାଣିଲେ, ଝିଅଟି ଯେମିତି ସୁନ୍ଦର ସେମିତି ଚତୁରୀ ଆଉ ଦୃଢ଼ମନା। କାହ୍ନାକୁ ଠିକ୍ ଚଳେଇ ପାରିବ। ଉଭୟଙ୍କ ଯୋଡ଼ି ମଧ୍ୟ ଭଲ ମାନିବ। ହେଲେ କାହ୍ନା ଏଯାଏ କିଛି କହୁନାହିଁ। ତା'ର ବାପା ମଧ୍ୟ ଜାଣନ୍ତି ନାହିଁ। ଜାଣିଲେ ସେ ଏସବୁକୁ କ'ଣ ଗ୍ରହଣ କରିପାରିବେ ? ନିଜେ ସିଏ କେତେ ସ୍ୱପ୍ନ ଦେଖି ନଥିଲେ ସତେ। ଆଉ ହେଇଯାଉଛି କ'ଣ ? ଏଇ ସାହିରେ ରାତି ପାହିଲେ ପାଠ ପଢ଼ିବା ବୟସର ପିଲାମାନେ ମଧ୍ୟ ଜାଲ ଧରି ମାଛ ଧରିବାକୁ ନଈକୁ ଯାଆନ୍ତି। ସେମାନଙ୍କର ପାଠ କମ୍ ସାଠ ବେଶୀ। ତା'ର ପୁଅ ଦୁହେଁ ତ କଲେଜ ପଢୁଆ। ଇଚ୍ଛା ଥିଲା ବଡ଼ ଚାକିରି କରିବେ। ବଡ଼ ଘରେ ବାହା ହେବେ। ବାଜା, ରୋଷଣିରେ ଦାଣ୍ଡ ଦୁଲୁକି ଯିବ। ଏତିକି ବେଳେ କାହ୍ନାର ବାପା ପହଞ୍ଚି ଗଲେ। ଏତେ ରାତିରେ ଅଚିହ୍ନା ଝିଅଟିକୁ ଦେଖି ପରିଚୟ ଜାଣିବାକୁ ଚାହିଁଲେ। ଗଉରୀ ଦେବୀ କିଛି କହିବା ପୂର୍ବରୁ ମିତା ତାଙ୍କୁ ଭୂମିଷ୍ଠ ପ୍ରଣାମ କରି ସବୁ, ବଖାଣିଲା। ସେ ଚିନ୍ତିତ ଦିଶିଲେ। ବାହାରେ କାହ୍ନାର ଉପସ୍ଥିତି ଅନୁଭବି ସେ ତାକୁ ବଡ଼ ପାଟିରେ ଡାକିଲେ।

ପାଖରେ ପହଞ୍ଚିବାରୁ ସେ ତାକୁ ଟିକେ ଚଢ଼ାଗଳାରେ ପ୍ରଶ୍ନ କଲେ, ଏ ଝିଅ ଯାହା କହୁଛି ତାହା କ'ଣ ସତ୍ୟ ? କଥାର ଗାମ୍ଭୀର୍ଯ୍ୟରେ ଦୁଃଖର ମିଶ୍ରଣକୁ ଜାଣି ହେଉଥାଏ, ଜାଣି ଜାଣି ତଳକୁ ମୁହଁ କରି ନିରୁତ୍ତର ରହିଲା କାହ୍ନା। ମିତା ପୁନଶ୍ଚ ସେମାନଙ୍କ ସମ୍ପର୍କରେ ସାମୟିକ ତଥ୍ୟ ଦୋହରାଇଲା। ସେଥିରେ ତା ବାପାଙ୍କର ଅସନ୍ତୋଷ ସରିଲା ନାହିଁ। ତାଙ୍କର ଅନେକ ପ୍ରଶ୍ନର ବିନିମୟରେ କେବଳ ହଁ ନାଁ ଭଳି ଅଳ୍ପ କେଇଟି ଶବ୍ଦ ପାଇଲେ। ଗଉରୀ ଦେବୀ ଜାଣିଲେ ଝିଅଟି ନିଶ୍ଚୟ ମିଛ କହୁ ନାହିଁ। ସମସ୍ୟାର ସମାଧାନ ସ୍ୱରୂପ ସେ କହିଲେ, ମିତା ତ ଆମର ଝିଅ ପରି। ମୋ ପାଖରେ ଥାଉ, ରାତି ପାହିଲେ ଯାହା ହେବ।

ସକାଳୁ ସକାଳୁ କାହ୍ନାର ବାପା ମାଧପୁରରେ ପହଞ୍ଚିଲେ। ମିତାର ବାପାଙ୍କୁ ଗତ ରାତିର ଘଟଣା କହିଲେ। ସେ କହିଲେ ମୁଁ ନାଚାର, ସେ ମୋ ଆୟତ୍ତରେ ନାହିଁ। ସମସ୍ୟାର ସମାଧାନ ପାଇଁ କାହ୍ନାର ବାପା ଦୁଇଟି ପ୍ରସ୍ତାବ ଦେଲେ। କୌଣସିଟିକୁ ଗ୍ରହଣ ନ କରି ମିତାର ବାପା କହିଲେ, ଦିନ କେଇଟା ପରେ ମୋର ବଡ଼ ଝିଅର ବାହାଘର। ଆମେ ସମସ୍ତେ ସେଥିପାଇଁ ବ୍ୟସ୍ତ। ଏହା ଭିତରେ ମିତାର କାଣ୍ଡ କାରଖାନାକୁ କ'ଣ ସହି ହେବ ? ଗୋଷ୍ଠୀ ଛଡ଼ା ଇଚ୍ଛାକୁ କ'ଣ ମାନି ହେବ ? ଚରମ ସୀମାରେ ତା'ର ଔଦ୍ଧତ୍ୟ। ଆମକୁ ଗୋଇଠା ମାରି ଘରୁ ଯେତେବେଳେ ଗୋଡ଼ କାଢୁଛି ସେତେବେଳେ ତା'ର ଭାଗ୍ୟ...। ତଥାପି ସେ ଆସି ସ୍ୱଭାବିକ୍ ଭାବରେ ରହିବାରେ ଆମର ଆପତ୍ତି ନାହିଁ। ଏତକ କହୁ କହୁ ତାଙ୍କର ଆଖି ଛଳ ଛଳ ହୋଇଗଲା। ଆଶା ଆଶଙ୍କାର ବୋଝ ନେଇ ଫେରି ଆସିଲେ କାହ୍ନାର ବାପା।

ପ୍ରିୟ ପରିଜନଙ୍କ ସହ ଆଲୋଚନା କଲେ। ସେମାନଙ୍କ ସହାୟତାରେ ମିତାକୁ ଅନେକ ବୁଝାଇଲେ। କିଛି ଲାଭ ହେଲା ନାହିଁ। ଶେଷ ନିଷ୍ପତ୍ତି ହେଲା ଗାଁ ଠାକୁରାଣୀଙ୍କ ପାଖରେ ବାହାଘର। ଶୁଭଦିନର ସନ୍ଧାନ ପାଇଁ ଜ୍ୟୋତିଷଙ୍କୁ ଡକାହେଲା। ସେ ଗଣନା କରି ନଭେମ୍ବର ୩୦ ଏଥିପାଇଁ ଶୁଭ ବୋଲି ଜଣାଇଲେ। ଅଗତ୍ୟା ତାହା ହିଁ ହେଲା। ମନେ ମନେ ଖୁସିରେ ଆଶ୍ୱସ୍ତ ହେଲା ମିତା। ତଥାପି ଦୁଃଖ ଲାଗୁଥାଏ। କାରଣ ନିର୍ଦ୍ଦିଷ୍ଟ ସମୟ ଆଉ ଆଠ ଦିନ ବାକି। ଅର୍ଥାତ୍ ତାକୁ ସେଯାଏ ଏଠାରେ କାହ୍ନାର ପାଖେ ପାଖେ ଥାଇ ମଧ୍ୟ ଦୂରେଇ ରହିବାକୁ ହେବ। ସେ ଦିନ ଗଣି ଚାଲିଲା। ପ୍ରତୀକ୍ଷାର ପରିଣତି ଏତେ ଯନ୍ତ୍ରଣାଦାୟକ ବୋଲି ଜାଣି ନଥିଲା। ନିର୍ଦ୍ଦିଷ୍ଟ ସମୟ ଆଉ ମାତ୍ର ଦୁଇ ଦିନ ବାକି। ଏହା ଭିତରେ ସେ କେବେ କାହ୍ନା ସହ କଥା ହେବାର ସୁଯୋଗ ପାଇନାହିଁ। ତଥାପି ତା'ର ଗତିବିଧିକୁ

ନିରୀକ୍ଷଣ କରିବାରୁ ନିବୃତ୍ତ ହୋଇନାହିଁ । ସମ୍ଭବତଃ ସେ ଆଗାମୀ ଆୟୋଜନରେ ମଜ୍ଜି ରହିଛି ।

ଆଜି କିନ୍ତୁ ତାକୁ ସେ ନିଶ୍ଚୟ ପଚାରିବ । ସେଥିଇଁ ମନେ ମନେ ପ୍ରସ୍ତୁତ ହୋଇ ରହିଲା । ଦିନ ସରି ରାତି ହେଲା । ଘରକୁ ଆସିଲା ନାହିଁ କାହ୍ନା । ତାକୁ ଫୋନ୍ କରାଗଲା । ତାର ଫୋନ୍ ସୁଇଚ୍ ଅଫ୍ ଜଣାଇଲା । ବାପା ତାର ବ୍ୟସ୍ତ ହେଲେ । ମା କହିଲେ ନ କହି ସେ କୁଆଡ଼େ ଯାଏ ନାହିଁ । ହୁଏତ ସାଥୀ ମେଳରେ କେଉଁଠି ଥିବ । ଡେରିରେ ଆସିପାରେ । ହେଲେ ଆସିଲେ ନାହିଁ କାହ୍ନା । ପରଦିନ ଖବର ମିଳିଲା କାହ୍ନା ପାଖ ଗାଁର ଗୋଟିଏ ଝିଅ ସହ ଫେରାର ହୋଇଯାଇଛି । ଖବରକୁ କେହି ବିଶ୍ୱାସ କଲେ ନାହିଁ । ବାପା ସତ୍ୟ ଅନୁସନ୍ଧାନ କରି ଘରକୁ ଫେରି ସ୍ଥାଣୁ ପରି ବସି ପଡ଼ିଲେ । ସତ ଜାଣିବା ପରେ ମା ଏକ ପ୍ରକାର ମୂକ ପାଲଟି ଗଲେ । କଥାଟା ନିଶ୍ଚେତକ ଇଂଜେକସନ୍ ପରି ମିତା ଦେହକୁ ଭିଜି ଗଲା । କେତେ ସମୟ ପରେ ସେ ଆଖି ଖୋଲିଲା ଚେତା ଫେରିବାରୁ ଦେଖିଲା, ପାଖରେ ଭାବିଶାଶୁ ବସି ମୁଣ୍ଡ ଆଉଁସି ଦେଉଛନ୍ତି, ତାଙ୍କ ଆଖିରୁ ଲୁହ ଧାରର ଶୁଖିଲା ଚିହ୍ନ ଦିଶୁଛି । ପାଖ ଚଉକିରେ ବସି ନିର୍ବାକ ହୋଇ ଚାହିଁ ରହିଛନ୍ତି ଭାବି ଶ୍ୱଶୁର ।

ମିତା ଜାଣିଲା ରାତି ଅଧାରୁ ଅଧା ହେଲାଣି, ସେ କାହାକୁ କିଛି କହିପାରିଲା ନାହିଁ । କେବଳ କାହ୍ନାର ଭାବନାରେ ବୁଡ଼ିରହିଲା । କେତେ ଭଲ ପାଉନଥିଲା ସେ ତାକୁ ? କାହ୍ନା ମଧ୍ୟ ଅନୁରୂପ ପ୍ରତିଦାନ ଦେବାରେ ହେଳା କରିନାହିଁ । କେହି କାହାର କଥାରୁ କେବେ ବାହାରି ଯାଇନାହାଁନ୍ତି । ଥରେ କାହ୍ନା ତାକୁ ପ୍ରସ୍ତାବ ଦେଲେ, କାଲି ବାଲେଶ୍ୱର ବୁଲି ଯିବା ? ଘରେ ବହୁତ କାମ । ଗେଷ୍ଟ ଆସିଛନ୍ତି । ମୁଁ ଆଦୌ ଯାଇ ପାରିବି ନାହିଁ । ଅଭିମାନରେ ମୁହଁ ଫଣ ଫଣ କରି କାହ୍ନା କହିଲେ, ତେବେ ଠିକ୍ ଅଛି । ତମେ ନ ଯାଆ ମୁଁ ଏକାଯିବି । ଯାହା ଇଚ୍ଛା ତାହା କରିବି । ଏତିକିରେ ସ୍ଥିର ହୋଇ ରହି ପାରିଲା ନାହିଁ ମିତା । ମା'କୁ ଜରୁରୀ କାମର ମନଗଢ଼ା ମିଛ ଶୁଣେଇ ଘରୁ ଚାଲି ଆସିଲା ।

ବାଇକ୍‌ରେ କାହ୍ନା ପଛରେ ବସି କେତେ କଣ କହିଚାଲିଥାଏ ମିତା । ବେଳେ ବେଳେ ନୀରବି ଯାଇ କାହ୍ନା ପିଠିରେ ଆଙ୍ଗୁଠିରେ ସ୍ୱପ୍ନର ନୂଆ ନୂଆ ମାନଚିତ୍ର ଆଙ୍କି ଚାଲିଥାଏ । ହଠାତ୍ ଗାଡ଼ି ରଖିବାକୁ କହିଲା ମିତା । ସଙ୍ଗେ ସଙ୍ଗେ ନିର୍ଦ୍ଦେଶ ପାଳନ ହେଲା । ଗାଡ଼ିରୁ ଓହ୍ଲାଇ ସେଠାରେ ଉପସ୍ଥିତ ଏକ ଚାଟୁକାର ଉଦ୍ଦେଶ୍ୟରେ ନିଜ ବାହୁ ପ୍ରସାରି ଦେଲା ମିତା । କହିଲା ଲେଖିଦିଅ କାହ୍ନା । ତା'ର ଭଲପାଇବାର ଏଇ ଆକସ୍ମିକ ଉପହାରର ପ୍ରତିଦାନ ସ୍ୱରୂପ ନିଜ ହାତରେ ମଧୁମିତା ଲେଖିବାକୁ କହିଲା କାହ୍ନା । କିନ୍ତୁ ପ୍ରଥମ ଅକ୍ଷର ଲେଖୁ ଲେଖୁ ଯନ୍ତ୍ରଣାରେ କାହ୍ନାର ମୁହଁ ବିକୃତ ହୋଇ ଉଠିଲା । ସହି ପାରିଲା ନାହିଁ ମିତା । ତା ହାତକୁ ଟାଣି ଆଣି କହିଲା, ଥାଉ । ଏତେ ବଦାନ୍ୟତା ଦେଖାଅ ନାହିଁ । କେବଳ ଏତିକି ନୁହଁ, ଥରେ ବାଥରୁମ୍ ଭିତରେ ମିତା ଏକ ନୂଆ ବ୍ଲେଡ୍ ସାହାଯ୍ୟରେ ନିଜ ଛାତିରେ କାହ୍ନା ଲେଖି ତାକୁ ଭିଡିଓ କଲ୍‌ରେ ଦେଖାଇଲା । ତାହା ଦେଖି ଶିହରି ଉଠିଲା କାହ୍ନା । ଉତ୍ତେଜିତ ହୋଇ କହିଲା, ତମେ ଯେବେ ଏମିତି ଆଉ କିଛି କର ମୁଁ ନିଜ ବେକ କାଟିଦେବି ।

ସେହି କାହ୍ନା ଆଜି ସବୁ ସମ୍ପର୍କ କାଟି ନିରୁଦ୍ଦିଷ୍ଟ ହୋଇଗଲା । ଏଥର ସେ ବାସ୍ତବତାକୁ ଉପଲବ୍ଧି କଲା । ଏଠାକୁ ଆସିବା ପୂର୍ବରୁ କାହ୍ନା କାହିଁକି ତା'ର ଫୋନ୍ ଉଠାଉ ନଥିଲା । ପୁଣି ସୁଇଚ୍ ଅଫ୍ କରି ରଖୁଥିଲା । ଆସିବା ପରେ କାହିଁକି ଅନ୍ୟମନସ୍କ ଓ ଗମ୍ଭୀର ରହୁଥିଲା, ସେଇ ନିଗୂଢ଼ ତତ୍ତ୍ୱକୁ ଅନେକ ବିଶ୍ଳେଷଣ କଲା । କ୍ରମଶଃ ରାତି ସରିଗଲା । ସରିଲା ନାହିଁ ଭାବନାରୁ ତା'ର ସ୍ମୃତିର ସ୍ୱରାଜ । ତାକୁ କିଛି ଉପାୟ ଦେଖାଯାଉନଥାଏ । ଦେଖା ଦେଲେ ଗାଁର କିଛି ଝିଅ ଓ ମହିଳା । ସେମାନେ ସମ୍ଭବତଃ ସବୁ ଜାଣି ସାରିଥିଲେ । କେତେକଙ୍କ ମୁହଁରୁ ସମବେଦନାର ସ୍ୱର ଝରି ପଡୁଥାଏ । ଝିଅଟିଏ କହିଲା କାହ୍ନା ଭାଇ ତ ଆଉ ଜଣକୁ ନେଇ ଚାଲିଗଲା । ଏବେ ୟାଙ୍କର କ'ଣ ହେବ ? ସଙ୍ଗେ ସଙ୍ଗେ ଆଉ ଜଣେ କଥା ଯୋଡ଼ିଲା, ସାନ ସିନା ଚାଲିଗଲା, ବଡ଼ ତ ଅଛି ।

ସ୍ମିତ ହସି ଆଉ ଜଣେ କହିଲା ତତେ ବୋଧେ ଜଣା ନାହିଁ ? ସିଏ ପରା ଦୁଇ ମାସ ତଳୁ ତା'ର ଅଫିସ୍‌ରୁ ଜଣକୁ କୁଆଡ଼େ ରେଜିଷ୍ଟ୍ରି ମ୍ୟାରେଜ କରିଛି ? ଘରକୁ କିନ୍ତୁ ଖବର ଅନ୍ତର ନାହିଁ । ହେଲେ ତା'ର ସାଙ୍ଗ ମାନଙ୍କ ଠାରୁ କଥାଟା ଜଣାପଡ଼ିଲା । ବୟସ୍କା ଜଣେ ଦାନ୍ତ ଦେଖାଇ କହିଲେ ଘରେ ଆଉ ଯିଏ ଅଛି, ସିଏ ବାହା ହୋଇପଡୁ । ଏମିତି କଥାର ନିଆଁରେ ମିତାର ଭିତରଟା ଜଳି ଉଠିଲା । ତଥାପି ସେ ନିରୁତ୍ତର ରହିଲା । ସଙ୍ଗେ ସଙ୍ଗେ ଫେରିଗଲା ଅତୀତକୁ । ଘରେ ତାକୁ କେହି ସାମାନ୍ୟ କିଛି କହିଲେ ବା ତା କଥାରେ ପ୍ରତିବାଦ କଲେ କାଳ ବିଳମ୍ବ ନ କରି ସେ ତା'ର ପ୍ରତି ଉତ୍ତର ଦେଉଥିଲା । ତା'ର ଉଚ୍ଚ ସ୍ୱରର ଧକ୍କାରେ ସମସ୍ତଙ୍କର ମୁହଁ ବନ୍ଦ ହୋଇଯାଉଥିଲା । ଏହି ବିଦ୍ୟାଟି ଥିଲା କାହ୍ନାର ପ୍ରେରଣା ପ୍ରସୂତ । ଏବେ ଏଠାରେ ତାହା କିଛି କାମ ଦେବନି ଜାଣି ମୁହଁ ତଳକୁ କଲା ମିତା । ତା'ର ଉତ୍ତେଜନା ଯେମିତି ବହୁମାତ୍ରାରେ ବଢ଼ିଗଲା । ନିଜ ଭିତରର ଘୃଣା ଆଉ ରାଗ ସବୁ ଲୁହ ହୋଇ ଝରି ପଡ଼ିଲା ।

*ରାଜକନିକା, କେନ୍ଦ୍ରାପଡ଼ା-୭୫୪୨୨୦*
*ଦୂରଭାଷ: ୯୯୩୮୭୪୭୦୩୪*

# ବିସ୍ମାରିତ ଅପତ୍ୟ

**ଡଃ ସୁକାନ୍ତ ମହାରଣା**

ଏକ ଦୁଇ କରି ସାତଦିନ ହୋଇଗଲା । ବାହାର ଦୁନିଆ ଶୂନ୍ୟ ଏଇ ଚାରିକାନ୍ଥର ପ୍ରହରୀ ଦୃଷ୍ଟିରେ ବନ୍ଦୀ । ଦିକି ଦିକି ଜଳୁଛି ନିଷ୍ପ୍ରଭ ହଳଦୀ ଆଂଶିଆ ଆଲୁଅ । ଛାତ ପଙ୍ଖାର ଧୀର ମନ୍ଥର ଗତି । ସମୟ ସ୍ଥିର, ସ୍ଥବିର । ସେଇ ହଳଦିଆ ନିଷ୍ପ୍ରଭ ଆଲୁଅ ସହିତ ବୋଲି ହୋଇ ଅନନ୍ତ ସମୟ ବିଷର ସମୁଦ୍ର ପାଲଟି ଯାଇଛି ।

ଚୁଡ଼ି ଝୁଣୁଝୁଣୁ ଶୁଭିଲା । କେହିଜଣେ ଆସିଲେ ଭିତରକୁ । କିଏ କାଞ୍ଚନ ବାଳା ? ତାଙ୍କ ବ୍ୟତିରେକ ସେ କାମ ଭାରରେ ଆନତ, ଭାରାକ୍ରାନ୍ତ । ଜଣେ ମଣିଷ, ପୁଣି ବୃଦ୍ଧା, ଏଣେ ଘର ଗୋଟାକର କାମ । ବୋହୂଟିଏ ଅଛି; କିନ୍ତୁ ଥାଇ ଯାହା ନଥାଇ ତାହା । ଆଜିକାଲିକା ବୋହୂ; ତାଙ୍କ ଖୁରାକୁ ଜୁହାର ।

"ଝୁମ୍ରି ଗଲାଣି ବାହାରକୁ ?" ପଚାରିଲେ ବିନାୟକ ବାବୁ । ସେଇଟା ତାଙ୍କ କାମ । ସେ କିନ୍ତୁ ସାତଦିନ ହେଲା ବିଛଣାରେ । ଖତରନାକ୍ ଡେଙ୍ଗୁଟା ତାଙ୍କୁ ବେହାଲ କରିଦେଇଛି । ବ୍ଲଡ୍ ପ୍ଲେଟ୍‌ଲେଟ୍ ଗଣନ ଖସି ଦଶ ହଜାର ଛୁଇଁଲାଣି । ସେଇ ଜର ଦେହରେ ସେ ପ୍ରଥମ ତିନି ଚାରିଦିନ ଚଳାଇଲେ । ଏବେ ଆଉ ପାରୁ ନାହାନ୍ତି ।

"ନାଇଁମ ! ଝିଅ କାମଟା ସରିଗଲେ ମୁଁ ନେଇଯିବି । ଏଇଠି ପାଖରେ ବୁଲେଇ ଆଣିବି । ବେଶି ଦୂରକୁ ନେଇ ପାରିବି ନାହିଁ ।" କାଞ୍ଚନବାଳା ଉତ୍ତରଦେଲେ ଶାଢ଼ୀ କାନିରେ ହାତ ପୋଛି ପୋଛି ।

"ନାତୁଣୀ କ'ଣ ଖାଇନାହିଁ ଏଯାଏ ?"

"ନାଇଁ । ଟାଇମ୍ କେତେ ହେଲାକି ? ସାଢ଼େ ଆଠ କି, ଆଠଟା ପଇଁଚାଳିଶ୍ ହେବ । ତମେ ଦିନସାରା ବିଛଣାରେ ପଡିଛତ ସେମିତି ଲାଗୁଛି ।"

"ତା ବାପ ଆସିନାହିଁ ?"

"ହଁ, ସେ ଖଟି ଖଟି ଆସି ରେଷ୍ଟ୍ ନଉଚି ଟିକେ । ମୁଁ ନେଇଯିବିନି ? ତମେ କାହିଁକି ବ୍ୟସ୍ତ ହେଉଛ ?"

"ତମେ ପା ଥରେ ପଡ଼ି ମୁଣ୍ଡ ଫଟେଇ ଥିଲ, ଭୁଲିଗଲଣି ? ଉଦଣ୍ଡୀ କୁକୁରଟା ଘୋଷାରି ନେଇ ଯାଉଛି, ସମ୍ଭାଳି ପାରୁନ ବୁଢ଼ୀ ମଣିଷ । ତଥାପି ପୁଅ ସୁହାଗ ବୋହି ପଡୁଛି ? ସେ ଟିକେ ନେଇଗଲେ କ'ଣ ବେଦ ମାରା ହୋଇଯିବ ? ତାକୁ ଆଣିଥିଲା କିଏ ? ମୁଁ ନା ତମେ ?

କୁକୁରଟା ଭୁକି ଭୁକି ଅଥୟ କଲାଣି । ପଶୁଜନ୍ତୁ ଝାଡ଼ା ପରିସ୍ରା କେତେ ରୋକିବ ? ଘରେ ଭେଣ୍ଡିଆ ପୁଅଟା ଥାଉ ଥାଉ ଷାଠିଏ ପଁଷଠି ବର୍ଷର ରୋଗିଣା ବୁଢ଼ୀଟା.... ।" କଣ୍ଠରେ ସମ୍ୟକ୍ ବିରକ୍ତିର ଆଭାସ ।

ମୁଁ ସୁସ୍ଥ ଥିଲା ବେଳେ କାହା ହାତକୁ ଅନେଇ ବସୁଥିଲି ? ମୋ ଦେହଟା ଅସୁସ୍ଥ ବୋଲି ସିନା । ଠିଆ ହେଲା ବେଳକୁ ମୁଣ୍ଡ ଘୂରେଇ ଦଉଛି । ଝୁମ୍ରି ଯେଉଁ ଦୁଷ୍ଟ, ଏଣେ ତେଣେ ଯେମିତି ଘୋଷାରି ନେଇ ଯାଉଛି, ବୁଲା କୁକୁର ଦେଖିଲେ ତାଙ୍କଆଡ଼କୁ ମାଡି ଝପଟି ଯାଉଛି, ପଡ଼ିଯିବାଟା କୋଉ ବଡ଼ କଥା ? ଥରେ ପଡ଼ିଗଲେ ସତୁରି ବର୍ଷରେ ଆଉ ଉଠିପାରିବି ? ଆରେ ବାବୁ, ତମେତ ତାକୁ ଘରକୁ ଆଣିଛ, ସେତେବେଳେ କଣ ପଚାରିଥିଲ ଯେ, "ବାପା । ଭଲ ଜାତିଆ କୁକୁରଟିଏ ଘରକୁ ନବାକୁ ଚାହୁଁଛି, ତମର ମତ କ'ଣ ?" ଆଜିକାଲିକା ପିଲା, ନିଜ ହାତରେ ଚଉଦପା । ମୁଣ୍ଡକୁ ହାତ ପାଇଲେ ଆଉ ବାପ-ମା'ଙ୍କୁ ପଚାରେ କିଏ ?

ବିନାୟକ ବାବୁ ସେଇ ଚାରିପାଞ୍ଚ ବର୍ଷ ତଳର କଥାକୁ ମନରେ ହେଜିଲେ । ପୁଅ ବାପ୍ପୁ, ଥାଏ ବାଙ୍ଗାଲୋର୍‌ରେ । ବାହାଘର ହୋଇନଥାଏ । ଦିନେ ତାର ଏକ ଫେସ୍‌ବୁକ୍ ପୋଷ୍ଟିଙ୍ଗ୍‌ରେ ଦିଶିଲା ଏକ ଗୋଲଗାଲିଆ ସୁନ୍ଦରିଆ କୁକୁର ଛୁଆର ଫଟୋ । ତା କୋଳରେ ବସିଛି । କେଉଁ ଅଫିସ୍ ଷ୍ଟାଫ୍ ଅବା ସ୍ଥାନୀୟ କେଉଁ ବନ୍ଧୁଙ୍କ ପାଳିତ କୁକୁର ହୋଇଥିବ । ଇଏ ଯେମିତିଆ ସ୍ନେହପାଗଳ ପିଲା ଶ୍ରଦ୍ଧାରେ ନେଇ ଆସିଥିବ । କିନ୍ତୁ ପରେ ସନ୍ଦେହ ମୋଚନ କରି ସେ ଜଣାଇଦେଲା ଯେ, ସେଇଟା ତା ନିଜର । ଜଣେ ସିନିଅର୍ ଷ୍ଟାଫ୍ ଯାଚିକରି ଦେଇଛନ୍ତି ମାଗଣା । ଗୋଲ୍‌ଡେନ୍ ରିଟ୍ରିଭର୍ । ତା ଦାମ୍ କୋଡ଼ିଏ ହଜାର ଆଜିକା ମାର୍କେଟରେ ।

- "ତା ନାଁ କ'ଣ ଦେଇଛୁ ?"

- "ଝୁମ୍‌ରି।"

- "ମାଈଟା କି?"

- "ହଁ।"

- "ଯଦି ଆଣିଲୁ ଅଣ୍ଡିରାଟେ ଆଣିଲୁନି?"

- "(ହସିହସି) ଥରେ ମୋର ଜଣେ ସିନିଅର୍ ଷ୍ଟାଫ୍‌ଙ୍କ ଘରେ ବସି ଚା ପିଉଥାଏ । ତାଙ୍କ ମାଈ ଗୋଲ୍‌ଡେନ୍ ରିଟ୍ରିଭରଟି ଛୁଆ ଦେଇଥାଏ। ଛୁଆମାନେ ମା'ଠାରୁ କ୍ଷୀର ପିଉଥିଲା ବେଳେ ଗୋଟିଏ ଗୁଲ୍‌ଗୁଲିଆ ଛୁଆ ଆସି ମୋ ଗୋଡ଼ ଚାଟିଲା। ବନ୍ଧୁ କହିଲେ "ସାହୁବାବୁ! ଆପଣ ଏଇଟିକୁ ଆଡପ୍‌ଟ୍ କରନ୍ତୁ। ଆପଣଙ୍କ ସହିତ ତାର ବୋଧେ ଜନ୍ମାନ୍ତରଗତ ସମ୍ପର୍କ ଅଛି। ନହେଲେ ଅନ୍ୟମାନେ ଧରାପରା ହୋଇ ମା'ଠୁଁ କ୍ଷୀର ପିଉଥିଲା ବେଳେ ଏ କାହିଁକି ....?" -

- "କିନ୍ତୁ ମାଈ କୁକୁରର ଝାମେଲା ବେଶୀ ସେ ଛୁଆ କଲେ ଏତେ ଗୁଡ଼ାଏ ଛୁଆଙ୍କର ରକ୍ଷଣାବେକ୍ଷଣ, ଯତ୍ନ, ଏତେ କଥା କିଏ ବୁଝିବ? ପୁଣି ଏକଥା ଏକାଥରେ ସରିଯିବ ନାହିଁ। ସେ କେତେ ଛେକ ଛୁଆ କରିବ।"

- (ଉତ୍ତର ନାହିଁ)

- "ତୁ' ତ ଏକୁଟିଆ । ଅଫିସ୍ ଧନ୍ଦା ଅଛି । ତା' କଥା ବୁଝୁଛୁ କେମିତି?"

- "ସକାଳେ ଥରେ ନେଇ ବୁଲେଇ ଆଣୁଛି। ଅଫିସ୍ ଗଲା ବେଳେ ତା ପାଇଁ ଖାଇବା ରଖିଦେଇ ଯାଉଛି। ଡଗ୍‌ଫୁଡ୍। ଆସିଲାପରେ ସନ୍ଧ୍ୟାରେ ଆଉଥରେ ବୁଲେଇ ନିଏ । ସିଏ ବି ମଣ ହୋଇଗଲାଣି । ବାହାରେ ଝାଡ଼ା ପରିସ୍ରା କରେ। ଘରେ ନୁହେଁ। ରାତିରେ ଖାଇସାରି ଆସିଲା ବେଳେ ତା'ପାଇଁ ରୁଟି ଚିକେନ୍ ନେଇ ଆସେ ହୋଟେଲ୍‌ରୁ।"

ଯେବେ ବାସୁର ବଦଳି ହେଲା ଆମ ରାଜ୍ୟର ରାଜଧାନୀ ଭୁବନେଶ୍ୱରକୁ, ସେ ତା ଜିନିଷପତ୍ର ସହ ଝୁମ୍‌ରିକୁ ବି ତା କାର୍‌ରେ ବସାଇ ଆଣି ପହଞ୍ଚିଲା ଆମ ଘରେ, କଟକ ସହରର ଏଇ ନୂଆ କଲୋନିରେ, ସେଇଦିନୁ କୁକୁର ଦାୟିତ୍ୱ ତା ମୁଣ୍ଡ ଉପରୁ ଧୀରେ ଧୀରେ ଓହ୍ଲେଇ ଆସି ଲଦି ହୋଇ ପଡ଼ିଲା ମୋ ମୁଣ୍ଡ ଉପରେ। ଏବଂ ତା କାମ କରିବା ଭିତରେ ମୁଁ ବି ଝୁମ୍‌ରି ସହ ସ୍ନେହ ବନ୍ଧନରେ ବାନ୍ଧି ହୋଇ ପଡିଲି । ଆଗରୁ ମୋ ମନରେ ଥିବା କୁକୁର ଜାତି ପ୍ରତି ଘୃଣା, ହତାଦର ଭାବ କ୍ରମେ ଅପସରି ଗଲା। ତାର ହାବଭାବ ଦେଖି ଲାଗିଲା ସତରେ ଆମ ପରିବାର ସହିତ ତାର କେଉଁ ପୁରୁଣା ଜନ୍ମର ସମ୍ପର୍କ। ସେ ମୋ ବୋଉ, ଆସିଛି କୁକୁର ରୂପରେ ଆମ ଘରକୁ। ବୋଉ ତାର ନାତି ବାସୁକୁ ଖୁବ୍ ଭଲପାଉଥିଲାନା। ବୋଉ ଗଲାଣି ଦଶବର୍ଷ ହେଲା।

କ୍ରମେ ବଡ଼ ହୋଇ ଝୁମ୍‌ରି ଆହୁରି ସୁନ୍ଦର ଦିଶିଲା। ଦେହସାରା ସୁନାପରି ଚକ୍‌ଚକ୍ ଲୋମ ଭରି ଗଲା। ଦୁଇ କାନ ମୂଳେ, ବେକ ତଳେ, ଚାରିଗୋଡ଼ ପଛରେ, ପେଟ ତଳେ, ଲାଂଜରେ ଲମ୍ବା ଲୋମ; ଗୋଲ୍‌ଡେନ୍ ରିଟ୍ରିଭର୍ ନାଁକୁ ସାର୍ଥକ କଲାପରି। ବାଟରେ ଗଲାବେଳେ ଦେଖଣାହାରୀଏ ତାକୁ ଅନେଇ ରହନ୍ତି। ପଚାରନ୍ତି "କି ଜାତିର କୁକୁର ଇଏ? ଯା ନାଁ କ'ଣ?" ଝୁମ୍‌ରି ନାଁ ଶୁଣି ପଚାରନ୍ତି "ଝିଅ କି?" "ହଁ।" "କାମୁଡ଼ିବ?" "ନା।" କେହି ତା ମୁଣ୍ଡକୁ ଆଉଁଶି ଦିଏ। ସେ ସ୍ନେହରେ ଲାଂଜ ହଲାଇ ସୋହାଗ ଗ୍ରହଣ କରେ ତାଙ୍କ ଦେହରେ ମୁହଁ ଗୁଂଜେ ଝୁମ୍‌ରି ଭାରି ସ୍ନେହଶୀଳା। ସମସ୍ତଙ୍କୁ ଆପଣାର କରେ। କାମୁଡା କାମୁଡି ତା ଜାତକରେ ନାହିଁ। ଖାଲି ନବଜରେ ମୋ ହାତକୁ ତା ଦାନ୍ତ ମଝିରେ ଆସ୍ତେ ଚାପେ। ଦାନ୍ତ ଫୁଟିବ ନାହିଁ। ଏଇଟା ତା ଭାଷା। ତା କମ୍ୟୁନିକେଶନ୍ ଶୈଳୀ। ଝାଡ଼ା ପରିସ୍ରା ଲାଗିଲେ, ଭୋକ ଶୋଷ କଲେ ଭୁକିବା ସହିତ ଏମିତି ହାତ କାମୁଡ଼ି ବାହାରକୁ ଯିବାକୁ ଇଙ୍ଗିତ କରେ। କେବେହେଲେ ଥରେ ଘର ମଇଳା କରିନାହିଁ ଜାଣିବା ଶୁଣିବା ମଣିଷ ପରି।

ବୁଲିବାଲି ଝାଡ଼ା ପରିସ୍ରା କରି ଆସିଲେ ଘର ଅଗଣାରେ ମୁଁ ତା ଗୋଡ ପାଇପ୍ ପାଣିରେ ଧୋଇଦିଏ। ପୋଛିଦେଇ ସାନିଟାଇଜର୍ ଲଗାଏ। ଆମ ଶାସ୍ତ୍ରାନୁସାରେ ଯାହାର ପାଦଧୂଳି ଲାଗିଲେ ମଣିଷର ଆୟୁଷ ତୁଟିଯାଏ, ଯାହାର ପାଦ ପଡିଲେ ଘର ଅପବିତ୍ର ହୋଇଯାଏ, ସେଇ ଶ୍ୱାନ ପିଲାଟିର ଦିନକୁ ଦି'ଥର ଗୋଡ଼ ଧୋଇଦେବା ମୋର କର୍ତ୍ତବ୍ୟ ପାଲଟି ଯାଇଛି। କେଉଁ ଜନ୍ମର କେଉଁ ପାପ ପାଇଁ କେଜାଣି, କିବା ମୁଁ ତା'ଠାରୁ ଧାରୁଆ ଥିଲି ଶୁଝୁଛି; ସେ ଯାହା ହେଉ ପଛେ ଏଇଟା ଚଳନ୍ତି ପରିସ୍ଥିତିରେ ମୋ ପାଇଁ ଅବଧାରିତ। ପାପପୁଣ୍ୟ ବିଚାର କରିବାର ଅବକାଶ ନାହିଁ। ଜନ୍ତୁଟିକୁ ଘରକୁ ଆଣିଛେ ଯେତେବେଳେ ...। (ପୁଅ କିଏ ମୁଁ କିଏ?) ସେଥିପାଇଁ ଯଦି ଆୟୁଷ କଟୁଛି କଟୁ, ଦୁଃଖ ନାହିଁ। ମୁଁ ମନକୁ ବୁଝାଏ।

ଏ ଭିତରେ ବିତିଗଲାଣି ପାଞ୍ଚ ବର୍ଷ। ଝୁମ୍‌ରି ବଡ଼ ହୋଇଛି। ବୟଃ ପ୍ରାପ୍ତ ହୋଇଛି । ତା'ର ମାସିକିଆ ସୁରୁ ହୋଇଯାଇଛି । କେତେଥର କଥା ଉଠିଛି ଝୁମ୍‌ରିକୁ ତାର ଉପଯୁକ୍ତ ସାଥୀ ପାଖକୁ ନେଇ ମେଟିଂ କରାଇ ପ୍ରେଗ୍ନାଂଟ କରାଇବା କଥା। କିନ୍ତୁ ଫଳବତୀ ହୋଇନାହିଁ। କାରଣ ପରେ ଯେଉଁ ଝାମେଲା ଉପୁଜିବ, ଏତେ ଗୁଡ଼ାଏ ଛୁଆଙ୍କର ରକ୍ଷଣାବେକ୍ଷଣ, ଭଲମନ୍ଦ, ସେ ସବୁ ମୁଣ୍ଡେଇବ କିଏ? ତେଣୁ ସେ ପ୍ରସଙ୍ଗ କାଟଖାଇ ଯାଇଛି। ଝୁମ୍‌ରି ରହିଯାଇଛି ଅପରିଣୀତା, ଅନୂଢ଼ା। ପୁଅ ତାଗିଦ୍ କରାଇଛି, "ବାପା! ତାକୁ ଖୁବ୍ ସାବଧାନରେ ବୁଲାଇବ ବୁଲା କୁକୁରଙ୍କ ସଙ୍ଗେ ମିଶିବାକୁ ଦେବନାହିଁ। ଯଦି ଅଜାତିଆ ଦେଶୀ କୁକୁରଙ୍କ ଦ୍ୱାରା ପ୍ରେଗ୍ନାଂଟ ହୋଇଗଲା, ମହା ଅଡୁଆ।"

ତା କଥା ମୁଁ ଆଜ୍ଞା ପ୍ରମାଣେ ମାନିଛି। ବୁଲିଲା ବେଳେ ବୁଲା କୁକୁରଙ୍କ ଆଡ଼କୁ ମାଡ଼ି ଝପଟିଗଲେ, ଫିତା ଧରି ଟାଣି ଆଣେ। ତାଙ୍କୁ ବାଡ଼ି ଉଂଚେଇ ହୁଡ଼ାଏ। ତାଙ୍କ ଠାରୁ ଦୂରେଇ ରଖେ। "ଯାଆନା ଲୋ! ଏମାନେ ତୋର ଯୋଗ୍ୟ ନୁହନ୍ତି । ବାରବୁଲା ଭିକାରି ଜାତି । ତୁ ଆମର ଅଲିଅଳୀ ରାଜଜେମା। ଆସିଲେ ଆସିବ ତୋ ପାଇଁ ଦୂରରାଇଜର ରାଜକୁମାର ଜଣେ । ତା ସାଙ୍ଗରେ ରଙ୍ଗରସ ହବୁ । ଏବେ ସମ୍ଭାଳି ଯା। ଠଇର୍ କର୍।" କିନ୍ତୁ ସେ ସୁଦିନ (କି ଦୁର୍ଦ୍ଦିନ) ଆସିନାହିଁ ଆଜିଯାଏ।

କାନ୍ଥଘଣ୍ଟା ରାତି ସାଢ଼େ ନଅ ବାଜିବାର ସଙ୍କେତ ଦେଲା। ଶ୍ରୀମତୀ, କାଞ୍ଚନବାଳା ଆଗମନ କଲେ।

– "ଆସ, କ'ଣ ଟିକେ ଖାଇ ଦେଇ ଆସିବା।"

– "ସେମାନେ ସବୁ ଖାଇଲେଣି ?"

– "ନାଇଁ । ନାତୁଣୀକୁ ଖୋଇଦେଇ ତା' ମା ନେଲା ଶୁଆଇବାକୁ । ତାଙ୍କର ଡେରି ହେବ।

ତମେ ଆସ କ'ଣ ଟିକେ......।"

– "ମୋତେ ଭୋକ ନାଇଁ ମ !"

– "ରୁଟି ପଟେ ଖାଇଦେଇ ଆସିବ ଆସ। ଉପାସ କେମିତି ଶୋଇବ ? ରୋଗିଣା ଦେହଟା ନ ଖାଇଲେ ବେଶୀ ଦୁର୍ବଳ ହୋଇଯିବନି ?"

– "ଝୁମ୍‌ରି ଗଲା ବାହାରକୁ ?"

– "ହଁ । ମୁଁ ନେଇ ବୁଲେଇ ଆଣିଲି । ଖାଲି 'ସୁସୁ ' କଲା, 'ଗିଗି' କଲାନି ।"

– "ତମେ ତାକୁ ବୁଲେଇ ନଥିବ ଠିକ୍ ସେ ! କୁକୁରଟା ଝାଡ଼ା ନ କରି ରହିବ ?"

– "କାଲି ସକାଳକୁ କରିବନି ?"

କିନ୍ତୁ କାଲି ସକାଳକୁ ବି ସେଇ କଥା। ଖାଲି ପରିସ୍ରା କରି ଚାଲି ଆସିଲା। ଝାଡ଼ା ନାସ୍ତି । ଅଫିସ୍ ଯିବା ଆଗରୁ ପୁଅ ବାସୁ ଆସି ପଚାରିଲା– "ବାପା ଦେହ କେମିତି ଅଛି ?" ବିନାୟକ ବାବୁ କହିଲେ ତାଙ୍କ ମନକଥା। ତାଙ୍କ ଦେହ କଥା ଗୌଣ, ଝୁମ୍‌ରି କଥା ଆଗ। "ବାପାରେ ! ମୁଁ ତ ଉଠିବସି ପାରୁନାହିଁ ନା ଝୁମ୍‌ରିକୁ ନେଇ ପାରୁନାହିଁ ବାହାରକୁ । ତୋ ମା' କଷ୍ଟେମଷ୍ଟେ ନଉଛି ଯେ ସେ ଖାଲି 'ସୁସୁ' କରି ଚାଲିଆସୁଚି, 'ଗିଗି' କରୁନାହିଁ। ତା ହାତ ବାରୁଚି କି କ'ଣ ? କେତେଦିନ ନ ହଗି ରହିବ ଜନ୍ତୁଟା ? ତୁ ଟିକେ ଚଳାନ୍ତୁ ନାହିଁ ମୋ ଦେହ ସୁସ୍ଥ ହେବାଯାଏ ? ନିରୀହ ଜୀବଟା କଷ୍ଟ ପାଉଚି ବିଚାରୀ !" "ହଉ" କହି ବାସୁ ଚାଲିଗଲା।

ସେଦିନ ରାତିରେ ସେ ତାକୁ ବାହାରକୁ ନେଲା। କିନ୍ତୁ ସକାଳକୁ ଡେରିରେ ଉଠିବା ତାର ଅଭ୍ୟାସ। ଝୁମ୍‌ରି ସକାଳୁ ଭୁକେ। ବଡ଼ିସକାଳୁ ବାହାରକୁ ଯିବା ତା ଅଭ୍ୟାସ। ଆଜି ନେବା ଲୋକ କେହି ନାହାନ୍ତି। ବିନାୟକ ବାବୁ ବିଛଣାରେ ପଡି କଷ୍ଟ ପାଉଥାନ୍ତି। ଜନ୍ତୁଟିର ବିକଳ ପ୍ରଳାପ ତାଙ୍କ ଅନ୍ତରକୁ ବାଧେ।

ନଅଟା ବେଳକୁ ବାସୁ ଉଠିଲା। ଝୁମ୍‌ରିର ଭୁକା ତାକୁ ଉଠେଇ ଦେଲା।

"ଇଏ ଯାଇନି ?" ପଚାରିଲା ସେ ମା'କୁ ।

"କିଏ ନେବ ? ବାପା ତ ବିଛଣାରେ। ମୁଁ ନେଲେ ସେ ତ 'ଗିଗି' କରୁନି । ତାଛଡ଼ା ମୁଁ କୋଉ ପାରୁଛି ? ଝୁମ୍‌ରି ଯେଉଁ ଦୁଷ୍ଟ, ଟାଣି ନେଇ ଯାଉଚି ଯାଡେ ବୋଲି ସ୍ୟାଡେ । ଥରେ ପଡିକି ମୁଣ୍ଡ ଫଟେଇ ଥିଲିନା ?"

"କାଇଁ ଭୁକୁଚୁ ?" ରିଷା ପ୍ରଣୋଦିତ ବାସୁ ତାଗିଦ୍ କଲା ଏବଂ ପାଖରେ ପଡ଼ିଥିବା ଛାଂଚୁଣୀ ମୁଠାଟିକୁ ଓଲଟେଇ ଧରି ଝୁମ୍‌ରିକୁ ପିଟିଲା। କାଂଚନ ଦେବୀ ଛଡ଼ାଇଲେ। ତାଙ୍କ ମନରେ ସଂଚରି ଆସୁଥିବା ନିରାଶା ଓ ଅଭିମାନ ଯେ 'ଏ ମାଡ଼ ଝୁମ୍‌ରି ଉପରେ ନୁହେଁ ତାଙ୍କ ଉପରେ ହେଉଛି'କୁ ମନରେ ଚାପିରଖି ମାତୃସୁଲଭ କୃତ୍ରିମ କ୍ରୋଧରେ ଆକଟ କଲେ –

"ଚଣ୍ଡାଳ ! ଜନ୍ତୁଟାକୁ ପିଟି ଚାଲିଛୁ ? ତାକୁ ଝାଡ଼ା ପରିସ୍ରା ଲାଗିଲେ ସେ ଆଉ କ'ଣ କରନ୍ତା ?"

ବାସୁ ରାଗ ତମତମ ହୋଇ ଫିତାଧରି ବାହାରକୁ ନେଲା ଝୁମ୍‌ରିକୁ। ମାଡ ଖାଇ ସୁନାପିଲାଟି ପରି ଝୁମ୍‌ରି ତା ପଛେ ପଛେ ଚାଲିଲା। କାଂଚନ ଦେବୀ ବ୍ୟଥା ପାଇଲେ ମନରେ। ବାଘ ଖାଇବା ଠାରୁ ବାଘ ଘୋଷରା ବାଧେ। ବିନାୟକ ବାବୁଙ୍କ ଆଖିକୁ ଦୁଇବିନ୍ଦୁ ଲୁହ ଉପୁଚି ଆସିଲା। ନିଜେ ହାଡେ ହାଡେ ପଇସା ଦେଇ କିଣି ଆଣିଥିବା ଜୀବଟିଏ ପ୍ରତି ପୁଣି ଏଡ଼େ ନିଷ୍ଠୁର ହୋଇପାରେ ମଣିଷ ? ପ୍ରଥମେ କହୁଥିଲ ମାଗଣା ଆଣିଛ। ପରେ କହିଲ ବଦଳି ହୋଇ ଆସିଲା ବେଳେ ଭଦ୍ରତା ଖାତିରରେ ପଇସା ଯାଚିଲାରୁ ସେ କୁଆଡେ ମନା କଲାନାହିଁ; ଓଲଟି କୋଡ଼ିଏ ହଜାର ହାଙ୍କିଲା। ତମେ କାନମୁଣ୍ଡ ଆଉଁଶି ଦେଇକି ଆସିଲ। ପ୍ରଥମେ ପ୍ରଥମେ ତ ଭାରି ଶରଧା କରୁଥିଲ। ଯାଉଣୁ ଆସୁଣୁ କୁଣ୍ଢାଉ ଥିଲ, ଗେଲ କରୁଥିଲ। କିନ୍ତୁ ପଛକୁ ଏମିତି ମନ ଛାଡ଼ିଗଲା ଯେ ... ? ଆଜି ବୁଲେଇ ନେବାକୁ ପଡ଼ିଲା ବୋଲି ତାକୁ ଗୋଗଛ ପିଟିଲ ? ଛି, ଛି, ! ଏତେ ନିଷ୍ଠୁର ହୋଇପାରେ ମଣିଷ ? ଏତେ ମତଲବୀ, ଅବିମୃଶ୍ୟକାରୀ, ଦୁର୍ମଦ... ? ଆଉ କ'ଣ କ'ଣ ଶବ୍ଦ ଆସୁଥିଲା ତାଙ୍କ ମନକୁ। ସାହିତ୍ୟରେ ଏମ୍.ଏ. କରିଛନ୍ତି ପରା !

ବିନାୟକ ବାବୁ ଜ୍ୱରରେ ଥରୁଥାନ୍ତି। ଝୁମ୍‌ରିର ଭୁକା ଶୁଭୁଥାଏ। ଦି' ଦିନ ପରେ ତୃତୀୟ ଦିନ ତା ଭୁକା ଶୁଭିଲା ନାହିଁ। ବୋଧହୁଏ, ଟାଇମ୍‌ରେ ତା ଖାଇବା ପିଇବା ବୁଝୁଥିବେ, ବୁଲେଇ ନେଉଥିବେ କିନ୍ତୁ ରାତିରେ ତାଙ୍କ ରୁମ୍‌କୁ ଶୋଇବାକୁ ଆସିଲା ନାହିଁ। ମଣିଷ ପାଖରେ ଖଟ ବିଛଣାରେ ଶୋଇବା ଅଭ୍ୟାସ ତାର ବାସୁ କରାଇଛି। ସେ ବାହା ହୋଇନଥିଲା ବେଳେ ତା'ପାଖରେ ଶୋଉଥିଲା । ଏବେ ତାଙ୍କ ପାଖରେ ଶୁଏ । କାଂଚନ କେତେଥର ବିସ୍ମୟ ଜଡିତ ମନ୍ତବ୍ୟ ଦେଇଛନ୍ତି, "କୁକୁରଟା ମୋ ପାଖରେ ମୋ ବିଛଣାରେ ଶୋଇବ, ଏକଥା ମୁଁ ସ୍ୱପ୍ନରେ ବି ଭାବିନଥିଲି କେବେ।"

କାମଦାମ ସାରି ପାଖକୁ ଆସିଲେ କାଞ୍ଚନ । ବିନାୟକ ପଚାରିଲେ, "ଝୁମ୍‌ରି କୁଆଡ଼େ ଗଲା ? କାହିଁ ଆସିଲା ନାହିଁ ତ ! ତା ଭୁକା ବି ଶୁଭୁନାହିଁ ଦିନସାରା !"

"ସେ ଆଉ ଅଛିକି ? ବାସୁ ତାକୁ ନେଇ ଛାଡ଼ି ଦେଇ ଆସିଛି କାଲି ସନ୍ଧ୍ୟାରୁ । ତମେ ମନ ଦୁଃଖ କରିବ ବୋଲି କହୁନଥିଲି ।" ଦୁଃଖ ବିଜଡ଼ିତ ଥିଲା କାଞ୍ଚନଙ୍କ ସ୍ୱର।

ବିନାୟକ ସତେକି ପକ୍ଷଛେଦିତ ପତତ୍ରି ପରି ଖସିପଡ଼ିଲେ ଆକାଶରୁ। କାଞ୍ଚନଙ୍କ କଥା ତାଙ୍କର ବିଶ୍ୱାସ ହେଉନଥିଲା। "କ'ଣ କହିଲ ? ଛାଡ଼ିଦେଇ ଆସିଛି କାଲି ସନ୍ଧ୍ୟାରୁ ? ଅର୍ଥ କାଲି ରାତିରେ ବି ଆସିନାହିଁ

ଆମ ପାଖକୁ ? ଏତେ କଥା ହୋଇଗଲା, ମୁଁ ଜାଣିପାରିଲି ନାହିଁ ? କେଉଁଠି ଛାଡ଼ିଲା ସେ ଚଣ୍ଡାଳ ?

ହଁ ମତେ କାହିଁକି ଜଣାଇବ ? ଆଣିଲା ବେଳେ କୋଉ ମତେ ପଚାରିକି ଆଣିଥିଲା ?" ଓଦା ହୋଇ ଆସିଲା ତାଙ୍କ କଣ୍ଠ ସ୍ୱର। ଛାତିରୁ କ'ଣ ଖଣ୍ଡେ ଖସିପଡ଼ିଲା ଯେମିତି। ଏକଥା ଶୁଣିବେ ବୋଲି ସେ ଆଶା କରିନଥିଲେ କେବେ। ଏ ଶବ୍ଦ କେତୋଟି ଯେମିତି ବିନା ମେଘେ ବଜ୍ରପାତ ପରି ପ୍ରତେ ହେଲା। ତାଙ୍କ ହୃଦକନ୍ଦର ଦୁଲୁକି ଉଠିଲା।

ଏଇ ଛାଡି ଆସିବା କଥା ଆଗରୁ କେତେଥର ତାଙ୍କ ମନରେ ଅବଶ୍ୟ ଆସିଛି। କିନ୍ତୁ ସେ ଖାଲି ଏକ ଭସାଳିଆ କଳ୍ପନା ମାତ୍ର। କ୍ଷଣିକ ବିଜୁଳି ପରି ସମ୍ଭାବନାର ଝଲକ। ତା ପାଇଁ ସବୁଦିନ ବନ୍ଧାହୋଇ ରହିବା, ବାହାରକୁ କେଉଁ କାମରେ ଯାଇନହେବା ଭଳି ତକ୍‌ଲିଫ୍‌ରୁ ଚିଡ଼ିଯାଇ କେବେକେବେ ଏମିତି କଥା ତାଙ୍କ ମନରେ ଅଦିନିଆଁ ପ୍ରଜାପତି ପରି ଉଙ୍କିମାରେ। କିନ୍ତୁ ପରମୁହୂର୍ତ୍ତରେ ଉଭେଇଯାଏ। ତାକୁ ଛାଟମାରି ତଡ଼ି ଦିଆଯାଏ। କାହିଁକିନା ସେଭଳି ପରିସ୍ଥିତିରେ ଝୁମ୍‌ରି ଯେଉଁ କଷ୍ଟ ପାଇବ ଉଭୟ ଶାରୀରିକ ଏବଂ ମାନସିକ ଦୃଷ୍ଟିରୁ, ତାର କଳ୍ପନା ତାଙ୍କୁ ଅଜସ୍ର ଯନ୍ତ୍ରଣା ଦିଏ। ସେ ନିଜକୁ ଦୋଷ ଦିଅନ୍ତି, ଧିକ୍‌କାରନ୍ତି ।

ଆଜି ବାସୁ ସେକଥାକୁ ସତ କରିଦେଲା। କେଡ଼େ ନିଷ୍ଠୁରତା ? ବିଡମ୍ବନା, ଦାରୁଣ ବିଡ଼ମ୍ବନା। ମସ୍ତବଡ ଆଘାତ, ବିଶ୍ୱାସ ଘାତକତା।

"କୁଆଡ଼େ ଭ୍ରମନଗର ଛକରେ ଛାଡ଼ି ଦେଇ ଆସିଛି, କାର୍‌ରେ ନେଇ । ଯେମିତି କାର୍‌ରେ ଆଣିଥିଲା, ସେମିତି ।" କାଂଚନବାଳା ସମ୍ପୂର୍ଣ୍ଣ କଲେ ତାଙ୍କ ଉତ୍ତର।

ବିନାୟକ ବାବୁ ମୂକ ପାଲଟିଗଲେ ଏବଂ ଆପଣା ଭିତରେ ବୁଡ଼ିଗଲେ। ପୁତ୍ରକର୍ମର ପରାଭବ ତାଙ୍କୁ ଅଜସ୍ର ବ୍ୟଥିତ କଲା। ସେ ତାକୁ ଭର୍ତ୍ସିଲେ ମନେମନେ ଏକଥା ଖାଲି ନିଷ୍ଠୁରତା ନୁହେଁ, ଚରମ ବିଶ୍ୱାସ ଘାତକତା, ପାପ ରକ୍ଷକ ହୋଇ ଭକ୍ଷକ ସାଜିଲା ପରି । କି କଷ୍ଟ ପାଇବ ସେ ବିଚାରୀ ଭୋଗିବ ପ୍ରାଣାନ୍ତକ ଯନ୍ତ୍ରଣା। ବୁଲାକୁକୁରମାନେ ତାକୁ କାମୁଡ଼ି ଝୁଣି ମାରିପକାଇବେ। ବାଣ ଫୁଟିବା ଶବ୍ଦ ଶୁଣି ସେ ଡରିଯାଇ ଖଟତଳେ, ସୋଫା ତଳେ ପଶେ । ବୁଲି ବାହାରିବାକୁ ଅମଙ୍ଗ ହୁଏ । ଏବେ ବାଣଫୁଟା ଶବ୍ଦ ଶୁଣି କେଉଁଠି ଲୁଚିବ ? ସୁକୁମାରିଆ ସ୍ନେହ କାଙ୍ଗାଳ ଜୀବଟି ଖିଆପିଆ ବିନା, ପ୍ରିୟ ମଣିଷଙ୍କୁ ଖୋଜି ଖୋଜି ବାହାର ଅପନ୍ତରାରେ କେଉଁଠି ପଡ଼ିରହିବ ? ତମେ ମତେ ଟିକେ କହିଲନି ଦିନରୁ ? ନିଜ ସ୍ତ୍ରୀ ହୋଇ ମୋ ସାଙ୍ଗରେ ଛଦ୍ମ କଲ ?

ବିନାୟକ ବାବୁ ଆପଣା ଭାଗ୍ୟକୁ ନିନ୍ଦିଲେ, ଧିକ୍କାରିଲେ ଏବଂ ଝୁମ୍‌ରିର ଗୁଣ ବାହୁନି କାନ୍ଦିଲେ। ତାର ସେଇ ଲୋମଶ ଫିକା ବାଦାମି ଦେହ, ଝୁଲନ୍ତା ବଡ଼ ବଡ଼ କାନ, ଦୁଇ ବଡ଼ କଥା କୁହା ଆଖି, ଘନକଳା ସ୍ୱେଦସିକ୍ତ ନାସାଗ୍ର, ଲୋମଶ ମୋଟା ଝୁଲନ୍ତା ଲାଂଜ, ତରତର କଲଭପରି ନସରପସର ଚାଲି, ସତେକି ଅଜସ୍ର ଆତ୍ମୀୟପଣ ନେଇ ରକ୍ତମାଂସର ଜୀବନ୍ତ ପିଣ୍ଡୁଳାଟିଏ ହଲିଦୋହଲି ଧାଇଁ ଆସୁଛି, ପାଖକୁ ଆସି ଗୋଡ଼କୁ କୁଣ୍ଢେଇ ଧରୁଛି, ଛାତିଯାଏଁ ଗୋଡ଼ଲଦି ଠିଆ ହୋଇଯାଉଛି, ମୁହଁରେ ମୁହଁ ଯୋଡ଼ି ପଚାରୁଛି "କୁଆଡ଼େ ଯାଇଥିଲ ? ମତେ କାହିଁକି ନେଲନାହିଁ ସାଥିରେ ?" ସେ ଆସିବା ଦିନରୁ ଏଯାଏ ସବୁକଥା, ତା'ର ଖେଳ କୌତୁକ, ନାଟରଙ୍ଗ ସବୁ ତାଙ୍କ ଭାବନାରେ ସ୍ୱପ୍ନପରି ଉଦେହେଲା। ତାଙ୍କ ନିଦ ଛଡ଼ାଇ ନେଲା । ଝୁମ୍‌ରି ଏକ କୁକ୍‌କୁରୀ ମାତ୍ର ନଥିଲା, ଥିଲା ତାଙ୍କ ପରିବାରର ଜଣେ ସଭ୍ୟ, ସଦସ୍ୟ। ସେ ଚାଲିଯାଇଛି ଘର ଅନ୍ଧାର କରି। ଚାଲିଯାଇନି, ତାକୁ ତଡ଼ିପାର କରିଦିଆଯାଇଛି, ସୀତାଙ୍କୁ ଶ୍ରୀରାମ ବଣରେ ଛଦ୍ମରେ ପରିତ୍ୟାଗ କଲାପରି। ତା'ପ୍ରତି ଘୋର ଅନ୍ୟାୟ କରାଯାଇଛି । ପଶୁଟିଏ ବୋଲି ତାର ନିରୀହତାର ସୁଯୋଗ ନେଇ ତାକୁ ବିନା କାରଣରେ ଦୁର୍ଦ୍ଦିନ ମୁହଁକୁ ଠେଲି ଦିଆଯାଇଛି । ବିଚାରୀ କେତେ ବିକଳରେ ଖୋଜୁଥିବ ଆମ୍ଭମାନଙ୍କୁ ? ଆମ ଛଡ଼ା ତାର ଆଉ ନିଜର ବୋଲି କିଏ ଥିଲା ସଂସାରରେ ? ଆମକୁ କାହାକୁ ନପାଇ ଲୁହ ଝରାଇ କାନ୍ଦୁଥିବ। 'ନିଜ ଲୋକ କଣ ଏତେ ପର ହୋଇ ପାରନ୍ତି' ବୋଲି ନିଜକୁ ପଚାରୁଥିବ । ମଣିଷର କୂଟ ଚକ୍ରାନ୍ତ, ଛନ୍ଦ କପଟର ଭେଦ କାହୁଁ ବୁଝିବ ଛାର ପଶୁଟାଏ ? ସେ ଖୋଜୁଥିବ ତାର ପୁରୁଣା ଦିନର ସୁଖଦ ସ୍ଥିତି; ଯଥା ସମୟରେ ତା ପାଖରେ ପହଂଚିଯାଉଥିବା ସୁସ୍ୱାଦୁ ଅନ୍ନବ୍ୟଂଜନ, ଶୋଇବାପାଇଁ ତୁଳିତଳ୍ପ ଶେଯ, ଏ.ସି ରୁମ୍, ସବୁତ ସେଇ ଅଭ୍ୟାସ କରେଇଚି। ତାକୁ କୁକୁରଟିଏ ପରି ରଖିନଥିଲା, ରଖିଥିଲା ମଣିଷଟିଏ ପରି। ସେଇ ଆଜି ଲଦିଦେଲା ଏଇ ଦାରୁଣ ବିପତ୍ତି, ଦାରୁଣ ଦୁର୍ଦ୍ଦିନ ତା ଭାଗ୍ୟ ଉପରେ ପଥର ପରି । ନିୟତିର କି ନିଷ୍ଠୁର ଉପହାସ ?

ଭାବନାକୁ ରାତି ଅଣ୍ଟିଲା ନାହିଁ । ସାରା ରାତି ବିତିଗଲା। ମୁହୂର୍ତ୍ତେ ପତା ପଡିଲା ନାହିଁ। ସହଜେ ରୋଗ ବାଉଳା ଦେହ । ମିଛୁଟାରେ ଆଖିବୁଜି ପଡ଼ିଥାନ୍ତି । ପାଂଚଟାରେ ମୋବାଇଲ୍‌ରେ ପ୍ରଥମ ଆଲାରାମ ମ୍ୟୁଜିକ୍ ତାଙ୍କୁ ଶେଯରୁ ଉଠାଇ ଦେଲା । ସେ ଭୁଲିଗଲେ ଯେ ସେ ଦଶଦିନର ମଲୁ । ଡେଙ୍ଗୁ ରୋଗର ଜୀବାଣୁ ତାଙ୍କ ସାରା ରକ୍ତରେ ଚରିଗଲେଣି। ବ୍ଲଡ୍ ପ୍ଲେଟ୍‌ଲେଟ୍ ଗଣନ ଦଶହଜାର। ବଛଣାରୁ ଉଠିବାକୁ ଦେହରେ ବଳ ନାହିଁ। ମୁଣ୍ଡ ଘୂରାଉଛି। ଆଖିକୁ ଜାଲଜାଲୁଆ ଦିଶୁଛି। ଜରୁଆ ଦୁର୍ବଳ ଦେହକୁ ପୂରାହାତ ସାର୍ଟରେ ଢାଙ୍କି ସେ ମେନ୍ ଗେଟ୍‌ର ତାଲା ଖୋଲି ବାହାରି ପଡ଼ିଲେ। ପଛରେ ପଡିରହିଲା ତାଙ୍କର ସ୍ୱହସ୍ତ ନିର୍ମିତ ସୁଦୃଶ୍ୟ ଲୟନ 'ଭୂଲୋକ'। ଗେଟ୍ ଖମ୍ବ ଉପରେ ଶ୍ରୀ ବି.ସାହୁ ଓ ଶ୍ରୀମତୀ କେ.ବି.ସାହୁ ଲିଖିତ ନାମ ଫଳକ।

ଭ୍ରମନଗର ଛକ ଦୁଇମାଇଲ୍ ବାଟ। ସେ ଏକା ଲୟରେ ଚାଲିଛନ୍ତି। ଲୁହ ଜରଜର ଆଖିରେ ଦୃଶ୍ୟସବୁ ଅସ୍ପଷ୍ଟ ଜାଲୁଜାଲୁଆ ଦିଶୁଛି। ଜ୍ୱରକ୍ଲିଷ୍ଟ ଦୁର୍ବଳ ଦେହରେ ଏତିକି ଶକ୍ତିନଥିଲେ ବି ସେଥିକୁ ଖାତିର ନାହିଁ। କେଉଁଠି ଝୁମ୍‌ରି ବର୍ଣ୍ଣର କୁକୁରଟିଏ ଦେଖିଲେ ମନ ଚେଇଁ ଉଠୁଥାଏ। ସେ ଅଟକି ଚାହିଁ ଦେଉଥାନ୍ତି। ପାଖକୁ ଆସିଲେ ଖୋଲିଯାଉଥାଏ ତା'ର ଅସଲ ପରିଚୟ; ଯେ ନା, ଇଏ ନୁହେଁ, ଇଏ ନୁହେଁ। ଝୁମ୍‌ରି ଏମିତି ନୁହେଁ ଦେଖିବାକୁ। ସେ କେଡେ ସୁନ୍ଦରୀଟିଏ, ସ୍ୱାସ୍ଥ୍ୟବତୀଟିଏ । ଏଇଟା ଧେଡ଼ିଆ

ମଢିଆଟା । ବୁଲା ବାସ୍ତୁହରାଟା । ସେଇଠୁ ମନ ମରିଯାଉଥାଏ ।

ବିନାୟକ ବାବୁ ପାଗଳଟିଏ ପରି ଚାଲିଥାନ୍ତି । ତାଙ୍କ ଆଖିରେ ଝଲସି ଯାଉଥାଏ ଦୂରରୁ ଧାଇଁ ଧାଇଁ ଆସୁଥିବା ଝୁମ୍‌ରିର ଲୋମଶ ବାଦାମୀ ଅପଘନ । ସେ ତାକୁ କେତେ ଆଉଁଶିଛନ୍ତି, କୁଣ୍ଢେଇ ଧରିଛନ୍ତି, ବୁଲେଇ ଆଣି ଘରକୁ ଆସିବା ବେଳେ ପାଇପ୍‌ରେ ଗୋଡ଼ ଧୋଇ ପୁଣି ଗୋଡ଼ରେ ବାଲିଲାଗିଯିବ ବୋଲି ତାକୁ ଗୋଟାପଣେ ଟେକି ଟେକି ନେଇଛନ୍ତି ସିଡ଼ି ପାହାଚ ପାଖକୁ । ସେଇଠି ପୋଛିପାଛି, ସାନିଟାଇଜର୍ ଲଗାଇ ନେଇଛନ୍ତି ଉପର ମହଲା ଘରକୁ ।

ଝୁମ୍‌ରି କୁକୁର ଟ୍ରେନିଂ ନେଇନାହିଁ, କିନ୍ତୁ ଛୋଟ ଛୋଟ କମାଣ୍ଡ୍ ଦେଲେ ମାନେ । ଯେମିତି 'ସିଟ୍' କହିଲେ ବସିବା, 'ଗୋ' କହିଲେ ଯିବା, ନାଁ ଧରି ଡାକିଲେ ପାଖକୁ ଆସିବା ଇତ୍ୟାଦି । ପ୍ରତି କମାଣ୍ଡ୍ ପାଳନ ପରେ ତାକୁ ଗୁଡ୍ ଗାର୍ଲ୍, ସୁନାଝିଅ କହି ଆଦର କରନ୍ତି ସେ । ଆଉଁଶି ଦିଅନ୍ତି ତା ମୁଣ୍ଡ, ଲୋମଶ ପିଠି । ବୋକ ଦିଅନ୍ତି ମୁହଁରେ । ସେ ସମସ୍ତ ସ୍ନେହୋପଚାର ଆନନ୍ଦରେ ଗ୍ରହଣ କରେ । ସତେକି ସେ କୁକୁର ନୁହେଁ ମଣିଷଟିଏ, ତାଙ୍କର ଗେଲବସର ଝିଅଟିଏ ।

ସେ ଆଜି ସାତ ସପନ । କେଉଁଠି ଅଛି କିଏ ଜାଣେ ? ମିଳୁଛି କି ନାହିଁ କିଏ କହିବ ? ବୁଲାକୁକୁରଙ୍କ ମିଳିତ ଆକ୍ରମଣରୁ ବଂଚିଥିବ କି ନାହିଁ କେଜାଣି ?

ସେ ସ୍ଥାନୀୟ ଦେବାଦେବୀଙ୍କୁ ପ୍ରାର୍ଥନା କଲେ ମନେମନେ ତାର ପ୍ରାପ୍ତି ପାଇଁ; ପୂଜା ଯାଚିଲେ ।

ବିନାୟକ ବାବୁ ଚାଲିଥାନ୍ତି ଝୁମ୍‌ରି ଝୁମ୍‌ରି ଡାକି ଡାକି । ପ୍ରତି ଡାକରେ ଅନ୍ତନାଡ଼ି ଦୁହିଁ ହୋଇ ଯାଉଥାଏ । ବେକରେ ଶିରାପଶିରା ଟଣକି ଯାଉଥାଏ । ଯେମିତି ଝୁମ୍‌ରି ଘରେ ଶୋଇଥାଇ ବାହାର କୁକୁରଙ୍କ ଭୁକା ଶୁଣି ଭୁକେ, ଯେମିତି ଭୁକେ କେହିଜଣେ ତଳ ମେନ୍‌ଗେଟ୍ ଖୋଲି ଭିତରକୁ ପଶିଲେ, (କେମିତି ଜାଣିପାରେ କେଜାଣି ?) ପ୍ରତି ଭୁକାରେ ତା ଦେହର ଅନ୍ତନାଡି ଓଟାରି ହୋଇଯାଉଥାଏ, ପେଟ ଖଙ୍କାଳି ହୋଇ ଯାଉଥାଏ, ଦେହ ହଲି ଦୋହଲି ଯାଉଥାଏ । ସେ ତାକୁ ଗେଲରେ କହନ୍ତି, "ନାଁ ଲୋ ଝୁମ୍‌ରି ! ସେମାନେ ତାଙ୍କର ଭୁକୁ ଥାଆନ୍ତୁ, ବୁଲା କୁକୁର ଗୁଡା, ଅପରଛନିଆ ଜନ୍ତୁ । ତୁ'ତ ଆମ ସୁନାନାକୀ ଗେହ୍ଲାର ଝିଅଟା, ଅଲିଅଳି ଜେମାଟା, ତାଙ୍କ ସାଙ୍ଗରେ ସ୍ୱର ମିଳାଇ କାହିଁକି ତୋ ବଳ ସାରୁଛୁ ?" ଝୁମ୍‌ରି କିନ୍ତୁ ମାନେ ନାହିଁ । ସେମିତି ଭୁକୁଥାଏ ବୁଲା କୁକୁରଙ୍କ ଭୁକା ସହ ତାଳଦେଇ ।

ଭ୍ରମନଗର ଛକ ପଡ଼ିବା ପଡ଼ିବା ହେଲାଣି । ତାଙ୍କ ଦେହରେ ବଳ କେଉଁଠୁ ଆସୁଛି, ସେକଥା ଜାଣିବାର ଅବକାଶ ନାହିଁ । କେଉଁ ଅଜଣା ବିସାରିତ ଅପତ୍ୟର ମୋହ ତାଙ୍କୁ ଟାଣି ନେଉଛି । ରାସ୍ତାର ଦୁଇପାଖେ ମହଜୁଦ୍ ଥିବା ବନ୍ଦ ଦୋକାନ, କାଁ ଭାଁ ଖୋଲାଥିବା କେତୋଟି ଚା, ଗ୍ରୋସରି ଦୋକାନ, ପସରା ମେଲି ବସିଥିବା ମାଛବାଲା, ଛେନାବାଲାଙ୍କ ଆଡେ ଦୃଷ୍ଟି ପଡି ବି ପଡୁନଥାଏ । ଶ୍ରାନ୍ତକ୍ଳାନ୍ତ, ଘର୍ମାକ୍ତ ଦେହରେ ଭ୍ରମନଗର ଛକରେ ପଂହଚିବା ବେଳକୁ ଦିଗନ୍ତରୁ ଉଇଁ ଆସୁଥିଲେ ନୂଆ ସୂର୍ଯ୍ୟ ଏକ ଢଳଢଳ ନାଲି ପିଣ୍ଡୁଳା ପରି । ନାରଙ୍ଗୀ ରଙ୍ଗର ଆଲୁଅ ବିଛାଡି ହୋଇ ପଡିଥିଲା ସର୍ବତ୍ର । ଗୋଟାଏ ବନ୍ଦ କେବିନ୍ ଆଗରେ ଠିଆହୋଇ ସେ କଂଠ ଲମ୍ୱାଇ ଡାକଛାଡିଲେ, ଗଭୀର ଆବେଗରେ ଜୁଡୁବୁଡୁ ଥିଲା ସେ ଡାକ –

"ଝୁମ୍‌ରି ଲୋ .... ! ତୁ କୋଉଠି ଅଛୁ ? ତୋ ବାପା ତତେ ନବାକୁ ଆସିଛି; ଆଲୋ ମା ମୋ ପାଖକୁ । ଖାଲିଥରେ ଆ'ନା ! ମୁଁ ଆଉ ତତେ କୋଉଁଠି ବି ଛାଡ଼ିବି ନାହିଁ । ସତ କହୁଛି ଲୋ ଝୁମ୍‌ରି ! ମୋ ରାଣ ଖାଉଚି ।" ଆଖିରୁ ଧାରଧାର ଲୁହ ବହିଯାଉଥାଏ । ଜର ଦିହ କମ୍ପୁଥାଏ । ଶ୍ରମଝାଳ ବୋହିଯାଉଥାଏ । ଠିଆ ହୋଇ ରହିବାକୁ ବଳ ପାଉ ନଥାଏ । କ'ଣ ଟିକେ ଆଶ୍ରା ମିଳିଲେ ବସି ଯା'ନ୍ତେ ଟିକେ । କିନ୍ତୁ.....।

"ହେ ଦୋକାନୀ ଭାଇ ! ଦେଖିଛକି ଗୋଟିଏ ବାଦାମୀ ରଙ୍ଗର କୁକୁର, ଦେହସାରା ଲୋମ ଝୁଲୁଛି, ଝୁଲା ବଡ଼ ବଡ଼ କାନ, କଳା କଳା ବଡ଼ ଆଖି, ମୋଟା ଝୁଲା ଲାଂଜ, ବିଦେଶୀ ଜାତିଆ; ଗୋଲ୍‌ଡେନ୍ ରିଟ୍ରିଭର.... !"

ଦୋକାନୀ ଖାଲି ଜଳଜଳ ହୋଇ ଚାହିଁବା ବ୍ୟତୀତ ଦେଉନଥାଏ ଉତ୍ତର । ବିନାୟକଙ୍କୁ ଚାରିଆଡୁ ଝୁମୁରି ଦୌଡ଼ି ଦୌଡ଼ି ଆସୁଥିବାର ଦିଶିଯାଉଥାଏ । ସେ ଉଦ୍‌ବେଳିତ ହୋଇ ଉଠୁଥାନ୍ତି, ହଁ ତ, ଇଏ ତ ଆମ ଝୁମ୍‌ରି । ତା'ରି ପରି ସୁନ୍ଦର ନିରୀହ ମୁହଁ, ବଡ଼ ବଡ଼ ଝୁଲା କାନ, କଳା ଫୁଲିଲା ଫୁଲିଲା କଥାକୁହା ଆଖି, ମୋଟା ବଳିଷ୍ଠ ସୁଗଠିତ ଗୋଡ, ମୋଟା ଝୁଲନ୍ତା ଲାଂଜ, ବିବ୍ରତ କଳଭ ପରି ଢଳିଢଳି ତରତର ଚାଲି । ତାଙ୍କ ଡାକ ଶୁଣି ସେ କ'ଣ ରହିପାରିବ ଥୟଧରି ? ତାଙ୍କ ହୃଦୟ ସହିତ ତା ହୃଦୟ ବନ୍ଧାପରା । ଆତ୍ମା ସହିତ ଆତ୍ମା । ହୃଦୟରେ ହୃଦୟେ ଅଭିଯୋଗ ନେଇ ସେ ଧାଇଁ ଧାଇଁ ଆସୁଛି । ତାକୁ ଦେଖି ତାଙ୍କ ମନ ପୂରିଉଠୁଛି । ସେ ଦୁଇ ହାତ ମେଲି ବଢ଼ାଇ ଦେଉଛନ୍ତି ତା ଆଡ଼କୁ କୋଳାଗ୍ରତ କରିବାକୁ । ସେ ତା'ର ନିରୀହ କାନ୍ଦୁରା ଚାହାଣିରେ ତାଙ୍କୁ ପ୍ରଶ୍ନ ପଚାରୁଛି–

"ବାପା ତମେ ଆସିଛ ? ପୁଣି ଦି'ଦିନ ପରେ ? ହେଉ ପଛେ ତମେ ଆସିଛ ସେଇଟା ମୋ ପାଇଁ ବଡ଼ କଥା । ମୋତେ ଆଣିଥିବା ମୋର ଅସଲି ମାଲିକ ତୁମ ପୁଅ ମୋତେ କାର୍‌ରେ ଆଣି ଏଠି ଛାଡ଼ିଦେଇ ଗଲେ । ମୁଁ ତାଙ୍କୁ କେତେବଡ଼ ଭରସା କରିନଥିଲି ? ଟିକିଏ ବାହାରକୁ ବୁଲେଇ ନେବାକୁ ପଡ଼ିବ ବୋଲି ....। ଜାଣିଛ ଏଇ ଦି'ଦିନ ଭିତରେ ମୁଁ କେତେ କାମୁଡ଼ା ଖାଇଛି ? ସହିଛି କେତେ ନିଷ୍ଠୁର ଅତ୍ୟାଚାର, ଯାତନା ? ଗୋଟିଏ ଗାଡ଼ି ମଡ଼େଇ ଦେଇଥାନ୍ତା, ଅଳ୍ପକେ ବଂଚିଗଲି । ଦେଖୁନ ମୋ ଦେହସାରା କେତେ ଖଣ୍ଡିଆ ? ରକ୍ତ ଜରଜର ଲୋମଛଡା ଚମ ? ରାସ୍ତାକଡ଼ ଅପନ୍ତରାରେ ନଖାଇ ନପିଇ ପଡ଼ିରହିଛି । ଆମ ଘରେ ଥିଲା ବେଳେ କେତେ ଖିରି ପୁରି ଅମାଲୁଦମାଲୁ ଖାଉଥିଲି; ଭାତ, ତରକାରି, ମାଛ, ମାଂସ, ଫଳ, ଟମାଟୋ, ଲୁଚେଇ ଲୁଚେଇ ଚୋରିକରି କଂଚା ଆଳୁ, ପିଆଜ, ସେଥିପାଇଁ ଗାଳି ଖାଉଥିଲି କେତେ ! ଏଠି ଶୁଖିଲା ରୁଟିଖଣ୍ଡେ

ବି ମିଳୁନି । ଦି' ରାତି ସାରା ମଶା ତାଆଁଶରେ ବାଡ଼େଇ ହୋଇଛି । ମୁହୂର୍ତ୍ତେ ବି ନିଦ ଆସିନାହିଁ ଆଖିକୁ । ସେଦିନ ରାତିରେ ମତେ ବୁଲାଇ ଆଣିବା ଆଳରେ ଆଣି ଛାଡ଼ି ଦେଇଯାଇଛନ୍ତି । ଖାଇବାକୁ ବି କିଛି ଦେଇ ନାହାନ୍ତି । ସେଇଦିନୁ ମୁଁ ଭୋକ ଉପାସରେ ଅଛି । ଦାନା ମୁଠିଏ ଯାଇନାହିଁ ପେଟକୁ ।"

"ସତରେ ଲୋ ଝୁମ୍ରି । ମୁଁ ଏତେ କଥା ଜାଣେନାହିଁ । ମୁଁ ତ ରୋଗ ବିଛଣାରେ ପଡିଛି, ସେଥିପାଇଁ ସିନା ଏତେ କଥା ହୋଇଗଲା ?" ବିନାୟକବାବୁଙ୍କ ଆଖିରେ ଲୁହ ବୋଲ ମାନୁନଥିଲା । ଦୁଇଧାର ଲୁହ ଝରିଆସୁଥିଲା ତାଙ୍କ ରୁଗ୍ଣ ପେଜୁଆ ଆଖିରୁ ପକ୍ୱ ଶ୍ମଶ୍ରୁମଣ୍ଡିତ ଗଣ୍ଡ ଦେଶକୁ ସିକ୍ତକରି ।

"ମୁଁ ସବୁ ବୁଝୁଛିଲୋ ଝୁମ୍ରି ! ଏକଥା  ଜାଣିଲା ପରେ ମୁଁ ବି କାଲି ରାତିସାରା ପିଂଛଡା ପକାଇ ନାହିଁ । ସକାଳକୁ ତକେଇ ବସିଛି । ସକାଳ ନ ପାହୁଣୁ ଜର ଦେହରେ ଧାଇଁ ଆସିଛି । ତୋ ବୁଢ଼ା ରୋଗିଣା ବାପଟାକୁ କ୍ଷମା କରିଦେ'ଲୋ ଝୁମ୍ରି ! ମୋ ଅଜାଣତରେ କେତେବଡ଼ କାମଟିଏ ହୋଇଗଲା ? ସେ ଚଣ୍ଡାଳ ମତେଟିକେ ପଚାରିଲା ବି ନାହିଁ । ସେ ବୁଲେଇ ନେଇ ନପାରିଥିଲେ ମୁଁ ନେଇଥାନ୍ତି । ଜର ଦେହରେ ବି ନେଇଥାନ୍ତି । ମରିପଡ଼ି ନେଇଥାନ୍ତି । ତା' ବୋଲି ଏତେବଡ଼ ଦଣ୍ଡ ? ଏତେବଡ଼ ନିଷ୍ଠୁରତା, ବିଶ୍ୱାସଘାତକତା ? ମୁଁ ତୋତେ କଥା ଦଉଛି ଲୋ ଝୁମ୍ରି ମୁଁ ବଂଚିଥିବାଯାଏ ଏମିତି କେବେ ହେବନାହିଁ । ତୋତେ ମୋ ଘରୁ କେହି କାଢ଼ିପାରିବେ ନାହିଁ । ମୋ ଘର, ମୋ ଝିଅ ରହିବନି ? ତାକୁ ତଡ଼ି ଦେବାକୁ ତମେ କିଏ ? ମୁଁ ତୋ କଥା ବୁଝିବି । ତୋତେ ବାହାରକୁ ନେବି । ମୋ ପାଖରେ ଯେମିତି ଶୁଆଉଥିଲି ସେମିତି ଶୁଆଇବି । ଆ'ଲୋ ମା ମୋ କୋଳକୁ । ମୁଁ ଟିକେ ତତେ କୁଣ୍ଢେଇ ଧରେ । ତୋ ଦିହମୁଣ୍ଡ ଆଉଁଶି ଦିଏ । ବୋକ ଦିଏ । ଆଲୋ ତୁ ଆସୁନୁ କାହିଁକି ପାଖକୁ ? ମୁଁ ସାମାନ୍ୟ ଟିକିଏ ବାହାରକୁ ଯାଇ ଫେରିଲେ ତୁ କୁଁ କୁଁ ହୋଇ ମୋ ଉପରକୁ କୁଦିପଡୁ । ଛାତିରେ ଗୋଡ ଲଦି ଠିଆ ହୋଇଯାଉ । ମୁଁ ତୋ ଦୁଇ ଗୋଡ଼କୁ ଧରି ତୋତେ ନଚାଏ । ଏବେ  ତୋ'ର କ'ଣ ହେଲା ? ଅଭିମାନ ଭାଙ୍ଗିନାହିଁ ?"

ବିନାୟକବାବୁ ଶୂନ୍ୟକୁ ହାତ ବଢେଇଛନ୍ତି । ଶୂନ୍ୟକୁ କୁଣ୍ଢାଉଛନ୍ତି । 'ଏ ମଉସା କ'ଣ ପାଗଳ ହୋଇଗଲେ କି ?' ଏହି ଭଳି ଭାବରେ ତାଙ୍କ ଚାରିପାଖରେ ଜମା ହୋଇଗଲେଣି ସକାଳର ପଥଚାରୀ, ବିସ୍ମିତ ଜନତା ।

"ଆରେ ଆରେ, ଏ ମଉସା କ'ଣ ପଡ଼ିଗଲେ ? ଆସରେ ଭାଇମାନେ । ଏତ ମୂର୍ଚ୍ଛା ହୋଇଗଲେ ନା କ'ଣ ?"

ସମବେତ ଜନତା ତାଙ୍କୁ ତୋଳିଧରୁଥିଲେ । ତାଙ୍କର ଭୂପତିତ ଅସାଡ଼ ଦେହକୁ ତଳୁ ଉଠାଉଥିଲେ । ସୁନୀଳ ଆକାଶରେ ସକାଳର ଉଜ୍ଜ୍ୱଳ ସୂର୍ଯ୍ୟ ଢଳଢଳ ହସୁଥିଲେ ।

*ପ୍ଲଟ -୨୯, ଭାଗବତ ସନ୍ଧାନ, ରସୁଲଗଡ,*
*ଭୁବନେଶ୍ୱର-୭୫୧୦୨୫*
*ଦୂରଭାଷ: ୭୯୭୮୧୪୮୫୨୭*

**ପ୍ରକାଶ ପାଇଲା !**

କବି **ପ୍ରଫେସର ଉପେନ୍ଦ୍ର ନାୟକ** ଙ୍କ

# ଛନ୍ଦକାବ୍ୟ ସମଗ୍ର

## (ପ୍ରଥମ ଭାଗ)

ପ୍ରକାଶକ - ଗାୟତ୍ରୀ, ଭୁବନେଶ୍ୱର
ମୂଲ୍ୟ - ସାତଶହ ଟଙ୍କା ମାତ୍ର

# ଅତି ସର୍ବତ୍ର ଗର୍ହିତମ୍

## ବୀରେଶ୍ୱର ମହାନ୍ତି

ଦୁର୍ଗତିନାଶିନୀ ମା' ଦୁର୍ଗାଙ୍କର ଧରାଧାମରେ ଆବିର୍ଭାବ ପାଇଁ ଭକ୍ତଗଣ ଉତ୍ସୁକତାର ସହ ଅପେକ୍ଷାରତ। ମୃଦୁ ସମୀରରେ ଦୋଳାୟିତ କାଶତଣ୍ଡୀ, ହିଲ୍ଲୋଳିତ ଶସ୍ୟକ୍ଷେତ୍ରର ସବୁଜିମା, ନିର୍ମଳ ଅମ୍ବରରେ କେଉଁଠି କେମିତି ଦୃଶ୍ୟ ହେଉଥିବା ଖଣ୍ଡେ ଖଣ୍ଡେ ଅମ୍ବୁଦ, ଶାରଦୀୟ ନିର୍ମଳ ସ୍ୱଚ୍ଛ ଜହ୍ନ ଜୋଛନାର ଚମକ ଭକ୍ତମାନଙ୍କ ତନୁମନକୁ ପ୍ରଫୁଲ୍ଲିତ କରୁଛି। ଶକ୍ତି ପ୍ରଦାୟିନୀ କରୁଣାମୟୀ ମା'ଙ୍କର ସାର୍ବଜନୀନ ପୂଜାର୍ଚ୍ଚନା ପାଇଁ ସର୍ବେ ଆତୁର, ଅଧିର। ଚତୁର୍ଦ୍ଦିଗ ଉତ୍ସବମୁଖର। ମାତ୍ର ଏମନ୍ତ ମନମୋହକ ବାତାବରଣ ସତ୍ତ୍ୱେ ଅନିତାଙ୍କ ମନରେ ତିଳେ ମାତ୍ର ଖୁସି ନାହିଁ।

ମନକୁ ମନ ରାଗରେ ଗରଗର ହୋଇ କହି ଚାଲିଥିଲେ- କ'ଣ ହେଲେ ସେ ଟୋକାର ମନକୁ ପାଇବ କେଜାଣି? ତା' ପାଇଁ କ'ଣ ସ୍ୱର୍ଗରୁ ପରୀଟେ ଆସିବ! ଡର୍ଜନେ ହେବ ଝିଅ ଦେଖିସାରିଲାଣି। କେଉଁଠି ହେଲେ ମନ ସ୍ଥିର କରିବାକୁ ନାହିଁ। ଇୟେ ବାହା ହେଇକି ଜଗତକୁ ଉଦ୍ଧାର କରିପକେଇବ କି ଆଉ! ଏମିତି ବାଛୁବାଛୁ ସୁନିତା ଦିଦି ପୁଅଟା ଥକି ଯାଇଥିଲା କି କ'ଣ ଗୋଟେ ନାପସନ୍ଦିଆ ଝିଅକୁ ବାହାହେଇ ପଡ଼ିଲା। ଏତେ ବାଛୁଥିଲା, ଭଲମନ୍ଦ କେମିତି ଜାଣିପାରିଲାନି କେଜାଣି? ସେମିତି ଯଦି ତା' ପୁଅ କ୍ଷେତ୍ରରେ ହୁଏ, ସେ କରିବ କ'ଣ?

ଅନିତାଙ୍କ ବଡ଼ଭଉଣୀ ସୁନିତା। ତାଙ୍କ ପୁଅ କମଳ ବହେ ଝିଅ ବଛାବଛି କରି ନାକେଦମ୍ ହେବା ପରେ ଶେଷରେ ଘାଟାରେ ପଡ଼ିଯାଇଛି। ଝିଅଟା କେଉଁ କାଇଦାରେ କଥାବାର୍ତ୍ତା କଲା ଯେ କେହି ତା' ବାଗବଅର ପାଇପାରିଲେନି। ଝିଅ ଦେଖି ଦେଖି ସମସ୍ତେ ତ ବ୍ୟସ୍ତ ହୋଇ ପଡ଼ିଥିଲେ, ଯେମିତି ସୁନିତାଙ୍କ ପୁଅ ପ୍ରସ୍ତାବରେ ହଁଟେ ମାରିଦେଲା, ଗୋଟେ ବଡ଼ ମାଛ ଜାଲରେ ପଡ଼ିଗଲା ଭଳି ସମସ୍ତେ ଉତ୍‌ଫୁଲ୍ଲିତ ହୋଇ ମନେ ମନେ କୁରୁଳି ଉଠିଲେ। କାଳ କ୍ଷେପଣ ନ କରି ପୁଅ ହଁ ରେ ହଁ ମିଶେଇ କର୍ତ୍ତବ୍ୟ ସମ୍ପାଦନ କରିଦେଲେ। କନ୍ୟା ଦେଖା ପର୍ବର ଇତି ହେଲା ବୋଲି ସମସ୍ତେ ଆନନ୍ଦରେ ଭୋଳ ହୋଇଗଲେ। ମାତ୍ର ବାହାଘର ସରନ୍ତେ ଅସଲି କଥା ପର୍ଦ୍ଦାକୁ ଆସିବାପରେ ଏବେ ସମସ୍ତଙ୍କ ମନ ଘର ଧରିଯାଇଛି।

କଥା କଣ କି, ବୋହୂ ପିଲାର ଆଗଧାଡ଼ି ଚାରିଟି ଦାନ୍ତର ଦୈର୍ଘ୍ୟ, ପ୍ରସ୍ଥ ଆବଶ୍ୟକଠାରୁ ଅଧିକ ହୋଇଥିବାରୁ ସାଇପଡ଼ିଶାଏ ଆଖି ଠରାଠରି ହୋଇ ନିଜ ଭିତରେ କୁହାକୁହି ହେଲେ- "ଏତେ ବାଛୁଥିଲା, ଏବେ ଶକତ ନାମଟିଏ ନେଲା।"

ବହୁ ଆଲୋଚନା ତର୍ଜମା ପରେ ଶେଷରେ ଦାନ୍ତଗୁଡ଼ାକୁ କଟାକଟି ଚଞ୍ଚାଚଞ୍ଚ ପର୍ଯ୍ୟନ୍ତ ମାମଲା ଗଲା। ପୁଅ ବୋହୂ ଦିହେଁ ଚାକିରିକୁ ବାଙ୍ଗାଲୋର ଯିବା ପରେ ସେଠି କ'ଣ ମେସିନ୍‌ରେ ଦାନ୍ତ ସାଇଜ୍ କରିଛନ୍ତି ବୋଲି ଅନିତାକୁ ସୁନିତା କହିଛି। ମନ ଭିତରେ ଘବରେଇ ଯାଉଥିଲେ ଅନିତା। ଯଦି ସୁନିତା ଦିଦି ପରି ତା' ଅବସ୍ଥା ହୁଏ, କଥା ସରିଲା ବୋଲି ଜାଣ।

ଅନିତା ଦେବୀଙ୍କର ପୁଅ ଗୋଟିଏକୁ ଝିଅ ଗୋଟିଏ। ପୁଅ ନାଁ ନାରାୟଣକୁ ଝିଅ ନାଁ ଶୁଭଦ୍ରା।

ଝିଅଠୁ ପୁଅ ସାତ ବର୍ଷ ବଡ଼। ଭାଇ ଭଉଣୀ ଦିହେଁ ଗମାତରେ ଛୋଟ ମୋଟ କଥାକୁ ନେଇ ଢ଼େଲା, ବୋଲୁଅ ଖେପାଖେପି ହୁଅନ୍ତି। ଭାଇ ବାହାଘର ବିଷୟରେ ବୋଉର ଗରଗର ହେବା ଝିଅ ଶୁଭଦ୍ରା କାନରେ ପଡ଼ିଛି। କଥାକୁ ଆଉ ଟିକିଏ ତେଲ ମସଲାଯୁକ୍ତ କରିବା ପାଇଁ ବୋଉକୁ ଶୁଣେଇ ଶୁଣେଇ କହିଲା- "ଆଗରୁ ଲୋକେ ଚୁଡ଼ା ଚାଉଳ ଧରି ଝିଅ ପାଇଁ ପ୍ରସ୍ତାବ ସନ୍ଧାନରେ ଯାଉଥିଲେ ବୋଲି ମୁଁ ଶୁଣୁଛି। ଏବେ ଯାହା ହାଲତ ହେଲାଣି, ତୋ ଗୁଣମଣୀ ପୁତ୍ର ପାଇଁ ସେମିତି କିଛି ବ୍ୟବସ୍ଥା କରିବା ପାଇଁ ମନଧ୍ୟାନ ଦେ। ଚାକିରି କରିଛି ସିନା ଆଉ କିଛି କାମକୁ ଯୋଗ୍ୟ ନୁହଁ। ଗ୍ୟାସ୍ ସୁଇଚ୍ ଅନ୍ ଅଫ୍ ଜାଣିନି, କ'ଣ ନା ବାହା ହବ ବୋଲି ଗଣ୍ଡା ଗଣ୍ଡା କନିଆ ଦେଖି ସାରିଲାଣି। ଦେଖିଲା ତ ଦେଖିଲା, କେହି ଝିଅ ବି ପସନ୍ଦ ନୁହଁ। ତା'ର ଯାହା କାଣ୍ଡକାରଖାନା, ସେଟା କୁଆଁର ରହିବା ଥୟ।"

ଏମିତିରେ ତ ଅନିତାଙ୍କ ମନରେ ଅଶାନ୍ତିର ନିଆଁ କୁହୁଳୁଥିଲା। ଶୁଭଦ୍ରା ତହିଁରେ କିଛି ଘୃତ ସଂଯୋଗ କରି ପରିବେଶକୁ ଆହୁରି ଉତ୍ତପ୍ତ କରିଦେଲା। ପୁଅର କୁଆଁରା ରହିବା କଥାଟା ଟପ୍‌କିନା ବିଦ୍ଧ ହୋଇଗଲା ତାଙ୍କ ଦେହରେ। ଝିଅକୁ ଆଉ ଉତ୍ତର ଫେରାଇବେ କ'ଣ, ପୁଣି ନିଜକୁ ନିଜେ ଗାରୁଗାରୁ ହେଲେ - ଏଥର ନାରୁ ଆସୁ, ଯାହା ଗୋଟେ ଫଇସଲା କରିବାକୁ ହେବ। ସବୁ ପ୍ରସ୍ତାବରେ ନା, ନା କରିବାର କାରଣ କ'ଣ? ସମୟ କ'ଣ ଅଟକିଛି। ବୟସ ପରା ତିରିଶ ଛୁଇଁଲାଣି।

ଆମ ଓଡ଼ିଆ ଘରେ ନାଁର ଆକାର ପ୍ରକାର, ଲମ୍ବପ୍ରସ୍ଥକୁ ସଙ୍କୁଚିତ କରି

ସମ୍ବୋଧନ କରିବାର ଏକ ବିଶେଷ ଆଦବକାଇଦା ରହିଛି, ଯେମିତି କାଳିଚରଣକୁ କାଲୁ, ହଟକେଶରକୁ ହଟିଆ, ନଟବର କୁ ନଟିଆ ଆହୁରି କେତେ କ'ଣ ? ସେହି ସୂତ୍ରରେ ନାରାୟଣକୁ ସମସ୍ତେ ନାରୁ... ନାରୁ ବୋଲି ଡକାହକା କରନ୍ତି । ମାତ୍ର ସେଥିରେ ତା'ର ଭୀଷଣ କ୍ଷୋଭ। ମୁହଁ ଆମ୍ବିଳା କରି କହେ – "ମୋ ଜେଜେ ତ ମୋ ନାଁ ନାରାୟଣ ଦେଇଥିଲେ। ତମେ ତାକୁ କଦର୍ଥ କରି ନାରୁ... ନାରୁ ବୋଲି ଡାକୁଛ କିଆ ? ସେଇଥିପାଇଁ ମୋର ସବୁକଥାରେ ନା....ନା.... ।"

ନାରୁର ବାଙ୍ଗାଲୋରରେ କମ୍ପାନୀ ଚାକିରି। ବେଶ୍ ଭଲ ପେକେଜ୍। ଗତ ତିନିବର୍ଷ ଧରି ଛୁଟିନେଇ ଦୁର୍ଗାପୂଜାରେ ସାତ-ଆଠ ଦିନ ପାଇଁ ଘରକୁ ଆସି ପ୍ରତି ଥର ତିନି-ଚାରିଟା ଝିଅ ଦେଖି ପୁଣି କର୍ମସ୍ଥଳୀକୁ ପ୍ରତ୍ୟାବର୍ତ୍ତନ କରିଯାଏ। ଏଯାବତ୍ ତା' ମନ ସରୋବରରେ କମଳଟିଏ ପ୍ରସ୍ଫୁଟିତ ହୋଇନି କି ମତୁଆଲା ମଧୁଭରା ବସନ୍ତରେ କୋଇଲିଟିଏ କୁହୁଭରା ତାନରେ ତା' ପାଇଁ ଗୀତଟିଏ ଗାଇନି। ସବୁଝିଅକୁ ନାରୁ ନା କରି ଆସିଛି। କେତେବେଳେ ଝିଅର ରଙ୍ଗ, ଆକାର ପ୍ରକାର ପସନ୍ଦ ହୁଏନି ତ କେତେବେଳେ ପୁଣି ପେକେଜ୍ ହାଲୁକା ବୋଧ ହୁଏ। ତା'ର କେବଳ ମାତ୍ର ଝିଲିମିଲିଆ ଚକମକିଆ ଚାକିରିଆ ଝିଅଟେ ଲୋଡ଼ା, ତହିଁରେ ପୁଣି ଚାକିରି ନାମକରା କମ୍ପାନୀରେ।

ସବୁ ବର୍ଷ ପରି ଏ ବର୍ଷ ବି ଦୁର୍ଗାପୂଜାରେ ନାରୁ ସାତ ଦିନ ଅବକାଶ ନେଇ ଭୁବନେଶ୍ୱରରେ ପହଞ୍ଚିଗଲାଣି। ଆସନ୍ତାକାଲିଠୁ ଝିଅ ଦେଖା ଅଭିଯାନ ଆରମ୍ଭ ହେବାର କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି। ଅନିତାଙ୍କ ହସ୍ତଗତ ହୋଇଥିବା ଆଠଟି ପ୍ରସ୍ତାବର ଝିଅଙ୍କ ଫଟୋ, ଆନୁସଙ୍ଗିକ ବିବରଣୀ ହସ୍ତାନ୍ତର କରାଯିବା ଉପରାନ୍ତେ ପ୍ରାଥମିକ କାଣ୍ଟଛାଣ୍ଟ ପରେ ନାରୁ ମହାଶୟ ତହିଁରୁ ଚାରିଟା ପ୍ରସ୍ତାବରେ ମୋହର ଲଗାଇଛନ୍ତି। ଶେଷ ପର୍ଯ୍ୟାୟ ପାଇଁ ସମସ୍ତଙ୍କର ଅତ୍ୟନ୍ତ ଉତ୍ସୁକତାର ସହ ଅପେକ୍ଷା। ଅନିତାଙ୍କ ଜିଦ୍, ଏଥର ଯେମିତି ହେଲେ ବି ବାହାଘର ହେବ। ଏଣୁ କନ୍ୟାରତ୍ନଟିଏ ନିଶ୍ଚୟ ପସନ୍ଦ କରିବା ପାଇଁ ରୋକ୍‌ଠୋକ୍ ଶୁଣେଇ ଦେଇଛନ୍ତି ପୁଅକୁ।

ନାରୁ ଏବେ ବହୁତ ଚାପଗ୍ରସ୍ତ। ଅଧ୍ୟୟନ କିମ୍ବା ଚାକିରି ଖୋଜା କାଳରେ ମଧ ସେ ଏତେ ଓଜନିଆ ଚାପର ସମ୍ମୁଖୀନ ହୋଇନଥିଲା। ଯେମିତି ହେଉ ପଛକେ ଗୋଟିଏ ପ୍ରସ୍ତାବରେ ହଁ ମାରିବା ପାଇଁ ତା' ଉପରେ ଚତୁର୍ଦ୍ଦିଗରୁ ଚାପ କ୍ରମେ ବଢ଼ି ବଢ଼ି ଚାଲିଛି। ସେ ଚାପରେ  ଚାପି ହୋଇ ସେ ଚେପା ହେଇ ଯିବା ପରି ଅବସ୍ଥା। ଶୁଭଦ୍ରା କାନେ କାନେ କହିଛି – "ଭାଇ ଏଥର ଯେମିତି ହେଲେ ଗୋଟେ ପ୍ରସ୍ତାବରେ ହଁ କରିଦେ। ନ ହେଲେ ବୋଉ ନିଆଁକାଣ୍ଡ କରିବ। ଥରେ ରାଗିଲେ ସେ କାହାର ନୁହେଁ।" ମାତ୍ର ଏ ସମସ୍ତ କଳାହାଣ୍ଡିଆ ଚାପ ମଧ୍ୟରେ ନାରୁ ଭାବେ, ସେ ତ ମାତ୍ର ଥରେ ଗୋଟିଏ ଝିଅକୁ ବାହାହେବ। ମନ ମଉଜିଆ ଝିଅଟେ ନ ବାଛିବ କିଆଁ ?

ପ୍ରତିଦିନ ସକାଳୁ କାଉ ରାବିବା ପଶ୍ଚାତ୍ ବାପା-ମା', ଭାଇ-ଭଉଣୀ ଚାରିପ୍ରାଣୀ କନ୍ୟା ଦେଖା ଅଭିଯାନରେ ବାହାରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତି। ଗୋଟିକ ପରେ ଗୋଟିଏ ତିନୋଟି ଝିଅ ଦେଖା ସରିଲାଣି। ମାତ୍ର ତିନୋଟିଯାକ ପ୍ରସ୍ତାବକୁ ନାରୁ ଖାରଜ କରିଦେଇଛି। ପ୍ରଥମ ଝିଅ ସ୍ଥୂଳକାୟ, ଦ୍ୱିତୀୟ ଖର୍ବକାୟ, ତୃତୀୟ ଝିଅର ଅଳ୍ପ ଆୟ ଅର୍ଥାତ୍ ପେକେଜ୍ କମ୍। ସବୁ ସ୍ଥାନରେ ପୁଅ ନାସ୍ତିବାଣୀ ଶୁଣେଇବା ପରେ ଆଉ ମାତ୍ର ଗୋଟିଏ ପ୍ରସ୍ତାବ ଜୀବିତ ରହିଛି। ନାରୁର ଏମନ୍ତ କାର୍ଯ୍ୟକଳାପରେ ଅନିତା କ୍ଷୁବ୍ଧ ହେଲେ ମଧ ତାଙ୍କର କିଛି ଗତ୍ୟନ୍ତର ନାହିଁ। ପୁଅ ରାଜି ନ ହେଲେ  ସେ ବା କରିବେ କ'ଣ ? ବିକଳରେ ହାଇଁପାଇଁ ଅବସ୍ଥା। ତଥାପି ମନରେ ଆଶା ଅଛି। ଆହୁରି ଗୋଟିଏ ପ୍ରସ୍ତାବ ବଳକା ଅଛି। ଆଶା ବୈତରଣୀ, ଆଶାକୁ ନେଇ ତ ମଣିଷ ବଞ୍ଚିଛି। ମନେମନେ ମା' ମଙ୍ଗଳାଙ୍କୁ କାକୁର୍ତ୍ତିଆ ହୋଇ ମାନସିକ କରି ପକେଇଲେ। "ମାଲୋ ! ମୋ  ଗୁହାରୀ ଟିକେ ଘେନା କର ମା', ନାରୁ କଣ୍ଠରେ ଟିକେ ବିଜେ ହେଇଯାଅ। ସେ ଏଇ ବଳକା ପ୍ରସ୍ତାବଟିରେ ଯେମିତି ରାଜି ହୋଇଯାଉ। ମନସ୍କାମନା ପୂର୍ଣ୍ଣ ହେଲେ ମାଜଣା କରି ଭଲ ଶାଢ଼ି ଚଢ଼େଇବିଲୋ ମା !"

ଆସନ୍ତାକାଲିକୁ ଚତୁର୍ଥ ତଥା ଶେଷ ପ୍ରସ୍ତାବ ଦେଖିବା ପାଇଁ ଦିନ ଧାର୍ଯ୍ୟ ହୋଇଛି। ନାରୁର ଛୁଟି ସରିସରି ଆସୁଛି। ଚିନ୍ତିତ ମନରେ ବସିଛନ୍ତି ଅନିତା ଦେବୀ। ହଠାତ୍ ମନକୁ ଆସିଲା ଗ୍ରହାଚାର୍ଯ୍ୟଙ୍କ କଥା। ଗ୍ରହାଚାର୍ଯ୍ୟେ ବଶୀକରଣ, ମନସ୍କାମନା ପୂରଣ  ବିଦ୍ୟାରେ ବିଶେଷ ପାରଦର୍ଶୀତା ଲାଭ କରିଛନ୍ତି ବୋଲି କିଛି ଲୋକ କୁହାକୁହି ହୁଅନ୍ତି। ଥୋକେ କହନ୍ତି ଯେ ନିଶାର୍ଦ୍ଧରେ ସେ ଶ୍ମଶାନ ରେ ବିଚରଣ କରନ୍ତି, ଘଣ୍ଟାଘଣ୍ଟା ଧରି ଧ୍ୟାନ ମଗ୍ନ ରହନ୍ତି। କେତେକେତେ ଲୋକଙ୍କର ସମସ୍ୟାର ସମାଧାନ ମଧ ସେ କରିସାରିଲେଣି। ତେବେ ଅସହଣି ନିନ୍ଦୁକେ କହନ୍ତି – "ଗ୍ରହାଚାର୍ଯ୍ୟେଙ୍କୁ କିଛି ମାଲୁମ୍ ନାହିଁ। ଯେବେ ତାଙ୍କୁ ସବୁ ବିଦ୍ୟା ଜଣା, ତାଙ୍କ ପୁଅଟା ଚାକିରିବାକିରି ନ ପାଇ ବେକାର ହୋଇ ଘୁରି ବୁଲୁଛି କିଆଁ ?"

ଅନିତାଙ୍କର ନିନ୍ଦୁକମାନଙ୍କ କଥାକୁ କାନ ଦେବାର କି ଦରକାର ? ନଈବଢ଼ିରେ କୁଟାଖିଅଟିଏ ବି କାମରେ ଲାଗେ । ଧାଇଁଲେ ଗ୍ରହାଚାର୍ଯ୍ୟେଙ୍କ ପାଖକୁ। କିଛି ଉପାୟ ମିଳିଯିବ ପରା !

ସିନ୍ଦୁର ଲେପିତ ଖପୁରୀମାନଙ୍କ ମଧ୍ୟରେ କପାଳରେ ଏକ ଲମ୍ବା ଲୋହିତ ତିଳକ ଧାରଣ କରି ବସିଛନ୍ତି ଗ୍ରହଚାର୍ଯ୍ୟେ। ଅନିତାଙ୍କଠୁ ସବୁ କଥା ଶ୍ରବଣ କରିବା ପରେ ଅଭୟବାଣୀ ଦେଇ କହିଲେ- "ଚିନ୍ତା କରନା ମା', ମଶାଣି ଚଣ୍ଡୀଙ୍କ କୃପାରୁ ତୁମ ମନସ୍କାମନା ପୂରଣ ହେବ ନିଶ୍ଚୟ।" ସିନ୍ଦୁର ଜୁବୁବୁବୁ ହୋଇଥିବା ଗଛର ଛୋଟ ଛାଲି ଖଣ୍ଡିଏ ବଢ଼େଇ ଦେଇ କହିଲେ- "ଯାକୁ ତୁମ ପୁଅର ପୋଷାକ ମଧ୍ୟରେ ଯେକୌଣସି ଉପାୟରେ ସ୍ଥାପନା କରିଦେବ। ତୁମର ଉଦ୍ଦେଶ୍ୟ ସିଦ୍ଧି ହେବା ସୁନିଶ୍ଚିତ।" ପ୍ରୀତ ହୋଇ ବେଶ୍ ମୋଟା ଅଙ୍କର ଦକ୍ଷିଣା ବଢ଼େଇ ଦେଲେ ଅନିତା। ମୁରୁକି ହସଟିଏ ମାରି ଦକ୍ଷିଣା ଗ୍ରହଣ କରୁକରୁ ଗ୍ରହାଚାର୍ଯ୍ୟେ କହୁଥିଲେ- "ଏ ସବୁର କ'ଣ ଦରକାର ଥିଲା ମା।"

ଚତୁର୍ଥ ପ୍ରସ୍ତାବ ଦେଖିବା ପାଇଁ ଯିବା ଦିନ ଘରେ ପୂର୍ଣ୍ଣକୁମ୍ଭ ସ୍ଥାପନ ପୂର୍ବକ ଶୁଭ ବେଳା ଦେଖି ଅନିତା ଦେବୀ ସପରିବାର ଗନ୍ତବ୍ୟ ସ୍ଥଳକୁ ଯାତ୍ରା ଆରମ୍ଭ କଲେ। ଗ୍ରହଚାର୍ଯ୍ୟେ ଦେଇଥିବା ଛୋଟ ଛାଲି ଖଣ୍ଡକୁ କୌଶଳରେ ନାରୁର ପୋଷାକରେ ସ୍ଥାପନ କରି ବେଶ୍ ଆଶ୍ୱସ୍ତ ଅନୁଭବ କରୁଥିଲେ ଅନିତାଦେବୀ। ମା'ଙ୍କ କୃପାରୁ କି କ'ଣ ସବୁକଥା ସୁରୁଖୁରୁରେ ଚାଲିଲା।

କନ୍ୟା ପକ୍ଷର ଅତିଥି ଚର୍ଚ୍ଚାରେ ସଭିଏଁ ପ୍ରୀତ। ଭଲ ପେକେଜ୍ ସାଙ୍ଗକୁ କନ୍ୟା ବି ଦେଖିବାକୁ ବେଶ୍  ସୁନ୍ଦର। ତା' ଗୋଲାପୀ ଅଧରରେ ଧାରେ କଇଁଫୁଲିଆ ହସ ଝୁଲି ରହିଛି। ଅନିତା ଦେବୀଙ୍କର ଆଉ କାହିଁ ରେ ମନ ନ ଥିଲା ମା' ମଙ୍ଗଳାଙ୍କ କୃପା ଏବଂ ଗ୍ରହଚାର୍ଯ୍ୟେଙ୍କ ଅଭୟବାଣୀକୁ ଆଶ୍ରା କରି

ପୁଅ ମୁହଁରୁ ଆସ୍ତିବାଚକ ଶବ୍ଦଟିଏ ଶୁଣିବା ପାଇଁ କାନ ଡେରି ବସିଥାନ୍ତି। ଭାବୁଥାନ୍ତି, ବୋହୂଟେ ଆସିଲେ ତା' ପାଉଁଜିର ରୁମ୍‌ଝୁମ୍ ଶବ୍ଦରେ ସାରା ଘରପୁର ଝଙ୍କୃତ ହୋଇ ଉଠିବ। ସତରେ ଘରେ ବୋହୂଟେ ନ ଥିଲେ ଘର କେମିତି ଅଲଣା ଅଲଣା ଲାଗେ।

ଶୁଭଦ୍ରାକୁ ଲାଗୁଥିଲା, ଭାଇ ତା'ର ଏଥର ଛକାମାରି କମାଲ୍ କରିବ। ଖାଲି ରାଜି ବୋଲି କହିଦେଲେ, ମାମଲା ଖତମ୍। ଥରେ ସେ ହଁ ଭରିଦେଲେ ଆଉ କାହାରି କିଛି ମତାମତ ଦେବାର ନାହିଁ। ସବୁ କିଛି ତା'ର ମର୍ଜି ଉପରେ ନିର୍ଭର କରେ। ଯଦିଓ ନାରାୟଣ ମୁହଁରୁ ଏ ଯାବତ୍ ଆସ୍ତିବାଚକ ଶବ୍ଦଟିଏ ସ୍ଫୁରି ନାହିଁ ତଥାପି କନ୍ୟାର ପିତାମାତା ଭାବୀ ଜୁଆଁଇର ହାବଭାବରୁ ପ୍ରସ୍ତାବଟା ପକ୍କା ବୋଲି ଧରିନେଲେଣି। ମଝିରେ ମଝିରେ କନ୍ୟାର ଗୋଲାପୀ ଅଧରରେ ସ୍ମିତ ହସରୁ ଧାରେ ଚମକି ଯାଉଛି। ସେ ହସର ଚମକରେ ବିଭୋର ନାରଣ ପ୍ରସ୍ତାବରେ ସହମତ ବୋଲି ଶୁଭଦ୍ରାକୁ ସଙ୍କେତ ଦେବାକୁ ମାନସିକ ସ୍ତରରେ ପ୍ରସ୍ତୁତ ହୋଇସାରିଲାଣି। ଠିକ୍ ଏହି ସମୟକୁ କନ୍ୟା ତା' ମା'ଙ୍କ କାନରେ କିଛି ଫୁସ୍‌ଫୁସେଇ କହିବା ପରେ ତାଙ୍କ ମୁହଁ ଖଟା ତେନ୍ତୁଳି ଖାଇବା ପ୍ରାୟ ଦୃଶ୍ୟ ହେଲାଣି। ପ୍ରସ୍ତାବଟା ତ ନାରଣ ମନକୁ ଖୁବ୍ ଘେନିଛି। ଗଡ଼ଜିତିଲା ଭଳି କନ୍ୟାକୁ ଅନେଇ ସେ ପଚାରିଲା- "କ'ଣ କିଛି କହିବ ?"

କନ୍ୟାରତ୍ନର ମା' କିଳିବିଳି ହୋଇ ଝିଅ ମୁହଁରେ ହାତ ଦେଲା ବେଳକୁ ତା' ମୁହଁରୁ କଥା ନିର୍ଗତ ହୋଇ ସାରିଥିଲା।

– "ଆପଣ ରନ୍ଧାବଢ଼ା ଶିଖିଛନ୍ତି ?"

ଏ ପ୍ରକାର ଏକ ଅପ୍ରତ୍ୟାଶିତ ପ୍ରଶ୍ନରେ ହଡ଼ବଡ଼େଇ ଗଲା ନାରୁ। ଏ କି ଅଜବ ପ୍ରଶ୍ନ! ଯାହା ସେ ପୁଛା କରିଥାନ୍ତା, ସେ ପ୍ରଶ୍ନ କନ୍ୟାଟି ତାଙ୍କୁ ଓଲଟି ପଚାରୁଛି। ଏମନ୍ତ ପ୍ରଶ୍ନ କେବେ କୌଣସି ଝିଅ ତାକୁ ପଚାରି ନ ଥିଲେ। ସେ ତ ରନ୍ଧାବଢ଼ାରେ ଶ୍ରୀ ଅକ୍ଷର ବିବର୍ଜିତ। ଏବେ କ'ଣ ଉତ୍ତର ଦେବ ସେ ? ରହିରହି ଥତମତ ହୋଇ ଯାହା ସେ କହିଲା, ତା'ର ସାର ମର୍ମ ହେଲା, ସେ ଏ ଯାବତ୍ ରନ୍ଧାବଢ଼ା ଶିଖିପାରି ନାହିଁ । ରନ୍ଧାବଢ଼ାରେ ତା'ର କି କାର୍ଯ୍ୟଯେ! ରନ୍ଧାବଢ଼ା କ'ଣ ପୁରୁଷ ଲୋକଙ୍କ କାର୍ଯ୍ୟ!

ନାରାୟଣର ଫୁଲାଫାଙ୍କିଆ ଉତ୍ତର ବୋଧହୁଏ ସନ୍ତୁଷ୍ଟ କରି ପାରି ନ ଥିଲା ଝିଅଟିକୁ। ଶାଣିତ ସ୍ୱରରେ ସେ ପୁଣି ପ୍ରଶ୍ନ କଲା- "ତିରିଶ ବର୍ଷ ହେଲାଣି, ରନ୍ଧାବଢ଼ା ଆଉ ଶିଖିବେ କେବେ ? ଆମେ ଦୁହେଁ ତ ଚାକିରିଆ। ମିଶାମିଶି ହୋଇ ନ ରାନ୍ଧିଲେ ଚଳିବ କେମିତି ? ସ୍ତ୍ରୀ ଲୋକମାନେ କେବଳ ରାନ୍ଧିବେ, ପୁରୁଷମାନେ ବସି ଖାଇବେ, ସେ ଯୁଗ ଆଉ ନାହିଁ ଆଜ୍ଞା। ବିଶେଷ କରି ସ୍ୱାମୀ-ସ୍ତ୍ରୀ ଦିହେଁ ଯେଉଁଠି ଚାକିରିଆ ସେଠିତ ଦୁହିଁଙ୍କୁ ରନ୍ଧାବଢ଼ା କାର୍ଯ୍ୟ ତୁଲେଇବାକୁ ପଡ଼ିବ।"

ବଲବଲ କରି ଅନେଇଥିଲେ ସମସ୍ତେ। ଏ ପ୍ରସ୍ତାବରେ ମୁଁ ଏକମତ ନୁହେଁ କହି ଘର ଭିତରକୁ ପ୍ରସ୍ଥାନ କରିଗଲା ଝିଅଟି।

ଅକସ୍ମାତ୍ ଗୋଟିଏ ବୋମା ପଡ଼ି ଅନିତାଙ୍କର ସମସ୍ତ ସ୍ୱପ୍ନ ଧୂଳିସାତ ହୋଇଯାଉଥିଲା ଯେପରି। ତା' ମଧ୍ୟରେ ସେ ଝିଅର କଥାକୁ ମଧ୍ୟ ତର୍ଜମା କରୁଥିଲେ। ତାଙ୍କୁ ବୋଧ ହେଉଥିଲା, ହୁଏତ ସେ କିଛି ମନ୍ଦ କଥା କହିନି।

ମନେ ମନେ ଉଲ୍ଲସିତ ହେଉଥିଲା ଶୁଭଦ୍ରା! ଏତେ ଦିନକେ ଭାଇ ପାଇଛି ପାନେ। ପୁରୁଷ ପ୍ରଧାନ ସମାଜରେ ଯେଉଁ ଢ଼ଙ୍ଗରେ ବାହାଘର ପାଇଁ ଝିଅ ଦେଖା କାର୍ଯ୍ୟକ୍ରମ ଚାଲିଛି, ସେଥିରେ ତା'ର ମନ ବିଦ୍ରୋହ କରି ଉଠୁଥିଲା।

ନାରୁର କଥା କହିଲେ ନ ସରେ। ମୁଣ୍ଡ ଭିତର ହାତୁଡ଼ିରେ ପିଟି ହେବା ପରି ଅନୁଭବ। ଛାତି ଭିତରଟା ମନ୍ଥି ହୋଇ ଯାଉଛି। ପେଟରୁ ବାକୁଲା ଉଠିବା ଆରମ୍ଭ ହେଲାଣି। ହୃଦସ୍ପନ୍ଦନ ସତରେ ବନ୍ଦ ହୋଇଯିବ କି ଆଉ! ତା' ଜୀବନରେ ଏମିତି ଅନୁଭବ ପ୍ରଥମ। ଅଦ୍ୟାବଧି ସେ ଝିଅ ମାନଙ୍କୁ ପ୍ରତ୍ୟାଖ୍ୟାନ କରିଆସୁଥିଲା। ଆଜି କିନ୍ତୁ ଝିଅଟିଏ ସର୍ବ ସମକ୍ଷରେ ତାକୁ ପ୍ରତ୍ୟାଖ୍ୟାନ କରିଦେଇ ଅପମାନର ଏକ ମହଣକିଆ ବସ୍ତା ତା' ମୁଣ୍ଡ ଉପରେ ଲଦି ଦେଇଗଲା।

ଏ ସବୁ ଦୁଃଖ ଯନ୍ତ୍ରଣା ମଧ୍ୟରେ କଥାଟିଏ ନାରୟଣ ମନକୁ ବାରମ୍ବାର ଆନ୍ଦୋଳିତ କରିବାକୁ ଆରମ୍ଭ କରୁଥିଲା। ଗୋଟିଏ ଝିଅର ପ୍ରତ୍ୟାଖ୍ୟାନରେ ଯଦି ସେ ଏତେ ଅପମାନିତ ବୋଧ କରୁଛି, ତେବେ ଗତ ତିନିବର୍ଷ ଧରି ଯେତେ ଝିଅଙ୍କୁ ନିଜର ଅହଂ ଏବଂ ଖାମଖିଆଲି ମନୋଭାବ ଯୋଗୁଁ ଆଖିବୁଜି ନାପସନ୍ଦ କରି ଅପମାନିତ କରିଛି, ସେମାନଙ୍କର ମାନସିକ ଅବସ୍ଥା କ'ଣ ହୋଇଥିବ ସତେ! ଲଜ୍ଜା ଏବଂ ଅପମାନର ଅଗ୍ନିରେ ସନ୍ତୁଳି ହୋଇ ସେମାନେ ବିଷାଦଗ୍ରସ୍ତ ହୋଇଥିବେ ନିଶ୍ଚୟ। ଅନୁତାପର ଭାବନାରେ ଜର୍ଜରିତ ହୋଉଥିଲା ନାରୟଣ ।

ଏବେ କିଛି ଅନ୍ୟ ଉପାୟ ନାହିଁ। କାନ ମୁଣ୍ଡ ଆଉଁଶି ବାପା, ମା' ଭଉଣୀ ଶୁଭଦ୍ରା ସହ ନିରାଶ ମନରେ ଘରକୁ ବାହୁଡ଼ି ଆସିଲା ନାରଣ।

ଅବକାଶ ସମୟ ସରି ସରି ଆସୁଥିଲା। ଏ ବର୍ଷ ପାଇଁ କନ୍ୟା ଦେଖା ଅଭିଯାନ ଅତ୍ର ସମାପ୍ତ ହେଲା। ଏକ ଆହତ ତଥା ପରାଜିତ ସୈନିକର ଯନ୍ତ୍ରଣା ନେଇ ବାଙ୍ଗାଲୋର ପ୍ରତ୍ୟାବର୍ତ୍ତନ କରିଗଲା ନାରୁ। ଘର ଲୋକେ କାହାକୁ କିଛି ନ କହି ତୁନି ପଡ଼ିଥିଲେ ମଧ୍ୟ କଥା କାହାକୁ ଅଛପା ରହିଲାନି। କଥାରେ ଅଛି ପରା, କାନ୍ଥର ବି କାନ ଅଛି। ସାଇପଡ଼ିଶାଏ ଦାଣ୍ଡରେ ଘାଟରେ କଥା ହେଉଥିଲେ – "କନ୍ୟା ବାଛୁବାଛୁ ବାହାପିଆ ନାରୁଟା ନାମ ନେଲା ଯାହା।"

ନାରୁ ବି ସେଇ ସମାନ କଥା ଭାବୁଥିଲା। ଅତି ସର୍ବତ୍ର ଗର୍ହିତମ୍। ଅତ୍ୟଧିକ ବାଛୁବାଛୁ ହରଡ଼ଘଣାରେ ପଡ଼ିଗଲା ଯାହା।

ଏବେ ବାଙ୍ଗାଲୋରରେ ଅଫିସ୍ କାର୍ଯ୍ୟ ସାଙ୍ଗକୁ ରନ୍ଧାରନ୍ଧିରେ ମନ ଦେଇ ଆସନ୍ତା ବର୍ଷ ଦୁର୍ଗାପୂଜାକୁ କନ୍ୟା ଦେଖା ପର୍ବ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଥିଲା ନାରୁ।

# ପ୍ରାର୍ଥନା

ତାମିଲ ଗଳ୍ପ: ଅନୁରାଧା ରାମାନାନଙ୍କ
ରୂପାନ୍ତର: ସୃଜନ ପ୍ରକାଶ ଦାସ

ରୋଷେଇ ଘରେ ପାଟିତୁଣ୍ଡ ହେଉଥିଲା। ମାଳତୀର ଗଳାର ଆବାଜ ସମସ୍ତଙ୍କୁ ପଛରେ ପକେଇ ଦେଇଥିଲା।

"ତୁମେମାନେ କଣ ମୋତେ ମଣିଷ ବୋଲି ଭାବ ? ଆଜି ନହେଲେ କାଲି ମରିଯିବି ବୋଲି କଣ ମୋତେ କେହି ଭୃକ୍ଷେପ କରିବନାହିଁ? ଏହିଘରେ କଣ ମୋ ପାଇଁ କାହାରି ଟିକିଏ ହେଲେ ଦରଦନାହିଁ ?" ମାଳତୀ କାନ୍ଦୁକାନ୍ଦୁ କହିଲା।

"ବୋହୂ, ଏମିତି ହୁଅନାହିଁ। ତୁମ ଦେହ ଖରାପ। ସେଥିରେ ପାଟିତୁଣ୍ଡ କଲେ ତୁମେ ଆହୁରି ଅସୁସ୍ଥ ହୋଇପଡିବ। ଯାଅ, ଟିକେ ଶୋଇପଡ଼। ଏପଟଟା ମୁଁ ସମ୍ଭାଳି ନେଉଛି।" - କହିଲେ ପାର୍ବତୀ ଅର୍ଥାତ୍ ମାଳତୀର ଶାଶୂ।

ମାଳତୀର ଯାଆମାନେ ମଧ୍ୟ ତାକୁ ବୁଝେଇବାକୁ ଚେଷ୍ଟାକରୁଥିଲେ। ତେଣୁ ସେମାନଙ୍କର ଗଳାର ଆବାଜ ମଧ୍ୟ ବେଳେବେଳେ ଶୁଭୁଥିଲା। "ଅପା, ଏମିତିକଥା କୁହନାହିଁ। ମା'ଙ୍କର ମନ ଏମିତିରେ ଖରାପଅଛି। ଆମେ ଯଦି କିଛି ଭୁଲକରିଥାଉ, ତାହାହେଲେ ଆମକୁ କ୍ଷମା କରିଦିଅ। ତୁମେ ଆମ ନିଜ ବଡ଼ଭଉଣୀ ପରି। ଭବିଷ୍ୟତରେ ତୁମକୁ ନପଚାରି ଆମେ କୌଣସି କାମ କରିବୁନାହିଁ।"

"ମୁଁ କଣ ସେକଥା କହିଲି ? ବଞ୍ଚି ଥାଉ ଥାଉ ଯଦି ତୁମେମାନେ ମୋତେ ଏମିତି ଅଲଗା କରି ରଖ, ତାହାହେଲେ ମୋତେ କଷ୍ଟ ହେବନି ?"

"ମାଳତୀ!" ଏତେବେଳଯାଏ କୁମାର ପିଲାମାନଙ୍କୁ ପାଠପଢ଼ାଉଥିଲା। ଏଥର ଉଠିଆସିଲା। ସ୍ୱାମୀକୁ ଦେଖିବା ମାତ୍ରକେ ମାଳତୀ ଚୁପହୋଇଗଲା । କୁମାର ମାଳତୀକୁ ରୋଷେଇ ଘରୁ ଶୋଇବା ଘରକୁ ନେଇଯିବାକୁ ଆସିଥିଲା । କିନ୍ତୁ ମାଳତୀର ଲମ୍ବା ଲମ୍ବା ଆଖିଦୁଇଟି ଲୁହରେ ଭରିଯାଇଥିବାର ଦେଖି, କୁମାର ସ୍ତ୍ରୀ ମୁହଁଆଡ଼କୁ ଚାହିଁ ତଳକୁ ମୁହଁ ପୋତିଲା।

ହଠାତ ଦୁଇହାତରେ ପେଟକୁ ଚାପିଧରିଲା ମାଳତୀ। ଅସହ୍ୟ ଯନ୍ତ୍ରଣା ହେଉଥିଲା ପେଟରେ। କୁମାର ଜାଣେ ମାଳତୀର ଦିନ ଶେଷ ହୋଇଆସୁଛି। କୌଣସି ପ୍ରକାରେ ତାକୁ ଆଉ ବେଶୀଦିନ ବଞ୍ଚେଇ ରଖିହେବନାହିଁ। ନିଜକୁ ଭୀଷଣ ଅସହାୟ ମନେକରୁଥିଲା କୁମାର। ସେ ସମସ୍ତ ଶକ୍ତିଦେଇ ମାଳତୀକୁ ବଞ୍ଚେଇ ରଖିପାରିବ ନାହିଁ। ରାକ୍ଷସଟା ଧୀରେ ଧୀରେ ତାକୁ ଗିଳିପକାଉଛି।

"ମାଳତୀ ଆସ। ଆମେ ଉପରକୁ ଯିବା।" କହି କୁମାର ତାକୁ ଡାହାଣ ହାତରେ ଜାବୁଡିଧରି ଉପରକୁ ନେଇଗଲା।

ଛମାସ ଆଗରୁ ମାଳତୀ ଭଲଥିଲା। ଏହିଘରେ ପାର୍ବତୀ ରଂଗାରଂଜନ ପରିବାରର ପ୍ରଥମ ପୁତ୍ରବଧୂ ସେ। ସମସ୍ତଙ୍କର ପ୍ରିୟ ଓ ଦାଇତ୍ୱଶୀଳା ବଡ଼ବୋହୂ। କୁମାର ଖୁବ ଭଲପାଉଥିଲା ସ୍ତ୍ରୀକୁ। ଆଉ ରବିଥିଲା ମା'ର ପ୍ରାଣ। ସବୁ ମିଶାଇ ମାଳତୀ ଗୋଟିଏ ସୁଖୀଜୀବନ କଟାଉଥିଲା।

କିନ୍ତୁ କାହିଁକି ଯେ ଏମିତି ଗୋଟାଏ ରୋଗହେଲା ? ଏହାକୁ କଣ ଭାଗ୍ୟ କୁହାଯାଏ ? ଅଥଚ ମାଳତୀ କିମ୍ୱା କୁମାର ବଂଶରେ କେହି ତ କୌଣସି ପାପ କାମ କରିନାହାନ୍ତି ?

କୁମାରର ବାପା ମା ଓ ଭାଇଭଉଣୀମାନେ ଚେନ୍ନାଇରେ ରୁହନ୍ତି। ତିରୁଚିରେ କୁମାର ଏକା ରୁହେ। ସେଠି ସେ ଚାକିରୀ କରେ। ମାଳତୀ ଓ ରବିକୁ ନେଇ ତାର ସୁନାର ସଂସାର। ମାଳତୀର ପୂର୍ବ ଆପେଲ ରଙ୍ଗ ଆଜି ଆଉନାହିଁ। ଦେହଟା ଶୁଖି କଙ୍କାଳ ହୋଇଯାଇଛି। ଆଜିକାଲି ପ୍ରାୟ ସବୁବେଳେ ତାର ମୁଣ୍ଡବୁଲାଏ। ମଝିରେ ମଝିରେ ଅଚେତ ହୋଇଯାଏ।

"ନିଶ୍ଚୟ ଏନିମିଆ ହୋଇଛି। ଭଲ ଡାକ୍ତରଙ୍କୁ ଦେଖାଅ। ହୁଏତ କୌଣସି ଟନିକ ଖାଇବାକୁ ପଡ଼ିପାରେ।"

"ଏହିଭଳି ରୋଗରେ ହୋମିଓପ୍ୟାଥି ଭଲକାମ କରେ।"

"ପାର୍ବତୀର ଚାରିବୋହୂ ସୁନ୍ଦର। କାହାରି ନଜର ହୁଏତ ଲାଗିଛି। ମୁଠାଏ ମାଟିନେଇ ବୋହୂର ମୁଣ୍ଡ ଚାରିପାଖରେ ବୁଲାଇ ମାଟିରେ ପକେଇଦିଅ। ଦେଖିବ ନଜର କଟିଯିବ।"

ବିଭିନ୍ନ ଲୋକ ଭିନ୍ନ ଭିନ୍ନ ପରାମର୍ଶ ଦିଅନ୍ତି। କିନ୍ତୁ ମାଳତୀର ବ୍ୟଥା ବଢ଼ିଚାଲେ। କୁମାର ସେଦିନ ଅଫିସରୁ ଫେରିନଥିଲା। ମାଳତୀ ପିଡ଼ାରେ ଛଟପଟ ହେଉଥିଲା। ପାଖଘରର ଭଦ୍ରମହିଳା ମାଳତୀକୁ ଡାକ୍ତରଖାନା ନେଇଗଲେ। ଡାକ୍ତର ରକ୍ତପରୀକ୍ଷା କରି ଆଶ୍ଚର୍ଯ୍ୟ ହୋଇଗଲେ। ରୋଗୀକୁ କିଭଳି କଥାଟା କହିବେ ଭାବିପାରୁନଥିଲେ।

ଏବେ ବି ତା'ର ବୟସ ତିରିଶରୁ ଅଧିକ ନୁହଁ। ବାହାହୋଇଥିଲା ଏକୋଇଶ ବର୍ଷରେ। ପୁଅର ବୟସ ଛ' ବର୍ଷ। ଏହା ଭିତରେ ସେ ମୃତ୍ୟୁ ମୁହାଁମୁହିଁ ଠିଆହୋଇଛି।

ବ୍ଲଡ଼କ୍ୟାନ୍ସରରେ ଭୋଗୁଛି ସେ। ସେଦିନ ସନ୍ଧ୍ୟାରେ ଡାକ୍ତର ଯେତେବେଳେ କୁମାରକୁ ଡାକି ସବୁ କହିଲେ, କୁମାର ସେତେବେଳେ କଣକରିବ – ବୁଝିପାରୁନଥିଲା। କେବଳ କହିଥିଲା– "ଡାକ୍ତରବାବୁ, ଆପଣ ତାକୁ ଯେମିତିହେଲେ ବଞ୍ଚାନ୍ତୁ। ଯେତେ ଟଙ୍କା ଦରକାର, ମୁଁ ଦେବି। ତାକୁ ଭଲକରିଦିଅନ୍ତୁ, ପ୍ଲିଜ।"

କୁମାର ଶିକ୍ଷିତ, ସେ ଜାଣେ ରୋଗଟା କେତେ ଭୟଙ୍କର। ଯନ୍ତାରେ ଅଟକିଯାଇଥିବା ପଶୁ ଯେମିତି ନିଜକୁ ମୁକ୍ତ କରିବାପାଇଁ ପ୍ରାଣପଣେ ଚେଷ୍ଟାକରେ, କୁମାରର ଅବସ୍ଥା ଏବେ ଠିକ ସେହିଭଳି।

'ଚେନ୍ନାଇରେ କ୍ୟାନ୍ସର ଇନଷ୍ଟିଚୁଟରେ ଭର୍ତ୍ତି କରିଦିଅନ୍ତୁ। ସେମାନେ ହିଁ କହିପାରିବେ ରୋଗୀର ଏବେ ଅବସ୍ଥା କଣ। ସେଠି ଚିକିତ୍ସା ମଧ ଭଲ ହେବ।

ଏହାପରେ କୁମାର ବଦଳିହୋଇ ମାଳତୀ ଓ ରବି ସହିତ ଚେନ୍ନାଇ ଘରକୁ ଆସିଲା। ମା' ପାର୍ବତୀ ତାକୁ ଦେଖି ଦୁଃଖରେ ଭାଙ୍ଗିପଡ଼ିଲେ।

"ଅପା, ତୁମର କିଛି ହେବନାହିଁ, ଆମେ ତ ଅଛୁ। ତୁମକୁ ଭଲ କରିଦେବୁ।" ଯାଆମାନେ ତାକୁ କୁଣ୍ଢାଇ କାନ୍ଦିଲେ ଓ ସାନ୍ତ୍ୱନା ଦେଲେ।

"ମୋ ଲକ୍ଷ୍ମୀବୋହୂ! ତୁମ ମନଟା ଏତେ ଭଲ। ତୁମର କୌଣସି କ୍ଷତିହୋଇ ପାରେନା। ନାରାୟଣ ମନ୍ଦିରରେ ତୁମ ଓଜନର ଚିନିଭୋଗ ଦେବି।" ପାର୍ବତୀ କାନ୍ଦୁ କାନ୍ଦୁ କହିଲେ।

କୁମାର ଅନେକ ମନ୍ଦିରକୁ ଯାଇ ଭଗବାନଙ୍କ ପାଖରେ ହାତଯୋଡ଼ି କେବଳ ଗୋଟିଏ ପ୍ରାର୍ଥନା କଲା– "ହେ ପ୍ରଭୁ! ତୁମେ ମୋ ମାଳତୀକୁ ଭଲ କରିଦିଅ।"

କୁମାର ଯେତେବେଳେ ମାଳତୀକୁ ନେଇ ଡାକ୍ତରଖାନାରୁ ଘରକୁ ଫେରେ, ସେତେବେଳେ ତାକୁ ଦେଖି ମନେହୁଏ ଗୋଟିଏ ପଥରର ମୂର୍ତ୍ତି, ଯାହାର କୌଣସି ଅନୁଭୂତି ନାହିଁ ବା ସବୁ ଅନୁଭୂତି ମୃତ।

ମୃତ୍ୟୁ ଅବଶ୍ୟମ୍ଭାବୀ, ମଣିଷ ତାକୁ ଠକିପାରିବନାହିଁ। ଏବେବି କୌଣସି ଔଷଧ ଆବିଷ୍କାର ହୋଇନାହିଁ, ଯାହାଦ୍ୱାରା ଏ ରୋଗର ଚିକିତ୍ସା ସମ୍ଭବ।

ମାଳତୀର ମୃତ୍ୟୁ ଯେକୌଣସି ମୁହୂର୍ତ୍ତରେ ହୋଇପାରେ। ସେ ଚରମ ଭୟଙ୍କର ମୁହୂର୍ତ୍ତଟି ହୁଏତ ପରମୁହୂର୍ତ୍ତରେ ଆସିପାରେ। କିଏ ଜାଣେ ସେ ଆଉ କେତେ ଦିନର ଅତିଥି? ଆଉ ମାତ୍ର କେଇଟା ଦିନ। ନହେଲେ ଭାଗ୍ୟ ଟାଣଥିଲେ ଆଉ କେତେଟା ମାସ। ବାସ, ତାପରେ ସେ ସ୍ମୃତି ହୋଇଯିବ, ଏହି ପୃଥିବୀର ମଣିଷମାନଙ୍କ ପାଖରେ।

ଏବେ ସମସ୍ତେ ତା' ସହିତ ଭଲ ବ୍ୟବହାର କରନ୍ତି। ଆଗରୁ ଛୋଟ ଛୋଟ କଥାନେଇ ଶାଶୂ, ନଣନ୍ଦ, ଯାଆମାନଙ୍କ ସହିତ ମନୋମାଳିନ୍ୟ ହେଉଥିଲା। ଆଜିକାଲି ସେମିତିକିଛି ଘଟେନାହିଁ।

"ବିଚରା ମା' ଛେଉଣ୍ଡ ଝିଅଟା। ପ୍ରତିଦିନ ଯମ ସହିତ ଲଢ଼ିଚାଲିଛି। ତା' ଉପରେ ଆମର କଣପାଇଁ ରାଗ?"

ଘରସାରା ଲୋକ ମାଳତୀର ସବୁକିଛି ମାନି ନେଲେଣି। ଏପରି କିଛି' ବର୍ଷର ରବି ମଧ୍ୟ ବୁଝିପାରିଲାଣି ଯେ ତା' ମା'ର ଅବସ୍ଥା ଭଲ ନୁହଁ। ଆଜିକାଲି ସେ ମା'କୁ ବିରକ୍ତ କରେ ନାହିଁ।

ଯେଉଁଦିନ ମାଳତୀ ନିଜ ଅବସ୍ଥା ଅନୁମାନ କରିପାରିଥିଲା, ସେଦିନ କାନ୍ଦୁ କାନ୍ଦୁ କହିଥିଲା– "ଯେମିତିହେଉ ମୋତେ ବଞ୍ଚାଅ!" ଡାକ୍ତରଖାନାକୁ ରେଡିଅମରେ ନେବାକୁ ଗଲାବେଳେ ସ୍ୱାମୀର ହାତଧରି ସେ କହୁଥିଲା– "ମୋ ପାଇଁ ତୁମର କେତେ କଷ୍ଟ ହେଉଛିନା?" ଏହାପରେ ରୋଗ ଓ ଚିକିତ୍ସାର ଯନ୍ତ୍ରଣା ସହ୍ୟକରିନପାରି କହିବାକୁ ଆରମ୍ଭ କଲା– "ମୋର ମରଣ ହେବାହିଁ ଭଲ।"

ଡାକ୍ତର କହିଥିଲେ ଛ' ମାସରୁ ଅଧିକ ବଂଚିବନାହିଁ। ଏବେ ଛ' ମାସ ପାରହୋଇଯାଇଛି। ଏବେବି ମାଳତୀ ମୃତ୍ୟୁ ସହିତ ଲଢ଼ିଚାଲିଛି। କୌଣସି କାମକରିନପାରି ତା' ଭିତରେ ଗୋଟେ ରାଗ, ଜିଦ୍, କାନ୍ଦ ଓ ବିରକ୍ତି ଦେଖାଦେଇଛି। ଖୁବ ଚିଡ଼ଚିଡ଼ା ହୋଇଯାଇଛି ସେ। ବହୁତ ବଦଳିଯାଇଛି ମଧ। ଅବଶ୍ୟ ଯେଉଁମାନେ ତାକୁ ଜାଣନ୍ତି, ସେମାନେ ତା'ର ଏହି ପରିବର୍ତ୍ତନ ଦେଖି ଆଶ୍ଚର୍ଯ୍ୟ ହୋଇନାହାନ୍ତି। କୁମାର ମଧ କିଛିଟା ବଦଳିଗଲାଣି। ଆଗରୁ ସେ ମାଳତୀ ସହିତ ମନେଇ ନେଉଥିଲା। କିନ୍ତୁ ଆଜିକାଲି ସେ ମଧ ବେଳେବେଳେ ଧୈର୍ଯ୍ୟ ହରାଇ ଦେଉଛି। ବେଳେବେଳେ ମାଳତୀର ରାଗ ଓ ଜିଦ ତା'ର ଅସହ୍ୟ ମନେହୁଏ।

କୁମାରର ଅଫିସ ଯିବାରେ ଡେରିହେଇ ଯାଉଥିବାରୁ ମଝିଆ ବୋହୂ ଗୀତା ତାକୁ ଭାତ ବାଢ଼ିଦେଉଥିଲା। କୁମାର ଗୁଣ୍ଡାଏ ଭାତଖାଇଛି କି ନା ସନ୍ଦେହ, ମାଳତୀ ଦୌଡ଼ି ଆସି ରୋଷେଇ ଘରେ ପଶିଲା।

"କଣ ଅପା?"

"ମୁଁ ଦେଉଛି, ତୁମେ ଯାଅ।"

"ଠିକ ଅଛି।"

ଗୀତା ଆଡ଼େଇଗଲା। ରୋଷେଇ ଘରୁ ଚାରିଥର ଯାଇଆସି ମାଳତୀ ଧଇଁସଇଁ ହୋଇଗଲା।

"କାହିଁକି ଏତେ କଷ୍ଟକରୁଛ, ମାଳତୀ? ତୁମେ ମୋ ପାଖରେ ଆସି ବସ। ସେମାନେ ସମସ୍ତେ ତ ମୋ ଖାଇବା କଥା ବୁଝୁଛନ୍ତି।"

"ତାହା ହେଲେ ମୋର ଆଉ ଦରକାର ନାହିଁ।"

"ଯେତେବେଳେ ପାରୁନା, ସେତେବେଳେ କାହିଁକି କଷ୍ଟ କରୁଛ?" – କୁମାର ସାନ୍ତ୍ୱନା ଦେବାପାଇଁ କଥାଟା କହିଲା। କିନ୍ତୁ ମାଳତୀ ଓଲଟା ବୁଝି ରାଗରେ ଫାଟିପଡିଲା। "ମୁଁ ଜାଣେ ଆଜିକାଲି ମୋ ମୁହଁ ଦେଖିବାକୁ ତୁମକୁ ଭଲଲାଗୁନି। ସେମାନଙ୍କ ପରି ସଜକଲେ ମୋତେ ଭଲଲାଗନ୍ତା। ସେମାନେ ଖାଇବାକୁ ଦେଲେ ତୁମେ ହସି ହସି ଖାଅ। ଆଉ ମୁଁ ଦେଲେ..."

"ମାଳତୀ!" କୁମାର ଧୈର୍ଯ୍ୟ ହରାଇବସିଲା। କିଛି ଗୋଟାଏ ଅନର୍ଥ ହେବାକୁ ଯାଉଥିଲା। କିନ୍ତୁ ରୋଷେଇ ଘରୁ ମା' ଇଙ୍ଗିତରେ ଚୁପ ରହିବାକୁ କହିଲେ। ଫଳରେ ଘଟଣାଟିର ସମାପ୍ତି ସେଇଠି ଘଟିଲା।

"ଆହା!, ଭାଉଜଙ୍କ ମନରେ କେତେ କଷ୍ଟହେଉଛି, ସେକଥା ତ ଆମେ କେହି ବୁଝିପାରୁନୁ। ସେଥିପାଇଁ ସେ ରାଗୁଛନ୍ତି। ଭାଇ, ତୁମେ ତାଙ୍କୁ କିଛି ନକହିବା ଭଲ। ତାହାଛଡ଼ା, ଗୀତାକୁ ଭାଉଜ ସେମିତି କଥା କହିପାରନ୍ତି" ଗୀତାର ସ୍ୱାମୀ କହିଲା।

ମାଳତୀ ପାଇଁ କୁମାରର ମଧ୍ୟ ମନଦୁଃଖ ହେଲା। ତାକୁ ଅଧିକ କିଛି କହିଲାନାହିଁ। ଓଲଟା ଭାବିଲା– ଯଦି ମୋ ଗାଳି ମନ୍ଦରେ ତା'ର କ୍ଷତି ହୋଇଯାଏ! ଏହି ଭାବନା ତାକୁ ସବୁବେଳେ ଚୁପ କରିଦିଏ। ଆଜି ମଧ୍ୟ ଚୁପ ହୋଇଗଲା। ଆଜିକାଲି ମାଳତୀ କୁମାରକୁ ପ୍ରାୟ ଏମିତି ଅସ୍ୱସ୍ତିକର ଓ ଶୋଚନୀୟ ଅବସ୍ଥାରେ ପକେଇଦିଏ।

"ମୁଁ ଥାଉ ଥାଉ ରବିର ବ୍ରତ କରିଦିଅ।"

"ଠିକ ଅଛି। ଯେତେ ଶୀଘ୍ର ସମ୍ଭବ କରିଦେବି।"

ନୂଆ ପଇତା ପକେଇଥିବା ପିଲାଟିକୁ ସମସ୍ତେ ଯେତେବେଳେ ଗେହ୍ଲା କରୁଥିଲେ, ସେତେବେଳେ ଧମକ ସ୍ୱରରେ ମାଳତୀ କହିଲା– "ରବି, ଉପରକୁ ଚାଲ।" ରବି ଦେଖିଲା ରାଗରେ ମା'ର ମୁହଁଟା ଲାଲ ପଡ଼ିଯାଇଛି। ତଥାପି ସେ ଖୁଡ଼ିମାନଙ୍କ କୋଳରେ ବସି ଗପିବାକୁ ଲାଗିଲା। ଯେମିତି ମା' କଥାକୁ ତା'ର ଭୃକ୍ଷେପ ନାହିଁ।

"ରବି, ତୁ ଆସିବୁକି ନା?"

"ଯାଉଛି, ମା'।"

ଗୀତା ହସ ହସ ମୁହଁରେ ପଚାରିଲା– "ତୁ ସଞ୍ଜଦେଇ ଶିଖିଛୁ? ଦେଖ, ତୋର ବ୍ରତ ହୋଇଗଲା। ତୁ ଏବେ ବ୍ରହ୍ମଚାରୀ। ଏବେଠୁ ଆମକୁ ଛୁଇଁବୁ ନାହିଁ।"

ମାଳତୀ ନିଜେ ଅନ୍ୟମାନଙ୍କ ସହିତ ଯୋଗଦେଇ ପୁଅ ସାଙ୍ଗରେ ମଜା କରିପାରୁନଥିଲା। ତାକୁ ବାଦଦେଇ ଅନ୍ୟ ସମସ୍ତେ ରବି ସହିତ ଥଟ୍ଟାମଜା କରୁଛନ୍ତି, ଖେଳୁଛନ୍ତି– ଏଇଟା ମାଳତୀ ସହ୍ୟକରିପାରିଲା ନାହିଁ। ଦୁମଦାମ ଦୌଡ଼ି ଆସି ପୁଅର ହାତ ଟାଣି ଟାଣି ଘରକୁ ନେଇଗଲା।

"ମାଳତୀ, କଣ କରୁଛ?" ଧମକଦେଲା କୁମାର।

"ଏଠି ଏତେ ହସଚାଲିଛି କଣ ପାଇଁ? ଅନ୍ୟସମସ୍ତଙ୍କ ଘରେ ଯେମିତି ବ୍ରତ ହୁଏ, ଏଠି କଣ ସେମିତି ହୋଇଛି? ମୁଁ ମରିଗଲେ ମୋ ପୁଅ ମୋର ଶ୍ରାଦ୍ଧ ଦେବବୋଲି ତାକୁ ଏତେ କମ୍ ବୟସରେ ବ୍ରତ କରିଦେଲ। ତା' ନହୋଇଥିଲେ କିଏ କହିଥିଲା ଏ ବୟସରେ ବ୍ରତକରିବା ପାଇଁ?" – ପାଗଳଙ୍କ ଭଳି ଚିତ୍କାର କରିବାକୁ ଲାଗିଲା ମାଳତୀ।

ରାତିରେ ଖାଇବା ପରେ ପାର୍ବତୀ ପଛପଟ ଦୁଆର ପାଖରେ ଛିଡ଼ାହୋଇଥିଲା। ରବି ଜେଜେମାଙ୍କୁ ଦେଖି ପାଖକୁ ଆସିଲା।

"ଜେଜେମା!, ମା'ର ଶ୍ରାଦ୍ଧ କରିବାପାଇଁ ମୋର ବ୍ରତ କରାଯାଇଛି?"

ପାର୍ବତୀ ନାତିକୁ କୋଳକୁ ଟାଣିନେଇ ଗେହ୍ଲା କରୁ କରୁ କହିଲେ– "ଛି, ଏମିତି କଥା କହନ୍ତି ନାହିଁ। ତୋ' ମା' ଆଜିକାଲି ଏଣୁତେଣୁ ବକୁଛି। ତୁ ସେ ସବୁକଥା ବିଶ୍ୱାସ କରୁଛୁ? ରାତି ହେଲାଣି। ଯା' ମା' ପାଖରେ ସୁନାପୁଅ ଭଳି ଶୋଇପଡ଼ିବୁ।"

ଦିନେ ରବିକୁ କୋଳରେ ବସାଇ ମାଳତୀ କହିଲା– "ରବି, ମୁଁ ମରିଗଲେ ତୋ ବାପା ପୁଣିଥରେ ବାହାହେବେ। ସେତେବେଳେ ତୋର ଗୋଟିଏ ନୂଆ ମା' ଆସିବ। ତୁ କିନ୍ତୁ ତା' ପାଖରେ ସୁନାପୁଅ ହୋଇ ରହିବୁ।" ମାଳତୀ ଜାଣିଶୁଣି ଜୋରରେ କଥାଗୁଡ଼ିକ କହିଲା ଯେମିତି କୁମାର ଶୁଣିପାରେ।

"କାହାପାଖରେ ସୁନାପୁଅ ହୋଇ ରହିବି? ଗୀତା ଖୁଡ଼ିଙ୍କ ପାଖରେ?"

"ନା, ନା, ତୋ ବାପା ଯାହାକୁ ନୂଆ କରି ବାହାହେବେ– ତା' ପାଖରେ। ତା' ନହେଲେ ସେ ତୋ ଦେହରେ ଗରମ ଖଡ଼ିକାରେ ଚେଙ୍କ ଲଗାଇଦେବ।"

"ମାଳତୀ, ଏତେ ସାନପିଲାକୁ ତୁମେ ଏସବୁ କଣ କହୁଛ?" ଅଧୈର୍ଯ୍ୟହୋଇ ଉଠିଲା କୁମାର।

"କାହିଁକି, କହିଲେ କଣହେଲା? କାଲି ଯାହା ହେବ ଆଜି ତାକୁ କହିଦେଉଛି। ହଠାତ୍ ଜଣେ ବାହାରର ସ୍ତ୍ରୀଲୋକ ଆସି ତାକୁ ଖରାପ ବ୍ୟବହାର କରିବା ପୂର୍ବରୁ ତାକୁ ସାବଧାନ କରିଦେଉଛି। ସେଥିରେ ତା'ର ଭଲହେବ।"

"ମାଳତୀ, ମୁଁ ଆଉ ବାହାହେବି ନାହିଁ।"

"ନହେଲେ ତୁମେ ରହିପାରିବନାହିଁ। ତୁମେ ଏବେ ଏମିତି କହୁଛ। ମୁଁ ମରିଯିବାର ଛ'ମାସ ଭିତରେ ତୁମ ବାହାଘର ହେବ କି ନାହିଁ ଦେଖିବ। ତୁମ ମା' ପୁଣିଥରେ ନୂଆଶାଢ଼ୀ ପିନ୍ଧି ବାହାଘର ଦେଖିଯିବେ।"

"ମାଳତୀ, ତୁମେ ଜାଣିଛ ତୁମେ କଣ ସବୁ କହୁଛ? ମୁହଁରେ ଯାହା ଆସିଲା କହିଯାଉଛ।"

"କାହିଁକି, କଣ ହେଲା? ଆଉ କିଛିଦିନ ଗଲେ ରବି ମଧ୍ୟ ସବୁ ବୁଝିପାରିବ।"

କୁମାର କଥା ନବଢ଼ାଇ ବାରଣ୍ଡାକୁ ଆସି ଠିଆହେଲା। ଆଖିଦୁଇଟା ଲୁହରେ ଭରିଗଲା। ମୃତ୍ୟୁ କଣ ଏତେ ଭୟଙ୍କର? ମାଳତୀକୁ କେତେ ବଦଳାଇ ଦେଲା? କୁମାର ଜାଣେନା ମାଳତୀ ବିନା ସେ କିଭଳି ରହିବ। ସେ ଭାବିପାରୁନଥିଲା ଯେ ମାଳତୀ ତା' ଜୀବନରୁ ଦୂରେଇଯାଉଛି।

"ବାପା, ତୁମେ କାନ୍ଦୁଛ?"

କୁମାର ଚମକି ଉଠି ବେକ ବୁଲାଇ ଦେଖିଲା ତା' ଖୁବ ପାଖରେ ରବି ଠିଆହୋଇଛି।

"ନା'ରେ କାନ୍ଦୁ ନାହିଁ। ଏଇ ଟିକେ ..."

"ନା, ତୁମେ ମିଛ କହୁଛ। ମୁଁ ଦେଖିଛି ତୁମେ କାନ୍ଦୁଥିଲ। କାହିଁକି କାନ୍ଦୁଛ? ମା'ର ଦେହ କଣ ଆହୁରି ଖରାପ ହୋଇଯାଇଛି?"

"ନା, ନା, ସେମିତି ନୁହଁ।"

ତାହା ହେଲେ ତୁମେ ମା' କଥା ଶୁଣି କାନ୍ଦୁଛ?

ଏତେ ସାନପିଲା ଏମିତି ପ୍ରଶ୍ନ କରିପାରେ? କୁମାର କୌଣସି ଉତ୍ତର ଦେଲାନାହିଁ। ରବି ତା' ବାପା ବେକକୁ ନିଜ ଦୁଇହାତର ଧରିଲା। ମନେ ହେଉଥିଲା ରବି ଯେମିତି ସବୁ ବୁଝିପାରୁଛି। ପୂର୍ବର ହସ–ଥଟ୍ଟା ସବୁ ଯେମିତି ତା'ର ହଜିଯାଇଛି। କୁମାରର ସାନଭାଇର ବାହାଘର ବେଳେ ଚତୁର୍ଥୀ ରାତିର ଖଟକୁ ଏହି ମାଳତୀ ହିଁ ଫୁଲରେ ସଜେଇଦେଇଥିଲା। ଅଥଚ ଆଜି ଯେତେବେଳେ ସେହି ସାନଯାଆ ରାତିରେ ଶୋଇବା ପାଇଁ ତା' ଘରକୁ ଯାଏ, ମାଳତୀ ଭିତରେ ଭିତରେ କାନ୍ଦିପକାଏ।

ଏକଦା ଏହି ମାଳତୀ ସେମାନଙ୍କର ବାଳ ବାନ୍ଧିଦେଉଥିଲା। ସଜେଇ

ଦେଉଥିଲା । ଆଜି କେହି ତା' ପାଖରେ ସଜ ହେବାପାଇଁ ଆସନ୍ତିନାହିଁ । ଏମିତିକି ସେମାନେ ନିଜେ ଟିକେ ସଜବାଜ ହେଲେ ମାଳତୀ ରାଗିଯାଇ ଯା' ଇଛା ତା' ଗାଳିଦିଏ ।

ଏସବୁ ଘଟଣା ପରେ ମଧ୍ୟ ଘରସାରା ଲୋକ ମାଳତୀକୁ ସହାନୁଭୂତି ଦେଖାନ୍ତି । କିନ୍ତୁ ମାଳତୀ ତାହାବି ସହ୍ୟ କରିପାରେନି । ତାଙ୍କର ସହାନୁଭୂତି ମାଳତୀର ଜିଦ ଓ ରାଗକୁ ବଢ଼େଇଦିଏ ।

"ମୋ ପୁଅକୁ କାହାରି ଗେହ୍ଲକରିବା ଦରକାର ନାହିଁ । ମୁଁ ଏବେବି ବଞ୍ଚିଛି । ରବି, ତତେ ଭୋକ ଲାଗିଲେ ମୋତେ କହିବୁ, ମୁଁ କଣ ମରିଯାଇଛି ? ତମେ ସବୁ ଏକଜୁଟ ହୋଇ ରବିକୁ ମୋ ଠାରୁ ଦୂରେଇ ଦେଇଛ । ଆଜିକାଲି ତାକୁ ଡାକିଲେବି ସେ ମୋ ପାଖକୁ ଆସେନାହିଁ ।"

ସମସ୍ତେ ଚୁପହୋଇ କଥାଗୁଡା ଶୁଣନ୍ତି ଓ ହଜମ କରନ୍ତି । ତାହାଛଡ଼ା ଆଉ କଣବା କରିବାର ଅଛି ?

ଦିନେ ରାତିରେ ପୁଣିଥରେ ତା' ଦେହ ଭୀଷଣ ଖରାପ ହେଲା । କୁମାର ଡରିଯାଇ ଡାକ୍ତରଙ୍କ ପାଖକୁ ଫୋନକଲା ।

"ଆପଣ କହୁଛନ୍ତି, ସେଥିପାଇଁ ମୁଁ ଯାଉଛି । କିନ୍ତୁ ତାଙ୍କ ଅବସ୍ଥା ତ ମୁଁ ଆଗରୁ ଆପଣଙ୍କୁ କହିଛି । ଏବେ ଆପଣଙ୍କର ମାନସିକ ପ୍ରସ୍ତୁତି ଦରକାର, ଯାହା ଦ୍ୱାରା ଆପଣ ଯେକୌଣସି ପରିସ୍ଥିତିର ସମ୍ମୁଖୀନ ହୋଇପାରିବେ । କାରଣ ଯେକୌଣସି ମୁହୂର୍ତ୍ତରେ କିଛିଗୋଟେ ହୋଇଯାଇପାରେ । କୌଣସି ଡାକ୍ତର ଆଉ କିଛି କରିପାରିବେନାହିଁ । ଏବେ ଖାଲି ପ୍ରାର୍ଥନା କରନ୍ତୁ ।"

ପୂରା ପରିବାରଟା ସେଦିନ ମାଳତୀର ଖଟପାଖରେ ସମବେତ ହେଲା ।

"ହେ ଭଗବାନ, ତାକୁ ବଞ୍ଚାଅ । ତା'ର ଏତେ ବଡ କ୍ଷତି କରନାହିଁ ।" ପାର୍ବତୀ ଠାକୁରଙ୍କର ଫୋଟୋ ଆଗରେ ହାତଯୋଡ଼ି ମାଳତୀର ଜୀବନ ଭିକ୍ଷାକଲେ । କୁମାରର ବାପାବୋହୂର ମୁଣ୍ଡପାଖରେ ବସି ଗୋଟିଏ ମନରେ ମୃତ୍ୟୁଞ୍ଜୟ ମନ୍ତ୍ର ପଢ଼ିବାକୁ ଲାଗିଲେ । କୁମାର ରବିର ହାତଧରି ଠିଆହେଲା ।

"ରବି, ତୁମେ ତୁମ ମା'ଙ୍କ ପାଇଁ ଠାକୁରଙ୍କ ପାଖରେ ପ୍ରାର୍ଥନା କର, ସେ ଯେମିତି ଶୀଘ୍ର ଭଲହୋଇଯାଏ ।"

ରବି ସ୍ଥିର ଦୃଷ୍ଟିରେ ମା'କୁ ଦେଖୁଥିଲା । ତା' ମୁହଁଟା ଗମ୍ଭୀର । "ବାପା, ତୁମେ ପ୍ରାର୍ଥନା କର ମା'କୁ ଯେମିତି ଆଉ କଷ୍ଟନହୁଏ । ମା' ଯେମିତି ଶୀଘ୍ର ଚାଲିଯାଏ ।"

ପୁଅର କଥାଗୁଡ଼ାକୁ ମା'କୁ ଛାତିରେ ହାତୁଡ଼ି ଭଳି ପିଟିହୋଇଗଲା । ପୁଅ ମୁହଁରେ ଗୋଟିଏ ଶକ୍ତ ଚାପୁଡ଼ା ମାରି କହିଲା- "ଯା, ଚାଲିଯା ଏଠୁ ! କେମିତି କହିପାରିଲୁ ଏ ଅଲକ୍ଷଣ କଥା ।" ଆଉ ଗୋଟିଏ ଚାପୁଡ଼ା ମାରିବା ପାଇଁ ହାତ ଉଠିବା ଦେଖି ରବି ଦୌଡ଼ିଯାଇ ଜେଜେମା'ର ପଣତ କାନିତଳେ କୁକୁଡ଼ାଛୁଆ ଭଳି ଆଶ୍ରୟ ନେଲା ।

"ତମେ ସବୁ ଡରୁଛ ମା'ର ମୃତ୍ୟୁକୁ ଦେଖିବା ପାଇଁ । ମୁଁ ବି ଚାହେଁ ମୋ ମା' ମୋ ସାଙ୍ଗରେ ରହୁ । କିନ୍ତୁ ମା'ର ଏହି ରୋଗ ସମସ୍ତଙ୍କୁ ଧୀରେ ଧୀରେ ମାରିଦେଉଛି । ସମସ୍ତେ ହସିବାକୁ ଭୁଲିଗଲେଣି । ବାପା ତମେ ମଧ୍ୟ... ଏତେ ରଗାରଗି କରି ମଧ୍ୟ ମା' କଣ ଟିକେ ଶାନ୍ତିପାଏ ? ନା, ପାଏନା । ମା' ଯେତେବେଳେ ବେଶୀ ଅସୁସ୍ଥ ହୋଇପଡ଼େ, ସେତେବେଳେ ଘର ଶାନ୍ତ ପଡ଼ିଯାଏ । ଟିକିଏ ଭଲହେବା ମାତ୍ରକେ ଗାଳିଗୁଲଜ କରେ । ମା' ନିଜେ କଷ୍ଟପାଉଛି, ଅନ୍ୟକୁ କଷ୍ଟଦେଉଛି । ଢେର ହେଲା । ମା'ର ଏବେ ଚାଲିଯିବା ଭଲ । ଆମେ ସମସ୍ତେ ଭଗବାନଙ୍କ ପାଖରେ ପ୍ରାର୍ଥନା କରିବା- ମା' ଯେମିତି ଆଉ କଷ୍ଟ ନ ପାଉ ।"

ସାନ ରବି ବୁଝିପାରୁଥିଲା ଯେ ମା' ସମସ୍ତଙ୍କୁ କଷ୍ଟଦେଉଛି ଓ ଏହି କଥା ଭାବିଲେ ତାକୁ କଷ୍ଟ ହେଉଥିଲା । ଯଦିଓ ସେମାନେ ସମସ୍ତେ ମାଳତୀର ସେବା ଯତ୍ନ କରୁଥିଲେ, ତଥାପି ଗୋଟିଏ ଗୋଟିଏ ସମୟରେ ସେମାନେ ବିରକ୍ତ ହେଉଥିଲେ । ରବି ଏସବୁ ଜାଣେ, ଯଦିଓ କୁମାର ଓ ତା' ମା' ଏସବୁ ଜାଣିନଥିଲେ ।

ଚାରିପାଞ୍ଚଦିନ ପୂର୍ବରୁ ଗୀତାର ବାପଘରୁ କିଛିଲୋକ ଆସିଥିଲେ । ସେମାନଙ୍କ କଥାବାର୍ତ୍ତାରୁ ରବି ବୁଝିପାରୁଥିଲା ସେମାନେ ମା' ଉପରେ କେତେ ବିରକ୍ତ ହେଉଥିଲେ । ଗୀତାର ମା' ରବିକୁ ଦେଖେଇ ପଚାରିଥିଲେ- "ତା' ମା' କେମିତି ଅଛନ୍ତି ?"

"ହଁ, ଗୋଟେ ପ୍ରକାର ଅଛନ୍ତି । ଡାକ୍ତର କହୁଥିଲେ ପାଞ୍ଚ-ଛ' ମାସ ବଞ୍ଚିବେ । ଛ'ମାସ ହୋଇଗଲା । ଯେତେବେଳେ ସେ ଖୁବ୍ ଅସୁସ୍ଥ ହୋଇପଡ଼ନ୍ତି, ଆମେ ଭଲରେ ରହୁ । ଟିକେ ଭଲ ହେଉ ନହେଉଣୁ ଏତେ ଖରାପ ଭାଷାରେ ଗାଳିମନ୍ଦ କରନ୍ତି ! ଆମେ ଜବାବ ଦେଉନି ସତ । କିନ୍ତୁ ସହ୍ୟ କରିବା ମଧ୍ୟ କଠିନ । ସେ ନିଜେ ମରୁଛି, ଆମକୁ ମଧ୍ୟ ମାରୁଛି ।"

ରବି ପ୍ରଥମେ କଥାଗୁଡ଼ାକ ଶୁଣି ଆଶ୍ଚର୍ଯ୍ୟ ହୋଇଯାଇଥିଲା । ପରେ ଏକୁଟିଆ ବସି ଭାବିଛି- ଖୁଡ଼ିଙ୍କର କଥାଗୁଡ଼ାକତ ସବୁ ସତ । ରବି ଏବେ ଭାବେ ମା' ଏମିତି ବଞ୍ଚିରହିବା ଅପେକ୍ଷା ମରିଯିବା ବରଂ ଭଲ । କାହିଁକି ଯେ ବାପା ଭଗବାନଙ୍କ ପାଖରେ ମା'ର ବଞ୍ଚିରହିବା ପାଇଁ ପ୍ରାର୍ଥନା କରନ୍ତି ?

ରବିଠାକୁରଙ୍କ ଛବିଆଡ଼କୁ ଏକ ଦୃଷ୍ଟିରେ ଅନେଇଥିଲା । "ରବି, ଠାକୁରଙ୍କ ପାଖରେ ପ୍ରାର୍ଥନା କର ଯେମିତି ମା' ଶୀଘ୍ର ଭଲହୋଇଯାଏ ।" କାନ୍ଦୁ କାନ୍ଦୁ କହିଲେ ପାର୍ବତୀ ।

ରବି ମନକୁ ମନ ଗୁଣୁଗୁଣୁ ହେଇ କେତେକଣ କହିଯାଉଥିଲା - "କଣ ଚାହୁଁଛ ତମେ ? ମା'ର ମରଣନା ସୁସ୍ଥତା ?" ପିଲାଟିର ମୁହଁ ପୁରାପୁରି ଶାନ୍ତ । କିଛିବୁଝିବାର ଉପାୟ ନାହିଁ ।

"ବାପା, ଭଗବାନ ନିଶ୍ଚୟ ମୋ ପ୍ରାର୍ଥନା ଶୁଣିବେ । ତୁମେ ଚିନ୍ତା କରନା ।"

*ଫ୍ଲାଟ୍ ନଂ. ୪୦୯, ୭୮ ଡ୍ରିମ୍ସ, ଘାଟିକିଆ,*
*ଭୁବନେଶ୍ୱର-୭୫୧୦୦୩*
*ଦୂରଭାଷ: ୯୪୩୮୧୪୯୭୬୧*

# ପବିତ୍ର ପାପୀ

ଜିତେନ୍ଦ୍ର ପରିଡ଼ା

ଉଦୟପୁର ଗ୍ରାମର ମୁଖିଆ ପୃଥୁନାଥ ପରିଡ଼ା ତାଙ୍କ ଘର ସାମ୍ନାରେ ଏକ ଦଶଫୁଟରେ ଦଶଫୁଟ ଗୋଲାକାର ପଥର ଉପରେ ଚୌକୀ ପକାଇ ତଳେ ପଥର ଖମ୍ବ ଦେଇ ଭୂଇଁଠୁ ପ୍ରାୟ ୩ ଫୁଟ ଉପରେ ବସି ବଡ଼ ପାଟିରେ ତାଙ୍କ ଘରର ବୋଲକରା ବେଣୁକୁ ଡକା ପାରୁଥାଆନ୍ତି। ବେଣୁ ଆସି ମୁଣ୍ଡ ତଳକୁ କରି ଠିଆ ହେଲା। ପୃଥୁନାଥ କହିଲେ କେତେବେଳୁ ରଡ଼ି କରୁଛି କୋଉଁଠି ଶୋଇ ପଡ଼ିଥିଲୁ ନା କ'ଣ? ନାଇଁ ଆଜ୍ଞା ମା ସାଆନ୍ତାଣୀ ପିଢ଼ାକୁ ଲାଉ ଆଉ ବୋଇତାଳୁ ଡଙ୍କ ଦୁଇଟା ଚଢ଼େଇଦେବାକୁ କହିଥିଲେ ତ ତାକୁ ହିଁ କରୁଥିଲି।

ତୁ ଛାଡ଼ ସେ କଥା। ଶୀଘ୍ରଯା ମୁଁ ଡାକୁଛି ବୋଲି କହି ପଣ୍ଡିତ କୃଷ୍ଣପତିଙ୍କୁ ଡାକି ଆଣିବୁ। ହଁ ପୋଥି ପାଞ୍ଜି ତାଳପତ୍ର ଲେଖନୀ ଧରି ଆସିବେ ବୋଲି କହିବୁ। ଏଇ ଦେଖ ଏଇଠି ଛେପ ମେଞ୍ଚାଏ ପକେଇଦେଲି ଛେପ ଶୁଖିବା ପୂର୍ବରୁ ତୋର ପହଞ୍ଚିବା ଦରକାର। ନହେଲେ ଦେଖିଥା ଏ ବେତକୁ। ବେଣୁ ଜାଣେ ସାଆନ୍ତେ ଭାରି କଡାଲୋକ ଯାହା କହିବେ ସେଇଆ ହିଁ କରିବେ। ତେଣୁ ସେ ଧାଇଁଲା କୃଷ୍ଣ ପତି ପଣ୍ଡିତଙ୍କ ଘରକୁ।

ପ୍ରଧାନେ ଡାକୁଛନ୍ତି। ନଯିବାର ଚାରା ନାହିଁ। ବଡବଡ ପାହୁଣ୍ଡ ପକାଇ ସେ ଧପାଲି ଚାଲିଲେ ପରିଡ଼ା ସାହିକୁ। ପ୍ରଧାନେ କହିଲେ ପତିଏ ଶୁଣ। ଆମର ତୃତୀୟ ପୁତ୍ର ଉପେନ୍ଦ୍ରର ଭୋର ପାଞ୍ଚଟା ୩୦ ମିନିଟ୍‌ରେ ପୁଅଟେ ହେଇଛି। ଗଣନା କରି ତା'ର ଜାତକ ଲେଖ। ଦେଖ ସେ ପିଲାର ଭାଗ୍ୟରେଖା କ'ଣ କହୁଛି। ପତିଏ କୁଣ୍ଡଳୀ ଦେଖି କହିଲେ ପୁଅର ରାଶି ହେଲା ଶ୍ରବଣା ମକର ୨୨/୧୦ ତେଣୁ ତା'ର ନାମକରଣ ଖ ନହେଲେ ଜ ଅକ୍ଷରରେ ରଖିବାଟା ଭଲ। କିଏ କହିଲା ଖଗେଶ୍ୱର, ତ କିଏ କହିଲା ଖତିନ୍ଦ୍ର। ପ୍ରଧାନେ କହିଲେ ମଣିଷର ନାଁ ବାଛୁଛ ନା ଗଣ୍ଡମୁର୍ଖଟିଏ କହୁଛ। ବେଳ ନକ୍ଷତ୍ର ଠିକ୍‌ଠାକ କୁହ ନାମ ମୁଁ ଦେବି।

ସେଠୁ ପଣ୍ଡିତେ କହିଲେ ବିଷ୍ଣୁଙ୍କ ଶୟନ ସମୟେ, ଗଣେଷଙ୍କ ପଠନ ଲିଖନ ସମୟେ। ବ୍ରହ୍ମାଙ୍କ ସ୍ନାନ ସମୟେ ସୂର୍ଯ୍ୟଦେବତାଙ୍କ ଉଦୟ ସମୟେ ମହେଶ୍ୱରଙ୍କ ପୂଜନସମୟେ ଆଉ ଇନ୍ଦ୍ରଙ୍କ ଦରବାର ଲାଗିଥିବା ସମୟେ ଏ ସନ୍ତାନର ଜନ୍ମ। ତେଣୁ ଆପଣ କହନ୍ତୁ ତା'ର ନାମ କ'ଣ ହେବା ଦରକାର। ପ୍ରଧାନେ ପୁଅ ଉପେନ୍ଦ୍ର ଓ ବୋହୂ ସୁଲୋଚନାକୁ ଡାକିଲେ କହିଲେ ତୁମେମାନେ କୁହ ମୁଁ ଭାବୁଛି ଯଜ୍ଞଦତ୍ତ ନହେଲେ ଜିତେନ୍ଦ୍ରିୟ ରଖିବା ପାଇଁ। କଥାଟା ସମସ୍ତଙ୍କ ମନକୁ ପାଇଲା ସର୍ବ ନିଷ୍ପତ୍ତିକ୍ରମେ ସନ୍ତାନର ନାମ ଜିତେନ୍ଦ୍ରିୟ ରହିଲା। ଏକୋଇଶା ଭୋଜିରେ ଗାଁ ସାରା ଲୋକ ଖାଇଲେ। ଚାହୁଁ ଚାହୁଁ ବର୍ଷେ ପୁରିଲା ଅନ୍ନପ୍ରାସନ୍ନ ଓ ବର୍ଷକିୟା ଭୋଜି ବି ଗଲା। ଛୁଆଟି ଚନ୍ଦ୍ର ଉଦିଆ ମୁହଁ ସୁନ୍ଦର ସ୍ୱାସ୍ଥ୍ୟ ଗୋରା ନ ହେଲେବି କଳାବି ନୁହଁ।

କାଳକ୍ରମେ ପ୍ରଧାନ ପୃଥୁନାଥଙ୍କର ସାୟାହ୍ନ ସମୟ ଆସିଲା। ପୁତ୍ର ଉପେନ୍ଦ୍ରକୁ ଡାକି କହିଲେ ଏ ସନ୍ତାନଟି ଦିନେ ଏ ବଂଶର ନାଁ ରଖିବ। ତେଣୁ ତୁମେ ଦୁଇଜଣ ଏହା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବ। ଆଉ ତାକୁ ଡାକ୍ତରଟିଏ ବନେଇବ ଯେମିତି ସେ ଏ ଅଞ୍ଚଳ ତଥା ଲୋକବାକଙ୍କର ସେବା କରିପାରିବ। ପୁତ୍ର ଉପେନ୍ଦ୍ର ମଧ୍ୟ ପିତାଙ୍କ ଆଦେଶକୁ ଅକ୍ଷରେ ଅକ୍ଷରେ ମାନି ପିଲାଟିର ଯତ୍ନ ନେଲେ। ଆଉ ମଝିଆଁପୁଅ ଶରତକୁ ତାଗିଦ୍ କଲେ ଯେମିତି ଯାହା ହେଉ ଏ ପିଲାଟିର ଜାତକ କୃଷ୍ଣପତି ଲେଖିଛନ୍ତି ମାନେ ସେ ନିଶ୍ଚୟ ଏ ବଂଶର ନାଁ ରଖିବ। ସମସ୍ତ ଦେବାଦେବୀ ନିଜର ସ୍ୱକର୍ମ ସମ୍ପାଦନ କରୁଥିବା ସମୟରେ ଏହାର ଜନ୍ମ। ତେଣୁ ସେ ନିଜ ଗୋଡ଼ରେ ବିନା କାହାରି ସହାୟତାରେ ଦିନେ ଠିଆ ହେବ ଆଉ ନିଜର ଜିତେନ୍ଦ୍ରିୟ ନାମକୁ ପ୍ରମାଣ କରିଦେଖାଇବ। ହଁ ଶୁଣ ପଣ୍ଡିତେ କହିଛନ୍ତି ତା'ର ଗୋଟାଏ ଜନ୍ମଗତ ଦୋଷ ଅଛି ସେ ବରୁଣ ଦେବତାଙ୍କ ସ୍ନାନ ସମୟରେ ଜନ୍ମ ହେବା ବେଳେ ପରିସ୍ରା କରି ଦେଇଥିଲା। ସେ ଦୋଷଟି ତା'ର ବରୁଣ ଦେବତାଙ୍କ ଅଭିଶାପରେ ରହିଯିବ। ଯଦ୍ଦ୍ୱାରା ସେ ସ୍ନାନ କରିବା ଯାଗା ଅପବିତ୍ର ଏବଂ ତା' ଶରୀରରେ ମଧ୍ୟ ଜଳର ପରିମାଣ କମ୍ ରହିବ।

ବାପା ଶରତ ଏକଥା ଶୁଣି ଚିନ୍ତାରେ ପଡ଼ିଗଲେ। କାଳକ୍ରମେ ତାଙ୍କ ବାପାଙ୍କର ଦେହାନ୍ତ ହେଲା। ଶରତ ବାବୁ କୃଷ୍ଣପତି ପଣ୍ଡିତେଙ୍କୁ ଏହାର ନିରାକରଣ ଉପାୟ ପଚାରିଲେ। କୃଷ୍ଣପତି ମହାଶୟ ଅନେକ ପୋଥି ପତ୍ର ଘଣ୍ଟା ଘଣ୍ଟି କଲାପରେ ବି କୌଣସି ସଠିକ୍ ଉପାୟ ପାଇଲେ ନାହିଁ।

ଜିତେନ୍ଦ୍ରିୟ ବାବୁଙ୍କ ବାଲ୍ୟବସ୍ଥା କଟିଥିଲା ଏଇ ସହରରେ ଯେହେତୁ

ବାପା ଶରତ ଜିଲ୍ଲାପାଳଙ୍କ ଅଫିସରେ କିରାଣୀ। ସେମାନେ ରହୁଥିଲେ କଚେରୀ ତଳର କଲୋନୀ ଷ୍ଟାଫ କ୍ୱାର୍ଟରରେ। ସେଠି ଗୋଟିଏ ପ୍ରାଥମିକ ଓ ମଧ୍ୟ ଇଂରାଜୀ ସ୍କୁଲ ଖୋଲିଥିଲା। ପ୍ରାଥମିକ ସ୍କୁଲଟିର ନାମ ଧୋବାଡିହା ଉଚ୍ଚ ପ୍ରାଥମିକ ଏବଂ ମଧ୍ୟ ଇଂରାଜୀ ବିଦ୍ୟାଳୟର ନାଁ ବାପୁଜୀ ଆଦର୍ଶ ମଧ୍ୟ ଇଂରାଜୀ ବିଦ୍ୟାପୀଠ ଥିଲା। ଜିତେନ୍ଦ୍ରିୟ ତୃତୀୟ ଓ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ବୃତ୍ତି ପାଇବା ସହ ସ୍କୁଲର ବାର୍ଷିକ ଉତ୍ସବରେ ସର୍ବଗୁଣ ସମ୍ପନ୍ନ ପୁରସ୍କାର ପାଇଥିଲେ।

ସମୟଟା ସବୁବେଳେ ସ୍ଥିର ନୁହେଁ। ଗୋଟେ ଗ୍ରାଫ୍ ହେଲେ ଗୋଟାଏ ନିକିତି ସଦୃଶ୍ୟ। କେତେବେଳେ କେଉଁପଟଟା ଭାରି ହେବ ଆକଳନ କରିବା କଷ୍ଟକର। ତାଙ୍କର ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷା ଫଳ ବାହାରିବା ପରେ ପରେ ତାଙ୍କ ଜୀବନର ଗତିପଥ ଅକସ୍ମାତ ବଦଳିଗଲା। ସହଜ ସରଳ ସାବଲୀଳ ଜୀବନ ବାକ୍ୟରେ ଯେ କମା ସେମିକୋଲନ ସବୁ ଖଣ୍ଡିଆଭୂତ ହୋଇ ମାଡ଼ି ଆସନ୍ତି ସେ ଜାଣିଲେ ବାପାଙ୍କ ଦେହାନ୍ତ ପରେ। ଆପେଣ୍ଡିକ ସାଇଡ଼ସ୍ ଗୋଟାଏ ରୋଗନୁହେଁ ମଣିଷ ଶରୀରର ଏକ ଅଦରକାରୀ ଅବୟବ ଯାହା ଖାଦ୍ୟନଳୀ ଆଡ଼କୁ ମୁଖ ବ୍ୟାଦାନ କରିଥାଏ। କୌଣସି ନା କୌଣସି କାରଣରୁ ଯଦି କୌଣସି ଖାଦ୍ୟକଣିକା ତ ଭିତରକୁ ଚାଲିଯାଏ ତେବେ ସାରା ଶରୀର ବିଷାକ୍ତ ହୋଇ ଉଠେ ଆଉ ସମୟସୀମା ଘୋଷଣା କରିଦିଏ ଚବିଶ ଘଣ୍ଟା। ତାରି ଭିତରେ ମୋତେ କାଟି ବାହାର କରିଦିଅ ନହେଲେ ଦେଖ ତମେ ଜପତପ କରୁଥିବ ବଂଶୀଆଳର ମୁଁ କିନ୍ତୁ ମଇଁଷିଆଳକୁ ଧରି ଆସିବି ହିଁ ଆସିବି।

୩୫ ବର୍ଷଟା କ'ଣ ଗୋଟେ ବୟସ, ଜଣେ ବାପାଙ୍କର ସ୍ତ୍ରୀ ଆଉ ଚାରିଟାପୁଅ ଗୋଟେ ଝିଅକୁ ଛାଡ଼ି ଚାଲିଯିବାର। ଭାଇଟିଏ ଡାକ୍ତର ସାଙ୍ଗ ଜଣେ ଶିକ୍ଷିତ ଓ ସବୁଠାରୁ ବଡ଼ ଔଷଧ ଦୋକାନୀ। ଆଉ ଶ୍ରଦ୍ଧା ଭକ୍ତି ସମ୍ମାନ ଦେଉଥିବା କର୍ମଚାରୀମାନଙ୍କୁ ଛାଡ଼ି ଚାଲିଯିବାର। କୃଷ୍ଣପତି ପରା ଗଣନା କରି କହିଥିଲା ତମର ନବେବର୍ଷରେ ସାମାନ୍ୟ ମୋଡ଼ଟେ ଆସିବ। ତେବେ ସେ କ'ଣ ମିଛ କହିଥିଲା ? ତା' କଥା ଯଦି ମିଛ ତେବେ ତମପୁଅ ଜିତେନ୍ଦ୍ରିୟ ବିଷୟରେ କହିଥିବା ସବୁକଥାତ ମିଛ ବୋଲି ପ୍ରମାଣିତ ହୋଇଗଲା। ପ୍ରତିକ୍ରିୟାଶୀଳ ମନଟା ଜମା ବୋଲମାନିବାକୁ ରାଜି ନଥିଲା।

ସେହି ମୁହଁଖୋଲି ନ କହିଲେ ବି ଜିତେନ୍ଦ୍ରିୟ ବନ୍ଧୁ ପ୍ରିୟଜନଙ୍କ ଆଖି ତୋଳାରେ ତାଙ୍କ ପ୍ରତି ଘୃଣା ଓ ଅନାଦରକୁ ଠିକ୍ ପଢ଼ି ପାରୁଥିଲେ। ମନରେ ଅନେକ ଗ୍ଲାନି କ୍ଷୋଭ ଅବସୋସ। ସେ ସମ୍ବାଦ ଶୁଣି ଧୈର୍ଯ୍ୟ ଧରି ରହିବାର ସାହାସ ତାଙ୍କର ଥିଲାକି ନାହିଁ ସେ ଜାଣନ୍ତି ନାହିଁ କିନ୍ତୁ ସେ ସମ୍ବାଦକୁ ତାଙ୍କୁ ଉଦରସ୍ଥ କରିବାକୁ ପଡ଼ିଲା। ତାଙ୍କ ଆଖିରେ ନିଜଲୋକଗୁଡ଼ା ବାରଭାତ ବେଳକୁ ସମ୍ପୂର୍ଣ୍ଣ ପର ହେଇ ସାରିଥିଲେ। ମା'ର ବୟସଟା ସେଇଠି ହଠାତ୍ ସ୍ଥିର ହୋଇଗଲା।

ଏ ଭିତରେ ଗାଁ ନଈ ବୈତରଣୀରେ ଲକ୍ଷ ଲକ୍ଷ କୋଟି କୋଟି କ୍ୟୁସେକ ଜଳ ବୋହିଯିବଣି। ମାତ୍ର ମା' ଅପରିବର୍ତ୍ତିତ। ତା'ର ଧାରଣା ବାପା ଅଫିସ ଯାଇଛନ୍ତି ଏଇ ଫେରିବେ। ଜିତେନ୍ଦ୍ରିୟ ଭାବୁଥିଲେ ଆଜି କ'ଣ କ'ଣ ଭୁଲ କରିଛନ୍ତି ବାବା ଆସିଲେ ଆଗେ ଦେହରେ ନୋଳା ଫାଟିବ। ତଥାପି ବାବାଙ୍କ ପ୍ରତି ଆକର୍ଷଣଟା ତାଙ୍କର ବୋଧହୁଏ ଅନ୍ୟ ଭାଇ ଭଉଣୀଙ୍କ ଅପେକ୍ଷା ଅଧିକ ଥିଲା। କାରଣଟା ବି ନିହାତି ସାମାନ୍ୟ। ସେ ୩୬୪ ଦିନ ଦଣ୍ଡ ପାଇଲେ ମଧ୍ୟ ଗୋଟିଏ ଦିନରେ ବାବାଙ୍କ ସ୍ନେହ ଆଦର ତାଙ୍କର ସବୁ କଷ୍ଟକୁ ଭୁଲେଇ ଦିଏ। ସେଇଟା ପରୀକ୍ଷାଫଳ ବାହାରିବା ଦିନ। ସେ ପାଠ ସାଙ୍ଗକୁ ଖେଳକୁଦରେ ବି ଧୂରନ୍ଧର ଥିଲେ। ପରୀକ୍ଷାଫଳ ବାହାରିଲେ ସେ ଦେଖନ୍ତି ଯେ ସେ ଦ୍ୱିତୀୟ ସ୍ଥାନରେ। ପ୍ରଥମ ହୋଇଥିବା ପିଲା ତାଙ୍କଠାରୁ ୨ କି ତିନି ନମ୍ବର ଅଧିକ ରଖିଥିବ। ବାବା କହନ୍ତି ତୁ କ'ଣ ସବୁଦିନେ ଏମିତି ଦ୍ୱିତୀୟ ହୋଇ ରହିବୁ ପ୍ରଥମ ହେଇ ପାରିବୁନି କିରେ ? ଦୁର୍ଭାଗ୍ୟ ବାବା ଆରପୁରକୁ ଚାଲିଗଲେ ପଛେ ଜିତେନ୍ଦ୍ରିୟକୁ ବାବୁଙ୍କ ମାନସିକ ସ୍ତରରେ ଅନେକ ପରିବର୍ତ୍ତନ ଘଟିଲା। ପ୍ରଥମ ହେବାର ଆଶାରେ ଦ୍ୱିତୀୟ ହେଉ ହେଉ ତୃତୀୟ ଚତୁର୍ଥ ଏପରିକି ମାଟ୍ରିକ ପାଶକଲା ବେଳକୁ ତାଙ୍କ ନାମ କଡରେ କୌଣସି ସଂଖ୍ୟା ହିଁ ନଥିଲା।

ଊଃ ପ୍ରିୟଜନଙ୍କ ଆଖିରେ ଘୃଣା ଦୟା, ଅନାଗ୍ରହ ତାଙ୍କୁ ଗାଁ ଛାଡ଼ିବାକୁ ବାଧ୍ୟ କଲା। ସମୟର ଚକଯେ ସେଇ ନିର୍ଦ୍ଧାରିତ ଶଗଡ଼ ଗୁଳାରେ ଚାଲିବ ଏମିତି କିଛି ମାନେନାହିଁ। ଋତୁ ବଦଳିବା ପରି ସମୟ ବି ତା'ର ଗତିପଥ ବଦଳାଏ। ଜିତେନ୍ଦ୍ରିୟ ଅନୁଭବ କଲେ ସତେ ଯେମିତି ରାତିକ ଭିତରେ ସେ ୧୬ ବୟସରୁ ୨୧ ବର୍ଷରେ ପରିଣତ ହୋଇଗଲେ। ସେଯେ ନିଜ ଇଚ୍ଛାରେ ଗାଁ ଛାଡ଼ିଲେ ନା ପ୍ରିୟଜନଙ୍କ ବ୍ୟବହାର ତାଙ୍କୁ ଗାଁ ଛାଡ଼ିବାକୁ ବାଧ୍ୟ କଲା ସଠିକ ଉତ୍ତରଟା ସେ କହିପାରିବେ ନାହିଁ।

ଗାଁ ସିନା ଛାଡ଼ିଦେଲେ ସର୍ବନିମ୍ନ ଆବଶ୍ୟକତାଟା ପୂରଣ ହେବ କେମିତି ପୁଣି କଲେଜରେ ପଢ଼ା। ଜଣକ ବଖୁରିଆ ଘରେରହି କିଛି ପିଲାଙ୍କୁ ଟିଉସନ କଲେ। ଆୟରୁ ଖାଦ୍ୟ କଲେଜ ଖର୍ଚ୍ଚ ଯୋଗାଡ଼ିବାବେଳେ ବସ୍ତ୍ର ପାଇଁ ନିଅଁଟ ପଡ଼େ। ଧୋଇ ଶୁଖେଇ ଦୁଇ ବର୍ଷ କଲେଜରେ କାଟିଦେଇ ଏକ ଅଫିସ୍‌ରେ ପୋଷ୍ଟ ବାହାରିଲା ଯାଇ ଇଣ୍ଟରଭିୟୁ ଦେଲେ। ସାଙ୍ଗସାଥୀ କଲେଜରେ ସେ କିନ୍ତୁ ଖାଦ୍ୟ ବସ୍ତ୍ର ବାସସ୍ଥାନ ଯୋଗାଡରେ ବ୍ୟସ୍ତ ରହିଲେ। ହଜିଗଲା ଯୌବନର ମାଦକତା ଲିଭିଗଲା ମୁହଁରୁ ହସର କଣିକା, ଖାଲି ଯାହା ବଳବତ୍ତର ରହିଲା ଆତ୍ମପ୍ରତ୍ୟୟ ଆଉ ନିଜ ଗୋଡ଼ରେ ଛିଡ଼ା ହେବାର ଏକ ଦୁର୍ବାର ମୋହ। କାରଣ ବି ସୁସ୍ପଷ୍ଟ ପ୍ରିୟଜନଙ୍କୁ ଦେଖାଇବାର ଲୋଭ। ହେଇଦେଖ ତମମାନଙ୍କର ହେୟଜ୍ଞାନ ମତେ ଆଜି ଆଉ ବାଧୁନାହିଁ। ମୁଁ ଆଜି ନିଜେ ନିଜ ଗୋଡ଼ରେ ଛିଡ଼ା ହୋଇ ପାରିଛି। ପ୍ରତିଶୋଧ କି ପରଶ୍ରୀ କାତରତା ନୁହଁ ସାମାନ୍ୟ ସନ୍ତୁଷ୍ଟି ମାତ୍ର।

ଜିତେନ୍ଦ୍ରିୟ ବାବୁଙ୍କର ସ୍ପଷ୍ଟ ମନେଅଛି ସେ ପିଲାବେଳୁ ନିରୋଗୀ। ମାତ୍ର ଘରେ ମା' ପେଟ ବେମାରୀ, ତାଙ୍କ ତଳଭାଇ ପୋଲିଓ ଗ୍ରସ୍ତ। ତା ତଳ ଭାଇ ସିକିଲିଙ୍ଗ ରୋଗରେ ପିଡ଼ିତ। ତେଣୁ ବାବା ସବୁବେଳେ ଗୋଟାଏ ଭାରକ୍ରାନ୍ତ ଓ ଚିଡିଚିଡା ସ୍ୱଭାବର ଥିଲେ। ଜିତେନ୍ଦ୍ରିୟ ବାବୁ ନିରୋଗ ସିନା ଥିଲେ କିନ୍ତୁ ତାଙ୍କୁ ଥରେ ଟଙ୍ଗସିଲ ହୋଇଥିଲା। ଆଉ ସବୁଠାରୁ ବଡ଼ ଦୁର୍ବଳତା ଥିଲା ସେ ଗରମ ଆଦୌ ସହିପାରନ୍ତି ନାହିଁ।

ସେ ଚାକିରୀ କ୍ଷେତ୍ରରେ ସମୟାନୁବର୍ତ୍ତିତା, କାର୍ଯ୍ୟ କରିବାର ଦକ୍ଷତା,

ପରୋପକାର, ଅଧସ୍ତନ କର୍ମଚାରୀଙ୍କ ସହ ସୁସମ୍ପର୍କ ରଖିବା ସମୟରେ ସେ ଦେଖିଲେ କର୍ମଚାରୀଗଣ ଯେନତେନ ପ୍ରକାରେଣ ଅର୍ଥ ରୋଜଗାର ବା ଅନ୍ୟ ଅର୍ଥରେ କହିଲେ ଏ ସମାଜ ଗୋଟାଏ ଅର୍ଥସର୍ବସ୍ୱ ସମାଜରେ ପରିଣତ ହେବାକୁ ଯାଉଛି। ସେଠି ସାଧୁତା ସଚ୍ଚୋଟତାକୁ ଏକ କି ଦୁଇ ପ୍ରତିଶତ ଲୋକ ଗୁରୁତ୍ୱ ଦେଉଛନ୍ତି। ତା' ମାନେ ଗୋଟାଏ ଆବାହମାନ କାଳକୁ ଛାଡ଼ିଦେଲେ ବର୍ତ୍ତମାନର ସମାଜରେ ଗୋଟାଏ ଅଳନ୍ଧୁ ଘେରା କାଚଫ୍ରେମ ଭିତରେ କିଛି ଆତ୍ମ ପ୍ରବଞ୍ଚକ ପଦଚାଳନାକରୁଛନ୍ତି। ଯେଉଁମାନଙ୍କର ମୂଳ ଲକ୍ଷ୍ୟ ହେଲା ଅର୍ଥ ରୋଜଗାର କରିବା।

ଏ ପ୍ରକାର ବିଲକ୍ଷଣ ଦେଖି ତାଙ୍କ ଭିତରେ ଗୋଟାଏ ବିରାଟ ପରିବର୍ତ୍ତନ ଘଟୁଥିଲା। ସେଠି ଆଉ ଏକ ବ୍ୟକ୍ତିର ପରିଚୟ ସ୍ୱଷ୍ଟ ବାରି ହୋଇ ପଡୁଥିଲା। ଚାକିରୀ ସମୟତକ ଛାଡ଼ିଦେଲେ ସେ କବିତା ଗଳ୍ପ ଲେଖି ପତ୍ରପତ୍ରିକାକୁ ପଠାଇବା ଚିତ୍ରାଙ୍କନ କରିବାରେ ମାନସିକ ଶାନ୍ତି ପାଉଥିଲେ। ଏହି ସକାରାତ୍ମକ ଗୁଣ ତାଙ୍କ ଜୀବନରେ ଖୁବ୍ ପ୍ରଭାବ ପକାଇଥିଲା। ତାଙ୍କ ଉଚ୍ଚାରଣ ଓ ଆଚରଣରେ କୌଣସି ପାର୍ଥକ୍ୟ ନଥିଲା।

କୌଣସି ବ୍ୟକ୍ତି କିଛି ବି କାମ ପାଇଁ ତାଙ୍କ ପାଖକୁ ଆସୁ ସେ ପାରୁ ପର୍ଯ୍ୟନ୍ତ ତାକୁ ସାହାଯ୍ୟ କରୁଥିଲେ। ତାଙ୍କର କାମ ପାଇଁ ନିଷ୍ଠା ଓ ଏକାଗ୍ରତା ବି ଉପରିସ୍ଥ ହାକିମଙ୍କୁ ଖୁବ୍ ସୁହଉଥିଲା। ତେଣୁ ଜିତେନ୍ଦ୍ରିୟ ବାବୁ କାଳକ୍ରମେ ପଦୋନ୍ନତି ସହ ଅମଲାସଂଘର ସଭାପତି ମଧ ହୋଇପାରିଥିଲେ।

ଗାଁ ଘରର ସମସ୍ତଙ୍କ ବିରୋଧ ସତ୍ତ୍ୱେ ଜଣେ ଭିନ୍ନକ୍ଷମ ଝିଅକୁ ବିବାହ କରିଥିଲେ। ଯୁକ୍ତି ଥିଲା ଯଦି ମୋର ଭିନ୍ନକ୍ଷମ ବା ଦିବ୍ୟାଙ୍ଗ ଭଉଣୀଟିଏ କି ଝିଅଟିଏ ଥାଆନ୍ତା ମୁଁ କ'ଣ ଅନ୍ଧବରଟେ ଖୋଜି ବାହାର କରି ବାହାଘର କରିଥାଆନ୍ତି କି? ଏ ଯୁକ୍ତି ଆଗରେ ସମସ୍ତେ ଚୁପ ପଡ଼ିଗଲେ।

ସାଂସାରିକ ଜୀବନସହ, ଅମଲା ସଂଘର ସଭାପତି ସାହିତ୍ୟ ସଂସ୍କୃତି ପ୍ରତି ଅନୁରାଗ ତାଙ୍କୁ ବିଭିନ୍ନ ମହଲରେ ଖୁବ୍ ଭଲ ପରିଚିତି ଆଉ ସୁନାମ ଆଣିଦେଲା। କାଳକ୍ରମେ ଦୂରେଇ ଯାଉଥିବା ଗାଁ, ଘରଲୋକ ଏବଂ ଗ୍ରାମବାସୀ ତାଙ୍କର ନିକଟତର ହେବାରେ ଲାଗିଥାଆନ୍ତି।

ସେ ଏବେ ଅଫିସ୍ ସୁପରିଣ୍ଟେଣ୍ଡେଣ୍ଟ। ଚାକିରୀ ଆଉ ତିନିମାସ ରହିଲା ଅବସର ନେବା ପାଇଁ। ଭୁବନେଶ୍ୱରରେ ଦୁଇ ମହଲା କୋଠାଟିଏ କରିଛନ୍ତି। ଗୋଟିଏ ବୋଲି ପୁଅ। ସେ ପୁଣି ସଫଟଓୟାର ଇଞ୍ଜିନିୟର ବାହା ବି ହେଇଛି ସଫଟଓୟାର ଇଞ୍ଜିନିୟର ଝିଅକୁ। ରହୁଛନ୍ତି ଆମେରିକାରେ। ଜିତେନ୍ଦ୍ରିୟ ବାବୁ କୌଣସିଟାକୁ ବିରୋଧ କରିନାହାନ୍ତି। କାରଣ ସେ ଧରିନେଇଛନ୍ତି ଯେ ଶାବକ ଡେଣାରେ ବଳ ଲାଗିଲେ ସେ ଆକାଶକୁ ଡିଆଁ ମାରି ଉଡାଣ ମାରିବ ହିଁ ମାରିବ। ଗାଁ ପାଖରେ ସେ ଝିଅର ବାହାଘର କରେଇଛନ୍ତି। ଝିଅ ପ୍ରଫେସର ଜ୍ୱାଇଁ ଡାକ୍ତର।

ଗାଁରେ ଯେଉଁ ପୈତୃକ ସମ୍ପତ୍ତି ଥିଲା ସେ ସେଥିରୁ କିଛିବି ନେବାକୁ ଚାହିଁ ନଥିଲେ। ଭାଇମାନେ ଖାଇବେତ ଖାଆନ୍ତୁ। କିନ୍ତୁ ଭାଇମାନେ କହିଲେ ତୁମ ପାଖରେ ରହିବା ଯାହା ଆମ ପାଖରେ ରହିବା ତାହା ତେଣୁ ସେ ନିଷ୍ପତ୍ତି ନେଇ ସାରିଥିଲେ ଯେ ଅବସର ପରେ ପୁନର୍ବାର ଗାଁକୁ ଫେରିଯିବେ। ସ୍ୱାମୀ ସ୍ତ୍ରୀ ରହିବା ପାଇଁ ଦୁଇବଖରା ଘରଟେ ଯଥେଷ୍ଟ।

ଜିତେନ୍ଦ୍ରିୟ ବାବୁଙ୍କ ଆତ୍ମକାହାଣୀ ଭାରି ସଂଘର୍ଷମୟ ଓ କଣ୍ଟକିତ ସେଯେ ଜୀବନଯାତ୍ରାରେ ଲହୁଲୁହାଣ ହେଇନାହାନ୍ତି ଏକଥା ଯୋର ଦେଇ କହିପାରିବେ ନାହିଁ।

ଆଲୋକ ଓ ଅନ୍ଧାର ଗୋଟାଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଏକକୁ ଛାଡ଼ି ଆରକର ସ୍ଥିତି ନାହିଁ। ଜିତେନ୍ଦ୍ରିୟ ବାବୁ ଅତୀତକୁ ମନେ ପକାନ୍ତି ଭବିଷ୍ୟତରେ ଋପରେଖ ତିଆରି କରି ସ୍ୱପ୍ନ ଦେଖନ୍ତି ଆଉ ବର୍ତ୍ତମାନର ସ୍ଥିତିକୁ କାନ୍ଧରେ ବୋହି ବଞ୍ଚନ୍ତି। ତେଣୁ ସେ ଅନେକ ଲୋକଙ୍କୁ ସାହାଯ୍ୟ ସହଯୋଗ ମଧୁର ସମ୍ଭାଷଣ ଦେଇ ସେମାନଙ୍କ ଇପ୍‌ସିତ ଯାଗାରେ ପହଞ୍ଚେଇ ଦେଇଛନ୍ତି। ତେଣୁ ହସ ପ୍ରଶଂସା ଓ ଆନ୍ତରିକତା ଭିତରେ ବୟସଟା କେତେବେଳେ ଯେ ଷାଠିଏ ଛୁଇଁଲା ଆଉ ଅବସର ନେବାର ବେଳ ଆସିଗଲା ଯାଣିହେଲା ନାହିଁ।

ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ସମସ୍ତେ ତାଙ୍କର ଗୁଣଗାନ କଲେ। ଜିତେନ୍ଦ୍ରିୟ ବାବୁ ଶୁଣୁଶୁଣୁ ଭାବପ୍ରବଣ ହୋଇ ଉଠିଲେ ତାଙ୍କ ଆଖି ଛଳଛଳ ଛନ୍ଦକପଟହୀନ ହୃଦୟ ଟଳମଳ। ସେ ପ୍ରତ୍ୟୁତ୍ତରରେ ଖାଲି ଏତିକି ମାତ୍ର କହିପାରିଲେ ଜୀବନଟେ ଜୀଇଁବା ଏତେ ସୋଜା ଖେଳ ନୁହେଁ। ଲୁଡୁଖେଳ ଯାହା ଜୀବନବି ସେଇଆ। ଶିଡ଼ି ଚଢ଼ିଚଢ଼ି ସାର ଚାଲିଥିବ ଡାକୁଥିବା ଦାନ ଠିକ୍ ପଡୁଥିବ ଓଠରେ ଜିତିବାର ଚିରୁଡାଏ ହସ ଖେଳିଯାଉଥିବ ହଠାତ୍ ଆବଶ୍ୟକୀୟ ଦାନ ୧୦୦ ପାଇଁ ନପଡି ୯୯ ପାଇଁ ପଡିଯିବ। ଏବେ ତୁମେ ସାପ ମୁହଁରେ। ସାପ ତୁମକୁ ଗିଳିବ। ଆଣି ୯ କି ୧୩ ସଂଖ୍ୟାରେ ଛାଡ଼ିଦେବ। ଚିନ୍ତାକର କ'ଣ କରିବ ଖେଳ ଛାଡ଼ିଦେବ ନା ଖେଳ ଯାରି ରଖିବ।

ଜୀବନଟା ଗୋଟାଏ ଯୁଦ୍ଧ ଅନ୍ତଃକରଣ ଓ ବାହ୍ୟକରଣ ଭିତରେ। ନିନ୍ଦା ପ୍ରଶଂସା ଭିତରେ। ଆମ୍ଭେମାନେ ସମସ୍ତେ ଏଠି ମୁଖାପିନ୍ଧା ସୈନିକ। ସ୍ନେହ ଶ୍ରଦ୍ଧା ପ୍ରେମ ଆନ୍ତରିକତାର ଘୋର ଅଭାବ ବରଂ ସେ ମୁଖା ତଳେ ମୁହଁଟା ଏତେ କଦର୍ଯ୍ୟ କଦାକାର ଗୁଡାଏ ଦୁଷ୍ଟ ବ୍ରଣରେ ଭରପୁର। କିନ୍ତୁ ମଣିଷ ବାହାରକୁ ନିଜର ଆଲୋକିତ ପଟକୁ ଦେଖେଇବାରେ ବ୍ୟସ୍ତ। ଅନ୍ଧାର ପଟକୁ ସେ କାହାରିକୁ ଦେଖେଇବାକୁ ଚାହେଁନାହିଁ।

ଏଠି ବନ୍ଧୁ ହେଇବି ମଝିନଈରେ କଲିଜା ମାଗନ୍ତି। କଥାଟା ଶତପ୍ରତିଶତ ମିଛ ହେଲେ ବି କହିବାକୁ ପଡେ କଲିଜା କୋରଡ଼ରେ ରଖିଦେଇ ଆସିଛି। ଜୀବନର ଚଲାବାଟରେ ଶରୀରରେ ସୃଷ୍ଟିହୁଏ ଅନେକ ଅଜାଗା ଘା, ଘା! ତା'ର ଚିକିତ୍ସା ଦରକାର। ତାକୁ ଲୁଚେଇଲେ ସେ ଅଧିକରୁ ଅଧିକ ପଚିସଢ଼ି ଶରୀରର କ୍ଷତି କରିବ ହିଁ କରିବ। ପୂଜରକ୍ତ ବାହାରିବ, ବିନ୍ଧା ଛିଟିକା ହେବ.... ଉହଳ ବିକଳ ହେଉଥିବା ପ୍ରାଣଟା ସମବେଦନାର ସହ ସାଉଁଳି ଦେବାକୁ ହାତଟେ ପାଏନାହିଁ। ନିଜର ଦୁଃଖ କଷ୍ଟ କହି ମୁଣ୍ଡରଖି ମନଭରି କାନ୍ଦିବାକୁ ଦରଦୀ କାନ୍ଧଟେ ପାଏନାହିଁ। ତେଣୁ ସବୁଦିନେ ସବୁ ସମୟରେ ସେ ନିଜ ଶବକୁ ନିଜ କାନ୍ଧରେ ବୋହି ବାଟ ଚାଲୁଥାଏ।

ସେଦିନ ସମସ୍ତେ ତାଙ୍କୁ କାନ୍ଦି କାନ୍ଦି ବିଦାୟ ଦେଇଥିଲେ। ସେଇଦିନଠୁ ସେ ଗାଁରେ ପୈତୃକ ଭିଟାମାଟି ଉଦୟପୁରରେ।

ସେ ଠିକ୍ ଜାଣନ୍ତି ନଈଭଳି ବୋହିବା ... ବାଟୋଇ ଭଳି ଚାଲିବାର ଅନ୍ୟନାମ ହିଁ ଜୀବନ। ବାଲ୍ୟାବସ୍ଥା, କୈଶୋର, ଯୌବନ, ଗ୍ରାହସ୍ଥ୍ୟ ବାନପ୍ରସ୍ଥ କି ବାର୍ଦ୍ଧକ୍ୟ, ସାୟାହ୍ନ ଅବସର ଶେଷରେ ମୃତ୍ୟୁ ଏସବୁ ଗୋଟିଏପୂର୍ଣ୍ଣବାକ୍ୟର କମା ସେମିକୋଲନ ମାତ୍ର।

ଅବସର ପରେ ସେ ଆସି ଯେତେବେଳେ ଦେଖିଲେ ପୂର୍ବସୂରୀଗଣ ଯେମିତି ଯୌଥ ପରିବାରରେ ରହିବାକୁ ଭଲ ପାଉଥିଲେ ଏ ଏକବିଂଶ ଶତାବ୍ଦୀର ମଣିଷ ତାହା ଆଉ ଚାହୁଁନାହିଁ। ସେମାନଙ୍କ ଚିନ୍ତାଧାରାରେ ବି ଘୋର ପରିବର୍ତ୍ତନ। ସେ ଯେନତେନ ପ୍ରକାରେ କ୍ଷମତା ଓ ଅର୍ଥ ଯୋଗାଡରେ ଲାଗି ପଡିଛି। ତା'ର ଚିନ୍ତାଧାରା ହେଲା ପ୍ରଥମେ ଲକ୍ଷ୍ମୀଙ୍କୁ ଅକ୍ତିଆର କର। ସରସ୍ୱତୀ ଆପେ ଆପେ ତମ ପାଖକୁ ଚାଲି ଆସିବେ। ଶିକ୍ଷାର ପଦ୍ଧତି ବି ବଦଳି ଯାଇଛି। କେହି ଶିକ୍ଷକଟିଏ ହେବା କି ନର୍ସଟିଏ ହେବାକୁ ପସନ୍ଦ କରୁନାହାନ୍ତି। ସମସ୍ତଙ୍କର ଆଇ.ଏ.ଏ.ସ ଓ.ଏ.ଏସ୍ ଡାକ୍ତର ନହେଲେ ଇଂଜିନିୟର ହେବାକୁ ଆଗ୍ରହ। କାରଣ ସେଠି ଅର୍ଥ ଓ ପ୍ରତିପତ୍ତି ସବୁ କିଛି ଅଛି। ତେଣୁ ଏ ପାଠ ପଢ଼ିବାକୁ ଅର୍ଥର ଆବଶ୍ୟକତା ନିହାତି ଦରକାର ନା।

ଜିତେନ୍ଦ୍ରିୟ ବାବୁଙ୍କ ମୁଣ୍ଡଟା ଦଣ୍ଡେ ଗୁମ ମାରିଗଲା। କାରଣ ତାଙ୍କ ସମୟରେ ଥିଲା ବିଦ୍ୟାଅଟଇ ମହାଧନ ବାଳକେ କର ଉପାର୍ଜନ। ଜଣେ ଉଚ୍ଚଶିକ୍ଷିତ ବ୍ୟକ୍ତିର ଚିନ୍ତାଧାରା ରଢ଼ୀବାଦୀ ଚିନ୍ତାଧାରାଠୁ ଅଲଗା ହେବାଟା ଥୟ। ସେଇମାନେ ହିଁ ଆଗାମୀ ଭବିଷ୍ୟତ ପିଢ଼ୀ ପାଇଁ ଆଦର୍ଶ ବ୍ୟକ୍ତିତ୍ୱ ଓ ମାର୍ଗଦର୍ଶକ ହୋଇପାରିବେ। ପାହାଚ ପରେ ପାହାଚ ଚଢ଼ିବାକୁ ହେଲେ ଜୀବନରେ ସର୍ବଦା ପାଦଦେଇଥିବା ପ୍ରଥମ ପାହାଚକୁ ଗଣ୍ଠିଧନ କରି ରଖିବାକୁ ପଡ଼େ।

ସେ ଅନୁଭବ କଲେ ସାଂପ୍ରତିକ ସହରୀ ଜୀବନଶୈଳୀ ଖୁବ୍ ଧୀରେ ଧୀରେ ଗ୍ରାମ ଚଳଣୀକୁ ଗିଳିବାକୁ ଯାଉଛି। ମଣିଷ ଜନ୍ମମାଟିର ମମତା କାଟି କଞ୍ଚାପଇସା ଲୋଭରେ ବାହାରକୁ ଯିବାକୁ ପଶ୍ଚାତପଦ ହେଉନାହିଁ। ଏହି ଆନ୍ଦୋଳିତ ମନନେଇ ସେ ଗ୍ରାମର କିଛି ମୁଖିଆ, ସରପଞ୍ଚଙ୍କୁ ଧରି ଏକ ସଭାର ଆୟୋଜନ କଲେ। ଅବଶ୍ୟ ପ୍ରଥମେ ପ୍ରଥମେ ଅନେକ ଟାହିଟାପରା ଶୁଣିବାକୁ ପଡ଼ିଲା ମାତ୍ର ସେ ତାଙ୍କ ଲକ୍ଷ୍ୟପଥରୁ ତିଳେମାତ୍ର ବିଚଳିତ ହେଲେ ନାହିଁ। ସେ ପ୍ରଥମେ ପରିବାରବାରଙ୍କ ଦ୍ୱାରା ଅବହେଳିତ ଓ ଉପେକ୍ଷାର ଶିକାର ହୋଇଥବା ୪୦ଜଣ ବୃଦ୍ଧଓବୃଦ୍ଧାଙ୍କୁ ନେଇ ଏକ ଜରାଶ୍ରମ ଖୋଲିଲେ। ଏକ ଦୁଇ କରି ବଢ଼ି ବଢ଼ି ବର୍ତ୍ତମାନ ସେଠି ୮୦ଜଣ ନିଜ ନିଜର କୌଳିକ ବୃତ୍ତିକରି ଆତ୍ମ ନିର୍ଭରଶୀଳ ହୋଇ ନିଜେ ପରିଚାଳନା କରୁଛନ୍ତି।

ଦ୍ୱିତୀୟ ଦଫାରେ ଶିକ୍ଷିତ ଯୁବକମାନଙ୍କୁ ଏକାଠି କରି ନେଜାତୀ ଯୁବକ ସଂଘଟିଏ ଗଢ଼ିଲେ। ଗାଁରେ ପାଠାଗାର, ଶିକ୍ଷା ସାହିତ୍ୟ ସଂସ୍କୃତର ପ୍ରଚାର ପ୍ରସାର ପାଇଁ ଗାଁରେ ବାରମ୍ବାର ସାହିତ୍ୟ ସଭାମାନ କରାଇଲେ। ଲୋକଙ୍କ ସହଯୋଗରେ ଏକ ଧାନକଳ, ତେଲ ପାଇଁ ଘଣା, ତନ୍ତବୁଣା ଲୁଗା, କୁମ୍ଭାର ବଢ଼େଇ ନହରାଙ୍କୁ ନେଇ କୁଟୀର ଶିଳ୍ପର ବିକାଶ କରି ପ୍ରସ୍ତୁତ ସାମଗ୍ରୀର ବିକ୍ରୀବଟା ପାଇଁ ସୁଯୋଗ ସୃଷ୍ଟି କରି ତାକୁ ପୁନରୁଦ୍ଧାର କରି ସମସ୍ତଙ୍କ ଦ୍ୱାରା ପ୍ରଶଂସିତ ହେଲେ। ସ୍କୁଲ ହତା ନଦୀକୂଳ ଖୋଲାଯାଗାରେ ବିଭିନ୍ନ ବୃକ୍ଷ ରୋପଣ କରି ଭୂସଂରକ୍ଷଣ କାର୍ଯ୍ୟକୁ ତ୍ୱରାନ୍ୱିତ କଲେ।

ଗାଁର ଉପରମୁଣ୍ଡରେ ସବୁବେଳେ ପାଣି ରହେ କିନ୍ତୁ ସେ ପାଣି କାହାରି ବ୍ୟବହାରରେ ଆସେନାହିଁ। ସେ ଗାଁ ଲୋକଙ୍କ ସହ ମିଶି ଯୋର ଖୋଲି ପାଣିକୁ ତଳମୁଣ୍ଡ ପର୍ଯ୍ୟନ୍ତ ଅଣାଇଲେ। ଗାଁରେ ଏବେ ଦୁଇରୁ ତିନି ଫସଲି ଚାଷ। ଏବେ ସଭିଙ୍କ ମୁହଁରେ ପୂର୍ଣ୍ଣମୀର ଜହ୍ନ ନହେଲେ ବି ଆଶା ଓ ସମ୍ଭାବନାର ଦ୍ୱିତୀୟାଜହ୍ନର ଧାରେ ହସ ପହଁରି ବୁଲୁଥିଲା। ଆଉ ସମସ୍ତଙ୍କର ଆଶୀର୍ବାଦ ତାଙ୍କ ଉପରେ ଅଜାଡ଼ି ହୋଇ ପଡୁଥିଲା।

ଜୀବନର ଅନେକ ଉପନାମ। କେତେବେଳେ ବି ଏହା ଜ୍ୟାମିତିର ଗ୍ରାଫ। କେତେବେଳେ ଶିଖର ଛୁଇଁବାରେ ମସଗୁଲତ କେତେବେଳେ ନିଜେ ନିଜର ପତନ ଦେଖି ସ୍ତମ୍ଭିଭୂତ। ତଥାପି ସେ ଏବେ ଗ୍ରାମର କୋଣ ଅନୁକୋଣରେ ଜଣେ ସମ୍ମାନାସ୍ପଦ ବ୍ୟକ୍ତି।

ସେ ନିଜେ ନିଜ ଜୀବନର ରୁଟିନ ତିଆରି କରି ସାରିଛନ୍ତି। ସକାଳୁ ସେ ପ୍ରାତଃଭ୍ରମଣରେ ବାହାରିଯାଆନ୍ତି। ଗାଁଟା ସାରା ବୁଲୁଥିବା ସମୟରେ ଲୋକଙ୍କ ସହ ଭାବର ଆଦାନପ୍ରଦାନ ସହ ସୁବିଧା ଅସୁବିଧାକୁ ଲକ୍ଷ୍ୟ କରନ୍ତି। ଗାଁ ଲୋକ ଗରୀବ ସତ ହେଲେ ଭାରି ସ୍ୱାଭିମାନୀ। ସେମାନେ ଏତେ ସହଜରେ ନିଜ ଜୀବନ ବହିର ପୃଷ୍ଠାଗୁଡ଼ିକୁ ପଢ଼ିବାକୁ ଦିଅନ୍ତି ନାହିଁ ଯେ ସୁଖହେଉ କି ଦୁଃଖ ହେଉ।

ଜିତେନ୍ଦ୍ରିୟ ବାବୁ ଲକ୍ଷ୍ୟ କଲେ ଗାଁରେ କିଛି ଦିବ୍ୟାଙ୍ଗ ଅଛନ୍ତି ଯେଉଁମାନେ କି ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ହେବାକୁ ବାଧ ହେଉଛନ୍ତି। ଯେହେତୁ ସେ ଦିବ୍ୟାଙ୍ଗ ତାଙ୍କ ପତ୍ନୀ ମଧ ସେ ମନ ଭିତରେ ଏକ ଯୋଜନା ପ୍ରସ୍ତୁତ କରୁଥାଆନ୍ତି କେମିତି ତାଙ୍କୁ ଆତ୍ମ ନିର୍ଭରଶୀଳ କରିହେବ। ସେ ସହରଗଲେ। ଜିଲ୍ଲାପାଳଙ୍କୁ ଦେଖା କରି ଏ ବିଷୟରେ ଆଲୋଚନା କଲେ। ଜିଲ୍ଲାପାଳ ଆଶ୍ୱସନା ଦେଲେ ଏବଂ ସେମାନଙ୍କୁ ବୈଷୟିକ ଶିକ୍ଷାଦେବା ପାଇଁ ଲୋକ ପଠାଇଲେ। ଏବେ ସେମାନେ ମଧ୍ୟ ସ୍ୱାବଲମ୍ବୀ ଓ ସମାଜର ମୁଖ୍ୟସ୍ରୋତରେ ସାମିଲ।

ଜିତେନ୍ଦ୍ରିୟ ବାବୁ ଭାବିଲେ ବୋଧହୁଏ ମୋ କାମ ସରିଗଲା। ଗାଁ ମୁଣ୍ଡ ବ୍ରାହ୍ମଣ ଶାସନରେ କୃଷ୍ଣପତି ମଉସାଙ୍କ ଘର। ସେ ଜିତେନ୍ଦ୍ରିୟଙ୍କ ଜାତକ କରିଥିଲେ। ଅନେକ ଦିନ ହେଲାଣି ସେ ଆରପୁରକୁ ଚାଲିଗଲେଣି। ତାଙ୍କର ଜଣେ ପୁତୁରା ଜିତେନ୍ଦ୍ରିୟ ବାବୁଙ୍କ ସାଙ୍ଗ ଏବେ ସେ କେଉଁଠି କେଜାଣି ?

ଦିନେ ପ୍ରାତଃ ଭ୍ରମଣରେ ଗଲାବେଳେ ଗାଁ ମୁଣ୍ଡ ସ୍କୁଲ ପାଖରେ ଜିତେନ୍ଦ୍ରିୟ ବାବୁ ପଡ଼ିଗଲେ। ଚଳପ୍ରଚଳ କରୁଥିବା ଲୋକ ତାଙ୍କୁ ଡାକ୍ତରଖାନା ବୋହିନେଲେ। ଏ ଡାକ୍ତରଖାନାରୁ ସେ ଡାକ୍ତରଖାନା କଟକ ଭୁବନେଶ୍ୱର ବି ବାଦଗଲା ନାହିଁ। ଜିତେନ୍ଦ୍ରିୟ ବାବୁ ପକ୍ଷାଘାତ ରୋଗରେ ପଡ଼ି ରହିଲେ। ଏତେ ବଡ଼ ଆତ୍ମବିଶ୍ୱାସୀ ଶାଳଗଛ ଭଳି ଛାତି ଧରିଥିବା ଲୋକଟା ଲୋକଙ୍କ ଆହାଃ ଚୁ...ଚୁ...ରେ ପେଶି ହେଇ ଯାଉଥିଲା। ଆଃ କି କଷ୍ଟ ସେ ସମବେଦନା। ପତ୍ନୀ ସେବାରେ ଊଣା କରୁନଥାନ୍ତି। ଚାଲିଲା ଗାଁରେ ଘମାଘୋଟ ଆଲୋଚନା। ଆଜି କାହିଁକି ହଠାତ୍ ମନେ ପଡ଼ିଲେ କୃଷ୍ଣପତି ମଉସା ଆଉ ତାଙ୍କର ଜାତକ ଦେଖି କହିଥିବା କଥା ତୋ

ଜୀବନରେ ଗୋଟେ ମୋଡ଼। ତାପରେ ତାଙ୍କୁ ସେଠାରୁ ଚାଲିଯିବାକୁ କୁହାଯାଏ ନା ଗଳାଧକ୍କା ଦେଇ ବିଦା କରିଦିଆଯାଏ ସେ ନିଜେଜାଣି ପାରନ୍ତି ନାହିଁ।

ଏବେ କଥା ଗାଁରୁ ବ୍ଲକକୁ, ବ୍ଲକରୁ ଜିଲ୍ଲାକୁ, ଜିଲ୍ଲାରୁ ରାଜ୍ୟ ସରକାରଙ୍କ ନିକପଟରେ ପହଞ୍ଚିଗଲାଣି। ଗ୍ରାମ ଉନ୍ନୟନ ସଂସ୍ଥା ଉଦୟପୁରକୁ ଜିଲ୍ଲାର ଶ୍ରେଷ୍ଠ ଗ୍ରାମ ଆଉ ଜିତେନ୍ଦ୍ରିୟ ବାବୁଙ୍କୁ ଶ୍ରେଷ୍ଠ ସ୍ୱୟଂ ସେବକ ହିସାବରେ ପୁରସ୍କୃତ କରାଯିବ।

ଖବରଟା ଜିତେନ୍ଦ୍ରିୟଙ୍କ କାନରେ ମଧ୍ୟ ପଡିଗଲାଣି। ହେଲେ ସେ ନାଚାର। ଆଃ କି କଷ୍ଟ ... କି ପାପ ଯେ ଏ ନର୍କ ଯନ୍ତ୍ରଣା ଏଥିରୁ ମୋତେ ମୁକ୍ତ କରେ ହେ ଈଶ୍ୱର। ଯଦି ତମେ ପ୍ରକୃତରେ ଅଛ।

ଦିନେ ଉଦୟପୁର ଗ୍ରାମକୁ ଭୁବନେଶ୍ୱରରୁ ୪ଟା କାର ଆସି ଲାଗିଲା ଜିତେନ୍ଦ୍ରିୟଙ୍କ ଘର ଆଗରେ। ଘର ଭିତରକୁ ପଶିଲେ ମହାମହୀମ ରାଜ୍ୟପାଳଙ୍କ ସଚିବ ନିରଞ୍ଜନ ପତି।

ମୋତେ ଚିହ୍ନିପାରୁଛୁ ଜିତେନ୍ଦ୍ରିୟ। ମୁଁ ନିରଞ୍ଜନ ତୋସାଙ୍ଗ କୃଷ୍ଣପତି ବଡ଼ବାପାଙ୍କ ପୁତୁରା। ଜିତେନ୍ଦ୍ରିୟଙ୍କ ମୁଖମଣ୍ଡଳରେ କୌଣସି ଭାବାନ୍ତର ନାହିଁ। ଶୁଣ ତୋ ନାମରେ ପୁରସ୍କାର ଘୋଷଣାହେଇଛି ତୁ ଆମଗାଁର ଗର୍ବ ଆଉ ଗୌରବ।

ଜିତେନ୍ଦ୍ରିୟ କିଛି କହିବାକୁ ଚାହୁଁଥିଲେ। ପାଟି ଖୋଲିଲା ନାହିଁ। ନିରଞ୍ଜନ କହିଲେ ଶୁଣ ତୁ କିଛି କହିପାରିବୁ ନାହିଁ କି ଏ କଷ୍ଟରୁ ମୁକୁଳିପାରିବୁନି। ବଡ଼ବାପା ମୋତେ କହିଦେଇ ଯାଇଥିଲେ କେବେ ଦେଖାହେଲେ କହିଦେବୁ କହିଥିଲେ। ମୋର ଆସିବା ଡେରି ହୋଇଗଲାରେ। ତୁ ଗୋଟାଏ ଅଭିଶପ୍ତ ଜୀବନ ଜୀଉଁଥିଲୁ। ତୁ ସବୁଠାରୁ ପବିତ୍ର ପାଣି ବା ବରୁଣଦେବତାଙ୍କର ଶତ୍ରୁଥିଲୁ। ବାଲ୍ୟକାଳରୁ ତୁ ସ୍ନାନ ସମୟରେ ପାଣିରେ ପରିସ୍ରା କରି ଦେଉଥିଲୁ। ଭାବିଲୁ ଦେଖି ସେ ଅପବିତ୍ର ଜଳ କେତେ ଋଷିମୁନି ଦେବତା ଯଜ୍ଞ ତପରେ ବ୍ୟବହାର ହୋଇନଥିବ। ତାହା ତୋ'ର ଜନ୍ମଦୋଷ। ଯେତେଦିନ ପର୍ଯ୍ୟନ୍ତ ନିଜ ମୁହଁରେ ସର୍ବସମ୍ମୁଖରେ ତୁ ଏକଥା ସ୍ୱୀକାର ନକରିଛୁ ସେତେଦିନ ପର୍ଯ୍ୟନ୍ତ ତୁ ଏମିତି ଛଟପଟ ହେଉଥିବୁ।

ଆଜି ତୋର ଯେଉଁ ଅବସ୍ଥା ତୁ ଆଉ ସ୍ୱୀକାରୋକ୍ତି ବି ଦେଇପାରବୁନି। ହଁ ଏକଥା ବି ମନେରଖ ଗାଁ ଲୋକ ତତେ ଯେଉଁ ଆସନରେ ବସେଇଛନ୍ତି ଆଜି ମୁଁ ବି ଯଦି ପ୍ରଚାର କରିଦିଏ ତେବେ ମୁଁ ବି ବନ୍ଧୁଦ୍ରୋହୀ ହେବି। କ'ଣ କହୁଛୁ କହ। ଜିତେନ୍ଦ୍ରିୟଙ୍କ ଆଖିରୁ ଲୁହ ଶୁଖୁନଥିଲା।

ଆଜି ଆମେ ଫେରିଯାଉଛୁ। ପାଞ୍ଚଦିନ ପରେ ପୁଣି ଆସିବୁ। ରାଜ୍ୟ ସରକାର ତୋନାମରେ ଲକ୍ଷେ ଟଙ୍କା ରୂପାଫଳକ, ଉତ୍ତରୀୟ ଓ ମାନପତ୍ର ଘୋଷଣା କରି ସାରିଛନ୍ତି। ତୁତ ଯାଇପାରିବୁନି ମୁଁ ଆରଥରକୁ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିଥିବୁରେ।

ଗାଡ଼ି ସବୁ କଳାଧୂଆଁ ମେଞ୍ଚେ ମେଞ୍ଚେ ଫୋପାଡ଼ି ଫେରିଗଲେ। ଗାଡ଼ି ଭିତରେ ବସି ନିରଞ୍ଜନ ବାବୁ ନିଜର ବାଲ୍ୟବନ୍ଧୁ ପବିତ୍ରପାପୀ ବନ୍ଧୁ ଜିତେନ୍ଦ୍ରିୟଙ୍କ କଥା ଭାବି ଚାଲିଥିଲେ। ବିଚରା ଜିତେନ୍ଦ୍ରିୟ ଏସବୁତ ତା'ର ଅଜାଣତର ପାପ। ଜନ୍ମଗତ ଲକ୍ଷଣ କେତେକ'ଣ କରିଛି ଲୋକଙ୍କ ପାଇଁ ଏ ସାଙ୍ଗର ଏ ପାପଟା ଲୁଚିରହୁ ସବୁଦିନ ପାଇଁ .... କ'ଣ ତାକୁ କୁହାଯିବ.... ? ପାପୀ ନା ପବିତ୍ର ପାପୀ ? ? ?

ପାଞ୍ଚଦିନ ପରେ ପୁଣିଥରେ ନିରଞ୍ଜନ ବାବୁ ଗାଁକୁ ଆସିବାବେଳେ ଦେଖିଲେ ରାସ୍ତାରେ ଶବ ଶୋଭାଯାତ୍ରାଟିଏ ଯାଉଛି। ରାମନାମ ସତ୍ୟହେ ... ହରିନାମ ସତ୍ୟହେ... ସ୍ୱରରେ ଗାଁ ଦାଣ୍ଡ ଦୁଲୁକୁଛି ଖଇ କଉଡି ବିଞ୍ଚା ଚାଲିଛି.... ଜିତେନ୍ଦ୍ରିୟ ବାବୁ ଅମର ରହେ ଚିତ୍କାରରେ କାନ ତାବ୍ଦା ପଡିଯାଉଛି।

ଦଲକାଏ ପବନ ଛୁଇଁଗଲା ନିରଞ୍ଜନଙ୍କ ଦେହକୁ କୋଇଲିଟେ କୋଉଠି ପଞ୍ଚମନରେ ଡାକୁଥିଲା କୁହୁ ... କୁହୁ ... କେଉଁ ଦୂରରୁ ଭାସି ଆସୁଥିଲା। ଗାଈଆଳ ଟୋକାର ସୁମଧୁର ବଂଶୀର ସ୍ୱର।

ଆଉ ଟିକେ ପରେ ନଦୀପଠାରେ ଚିତାର ଧୂଆଁ ଯାଇ ମିଶିବ ଆକାଶରେ ଗୋଟାଏ ପବିତ୍ର ପାପୀର ନଶ୍ୱର ଶରୀରଟା ମିଳେଇଯିବ ଉଦୟପୁର ଗ୍ରାମର ଶାନ୍ତ ସ୍ନିଗ୍ଧ ପବନରେ।

ଯା ଜିତେନ୍ଦ୍ରିୟ। ତୁହିଁ ପ୍ରକୃତରେ ଜିତେନ୍ଦ୍ରିୟ। ବିନାଯୁଦ୍ଧରେ କେହି କେବେ ଜିତେନ୍ଦ୍ରିୟ ହେଇପାରିଛି କି ? ଯୁଦ୍ଧ କରି କରି ସବୁ ଇନ୍ଦ୍ରିୟଙ୍କୁ ଜୟ କରି ତୁ ଆଜି ବାଜିଗର।

ଆଉ ଆମେ କେତେଟା ସ୍ୱାର୍ଥାନ୍ୱେଷୀ ସାଙ୍ଗ ତେଲଲୁଣର ମାୟାରେ ଏବେ ବି ସନ୍ତୁଳି ହେଇ ଗୋଟାଏ ପରିପୂର୍ଣ୍ଣ ଜୀବନ ଜୀଇଁପାରିଲୁ ନା ବାଟକାଟି ପାରିଲୁ ମଶାଣୀକୁ।

*ଶରତ କୁଟୀର, ଧୋବାଡିହା, ମାଝାସାହି ଛକ*
*କେନ୍ଦୁଝରଗଡ - ୭୫୮୦୦୧*
*ରବୀନ୍ଦ୍ର ବିହାର, କେନ୍ଦୁଝର*
*ଦୂରଭାଷ: ୯୪୩୭୦୦୬୧୯୬*

# ଋଣ କରି ଘିଅ ଖାଅ

## ଅଜୟ କୁମାର ପଟ୍ଟନାୟକ

ଏକଥା ମୁଁ କହୁନି, ମହର୍ଷି ଚାର୍ବାକ୍ ଅନେକ ବର୍ଷ ତଳେ କହିଥିଲେ - "ଯାବତ୍ ଜୀବେତ୍, ସୁଖଂ ଜୀବେତ୍, ଋଣଂ କୃତ୍ୱା ଘୃତଂ ପିବେତ୍। ଭସ୍ମୀ ଭୂତସ୍ୟ ଦେହସ୍ୟ, ପୁନରାଗମନଂ କୁତଃ।" ଅର୍ଥାତ୍ ଯେତେଦିନ ବଞ୍ଚିବ, ସୁଖରେ ବଞ୍ଚିଥାଅ। ସେଥିପାଇଁ ଧାର କରଜ କରିବାକୁ ପଡୁ ପଛକେ, ଘିଅ ପିଇଯାଅ। ଅର୍ଥାତ୍ ସ୍ୱାଦିଷ୍ଟ ପୌଷ୍ଟିକ ଭୋଜନ ଗ୍ରହଣ କର। ଦିନ ଆସିବ, ଏଇ ନଶ୍ୱର ଶରୀର ଭସ୍ମ ହୋଇଯିବ।

କେହି ଜଣେ ମହାମୂର୍ଖ କହିଥିଲେ, 'ଖାଇ ବସିଲେ ନଇ ବାଲି ସରେ।' ମୁଁ ମୋ ଆଖି ଫିଟିବା ଦିନରୁ କାହାକୁ ନଇବାଲି ଖାଇବା ଦେଖିନାହିଁ। ହଁ, ପିଲାଏ ବେଳେ ବେଳେ ନିଜ କୁନି ମୁଠାରେ ମାଟି ପୂରେଇ ଥୁ ଥୁ କରିଥାନ୍ତି। ମାଆ ହାବୁଡ଼େ ପଡ଼ିଗଲେ ସେ ତାକୁ ପାଟିରେ ଆଙ୍ଗୁଠି ପୂରେଇ ବାହାର କରିଦିଏ। ଦ୍ୱାପର ଯୁଗରେ କାହ୍ନା ବି ଏଭଳି ପିଲାଳିଆମି କରୁଥିବା ଶୁଣିଛି। ହେଲେ ବଡ଼ ପିଲାଙ୍କୁ ଖାଇବା ପିଇବାରେ ଛୁଆଙ୍କ ଭଳି ଆକଟ କରିବାକୁ ମାଆ ବାପା ବି ଇଚ୍ଛା କରନ୍ତି ନାହିଁ।

ପିଲାଦିନେ ମାଆମାନେ କାଖ କରି ଘରବାରି ବୁଲେଇ ଛୁଆଙ୍କୁ ଖୁଆନ୍ତି। ଅବୁଝା ହେଲେ ତାଙ୍କୁ ନାନା ପ୍ରକାର ଗପ କହି ଖୁଆଇ ଦିଅନ୍ତି। ଡର ଥାଏ କାଳେ ଛୁଆଟା ଦରଖିଆ ରହିଯିବନି ତ! କେତେ ସୁଆଦିଆ ଦରବ ଆଣି ଖୁଆନ୍ତି। ବଢ଼ିଲା ପିଲାଙ୍କୁ କ୍ଷୀର, ଘିଅ, ଦହି, ମହୁ ଭଳି ପୌଷ୍ଟିକ ଜିନିଷ ଖୁଆନ୍ତି। ଆମିଷ ଭିତରେ ଅଣ୍ଡା, ମାଂସ ଖୁଆଇ ପ୍ରୋଟିନ୍ ଓ ଭିଟାମିନ୍ ବଳରେ ବଳିଷ୍ଠ କରିବାକୁ ଉଦ୍ୟମ କରନ୍ତି। ପାଠ ପଢ଼ିବାକୁ କିମ୍ବା ଚାକିରି କରିବାକୁ ବାହାରକୁ ଗଲେ ସେଠି ଯେତେ ଭଲ ମନ୍ଦ ଖାଇ ମୋଟା ତାଗଡ଼ା ହେଲେ ସୁଦ୍ଧା ମାଆମାନେ ମନେ ମନେ ପ୍ରସନ୍ନ ହେଲେ ହେଁ ପ୍ରକାଶ୍ୟରେ କହନ୍ତି, ମୋ ପୁଅ ଏଥରକ ଖୁବ୍ ଛଡ଼ିଯାଇଛି। ବିଦେଶରେ କିଏ ଆଉ ତା' ଖାଇବା ପିଇବା କଥା ବୁଝୁଥିବ ଯେ! ଏଣୁ ଛୁଟିରେ ଆସିଲେ ବାପା ମାଆ ଉଭୟେ ତାକୁ ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ଏମଂ ପୌଷ୍ଟିକ ଖାଦ୍ୟ ଖୁଆଇ ସୁଖ ପାଇଥାନ୍ତି। ସମ୍ଭବତଃ କାଳେ କାଳେ ସବୁ ମାଆଙ୍କର ଚିରନ୍ତନ ଗାଥା ହେଲା ମୋ ଛଡ଼ା ମୋ ପିଲାର ଖାଇବା କଥା କିଏ କରିଥାନ୍ତେ ଯେ ମହାରାଜା କଂସ ଭଳି ମାମୁଁ ଘରେ ତାଙ୍କ ପୁଅ ପାଇଁ କାଳେ ଦୁଧ, ଦହି, ଘିଅ, ଲହୁଣୀ ଅଭାବ ହେବ ବୋଲି!

ସେ ଯାହା ହେଉ, ଈଶ୍ୱର ପଶୁପକ୍ଷୀ, କୀଟପତଙ୍ଗ ଓ ମଣିଷ ମାନଙ୍କୁ ସୃଷ୍ଟି କଲାବେଳେ ତାଙ୍କ ଖାଇବା ପିଇବାରେ କଟକଣା କରିନାହାନ୍ତି। ଫୁଲଫଳ, ପୋକଜୋକ, ମାଛମାଂସ ଯାହା ଚାହୁଁଛ ତାହାଖାଅ। କଞ୍ଚା ଖାଅ, ପୋଡ଼ାଖାଅ, ସିଝା ଖାଅ, କୌଣସି ନିୟନ୍ତ୍ରଣ ନାହିଁ। ହେଲେ ଦି'ଅକ୍ଷର ବିଜ୍ଞାନ ପାଠ ପଢ଼ି ଯନ୍ତ୍ରମାନ ବାହାର କରି ନିୟମକାନୁନ ଗଢ଼ିଦେଲେ ଆମ ସ୍ୱାସ୍ଥ୍ୟ ବିଶେଷଜ୍ଞ ମାନେ। ଏତିକି ଉଚ୍ଚତା ବିଶିଷ୍ଟ ବ୍ୟକ୍ତିର ମାତ୍ର ଓଜନ ରହିବା ଦରକାର। ତା'ବାଦେ ନାରୀ ପୁରୁଷ ଭେଦଭାବ ବି ରହିଛି। କିହୋ, ଆମ ଇଚ୍ଛାରେ ଆମେ ଲମ୍ବା ହୋଇଛୁ ନା ମୋଟା ହୋଇଛୁ? କ'ଣ ଶୁକୁଟା ହୋଇ କମ୍ ଖାଇବାଟା ଠିକ୍? କେଡ଼େ ହାସ୍ୟସ୍ପଦ କଥା ଯେ ଗୋଟିଏ ଦମ୍ପତିଙ୍କ ପାଞ୍ଚ ସନ୍ତାନ ଯେତେବେଳେ ଏକାପ୍ରକାର ଲମ୍ବା ଚଉଡ଼ା ନୁହନ୍ତି। ଗୋଟିଏ ହାତର ପାଞ୍ଚ ଆଙ୍ଗୁଳି ଏକାଭଳି ନୁହଁନ୍ତି, ଦୁଇଭାଇଙ୍କର ହସ୍ତରେଖା ଏକା ନୁହେଁ, ସେମାନଙ୍କର ରୁଚି, ଇଚ୍ଛା, ହବି ଆଦିରେ ସମାନତା ନାହିଁ, ଏକା ଉଚ୍ଚତା ବିଶିଷ୍ଟ ଲୋକଙ୍କର ଓଜନ ଏକା ହେବ କେମିତି? ବ୍ରହ୍ମା ତ ଆଉ ମଣିଷକୁ ରୋବଟ୍ ଭଳି ଗଢ଼ି ନାହାନ୍ତି ଯେ ତାଙ୍କ ରିମୋଟ୍‌ରେ ସିଏ ସଂଚାଳିତ ହେବ? ବରଂ ମଣିଷକୁ ତା' ନିଜ ଉପରେ ଛାଡ଼ି ଦେଇଛନ୍ତି ଯେ ସେ କ'ଣ ଖାଇବ, କ'ଣ ପିନ୍ଧିବ, କେତେ ଖାଇବ, ସବୁ ତା' ନିଜ ରୁଚି, ସଂସ୍କାର ଓ ପକେଟ୍ ଉପରେ ନିର୍ଭର କରୁଛି।

ଆମେ ତ ବୈଜ୍ଞାନିକ କିମ୍ବା ସରକାରଙ୍କୁ ମାଗୁନାହିଁ ଆମକୁ ଖାଇବାକୁ ଦିଅ ବୋଲି। ଆମ ବାପାମାଆଙ୍କ ରୋଜଗାର ଏବଂ ଆପଣା ରୋଜଗାରରୁ ଖାଇପିଇ ଆମେ ସୁସ୍ଥ ସବଳ ହେଲେ ଅନ୍ୟମାନେ ସହିପାରୁନାହାନ୍ତି, ବୋଧହୁଏ। ନ ମାଗିଲେ ବି ଯଦି ସରକାର କାହାକୁ ମାଗଣା ଖାଇବାକୁ ଦେଲେ, ତାହା ବି ଆମ ଟାକ୍ସ ପଇସାରୁ। ହେଲେ ଡାଇଟିସିଆନ୍ ଜରିଆରେ ଆମକୁ କାହିଁକି କଟକଣା କରିବେ ତୁମେ ଏଇଟା ଖାଅ, ସେଇଟା ଖାଅ ନାହିଁ ବୋଲି? ମିଠା ନ ଖାଇ ପିତା ଖାଅ, ଆଳୁ ନ ଖାଇ ଲାଉ ଖାଅ? ଭାତ ନ ଖାଇ ମାଣ୍ଡିଆ ଜାଉ ଖାଅ। ଆଉ ଏଇମାନଙ୍କ ପାଲରେ ପଡ଼ି କିଛି ପାଠପଢୁଆ ମୂର୍ଖ ଏବେ ଡାଇଟିଂ କରିବାରେ ଲାଗିଛନ୍ତି। ପାଖରେ ସାମର୍ଥ୍ୟ ଥିଲେ ବି ବୋଧହୁଏ ଗତ ଜନ୍ମରେ କାହାକୁ

ଖାଇବାକୁ ଦେଇନାହାନ୍ତି ବୋଲି ଏବେ ଖାଇପାରୁନାହାନ୍ତି।

ଖାଦ୍ୟ-ସୁଖରୁ ବଂଚିତ ସେଇ ଡାଇଟିଂ କରୁଥିବା ପ୍ରାଣୀମାନଙ୍କ ଗୋଚରାର୍ଥେ କହିବି, ଭୋଜନର ଅବର୍ଣ୍ଣନୀୟ ସୁଖ ସମ୍ପର୍କରେ କିଛିଟା ଜାଣିବା ହୁଅନ୍ତୁ। ଭୋଜନ କେବଳ ଜିହ୍ୱାସୁଖ ପାଇଁ ଉଦ୍ଦିଷ୍ଟ ବୋଲି ଭୁଲ ବୁଝିଥିବା ଲୋକେ କିଂଚିତ ନିବିଷ୍ଟ ଚିତ୍ତରେ ମୋ କଥା ଶୁଣିଲେ ଠିକ୍ ଜାଣି ପାରିବେ। ବାହାଘର ଭୋଜି କିମ୍ବା ପାର୍ଟିରେ ଯେତେବେଳେ ନାନାପ୍ରକାର ବ୍ୟଞ୍ଜନଯୁକ୍ତ ଭୋଜନ ବଫେ ଟେବୁଲରେ ଡିସ୍‌ପ୍ଲେ କରିଦିଆଯାଏ, ସତ କହିଲେ ମନ ପ୍ରସନ୍ନ ହୁଏ ନା ନାହିଁ? କେବଳ ମନ ନୁହେଁ ଏହା ଦେଖି ଚକ୍ଷୁଦ୍ୱୟ ବି ହର୍ଷିତ ହୋଇଥାନ୍ତି। ଡିସର୍ଟରେ ସଜେଇ ରଖାଯାଇଥିବା ମିଷ୍ଟାନ୍ନମାନଙ୍କର ରୂପ ଓ ରଂଗରେ ଏତେ କ୍ରାନ୍ତିକାରୀ ପରିବର୍ତ୍ତନ ଆସିଗଲାଣି ଯେ ଖାଇବା ପୂର୍ବରୁ ହିଁ ମନ ଓ ଚକ୍ଷୁ ଉଭୟେ ସୁଖଲାଭ କରନ୍ତି। ଭାରତୀୟ ବ୍ୟଞ୍ଜନ ସାଙ୍ଗକୁ ଖାଇବା ପ୍ରଣାଳୀ ବି ଅନନ୍ୟ। ପାଶ୍ଚାତ୍ୟ ଦେଶମାନଙ୍କରେ ନୀରସ ଓ ବୈବିଧ୍ୟହୀନ ଭୋଜନକୁ ଛୁରୀ ଓ କଣ୍ଟା ଦ୍ୱାରା ଖାଇଲାବେଳେ ଅତ୍ୟନ୍ତ ଯାନ୍ତ୍ରିକ ମନେହୁଏ। ଭାରତୀୟ ଭୋଜନରେ ରୁଟିକୁ ଘିଅମିଶା ଡାଲିରେ ବୁଡ଼େଇ ହାତରେ ମକ୍ଟି ଦେଲାବେଳେ କିମ୍ବା ଭାତରେ ଘିଅ ଓ ଡାଲି ଗୋଳେଇଲାବେଳେ ଅନୁଭୂତ ସ୍ପର୍ଶ ସୁଖକୁ ଶୁଷ୍କଭୋଜୀ ବିଦେଶୀ କାହୁଁ ଜାଣିବେ? ତନ୍ଦୁରୀ ରୁଟି ଓ ମଟନ, ଚିକନକୁ ଦାନ୍ତରେ ଚୋବେଇ ସମ୍ପୂର୍ଣ୍ଣ ଆପଣେଇ ଯେତେବେଳେ ପେଟକୁ ପଠାଇ ଦିଆଯାଏ, ସେ ସମୟର ଦନ୍ତସୁଖ ଓ ପେଟ ସୁଖ ଅବର୍ଣ୍ଣନୀୟ। କିନ୍ତୁ ଖାଇବାବେଳେ ଝୋଳ ଓ ଖିରି, ହାପୁଡ଼ିବା ଶବ୍ଦରେ କର୍ଣ୍ଣ ସୁଖ ନିଜ ସହିତ ଆଖପାଖର ସହଭୋଜୀଙ୍କୁ ବି ମିଳିଥାଏ। ସେହିଭଳି ରୋଷେଇ ବେଳର ପଲଉ ବା ଫ୍ରାଇଡ୍ ରାଇସ୍‌ର ଘିଅ ବାସ୍ନା ହେଉ କିମ୍ବା ଗରମ ମସଲା କଷିବା ସୁବାସ ହେଉ, ଏହା ଆହୁରି ସୁଦୂର ପ୍ରସାରୀ ହୋଇ ଆଖପାଖର ପଡ଼ୋଶୀଙ୍କୁ ବି ନାସାସୁଖ ପ୍ରଦାନ କରିଥାଏ। ଖାଇସାରିବା ପରେ ତ ଶରୀର ସୁଖପ୍ରାପ୍ତ ହୋଇ କୁମ୍ଭ କର୍ଣ୍ଣୀ ନିଦ୍ରାକୁ ନିୟନ୍ତ୍ରିତ କରିଥାଏ। ଏତେ ସୁଖ ଭିତରେ ଶରୀର ଶ୍ରୀସମ୍ପନ୍ନ ହେବା ସାଙ୍ଗକୁ ଯଦି ସମୃଦ୍ଧ ହୋଇଗଲା, ତେଣେ ଏତେ ଚିନ୍ତିତ ହେବାର କ'ଣ ଅଛି?

ପୁରାଣ ଓ ଇତିହାସରେ ବହୁନାମକରା ବ୍ୟକ୍ତି ଏଭଳି ବଳିଷ୍ଠ ବପୁବନ୍ତ ଓ ସମୃଦ୍ଧଶାଳୀ ଥିଲେ। ହନୁମାନ, ବଳରାମ, ବିଷ୍ଣୁ, ରାବଣ, କଂସ, କୁମ୍ଭକର୍ଣ୍ଣ, ଭୀଷ୍ମ, ଭୀମସେନ, ଶଙ୍କରାଚାର୍ଯ୍ୟ, ବିବେକାନନ୍ଦ, ମହାରାଜ ମାଧୋସିଂହ, ମହାରାଣା ପ୍ରତାପ, ଶିବାଜୀ ମହାରାଜ, ସୁବାସ ଚନ୍ଦ୍ର ବୋଷ, ଚନ୍ଦ୍ରଶେଖର ଆଜାଦ୍, ଭଗତ ସିଂହ ଆଦି ସମସ୍ତେ ସୁସ୍ଥ ସବଳ ଓ ପରିପୁଷ୍ଟ ଥିଲେ। ଏଭଳି ପରିପୂର୍ଣ୍ଣ ଓ ସୁଗଠିତ ଚେହେରାର ଉଦାହରଣ ବଲିଉଡ୍‌ରେ ଯେତେ ରାଜନୀତିରେ ବି ସେତେ। ପୃଥ୍ୱୀରାଜ କପୁରଙ୍କ ଠାରୁ ଆରମ୍ଭ କରି ଧର୍ମେନ୍ଦ୍ର, ଦିଲ୍ଲୀପ କୁମାର, ସଞ୍ଜୀବ କୁମାର, ବାପି ଲହିରୀ, ଶିବାଜୀ ଗଣେଶନ, ଦାରାସିଂହ, ଗୋବିନ୍ଦା, ଶନିଦେଓ୍ୱଲ, ଦିଲ୍ଲୀପ କୁମାର ଭଳି ଢ଼େର ଉଦାହରଣ ରହିଛି। ସେହିଭଳି ରାଜନୀତିରେ ଜଗଜ୍ଜୀବନ ରାମ, କାମରାଜ ନାଦର, ଜି. ରାମଚନ୍ଦନ, ଜୟ ଲଳିତା, ଅଟଳ ବିହାରୀ ବାଜପେୟୀ, ପପ୍‌ପୁ ଯାଦବ ଓ ଏମିତି ଆହୁରି କେତେ।

ହଁ, ଋଣ କରି ବିନ୍ଦାସ ଉତ୍ତମ ପଦାର୍ଥ ଖାଇବାର ଅର୍ଥ ନୁହଁ ଯେ ମଣିଷ କେବଳ ଭଲ ଖାଇବା ପାଇଁ ବଞ୍ଚିବ। ଯିଏ ଋଣ କରିବ, ତାକୁ ପୁଣି ବୁଝିବାକୁ ହେବ ନା ନାଇଁ? ସୁଝିବାକୁ ହେଲେ କିଛି କାମ କରି ରୋଜଗାର କରିବାକୁ ହେବ। ଖାଇବା ପାଇଁ ବଞ୍ଚିବା ଯେମିତି ଠିକ୍ ନୁହେଁ, ବଞ୍ଚିବା ପାଇଁ ଖାଇବା ମଧ୍ୟ ସେହିଭଳି ଠିକ୍ ନୁହେଁ। କାରଣ ବଞ୍ଚିକରି ଯଦି ସେ କିଛି କାମ ନ କଲା, ସେ କ'ଣ ବଞ୍ଚିପାରିବ? ଏଣୁ ମୋର କହିବା କଥା ହେଲା, ଖାଅ, ପିଅ ଆଉ ତା' ସାଙ୍ଗକୁ ଶାରୀରିକ ପରିଶ୍ରମ କର। ଉପରେ ଯେଉଁମାନଙ୍କ ନାଆଁ ନେଲି, ସେବାନେ ସମସ୍ତେ ଅକ୍ଲାନ୍ତ ପରିଶ୍ରମ କରୁଥିଲେ। ପିଲା ଦିନରୁ ଦଉଡ଼ା ଦଉଡ଼ି, ଡିଆଁ ଡେଇଁ, ଖେଳ କସରତ ଠାରୁ ଆରମ୍ଭ କରି ମାନସିକ ପରିଶ୍ରମ ବି କର। କଠିନ ପରିଶ୍ରମ କରି କେତେ ଯେ ଭାରତୀୟ ଆଜି ଖେଳରେ, ଲଢ଼େଇରେ, ଯାନ୍ତ୍ରିକ କୌଶଳରେ, ଅଭିନୟରେ, ସାହିତ୍ୟ ସଂସ୍କୃତି କ୍ଷେତ୍ରରେ ସମଗ୍ର ବିଶ୍ୱରେ ନାଆଁ କଲେଣି। ଖାଦ୍ୟ ଓ ଶରୀର ଉଭୟ ମଧ୍ୟରେ ସନ୍ତୁଳନ ରଖିଲେ ଶରୀର ସୁଗଠିତ, ସୁନ୍ଦର ଓ ସମୃଦ୍ଧ ହେବ। ଫଳରେ ଡାକ୍ତର ଓ ଡାଇଟିଂ ଉଭୟଙ୍କୁ ଦୂରେଇ ଦେଇ ହେବ।

ଆଗ କାଳରେ ଗାଁ ଗହଳିରେ ସୀମିତ ସାଧନ ଭିତରେ ଲୋକେ କେମିତି ସୁସ୍ଥ ରହୁଥିଲେ। କେତେ ଓଜନ ହେଉଥିଲେ। ନା ଡାଇଟିଂ କରୁଥିଲେ? ଖୁବ୍ କାମ କରୁଥିଲେ। ଚାଲୁଥିଲେ, ସାଇକେଲ ଚଲଉଥିଲେ, ଆତ୍ମ ନିର୍ଭରଶୀଳ ଥିଲେ। ଫଳରେ ଶରୀର ସୁଗଠିତ ଓ ଶକ୍ତିଶାଳୀ ଥିଲା। ପୁରାଣ ଏବଂ ଐତିହାସିକ ଯୁଗର ଶିଳାଲେଖ, ପଟ୍ଟଚିତ୍ର, ପେଣ୍ଟିଂ କୌଣସି ଠାରେ ଟୁନ୍‌ଟୁନ ଭଳି ଥୁଲ୍‌ଥୁଲ୍ କିମ୍ବା ଜାନିଓ୍ୱାକର ଭଳି ଧୁଡୁଧୁଡୁ ଚେହେରା ଦେଖାଯିବ ନାହିଁ। ଆଜିର ପିଲାଏ ଚାଲିବା ଦୂରେ ଥାଉ, ସାଇକଲ ଚଳେଇବାକୁ ନି କୁଣ୍ଠିତ। କେବଳ ମୋଟର ସାଇକଲ, ଅଟୋରିକ୍ସା, କାର, ବସ୍ ,ରେଳ ଓ ଏରୋପ୍ଲେନ୍‌ରେ ଯାତାୟତ କରୁଛନ୍ତି। ଫଳରେ କିଏ ଦାଢ଼ି ରଖି ଠାକରା ଗାଲ ଘୋଡ଼ାଇଲା ବେଳକୁ ଆଉ କିଏ ବିଭିନ୍ନ ଦାମୀ ବେଶପୋଷାକରେ ଶାରୀରିକ ଦୁର୍ବଳତାକୁ ଲୁଚାଇବାକୁ ଚେଷ୍ଟା କରୁଛି।

*'ତପୋବନମ୍' ପ୍ଲଟ ନଂ -୧୦୩୨/୨୪୦୨*
*ପ୍ରଗତି ନଗର, ୟୁନିଟ-୮, ଭୁବନେଶ୍ୱର -୭୫୧୦୦୩*

# କ୍ୟାମେରା

ମୂଳ ହିନ୍ଦୀ-ସଙ୍ଗୀତା ମାଥୁର
ଅନୁବାଦ-ଦେବସ୍ମିତା ବେହେରା

'ମା ପିଲାକୁ ତଳେ ପଡିବାରୁ ବଞ୍ଚାଏ ଆଉ ବାପା ତାକୁ ପଡିଲା ପରେ ଉଠିବା ଶିଖାଏ..ଜୀବନକୁ କ୍ୟାମେରା ଭଳି ଜୀଇଁବା ଶିଖ ଝିଅ । ଏଥିରେ ଫୋକସ୍ ସେହି ଜିନିଷ ଉପରେ କର ଯାହା ମହତ୍ତ୍ୱପୂର୍ଣ୍ଣ ଅଟେ । ଭଲ ମୁହୂର୍ତ୍ତକୁ କ୍ୟାମେରା ଭିତରେ ବନ୍ଦ କରିନେ । ନେଗେଟିଭ୍‌କୁ ଡେଭଲପ୍ କର ଆଉ ଭଲ ଫଳାଫଳ ନ ଆସେ ତେବେ ଅଲଗା ସଟ୍ ନେଇ ନିଅ' ।

'ବାନୀ ମୋ ଓଢଣୀକୁ ଭଲରେ ଖରାରେ ଶୁଖେଇଚୁ ତ ? ନହେଲେ ସେଥିରେ ମଣ୍ଡ ଭଲରେ ଲାଗିବ ନାହିଁ । ମା' ତୃତୀୟ ଥର ଯେତେବେଳେ ଏହି କଥାକୁ ଦୋହରାଇଲେ ସେତେବେଳେ ଚିଡିଗଲା ବାନୀ' ।

କେବେଠୁ କରି ଦେଇଛି ! ଶୁଖି ସାରିବଣି । ବାନୀର ତିକ୍ତ ସ୍ୱରରେ ବିରକ୍ତିର ଅନୁଭବ ହେଲା ମା'ଙ୍କୁ । ତେଣୁ ସେ ଶୀଘ୍ର ଶୀଘ୍ର ମାଳା ଗଡେଉ ଗଡେଉ ଗୁଣୁଗୁଣୁ ହୋଇ କହିଲେ,'କ'ଣ କରିବି ? ଧ୍ୟାନ ହିଁ ରହୁନି ଆଜିକାଲି' । ଜାଣାନାହିଁ ଗୋଟିଏ କଥାକୁ କେତେ ଥର କହି ଦେଉଛି । ହେଲେ ବାନୀ ପାଖରେ କୋଉ ସମୟ ଥିଲା ଯେ ସେ ଶୁଣିବ ତାଙ୍କ କଥାକୁ ? ସେତ କେତେବେଳେ ବାଥ୍‌ରୁମ୍ ଭିତରେ ପଶି ଧଡ କରି କବାଟ ବନ୍ଦ କରି ସାରିଥିଲା । ସକାଳୁ ସକାଳୁ ଅଫିସ୍ ଯିବା ସମୟଟା ହିଁ ଏମିତି ହୋଇଥାଏ । ଘଣ୍ଟାର କଣ୍ଟା ଭଳି ଦଉଡି ଦଉଡି କରିବାକୁ ପଡେ ସବୁ କିଛି ।

ଆଜି ମଧ୍ୟ ଦଉଡି ଦଉଡି ଶେଷ ମୁହୂର୍ତ୍ତରେ ଯାଇ ପହଞ୍ଚିଥିଲା ଅଫିସ୍‌ରେ । ସିଟ୍‌ରେବସିବାକୁ ଗଲା ବେଳକୁ ଫୋନ୍ ଆସିଲା ଭାଉଜଙ୍କର । ଔପଚାରିକ ହଉ-ହ୍ୟାଲୋ ପରେ ସେ ଆସିଲେ ପ୍ରକୃତ କଥାକୁ ।

'ତୁମକୁ ତ ଜାଣାଥିବ ଏବେ ଘରର ରେନୋବେଶନ ଚାଲିଛି । ବାପାଙ୍କ ରୁମ୍‌କୁ ପୁରା ଖାଲି କରିବାକୁ ପଡିଲା' । ଗଦି, ଲୁଗାପଟା ତ ଏମିତି ବାହାର କରିବାର ଥିଲା, ତେଣୁ ସେ ସବୁ ଗରୀବ ଲୋକଙ୍କ ଭିତରେ ବାଣ୍ଟି ଦେଇଛି । ପ୍ରେମା କହୁଥିଲା କି ଆଲମାରୀରୁ କିଛି ବହି ଆଉ ଚିଠି ମିଳିଛି । ତୁମେ ଥରଟେ ଆସି ଦେଖିଯାଅ ତା'ପରେ ତା'ର କ'ଣ କରିବାକୁ ହେବ କରିବ । ମୋତେ ତ ଆଜିକାଲି ବହୁତ ଡେରି ଯାଏଁ ରହିବାକୁ ପଡୁଛି ଅଫିସ୍‌ରେ' ।

ଠିକ୍ ଅଛି ଭାଉଜ ମୁଁ ଆଜି ଯିବି ଘରକୁ । ତା'ପରେ ସେ ଫୋନ୍ ରଖି ଦେଇ ପାଖରେ ବସିଥିବା ସହକର୍ମୀ ମିଲି ସହିତ ଗପିବାକୁ ଲାଗିଲା । ଭାବିଥିଲି ଆଜି ପୀୟୁଷ ଟୁର୍‌ରେ ଯାଇଛନ୍ତି ଅଧା ପଢିଥିବା 'ଡିସ୍‌କଭରୀ ଅଫ୍ ଇଣ୍ଡିଆ' ବହିଟାକୁ ଅଫିସ୍‌ରୁ ଜଲ୍‌ଦି ଫେରିଲା ପରେ ପଢି ସାରିଦେବି । ତୁମକୁ ତ ଜଣା ଅଛି ମୋତେ ପଢିବାକୁ କେତେ ଭଲ ଲାଗେ । ଆଉ ଏହି ବହି ମଧ୍ୟ ବହୁତ ଭଲ ବହିଟିଏ । ନେହେରୁଜୀ ନିଜ ଝିଅ ଇନ୍ଦିରା ପ୍ରିୟଦର୍ଶୀନୀକୁ ଲେଖିଥିବା ଚିଠି ସବୁର ବହୁତ ଜ୍ଞାନବର୍ଦ୍ଧକ ଏବଂ ରଚିକର ସଂକଳନ ହେଉଛି ଏହି ବହି । ହେଲେ ଆଜି ମଧ୍ୟ ମୋର ଘରକୁ ଫେରିବାରେ ଡେରି ହେବ । ଆଗ ମୋତେ ବାପଘରକୁ ଯିବାକୁ ପଡ଼ିବ ।

'କାହିଁକି' ?

'ଏବେ ଭାଉଜଙ୍କର ଫୋନ୍ ଆସିଥିଲା । ବାପାଙ୍କ ରୁମ୍‌ରେକିଛି ବହି ମିଳିଛି । ସେ ସବୁକୁ ଯାଇ ଦେଖିବାକୁ ପଡିବ' । ବାପଘର ତ ଏଇ ଅଫିସ୍ ପାଖରେ । ତେଣୁ ସନ୍ଧ୍ୟାବେଳେ ଘରକୁ ଯିବା ପୂର୍ବରୁ ଆଗ ସେଠାକୁ ଯିବି । ବାନୀ ଜାଣି ଶୁଣି ଚିଠିର କଥାକୁ ଗୋପନ ରଖିଦେଲା । ଜଣା ନାହିଁ ବାପାଙ୍କ ଆଲମାରୀରୁ କେମିତିକା ଚିଠି ସବୁ ମିଳିଛି ? ଆଉ ପୁରୁଣା ପ୍ରେମ-ପ୍ରସଙ୍ଗର ଚିଠି ନୁହେଁ ତ ?ଭାଉଜ ମୋତେ ଦେଖିବାକୁ କାହିଁକି କହିଲେ' ?

ସନ୍ଧ୍ୟାରେ ବାନୀ ପହଞ୍ଚିଗଲା ବାପ ଘରେ । ଘରେ ପାଦ ଦେଉ ଦେଉ ତାକୁ ପ୍ରେମା ମିଳିଗଲା । ଘର କାମରେ ଲାଗିଥିଲା ସେ । ବାନୀ ଏଇଆ ଭାବି ଟିକିଏ ଶାନ୍ତିରେ ନିଃଶ୍ୱାସ ନେଲା କି ୟା'କୁ ଆବଶ୍ୟକ ପଚରା ଉଚରା କରାଯାଇ ପାରିବ । ହେଲେ ପ୍ରେମା ତା' ଆଶାର ବିପରୀତ ନିଜ ଆଡୁ ସବୁ କିଛି ଜଣେଇବା ପାଇଁ ଆତୁର ଥିଲା । ବାସନ ମଜା ହାତକୁ ଧୋଇ ସେ ତୁରନ୍ତ ଗୋଟିଏ ଛୋଟ ପେଟି ଆଉ ପ୍ୟାକେଟ୍ ଉଠେଇ କରି ନେଇ ଆସିଲା । 'ଅପା, ପେଟିରେ କିଛି ବହି ଆଉ ଏହି ପ୍ୟାକେଟ୍‌ରେ କିଛି ବନ୍ଦ ଲିଫାଫା ଅଛି' । ସେ ରହସ୍ୟମୟ ଶୈଳୀରେ ଲିଫାଫାର ପ୍ୟାକେଟ୍ ବାନୀକୁ ବଢେଇ ଦେବାରୁ, ଟିକିଏ ଆଶ୍ଚର୍ଯ୍ୟ ହେଇଗଲା ବାନୀ ।

'ମୁଁ ବେଶୀ ପାଠ-ଶାଠ ତ ପଢିନି ହେଲେ, ଏ ସବୁଥିରେ ଆପଣଙ୍କ

ନାଁ ପଢି ନେଇଥିଲି । ସେଥିପାଇଁ ତ ୟା'କୁ ଅଲଗା ରଖି ଦେଇଥିଲି' ।

'ଭାଉଜ ଦେଖିଛନ୍ତି ଏସବୁ' ?

'ନା..! ତାଙ୍କୁ ତ କେବଳ ମୁଁ ଏତିକି କହିଥିଲି କି କିଛି ପୁରୁଣା ବେକାର ଚିଠି ଆଉ ବହି ଅଛି । ବୋଧହୁଏ ଅପାଙ୍କର ହେଇଥିବ । ୟା'କୁ ରଖିବି ନା' ଫିଙ୍ଗି ଦେବି' ? ଏହା ଶୁଣି ସେ ଆପଣଙ୍କୁ ଥରଟେ ଏସବୁ ଦେଖେଇ ଦେବା ପାଇଁ କହିଲେ ।

'ହଁ..ଠିକ୍ କଲ ତୁମେ' । ମୁଁ ଦେଖିନେବି ଏସବୁ ।

ଘରେ ପହଞ୍ଚିବା ଯାଏଁ ଚିଠି ଗୁଡ଼ାକୁ ପଢିବା ପାଇଁ ଉତ୍ସୁକତା ଚରମ ସୀମାରେ ପହଞ୍ଚି ସାରିଥିଲା ବାନୀର । ଏହା ତ ସତ ଯେ ମା'ଙ୍କର ଦେହାନ୍ତ ହେବା ପରେ ବହୁତ ଚୁପ୍ ଆଉ ଗମ୍ଭୀର ହେଇ ଯାଇଥିଲେ ବାପା । ତା'ପରେ ତାଙ୍କୁ ଯେତେବେଳେ ନିଜ ବେମାରୀ ବିଷୟରେ ଜଣା ପଡିଲା, ସେତେବେଳେ ସେ ଅତ୍ୟନ୍ତ ବ୍ୟଗ୍ର ହେଇ ପଡିଥିଲେ ବାନୀର ବିବାହ ପାଇଁ । ଅତି ଶୀଘ୍ର ସେ ଭଲ ଘର ପରିବାର ଦେଖି ଠିକ୍ କରି ଦେଇଥିଲେ ବାନୀର ବାହାଘର । ପୀୟୁଷଙ୍କ ଭଳି ଜୀବନସାଥୀ ପାଇ ବାନୀ ଖୁସିରେ ଗଦ୍ ଗଦ୍ ହେଇ ଯାଇଥିଲା । ସେ ପୀୟୁଷଙ୍କ ସାଙ୍ଗରେ ଆଗ କୋର୍ଟ ମ୍ୟାରେଜ୍ ଆଉ ତା'ପରେ ବୈଦିକ ରୀତି ଅନୁଯାୟୀ ବିବାହର ପ୍ରସ୍ତୁତିରେ ପୁରା ବ୍ୟସ୍ତ ହେଇ ଯାଇଥିଲା । ଆଜି ସେ ସବୁ କଥା ମନେ ପକେଇ ପଶ୍ଚାତାପ କରୁଥିଲା ବାନୀ । ବୋଧହୁଏ ତାକୁ ବାପାଙ୍କୁ ଯେତିକି ସମୟ ଦେବା ଉଚିତ୍ ଥିଲା ସେ ସେତିକି ସମୟ ଦେଇ ପାରି ନଥିଲା । ନିଶ୍ଚୟ ବାପା ଏ ଚିଠି ସବୁ ସେତେବେଳେ ଲେଖିଥିବେ ନହେଲେ ସେ ଶାଶୁଘରକୁ ଆସିବା ପରେ ଲେଖିଥିବେ ।

ଘରେ ପଶିବା ମାତ୍ରେ ନିଜକୁ ବେଡ୍‌ରୁମ୍‌ରେ ବନ୍ଦ କରିଦେଲା ବାନୀ। ଆଉ ତା' ହାତରେ ଖୋଲି ଚାଲିଲା ଗୋଟିଏ ପରେ ଗୋଟିଏ ଚିଠିକୁ । ବିଲ୍‌କୁଲ୍ ଠିକ୍ ଥିଲା ତା'ର ଅନୁମାନ । କିଛି ଚିଠି ତା' ନିର୍ବନ୍ଧ ପରେ ଲେଖା ଯାଇଥିଲା ଆଉ କିଛି ଚିଠି ଲେଖା ଯାଇଥିଲା ତା' ବାହାଘର ପରେ । ବାନୀ ପୁରା କ୍ଷୁଧାର୍ତ୍ତ ମଣିଷଙ୍କ ଭଳି ଆତ୍ମସାତ୍ କରି ଚାଲିଥିଲା ଚିଠି ସବୁକୁ । ତା'ର ନା' ତ ପାଣି ପିଇବାକୁ ହୋସ୍ ଥିଲା ନା' ଥିଲା ଟଏଲେଟ୍ ଯିବାକୁ । ମା' ଦୁଇ ତିନି ଥର ଅଧା ଆଉଜା କବାଟ ଫାଙ୍କରୁ ଭିତରକୁ ଚୁଙ୍ଗି ଚାଲି ଯାଇଥିଲେ । ତାଙ୍କ ଆଡକୁ ପିଠି କରି ଚିଠି ପଢିବାରେ ମଗ୍ନ ଥିଲା ବାନୀ । ଏହା ଦେଖି ଟିକିଏ ଚିଡିଗଲେ ମା' । ବାନୀ ସଉକ ହେଉଛି ପଢିବା, ଏହା ତ ସେ ଜାଣିଥିଲେ, ହେଲେ ଏମିତି କି ସଉକ ଯେ ମଣିଷ ନିଜ ଘର ପରିବାରର ଦାୟିତ୍ୱକୁ ଭୁଲିଯିବ ? ଶେଷରେ ଥକିଯାଇ ସେ ନିଜେ ଖେଚୁଡି ବସେଇଲେ ଚୁଲୀରେ । ବାନୀ ଆଉ ମା' ଦୁହିଁଙ୍କୁ ଲୁଣିଆ ଖେଚୁଡି ବହୁତ ପସନ୍ଦ ଥିଲା । ହେଲେ ପୀୟୁଷ ମିଠା ଖେଚୁଡି ପସନ୍ଦ କରନ୍ତି ଖାଇବାକୁ । ସେଥିପାଇଁ ପୀୟୁଷଙ୍କର ଅନୁପସ୍ଥିତିରେ ବାନୀ ଏଇଆ ହିଁ ବନାଏ ।

ବାନୀ ଚିଠି ପଢିବାରେ ଏମିତି ହଜି ଯାଇଥିଲା ଯେ ତାକୁ ସମୟ ଜଣା ପଡିଲା ନାହିଁ । ପ୍ରେସର କୁକରର ସିଟି ବାଜିବାରୁ ସେ ଚମକି ପଡି ଘଣ୍ଟାକୁ ଚାହିଁଲା । ରାତି ନଅଟା ବାଜିଥିଲା । ସାମ୍ନା ଡ୍ରେସିଙ୍ଗ୍ ଟେବୁଲରେ ଲାଗିଥିବା ମିରର୍‌ରେ ନିଜର ପ୍ରତିବିମ୍ବ ଦେଖି ଚମକି ପଡିଲା ବାନୀ । ପୁରା ଚେହେରା ଓଦା ହେଇ ଯାଇଥିଲା ଲୁହରେ । ଜଣାନାହିଁ କେତେବେଳୁ ସେ ପୁରା ନିଃଶବ୍ଦ ହୋଇ କାନ୍ଦି ଚାଲିଥିଲା । ବାନୀ ତର ତର ହୋଇ ଗୋଟେଇ ପକେଇଲା ଚିଠି ଗୁଡାକୁ । ଉଠିକରି ଆଗ ଧୋଇଲା ମୁହଁକୁ । ତା'ପରେ ରୋଷେଇ ଘରକୁ ଯାଇ ଦୁଇ ପ୍ଲେଟ୍ ଖେଚୁଡି କାଢି ଆଣୀଲା। ମା'ଙ୍କୁ ଗୋଟିଏ ପ୍ଲେଟ୍ ଧରେଇ ଦେଇ ନିଜେ ଗୋଟିଏ ପ୍ଲେଟ୍ ଧରି ବେଡ୍‌ରୁମ୍‌କୁ ଗଲା ବେଳେ ମା' ଆଉ ଅଟକେଇ ପାରିଲେ ନାହିଁ ନିଜକୁ। ତୋ ଦେହ ଠିକ୍ ଅଛି ତ ? ମୁଁ ଦୁଇ ତିନିଥର ଯାଇଥିଲି ତତେ ଦେଖିବାକୁ ହେଲେ ତୁ ବହି ପଢିବାରେ ଏମିତି ମଜ୍ଜି ଯାଇଥିଲୁ କି..ଆଗକୁ କହିବାକୁ ଚାହୁଁଥିବା କଥାକୁ ନ କହି ସେ ଚୁପ୍ ହେଇଗଲେ । ହେଲେ ବାନୀ ଆଜି ତାଙ୍କୁ ନା' ତ ଚିଡି ଯାଇ କିଛି କହିଲା ଆଉ ନା' ତ ରାଗିକରି ତାଙ୍କୁ ଅନେଇଲା । ବାସ୍ ! ଚୁପଚାପ୍ ଚାଲିଗଲା ନିଜ ରୁମ୍‌କୁ । ଆଶ୍ଚର୍ଯ୍ୟ ହୋଇ ଚାହିଁଥିଲେ ମା' ବାନୀକୁ ।

ଖେଚୁଡିର ପ୍ରତିଟି କଳ ସହିତ ବାପାଙ୍କ ଦ୍ୱାରା ହାତ ଲେଖା ହୋଇଥିବା ପ୍ରତ୍ୟେକ କଥାକୁ ତଣ୍ଟି ତଳକୁ ଖସାଇ ଚାଲିଥିଲା ବାନୀ । କ୍ୟାନ୍ସରରେ ଲଢୁଥିବା ବାପା ନିଜ ଜୀବନର ସବୁ ଅନୁଭବର ସାର ଲେଖି ଦେଇଥିଲେ ଚିଠିରେ । ଆଶା, ଖୁସି, ଉତ୍ସାହ, ବିଷାଦ, ଖିନ୍ନତା ଜଣା ନାହିଁ କେତେ ଭାବନାକୁ ନିଜ ଭିତର ସାଉଁଟି ରଖିଥିବା ଏହି ଚିଠି ସବୁ ଅମୂଲ୍ୟ ଥିଲା ବାନୀ ପାଇଁ । ବାନୀର ଦୁଃଖ ଥିଲା ତ ଏତିକି କି ବାପାଙ୍କର ରୋଗ ବିଷୟରେ ଜାଣି ମଧ୍ୟ ସେ ତାଙ୍କୁ ଭାଇ-ଭାଉଜଙ୍କ ଭରସାରେ ଛାଡି ଦେଇ ନିଜର ବୈବାହିକ ଜୀବନରେ ବ୍ୟସ୍ତ ହେଇ ଯାଇଥିଲା । ତା'ର ବାପାଙ୍କୁ ସେତେବେଳେ ବେଶୀ ସମୟ ଦେବାର ଥିଲା । ବୋଦହୁଏ ବାପା କଥାରେ କହି ଏତେ ସବୁ ଭାବନାକୁ ବ୍ୟକ୍ତ କରି ପାରିନଥାନ୍ତେ, ଯେତେ ଲେଖିକରି ବ୍ୟକ୍ତ କରିଛନ୍ତି ।

ପୀୟୁଷଙ୍କର ଫେରିବା ଯାଏଁ ବାନୀ ଜଣା ନାହିଁ କେତେଥର ପଢି ସାରିଥିଲା ଚିଠି ସବୁକୁ । ସେ ସବୁ ଚିଠିକୁ ଅତି ଯତ୍ନର ସହିତ ଗୋଟିଏ ସୁରକ୍ଷିତ ଜାଗାରେ ରଖିଦେଲା । ବାପାଙ୍କ ଦ୍ୱାରା ଝିଅ ପାଇଁ ଲେଖା ଯାଇଥିବା ଏହି ଚିଠି ଦୁନିଆ ଆଗରେ 'ଡିସ୍‌କଭରୀ ଅଫ୍ ଇଣ୍ଡିଆ' ଭଳି ପୁସ୍ତକ ରୂପରେ ନ ଆସିପାରିଲେ କ'ଣ ହେଲା, ସଂସ୍କାରର ଏହି ମୁଣି,ଏହି ଅମୂଲ୍ୟ ଉପହାରକୁ ସେ ନିଜର ଆଗାମୀ ପୀଢିଙ୍କ ପାଇଁ ନିଶ୍ଚୟ ସୁରକ୍ଷିତ ରଖିବାକୁ ଚାହିଁବ ।

ରାତିରେ ଡେରିରେ ଫେରିବା ଯୋଗୁଁ ଏ ପର୍ଯ୍ୟନ୍ତ ଶୋଇଥିଲେ ପୀୟୁଷ । କିନ୍ତୁ ବାନୀ ଉଠି ପଡି ଲାଗି ଯାଇଥିଲା କାମରେ । ଆଜି ସେ ନିଜ ଭାଇ-ଭାଉଜଙ୍କୁ ଆମନ୍ତ୍ରିତ କରିଥିଲା ଡିନର୍‌କୁ । ରେନୋବେଶନ୍ ପାଇଁ କେବେଠୁ ତାଙ୍କୁ ଡିନର୍ ପାଇଁ ଡାକିବାକୁ ଚାହିଁ ମଧ୍ୟ ଡାକି ପାରୁ ନଥିଲା । ତା' ଛଡା ସେ ଚାହୁଁଥିଲା କି ପୀୟୁଷ ଫେରିଲେ ଯାଇ ସେମାନଙ୍କୁ ଡାକିବ । ଏମିତିରେ ଏବେ ଲକ୍ଷ୍ମୀ ଆସି ସମ୍ଭାଳି ନେବ ସବୁ କିଛି । ତଥାପି ଅଫିସ୍ ଯିବା ପୂର୍ବରୁ ବାନୀ କିଛିଟା ପ୍ରସ୍ତୁତି କରିନେବା ପାଇଁ ଚାହୁଁଥିଲା । ବିଶେଷତଃ ପୁଡିଙ୍ଗ୍ ଆଉ ନର୍ଗିସି କୋଫ୍ତା ସେ ନିଜ ହାତରେ ବନେଇବାକୁ ଚାହୁଁଥିଲା । ସେଥିପାଇଁ ତା'ର ହାତ ମେସିନ୍ ଭଳି ଚାଲିଥିଲା । ଠିକ୍ ସେତିକି ବେଳେ ମା'ଙ୍କ ଡାକରେ ତା' ହାତରେ ବ୍ରେକ୍ ଲାଗିଗଲା ।

'ବାନୀ,ପୂଜା ପାଇଁ ଧୂଆ ହୋଇଥିବା ବାସନ ସେଠି ରୋଷେଇ ଘରେ ରହିଗଲା । ଟିକିଏ ଆସି ମୋତେ ଦେଇ ଦେ.., ମୁଁ ଥରେ ବସି ପଡିଲା ପରେ ଉଠିବା ମୋ ପାଇଁ ବହତ କଷ୍ଟକର' ।

ବାନୀ ଚଟାପଟ୍ ବାସନ ଉଠେଇ ନେଇ ପୂଜା ଘରେ ମା'ଙ୍କ ପାଖରେ ରଖି ଦେଇ ଆସିଲା । ତା'ପରେ ସେ କୋପ୍ତା ଛାଣିବା ଆରମ୍ଭ କଲା ବେଳକୁ ପୁଣି ଥରେ ମା'ଙ୍କର ଡାକ ଶୁଭିଲା, 'ଆରେ ହାତକୁ ଅନ୍ତତଃ ଧୋଇ ଦେଇ ବାସନ ଆଣିଥାନ୍ତୁ । ଏବେ ଏହି ଧୂଆ ବାସନକୁ ପୁଣି ଥରେ ଧୋଇବାକୁ ପଡିବଟ । ସେ ଉଠିବା ପାଇଁ ଚେଷ୍ଟା କଲା ବେଳକୁ,ବାନୀ ଆସି ବାସନ ନେଇଗଲା । ଆଉ କିଛି ସମୟ ପରେ ଧୂଆ ହୋଇଥିବା ବାସନ ସବୁ ଚମକୁଥିଲେ ମା'ଙ୍କ ସାମ୍ନାରେ । ଆଶ୍ଚର୍ଯ୍ୟ ହୋଇ ବାନୀକୁ ରୋଷେଇ ଘରକୁ ଗଲାବେଳେ ଚାହିଁଥିଲେ ମା' ।

ଲକ୍ଷ୍ମୀ ଆସିନା ପରେ ବାନୀ ତାକୁ ସ୍ପେଶାଲ୍ ଡିନର,ଘର ସଫା ବିଷୟରେ ନିର୍ଦ୍ଦେଶ ଦେବାକୁ ଲାଗିଲା । ମା' ଏସବୁ ଶୁଣି ପୂଜା ସାରିଲା ପରେ ନିଜ ଭଉଣୀ ଘରକୁ ଯିବା ପାଇଁ ପ୍ରସ୍ତୁତି କରିବାକୁ ଲାଗିଲେ । ପ୍ରଥମ ଥର ଯେତେବେଳ ବାନୀର ବାପଘର ଲୋକ ଏହି ଘରକୁ ଆସିଥିଲେ ସେତେବେଳେ ବାନୀ ନିଜେ ତାଙ୍କୁ ତାଙ୍କ ଭଉଣୀ ଘରକୁ ଯିବା ପାଇଁ କହିଥିଲା, ଯାହା ଫଳରେ ସେ ନିଜ ବାପଘର ଲୋକଙ୍କର ଅତିଥି ଆଭ୍ୟର୍ଥନା ପାଇଁ ଖାଲି ହେଇ ପାରିବ ଆଉ ମା' ମଧ୍ୟ ନିଜ ଭଉଣୀକୁ ଭେଟି ପାରିବେ । ମା' ସେବେଠୁ ଏହାକୁ ସବୁବେଳର ବ୍ୟବସ୍ଥା ବୋଲି ମାନି ନେଇଥିଲେ । ତେଣୁ ପଚାରିଲେ, 'ପୀୟୁଷ ମୋତେ ସୁଧା ଘରେ ଛାଡିବ ନା' ମୁଁ ସୁଧାକୁ କହିବି ସେ ମନୁକୁ ପଠେଇବ ମୋତେ ନେବା ପାଇଁ ?'

'ମା' ଆଜି ଭାଇ-ଭାଉଜ ଡିନର୍ କରିବା ପାଇଁ ଆସୁଛନ୍ତି,ତେଣୁ ଆପଣ ମାଉସୀଙ୍କ ଘରକୁ ଆଉ କେଉଁ ଦିନ ଚାଲି ଯିବେ । ବାନୀ ବହୁତ ସ୍ନେହରେ କହିବାରୁ ଅଟକି ଗଲେ ମା' । ପ୍ରଥମ ଥର ତାଙ୍କୁ ଏମିତି ଲାଗିଲା ଯେମିତି ସେ ଆଜିଯାଏଁ ଠିକ୍‌ରେ ବୁଝି ପାରିନାହାନ୍ତି ବୋହୂକୁ' ।

'ମୁଁ କିଛି ସାହାଯ୍ୟ କରିବି ? ମା' ରୋଷେଇ ଘରେ ପହଞ୍ଚି କହିବାରୁ ତାଙ୍କୁ ଡିନର୍‌ର ମେନ୍ୟୁ ବିଷୟରେ କହିଲା ବାନୀ' । ବାସନ ମାଜୁ ମାଜୁ ଲକ୍ଷ୍ମୀ ଆଶ୍ଚର୍ଯ୍ୟ ହୋଇ ଦେଖୁଥିଲା ଶାଶୁ-ବୋହୂଙ୍କର ଏହି ନୂଆ ସମୀକରଣକୁ । ଟିକିଏ ବୁଟ ଡାଲିର ପକୁଡି ବନେଇ ଦେବ । ଆସିବା ମାତ୍ରେ ସର୍ବ କରିଦେବା । ଆଉ ତା'ପରେ ଡିନର୍ ଡେରିରେ କଲେ ମଧ୍ୟ ଚଳିବ ଆଉ ମୁଁ ଧୂଆଁ ଦିଆ ପରିବା ରାଇତା ବନେଇ ଦେବି। ପୀୟୁଷକୁ ବହୁତ ପସନ୍ଦ ସେହି ରାଇତା । ଉତ୍ସାହର ସହିତ କହିଲେ ମା, ଆଉ ବାନୀ ନିଶ୍ଚିନ୍ତ ହୋଇ ଚାଲିଗଲା ଅଫିସ୍‌କୁ ।

ଫେରିଲା ବେଳେ ଡେରି ହେଇଗଲା ତା'ର, 'ହେଲେ ଘରେ ସବୁ କିଛି ରେଡି ଥିବା ଦେଖି ଶାନ୍ତିରେ ନିଃଶ୍ୱାସ ମାରିଲା ସେ' । ମା'ଙ୍କୁ ଯେତେବେଳେ ସେ ହୃଦୟରୁ ଧନ୍ୟବାଦ ଦେଲା ସେତେବେଳେ ମିଛି ମିଛିକା ରାଗିଯାଇ ମା' କହିଲେ,ଏମିତି କହି ମୋତେ ପର କରିଦେନା ବୋହୂ । ମାତ୍ର ତାଙ୍କ ଆଖିରେ ଝଲସୁ ଥିବା ଖୁସିକୁ ସ୍ପଷ୍ଟ ଭାବରେ ଦେଖି ପାରୁଥିଲା ବାନୀ । ଡିନର୍‌ର ସମୟ ହେବାରୁ ବାନୀ ସମସ୍ତଙ୍କ ସହିତ ମା'ଙ୍କୁ ମଧ୍ୟ ବସେଇଲା ଖାଇବା ପାଇଁ ।

'ଆରେ ଝିଅ,ମୋତେ ପୁଡିଙ୍ଗ୍ ଦିଅ ନାହିଁ । ମୁଁ ଡାଇବେଟିକ୍ ପେସେଣ୍ଟ । ଆଉ କେହି କହିବା ପୂର୍ବରୁ ମା' ଭାଉଜଙ୍କୁ ଅଟକେଇବା ପାଇଁ ଉଚିତ୍ ମଣିଲେ' । ପରିବେଶ ଅସହଜ ହେବା ପୂର୍ବରୁ ବାନୀ କଥାକୁ ସମ୍ଭାଳି ନେଇ କହିଲା,ଟିକିଏ ନିଅନ୍ତୁ ନା' ମା' । ଏବେ ତ ଆପଣଙ୍କର ସୁଗାର୍ କଣ୍ଟ୍ରୋଲ୍‌ରେ ଅଛି ।

ଖାଇ ସାରିବା ପରେ ଭାଉଜ ନିଜ ଭାଇର ବାହାଘରର ସିଡି ଚଲେଇ ଦେଲେ,ଯେଉଁଥିରେ ସେ କିଛି ଦିନ ତଳେ ଯୋଗ ଦେଇଥିଲା। ମା' ନିଜ ରୁମ୍‌କୁ ଯିବା ପାଇଁ ବାହାରିଲା ବେଳକୁ ବାନୀ ତାଙ୍କୁ ଆଗ୍ରହ କରି ସେଇଠି ଅଟକେଇ ଦେଲା ।

ଆପଣ ମଧ୍ୟ ଦେଖନ୍ତୁ ନା' ମା' ଆମ ସମସ୍ତଙ୍କ ସହିତ ! ଯଦି ବୋର୍ ହେଇଯିବେ,ତେବେ ନିଜ ରୁମ୍‌କୁ ଚାଲିଯିବେ ।

ମାତ୍ର ମା' ନା' କେବଳ ଶେଷ ଯାଏଁ ବସି ଦେଖିଲେ ବରଂ ମଝିରେ ମଝିରେ ସବୁ ରୀତି-ନୀତିର ତଥ୍ୟ ମଧ୍ୟ ଦେଲେ । ଆଉ ତା' ସହିତ ନିଜ ଚିହ୍ନା ପରିଚିତ ଲୋକମାନଙ୍କୁ ଉତ୍ସାହର ସହିତ ଚିହ୍ନୁଥିଲେ ।

ଆଶ୍ଚର୍ଯ୍ୟ,ଏତେ ଲୋକଙ୍କୁ ତ ମୁଁ ନିଜେ ମଧ୍ୟ ଚିହ୍ନି ନଥିଲି । ଆଉ ନା' ତ ମୋତେ ବିବାହର ସବୁ ରୀତିର ପୃଷ୍ଠଭୂମି ବିଷୟରେ ଜଣା ଥିଲା । ଭାଉଜ ଏତିକି କହିବାରୁ ପୀୟୁଷଙ୍କ ସହିତ ସମସ୍ତଙ୍କର ପ୍ରଶଂସାତ୍ମକ ଆଖି ଉଠିଗଲା ମା'ଙ୍କ ଆଡେ । ଆଉ ବାନୀ ଆଜି ସନ୍ଧ୍ୟାର ଅନ୍ୟ ସୁନ୍ଦର ମୁହୂର୍ତ୍ତଙ୍କ ପରି ଏହି ମୁହୂର୍ତ୍ତକୁ ସ୍ମୃତିଚିହ୍ନ ସ୍ୱରୂପ କ୍ୟାମେରାରେ ବନ୍ଦ କରିନେଲା ।

ଘରୁ ବିଦାୟ ନେବା ସମୟରେ ଭାଉଜ ମା'ଙ୍କର ପାଦ ଛୁଇଁ ଟଙ୍କା ଦେବାକୁ ଚାହିଁବାରୁ ମା' ମନାକରି ଦେଇ କହିଲେ, 'ମୁଁ ଏ ସବୁ ନିୟମକୁ ଆଦୌପସନ୍ଦ କରେନାହିଁ ଝିଅ' । ବାସ୍ ! ସବୁବେଳେ ଏମିତି ସ୍ନେହ ଆଉ ସମ୍ମାନ ବନେଇ ରଖିବୁ । ବାନୀ ଗର୍ବର ସହିତ ଏହି ସୁନ୍ଦର ମୁହୂର୍ତ୍ତକୁ କ୍ୟାମେରାରେ ବନ୍ଦ କରିନେଲା ।

ପୀୟୁଷ ରାତିରେ ବାନୀକୁ ନିଜର ବାହୁ ପାଶ ଭିତରେ ପ୍ରଗାଢ ଆଲିଙ୍ଗନରେ ଅନେକ ପ୍ରଶଂଶା କଲେ ଆଉ ବାନୀ ଏହି ପ୍ରେମର ପୃଷ୍ଠଭୂମିକୁ ମନେ ପକାଇ ହସୁଥିଲା ଧୀରେ ଧୀରେ । ସେ ମନେ ମନେ ଧନ୍ୟବାଦ ଦେଲା ବାପାଙ୍କୁ । ଏବେବି ବାପାଙ୍କର ଚିଠିର କିଛି ଅଂଶ ତା'ର ମାନସ ପଟଳରେ ସବୁଦିନ ପାଇଁ ଅଙ୍କିତ ହେଇ ଯାଇଥିଲା । ଯାହାକୁ ସେ ମନେ ମନେ ଦୋହରେଇବାକୁ ଲାଗିଲା ।

ତୋର ନିର୍ବନ୍ଧ ହେଇ ସାରିଛି । ଏବେ ତୁ ନୂଆ ଜୀବନ ଆରମ୍ଭ କରିବାକୁ ଯାଉଛୁ । ତତେ କେବଳ ଏହି ଗୋଟିଏ ନୁହେଁ ବରଂ ଏହି ସମ୍ପର୍କ ସହିତ ଜଡିତ ଅନ୍ୟ ସମ୍ପର୍କର ମଧ୍ୟ ନିର୍ବାହ କରିବା ଶିଖିବାକୁ ହେବ । ପୀୟୁଷଙ୍କୁ ନିଜର ବନେଇବାକୁ ଅଛି, ତେଣୁ ତାଙ୍କ ସହିତ ଜଡିତ ସବୁ ସମ୍ପର୍କ ଆଉ ଜିନିଷକୁ ତତେ ଆପଣେଇବାକୁ ପଡିବ । ଏଥିରେ ସବୁଠୁ ମହତ୍ତ୍ୱପୂର୍ଣ୍ଣ ଆଉ କଷ୍ଟପ୍ରଦ ସମ୍ପର୍କ ଯାହା ତୋ ସମ୍ମୁଖରେ ଉପସ୍ଥିତି ହେବ ତାହା ହେଉଛି ତୋ ଶାଶୁଙ୍କର ସମ୍ପର୍କ..ମୁଁ ତାଙ୍କର ଏକଲାପଣ ଆଉ ଅସୁରକ୍ଷାର ଭାବନାକୁ ବହୁତ ଭଲ ଭାବରେ ବୁଝି

ପାରୁଛି । ଝିଅ ତତେ ତାଙ୍କ ସହିତ ବହୁତ ସଂଯମତା ଆଉ ପ୍ରେମର ସହିତ ବ୍ୟବହାର କରିବାକୁ ପଡିବ । କିଛି କଥା ତତେ ନଜର ଅନ୍ଦାଜ କରିବାକୁ ହେବ । ଏହି ବୟସରେ ଛୋଟ ଛୋଟ କଥା ମଧ୍ୟ ଶୂଳ ଭଳି ଦଂଶିଯାଏ ମନକୁ । ଆଉ ଅଜଣାତରେ ଏତେ ଗଭୀର କ୍ଷତ ସୃଷ୍ଟି କରେ ଯାହା ଭୁଲି ହୁଏ ନାହିଁ ମୃତ୍ୟୁ ଯାଏଁ । ଚେଷ୍ଟା କରିବୁ ଯାହାଙ୍କ ସହିତ ପ୍ରକୃତି ଏତେ ଖେଳ ଖେଳି ସାରିଛି, ତାଙ୍କୁ ଅନ୍ତତଃ ତୁ ହଇରାଣ କରିବୁ ନାହିଁ । ମୋତେ ଏତିକି କଥା ଭାବି ସନ୍ତୋଷ ମିଳୁଛି କି ତୋ ମା'କୁ ଅନ୍ତତଃ ଏମିତି ଏକଲାପଣ ସହିବାକୁ ପଡିନାହିଁ । ମୁଁ ନିଜେ ବୁଝି ପାରୁନି କି ଏହି ଅବସ୍ଥାରେ ମୋତେ କ'ଣ ଦରକାର ? ଯଦି ସମସ୍ତେ ନିଜ ଦୁନିଆରେ ବ୍ୟସ୍ତ ହେଇ ଯାଉଛନ୍ତି, ନିଜ ଖୁସି ବିଷୟରେ କଥା ହେଉଛନ୍ତି,ତେବେ ମୋତେ ମନେ ମନେ ବହୁତ ରାଗ ମାଡେ କି ମୋ ବିଷୟରେ କାହାର ଚିନ୍ତା ନାହିଁ । ସମସ୍ତେ ନିଜ ଦୁନିଆରେ ମସ୍ତ ଅଛନ୍ତି । ଯଦି ସମସ୍ତେ ମୋ ଆଖ-ପାଖରେ ମୋତେ ଘେରି ରହୁଛନ୍ତି ଆଉ ମୋତେ ସାହାଯ୍ୟ କରିବା ପାଇଁ ତତ୍ପରତା ଦେଖାଉଛନ୍ତି ତେବେ ନୁଁ ଚିଡି ଯାଉଛି କି ମୋତେ ଏକୁଟିଆ କାହିଁକି ଛାଡି ଦେଉନାହାନ୍ତି ? ମୋତେ କାହିଁକି ସହଜ ହେବାକୁ ଦେଉ ନାହାନ୍ତି ! ମୁଁ କାହା ନାଁରେ ଅଭିଯୋଗ କରୁନି ଝିଅ, ମାତ୍ର ଜୀବନରେ ଏହା ପୂର୍ବରୁ କେବେବି ନିଜକୁ ଏତେ ଏକୁଟିଆ, ଅସହାୟ ଆଉ ଅସୁରକ୍ଷିତ ଭାବିନି ମୁଁ..। ଆଉ କାହାକୁ କହିବାକୁ ସଙ୍କୋଚ ହେଉଛି, ହେଲେ ତତେ କହୁଛି,ମୁଁ ତୋ ମା'କୁ ବହୁତ ମନେ ପକାଉଛି । ତା'ର ଅଭାବ ମୋତେ ମୋ ଦାୟିତ୍ୱ ପ୍ରତି ଅଧିକ ସଜାଗ କରୁଛି । ମା' ତତେ ଜୀବନ ଦେଇଛି ସତ ହେଲେ ତତେ ଜୀବନକୁ ଜୀଇଁବା ଶିଖେଇବା ହେଉଛି ମୋର କର୍ତ୍ତବ୍ୟ । ମା' ତତେ ସବୁବେଳେ ଜୀବନର ଆଦର୍ଶ ବତେଇଛି, ହେଲେ ମୁଁ ତତେ ସତ୍ୟତାର ସମ୍ମୁଖୀନ କରେଇବି । ମା' ସବୁବେଳେ ତୋର ଯତ୍ନ ନେଇଛି,କିନ୍ତୁ ମୁଁ ତତେ ଦାୟିତ୍ୱର ଅନୁଭବ କରେଇବି । ମା' ପିଲାକୁ ପଡିବାରୁ ବଞ୍ଚାଏ ଆଉ ବାପା ତାକୁ ପଡିବା ପରେ ଉଠିବା ଶିଖାଏ ..ଜୀବନକୁ କ୍ୟାମେରା ଭଳି ଜୀଇଁବା ଶିଖ୍ ଝିଅ । ଏଥିରେ ଫୋକସ୍ ସେହି ଜିନିଷ ଉପରେ କର ଯାହା ମହତ୍ତ୍ୱପୂର୍ଣ୍ଣ ଅଟେ । ଭଲ ମୁହୂର୍ତ୍ତକୁ କ୍ୟାମେରା ଭିତରେ ବନ୍ଦ କରିନେ । ନେଗେଟିଭ୍‌କୁ ଡେଭ୍‌ଲପ୍ କର ଆଉ ଯଦି ଭଲ ଫଳାଫଳ ନ ଆସେ, ତେବେ ଅଲଗା ସଟ୍ ନେଇ ନିଅ ।

ପୀୟୁଷ କଡ ଲେଉଟେଇଲେ ନିଦରେ, ଆଉ ବାନୀର ଧ୍ୟାନ ଅନାୟାସ ସେହି ଆଡେ ଚାଲିଗଲା । ଶାନ୍ତିରେ ଶୋଇଥିବା ପୀୟୁଷ ଲାଗୁଥିଲେ ବହୁତ ନିରୀହ । ବାନୀ ନିଜର ଆଖିରୁ ଝରୁଥିବା ଲହକୁ ପୋଛି ଦେଇ ତୁରନ୍ତ କ୍ୟାମେରା ଉଠେଇ ଏହି ସୁନ୍ଦର ମୁହୂର୍ତ୍ତକ ବନ୍ଦ କରିନେଲା ।

*ଦେବସ୍ମିତା ବେହେରା*
*ପ୍ଲଟ ନମ୍ବର-୨୧୭/ପି, ବାୟାବାବା ମଠ ଲେନ୍,*
*ୟୁନିଟ୍-୯(ଫ୍ଲାଟ୍), ଭୁବନେଶ୍ୱର-୨୨*
*ଦୂରଭାଷ: ୯୯୩୮୩୯୫୫୩୭*

**Come over the Economic Cricis**
**Please avail of the Best Consultancy Services to build up your Business with advice and assistance of the experts**

An unit of
MAGNUM
Shoppers Club (P) Ltd

**S & SSAC**
**S & SS Associates & Consultancy**
( A unit of Magnum Shoppers Club Pvt. Ltd. )



A single window consultancy service in multiple fields to support and assist you

- To prepare Concept note & Project Report
- To take your Project Forward
- To know the Legal status of Land & Property
- In all matters related to Land & Real Estate
- For various approvals.
- To handle environment and mines related issues
- For Shipment and Logistic Solutions
- For Branding, Market Research & Marketing Solutions.
- With Legal consultancy
- In Insurance Solutions & Initiatives
- For Perfect Liasioning
- On Financial Management & Taxation Matters

*Contact for further details:*
*Mob.: + 91 94370 31392, Landline: +91 674 2393692*
*Email: sssassociatesss@gmail.com*
*C-163, BDA HIG Duplex, Pragyan Vihar, Baramunda, Bhubaneswar-751003*

# ଅନ୍ପ୍ରୋସିଆଲ୍

**ସ୍ନିଗ୍ଧା ନାୟକ**

ଶୀତୁଆ ସକାଳର ସେ କଅଁଳିଆ ଖରା, ଯେତିକି ଦେହକୁ ଆରାମ ଲାଗୁଥାଏ ତା'ଠୁ ବେଶୀ ମନକୁ ଆରାମ ମିଳୁଥାଏ, ଯେ ଢେର୍ ପ୍ରତୀକ୍ଷା ପରେ ପ୍ରକାଶକ ଜଣକ ଗଳ୍ପ ସଙ୍କଳନଟିକୁ ପ୍ରକାଶିତ କରି ମୋ ପାଖକୁ ପଠାଇଛନ୍ତି । ଏଗୁଡ଼ା.....କଣ ସତରେ ମୁଁ ଲେଖିଛି !! ଲେଖିଲା ବେଳେ ଲାଗୁଥିଲା ସାଧାରଣ କିନ୍ତୁ ଏବେ ପୁସ୍ତକର ଆକାର ନେଲାପରେ ଗଳ୍ପଗୁଡ଼ିକ ମନଛୁଆଁ ହେଇପଡିଛନ୍ତି । ଗୋଟାଏ ହାତରେ କଫିମଗ ଆଉ ଗୋଟାଏ ହାତରେ ଗଳ୍ପ ସଙ୍କଳନ, ତା' ଉପରକୁ ଆରାମଦାୟକ ଏ ପ୍ରାକୃତିକ ଉଷୁମ.....ମୁଁ ମୋ ଧୂନ୍ରେ ଥାଏ ।

ମିସ୍....., ପଛପଟୁ କେହିଜଣେ ଡାକିଲା । ଘର ପାଚେରୀ ଭିତରେ ମୁଁ ଏହି ବାକ୍ୟର ଆଦି ନୁହେଁ ଆଉ ରବିବାର ଦିନ ତ ଜମାରୁ ନୁହଁ । ପୁଣିଥରେ ସେ ଡାକ ଶୁଣିବାକୁ ପାଇଲି । ମିସ୍....., ମିସ୍..... । ପଛକୁ ଫେରି ଅନାଇଲି ।

ଆଦିଜ୍, ଦି' ହାତରେ ଦିଟି ଥାଳିରେ ଭର୍ତ୍ତି ବଡି । ତାଜା ତାଜା ଦେଖିବାକୁ ବୋଧେ ଏବେ ହିଁ ପକା ହେଇଛି । ବୋଧେ ବଡ଼ି ଶୁଖାଇବା ପାଇଁ ଛାତକୁ ଆସିଥାଏ ।

'ଆରେ ଆଦିଜ୍....., କଣ ହେଲା.... ?' ମୁଁ ପଚାରିଲି ।

'ଆପଣ କଣ ପଢୁଛନ୍ତି ମିସ୍.. ? 'ସିଏ ପଚାରିଲା- 'ମୋର ନୂଆଁ ଗଳ୍ପ ସଂକଳନଟେ ଆସିଛି, ତାକୁ ପଢୁଛି' କହି ମୁଁ ପୁଣି ମଜ୍ଜି ରହିଲି ।

ସିଏ ପୁଣି ପଚାରିଲା 'ମିସ୍, ଆପଣ ମତେ ଟିଉସନ୍ କରିବେ ?'

ମୁଁ ଦୋ-ଦୋ ...ପାଂଚ ହେଲି । ଯଦିଓ ସଞ୍ଜବେଳେ କରୁଥିବା କୋଚିଂ ଏଇ ଅଳ୍ପଦିନ ହେଲା ଛାଡ଼ିଦେଇଛି । ଛାଡିବାର କାରଣ ଟା ହେଲା ' ନିଶା ' ....ଲେଖିବାର ନିଶା । ମୁଁ ଅଭ୍ୟସ୍ତ ହେଇ ପଡ଼ିଲିଣି । ନିଶାଖୋର୍ ମୁଁ, ଯେମିତି ଲୋକେ ନିଶାଖୋର ହୁଅନ୍ତି, ସିଗାରେଟ୍, ମଦ, ଡ୍ରଗସ୍ ପାଇଁ । ସବୁ ଏଡିକ୍ସନ୍ ଭଳି ଲେଖା ବି ଗୋଟାଏ ଏଡିକ୍ସନ୍ ଆଉ ନିୟମିତ ଲେଖୁଥିବା ଲୋକମାନେ ବି ଏଡିକ୍ଟେଡ ବୋଲି ମତେ ଲାଗେ । ମୁଁ ଏତେ ମାତ୍ରାରେ ଅଭ୍ୟସ୍ତ ହେଇପଡ଼ିଲିଣି ଯେ କୋଚିଂ ଛାଡ଼ିଲା ପରେ ଏବେ ସ୍କୁଲ୍ ଛାଡ଼ିବା କଥା ଭାବୁଛି, ସେଇଠି ପୁଣି ଟିଉସନ୍..!! ନା'ଜମାରୁ ନୁହଁ ।

ସିଏ କିଛିସମୟ ତା'ପାଠକଥା, ସ୍କୁଲ୍ କଥା ଗପିଲା । ମୁଁ କାମର ବାହାନା କରି ଛାତରୁ ତଳକୁ ଚାଲିଆସିଲି ମୋ ଫ୍ଲାଟ୍ କୁ । ମୁଁ ମୋ ଲେଖା ଆଉ ଲେଖନୀର ଚରିତ୍ରମାନଙ୍କ ଭିତରେ ହଜିବାକୁ ଖୁବ୍ ଭଲପାଏ । ପ୍ରତିଦିନ ନିୟମିତ ତିନିଘଂଟା ନଲେଖିଲେ କି ନପଢ଼ିଲେ ଭାରି ଚିଡଚିଡ଼ ଲାଗେ, ଯେମିତି ନିଶାରେ ଅଭ୍ୟସ୍ତ ମଣିଷକୁ ହଠାତ୍ ଦିନେ ନିଶା ନମିଳିଲେ ହୁଏ ।

ତା' ପରଦିନ ପୁଣି ମୁଁ ଛାତରେ, ଆଉ ସିଏ ପୁଣି ହାଜର । ଆରମ୍ଭ ହେଲା ତା' ଗପ...., ଗପ ମଝିରେ କମାଟିଏ ଦେଇ କହିଲା 'ମିସ୍, ମୋ ମମ୍ମି କାଲି କହୁଥିଲେ, ଶିକ୍ଷକତା ସହ ଲେଖିକା ହେବା ଭଳି କମ୍ବିନେଶନ୍ ତ ମୁଁ କେବେ ଜାଣି ନଥିଲି । 'ମୁଁ ହସିଦେଇ ପୁଣି ଚାଲି ଆସିଲି ସେଇଠୁ ।

ଆଦିଜ୍ କୁ ନେଇ ମୁଁ କେବଳ ଏତିକି ଜାଣିଥିଲି ଯେ ସେ ଆମ ତଳଘରେ ଭଡ଼ାରୁହେ ବୋଲି ଆଉ କେବେ କେମିତି ଦେଖିଥିଲି କିନ୍ତୁ ଜାଣିଥିଲି ଅନେକ କିଛି ମୋ କୋଚିଂ ପିଲାଙ୍କଠୁ । ସେମାନେ ମୋ ଘର ଦେଖିଥିଲେ ଆଉ ତାଙ୍କ ସ୍କୁଲ୍ ବସ୍ ମୋ ଘର ସମ୍ମୁଖରେ ରୁହେ ,ଆଦିଜ୍ ପାଇଁ । ଯୋଉ ଦିନଠୁ ସେମାନେ ଜାଣିଲେ ଆଦିଜ୍ ମୋରି ଆପାର୍ଟମେଂଟରେ ରୁହେ ସେଦିନଠୁ ଆଦିଜ୍ ନାଆଁର ସବୁ ଅଭିଯୋଗ ମୋ ପାଖରେ ପହଂଚେ ମୋ କୋଚିଂ ପିଲାଙ୍କ ଜରିଆରେ ।

ଏମିତି ତ ସ୍କୁଲ୍ ଓ ଘରକାମ ସାରିଲା ପରେବି ମତେ ଘରେ ରହିବାକୁ ଭଲଲାଗେ । କିନ୍ତୁ ଫୁଲକୁଣ୍ଡ ଗୁଡିକରେ ପାଣି ଦେବାକୁ ହୁଏ ବୋଲି ଛାତକୁ ଯିବାଟା ବି ମୋ ରୁଟିନରେ ଅନ୍ତର୍ଭୁକ୍ତ । ସେଦିନ ଫୁଲକୁଣ୍ଡ ଗୁଡିକରେ ପାଣି ଦେଲାବେଳେ ଆଦିଜ୍ର ମମ୍ମି ଆସି ପହଁଚିଲେ ଆଉ ଟିଉସନ ପାଇଁ ହାତଧୋଇ ମୋ ପଛରେ ପଡିଗଲେ । ମୁଁ ବି କେତେକଣ ବାହାନା କରି ତାଙ୍କଠୁ ପିଛା ଛଡେଇବାର ପ୍ରୟାସ କରି ବିଫଳ ହେଉଥାଏ ।

ସେଦିନଠୁ ସେମାନଙ୍କୁ ଦେଖିଲେ ଲୁଚିବା ଆରମ୍ଭ କଲି । ଛାତକୁ କୌଣସି କାମରେ ଗଲେ ଗୋଡ଼ ଚାପିଚାପି ଯାଏ ଆଉ ବାହାରକୁ କୌଣସି କାମରେ ଗଲେ ଆଗେ ଦେଖିନିଏ ବାଲ୍କୋନିରୁ ଆଉ ସେମାନେ ବାହାରେ ଥିଲେ ମୁଁ ସବୁ ଜରୁରୀ କାମକୁ ଆଡ କରିଦିଏ ପଛେ ବାହାରେନି ଆଉ ମୁଁ ସ୍କୁଲ ଯିବା ସମୟରେ ସେ ମତେ ଅଟକାଇବାକୁ ଚେଷ୍ଟା କରନ୍ତିନି । କାରଣ ସେ ସମୟରେ ଜମାରୁ ସମୟ ନଥାଏ ମୋ ପାଖରେ ଏମିତି କି , ଯଦି ଯମରାଜ୍ ବି ସେଇ ସମୟରେ ଆସନ୍ତେ, ତାଙ୍କୁ ବି କହିବାକୁ ପଡ଼ିଥାନ୍ତା' ବେଟ୍ ପ୍ଲିଜ୍'...

ତାପରେ ରବିବାରରେ ଆଉ ସକାଳ କଅଁଳିଆ ଖରା ଖାଇବାକୁ ଗଲିନି । ଲେଖିବା ନିଶା ଆଗରେ ଖରା ଖାଇବାର ନିଶା କମ୍ ଥିଲା ମୋର । ଅଧିକାଂଶ ଲେଖକ ଏଭଳି ହେଇଥିବେ ନିଶ୍ଚୟ । ନହେଲେ ସେଦିନ ସାହିତ୍ୟ ପ୍ରୋଗ୍ରାମକୁ ଗଲାବେଳେ ଟ୍ରେନ୍ରେ ହଠାତ୍ ଦେଖା ହେଇଥିବା ସଂପର୍କୀୟ ଜଣକ ସେ କଥା ପଦକ କାହିଁକି କହିଥାନ୍ତେ । ଟ୍ରେନ୍ ଯୋଉ ବେଗରେ ଯାଉଥାଏ, ସେଇ ବେଗରେ ଆମ ଗପ ଚାଲିଥାଏ। କିନ୍ତୁ ମୋର ଗୋଟାଏ କଥାରେ ଅରାଜି ହେଇ କହିଥିଲେ ସେଇ ପଦକ କଥା 'ତମେ ଲେଖକ ମାନେ ଭାରି ଅନ୍‌ସୋସିଆଲ ଲୋକ 'ତମେମାନେ ସୋସିଆଲ କାମ କରିପାରିବ ନାହିଁ । ତାପରେ ଅବଶ୍ୟ ସେ କ୍ଷମା ମାଗିନେଲେ କିନ୍ତୁ ନିଜକଥାରେ ତଥାପି ଅଡି ରହି କହିଲେ, 'ଖରାପ ଭାବିବେନି ଆପଣ, କିନ୍ତୁ ଏହା ଅପ୍ରିୟ ସତକଥା । 'ସେଦିନଠୁ ମୁଁ ଏ ସୋସିଆଲ ହେବାର ଗୁଣ ଗୁଡ଼ିକ ଖୋଜୁଛି ଆଉ ଖୋଜ୍ ଏବେବି ଜାରିଅଛି। କଣ ସତରେ ସବୁ ଲେଖକ ଲେଖିକା ମାନେ ଅନ୍‌ସୋସିଆଲ... ?

ତା' ମାନେ, ସୋସିଆଲ ବା ସାମାଜିକ ସେଇମାନେ ଯୋଉମାନେ ସକାଳ ସଞ୍ଜ ସମୟ କାଢି ବାକି ଗୁରୁତ୍ୱପୂର୍ଣ୍ଣ କାମକୁ ଆଡ଼କରି ପାନ ଦୋକାନରେ କି ଚା'ଦୋକାନରେ ଗୁଳିକଟି କରନ୍ତି ଆଉ ସ୍ତ୍ରୀଲୋକମାନେ ଯା' ପିଣ୍ଡାରେ, ତା' ପିଣ୍ଡାରେ ବସି ଏଠି କଥା ସେଇଠି କରି ଝଗଡା କରାନ୍ତି ଆଉ ତୁଚ୍ଛ କଥାକୁ ମୁଖ୍ୟ ସମାଚାର କରି ପ୍ରଚାର କରିବା । ଭିତରେ ଯାହାଥାଉ ନା କାହିଁକି ସୋସିଆଲ ମିଡିଆରେ ଫଟୋଟିଏ ଛାଡି ବାହ୍.. ବାହ୍ ନେବାପାଇଁ ବିସ୍କୁଟ ପାକିଟଟାଏ ଭିକାରୀ ହାତକୁ ବଢାଇଦେବେ ନହେଲେ କଉ ଅନାଥ ଆଶ୍ରମ କି ଜରା ଆଶ୍ରମକୁ ଯାଇ ଦି – ଚାରିଟା କମ୍ବଳ ବାଂଟି ତାରି ଭିଡିଓ ସୋସିଆଲ ମିଡିଆରେ ଆଉ ସବୁ ଖବର କାଗଜରେ ଛାପିବେ। ଦୁନିଆଁ ସଭାସମିତି ନାଆଁରେ ଭୋଜିଭାତ କରି ଅନ୍ୟକୁ ସମାଲୋଚନା କରି ହେଁ..ହେଁ.. ଫେଁ...ଫେ....ହେବେ ।

ମତେ ତାଙ୍କର ସେଇ କଥାଟି ଖରାପ ଲାଗିନଥିଲା କିନ୍ତୁ ମୁଁ ଅନେକ ଥର ନିଜକୁ ପ୍ରଶ୍ନକରେ । କଣ ସମସ୍ତଙ୍କ ସୁଖ, ଦୁଃଖ, ସମସ୍ୟାକୁ ଅନୁଭବ କରି ସମାଜ ସମ୍ମୁଖକୁ ଆଣୁଥିବା, ଆଉ ଅଯଥା ଗୁଳିକଟି କରି ସମୟ ଅତିବାହିତ କରୁନଥିବା କବି ବା ଲେଖକଟି ସତରେ ଅସାମାଜିକ... ? ମୁଁ କଣ ସତରେ ଏକୁଟିଆ ରୁହେ ? କଣ ମୁଁ ରଚୁଥିବା ଉପନ୍ୟାସ ଆଉ ଗଳ୍ପର ଚରିତ୍ରମାନେ ମୋ ସାଥୀ ନୁହଁନ୍ତି ? ଲେଖନୀ ଅନବରତ ସମାଜ ସହ ଯୋଡ଼ି ହୋଇ ରହିଛି ଆଉ ସମାଜର କଥାକୁ କାହାଣୀ ମାଧ୍ୟମରେ ପରିପ୍ରକାଶ କରୁଥିବା ମଣିଷ ସତରେ ଅସାମାଜିକ ! ତାଙ୍କର ଏ ଆରୋପଟି ମୋଠୁ, ମୋ ଲେଖନୀକୁ କି ମୋ ନିଶାକୁ ଦୂରେଇ ପାରିବନି । ମୁଁ ମୋ ଦୁନିଆଁ ରେ ଠିକ୍ ଅଛି । ଠିକ୍ ଅଛି ମୋର ସାହିତ୍ୟ, ମୋ ସାହିତ୍ୟ ସଭା, ସାହିତ୍ୟ ଚର୍ଚ୍ଚା ଆଉ ମୋ ନିଶା ।

ଛାଡ, ନାନା ମୁନିଙ୍କ ନାନାମତ । ଏବେ ତ ଆଦିକ୍ର ମମ୍ମି ମତେ ଜମା ଦେଖିନପାରି ଅନ୍‌ସୋସିଆଲ କହୁଥିବେ । ମୁଁ ଅଭ୍ୟସ୍ତ ଏ ବାକ୍ୟସହ ବର୍ତ୍ତମାନ । ଦି – ତିନିଦିନ ପରେ ସେ ଘରକୁ ଆସିଥିଲେ କିନ୍ତୁ ଚାକରାଣୀ ହାତରେ ମୁଁ ଘରେ ନଥିବାର ମିଛ ସନ୍ଦେଶ ଦେଲି । ଦି ' ମାସ ଗଡିଗଲା । ସିଏ ଆଉ ଆସିଲେନି କି ଫୋନ୍‌ରେ ମେସେଜ୍ କଲେନି , ମୁଁ ନିଶ୍ଚିନ୍ତ ହୋଇଗଲି ଯେ ସେ ଆଉ ଆସିବେନି ବୋଲି । ଓହ୍ କି ଶାନ୍ତି....

ସକାଳ ନଅଟା । ନଅଟାରୁ ବାରଟା ମୋ ଲେଖିବା ସମୟ ତାପରେ ରୋଷେଇ, କେତେ ସମୟ ଲାଗେକି ଦି ଜଣକ ରୋଷେଇ ପାଇଁ । ଘଂଟାକର ସରିଯିବ, ମଧ୍ୟାହ୍ନ ଭୋଜନର ସମୟ ଅଢେଇଟା । ରୋଷେଇ ପରେ ପୁଣି ଧରେ ନିଶା....ସେତେବେଳେ ପଢ଼ିବାର ନିଶା ଧରେ , ସେଇଟା ପତ୍ରିକା ହେଉ କି ଖବର କାଗଜ । ଯୋଉଦିନ ଯେତିକି ଲେଖାପଢାରେ ସମୟ ଯାଏ, ମନଟା ସେତିକି ଖୁସିରୁହେ । ଶରୀରଟା ଖୁବ୍ ହାଲକା ଲାଗେ ଆଉ ମନ ଉଡେ ,ଏଇ ନିଶା ସବୁ ନିଶାଠୁ ଖୁବ୍ ଉର୍ଦ୍ଧ୍ୱରେ ସତେ ।

ପାଣି ଗରମ ହୋଇ ଫୁଟିଲାଣି । କପ୍‌ରେ ଢ଼ାଳି ବ୍ଲାକକଫି ତିଆରି କଲି । କଫିମଗଟା ଧରି ଆଗେଇଲି ଷ୍ଟଡିଟେବୁଲ୍ ଆଡ଼କୁ । ଲାପଟପ୍ ଅନ୍ କଲି। ଶେଷ ଅଧ୍ୟାୟଟି ସରିଯିବ ଆଜି ଉପନ୍ୟାସର ବୋଲି ନିଶ୍ଚିନ୍ତ କରିନେଇ ଚେୟାରରେ ବସିବାକୁ ଗଲାବେଳକୁ ଡୋ ର୍ବେଲ୍ ରିଙ୍ଗହେଲା। ଏ ସମୟରେ ଡୋ ର୍ବେଲ୍ ... ! ଏଇ ସମୟରେ ତ କେହି ଆସିବାର ନଥାଏ । ମୁଁ କଣ ଜାଣିଥିଲି...., ଜାଣିଥିଲେ କବାଟ ଖୋଲିବା ପାଇଁ ଆସିନ ଥାନ୍ତି ।

ଆଦିକ୍ର ମମ୍ମି , ଅତିଥି ଦେବୋ ଭବଃ...... । ସେ ଯୋଉ ବେଦନାର ପାହାଡ଼ଟେ ମୁଣ୍ଡରେ ବୋହି ଆସିଥିଲେ, ତା' ଭାରରେ ଚାପିହୋଇ ବାଧ୍ୟରେ ହଁ କରିଦେଲି । ସେ ତାଙ୍କପଟୁ ମନାକରିବେ ବୋଲି ଡିଉସନ ଫି'କୁ ବେଶ୍ ବଢେଇ କହିଲି, ତଥାପି ସେ ଖୁସିଖୁସି ରାଜି ହୋଇଗଲେ। ଆଉ କିଛି ଉପାୟ ନଥିଲା। ସମୟ କାଢ଼ିବାକୁ ହେବ, ନିଶା ତ ଉତୁରିବନି ମୋର କି ଛାଡିବାର କି କୌଣସି ଯୋଜନା ନାହିଁ। ସେ କେବଳ ମୋ କଲମ ନୁହେଁ, ମୋ ହୃଦ୍ ସ୍ପନ୍ଦନ ବି। ପିଲାବେଳେ ସମସ୍ତେ ପୁସ୍ତକ କୀଟ କହୁଥିଲେ ଆଉ ଏବେ କଲମ କୀଟ ।

ଆଦିକ୍ ପାଠରେ ଖୁବ୍ ଦୁର୍ବଳ ଥିଲା, ମତେ ଖୁବ୍ କଷ୍ଟ କରିବାକୁ

ପଡେ ତା'ପାଇଁ । ସିଏ ବି ଚେଷ୍ଟାକରେ କିନ୍ତୁ ତା'ପାଖରେ ବାଧକ ସାଜେ ତା'ମୁଣ୍ଡବ୍ୟଥା । ପ୍ରଥମେ ପ୍ରଥମେ ତ ମୁଁ ପାଠ ନ ପଢ଼ିବାର ବାହାନା ବୋଲି ଧରିନେଲି । କିନ୍ତୁ ଦୀର୍ଘ ସତର ବର୍ଷର ଅଭିଜ୍ଞତା ମତେ ଦିନେ ଭାବିବାକୁ ବାଧ୍ୟକଲା । ଆତ୍ୟାଧିକ ବର୍ଷା ଓ ବିଜୁଳି ଯୋଗୁଁ ସେଦିନ ସେ ଏକା ଆସିଥାଏ, ମୁଁହ ଶୁଖାଇ ଆଉ ଆଖି ଯୋଡ଼ାକ ନାଲିକରି ।

ମୁଁ ପଚାରିଲି, 'କଣରେ ଆଦିଜ୍, ଦେହ ଭଲନାହିଁ କି ?'

'ମୁଣ୍ଡ ବିନ୍ଧୁଛି 'କହି ସେ ଚୁପ୍ ହୋଇ ବସିଲା ।

ମୋ ଅଭିଜ୍ଞତା କିନ୍ତୁ କହୁଥାଏ , ଦେହନୁଂହେ....ମନ ଖରାପ । ମୁଁ ସ୍ନେହାବୋଳା ଦି' ପଦ କଣ କହିଦେଲି, ତା'ମନ ଭିତର ଦରଜ ଉପରକୁ ଉଠିବା ଦେଖି ବହି କାଢ଼ିବାକୁ ନିର୍ଦ୍ଦେଶ ଦେଇ ତାକୁ ଟିକେ ସହଜ କରିଦେଲି । ପାଠପଢା ସରୁସରୁ ସେ ତା' ସାଙ୍ଗମାନଙ୍କ କଥା, ସ୍କୁଲ୍ କଥା, ସେ ଭବିଷ୍ୟତରେ କଣ ହେବାକୁ ଚାହେଁ, ସେଗୁଡିକୁ ନେଇ ଉତ୍ତେଜିତ ହୋଇ କହୁଥାଏ । ମୁଣ୍ଡବିନ୍ଧାର କୌଣସି ଲକ୍ଷଣ ନଥାଏ । ଟିଉସନ୍ ଛୁଟି ହେଲା ବେଳକୁ ସେ ହସିହସି ଯାଇଥିଲା । ମୁଁ ବାଲକୋନୀରୁ ବାହାରି ତଳକୁ ଅନାଇଲି । ଆଦିଜ୍ ସେତେବେଳେ ତା'ଘର ସମ୍ମୁଖରେ ପହଂଚି ସାରିଥାଏ । ମୋ ଘରୁ ସିଡି ଓହ୍ଲାଇ ତା'ଘରେ ପହଂଚିବା ଭିତରେ ଏମିତି କଣ ହେଲା...! ତା'ଚେହେରାରୁ ହସ ଉଡିଗଲା କାହିଁକି ? ମୁହଁରେ ପୁଣି ମୁଣ୍ଡବିନ୍ଧାର ଛାପ ....., ଭାବିବାକୁ ବାଧ୍ୟ କରୁଥିଲା ମତେ । କିନ୍ତୁ ଛାଡ, ମୁଁ ଭୁଲି ମୋ କାମରେ ଲାଗିପଡିଲି ।

ଲଗାତାର ସେ ମୁଣ୍ଡବିନ୍ଧାର ଅଭିଯୋଗ କରେ ମୋ ପାଖରେ । ମୁଁ ତାକୁ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ କୁହେ । ତା' ମମିକୁ ବି ଫୋନ୍ କରି କହିଛି, ଏମିତି ବି ନୁହଁ ଯେ ସେମାନେ ଏହାର ଉପଚାରର ବାଟ ଖୋଜିନାହାନ୍ତି । ଏମ୍ . ଆ. ର୍ଆଇ ଠୁ ଧରି ସବୁ ପରୀକ୍ଷା କରିଛନ୍ତି କିନ୍ତୁ ସବୁ ନର୍ମାଲ । ଶେଷରେ ମାଇଗ୍ରେନ୍ ବୋଲି କହି ଡାକ୍ତର ଔଷଧ ଦେଇଛନ୍ତି ଆଉ ସେ ନିୟମିତ ଖାଉଛି ବି, ତଥାପି ମୁଣ୍ଡବିନ୍ଧା....? ଓହ୍...! ତା' ମୁଣ୍ଡବିନ୍ଧା ଶୁଣିଶୁଣି ମୋ ମୁଣ୍ଡବଥାଏ । ଅଧିକାଂଶ ଦିନ ବାମ୍ ମାଗେ । ମୁଁ ଦିନେ କହିଲି 'ବାମ୍ ବ୍ୟାଗରେ ରଖିଥିବୁ, ସବୁବେଳେ ଔଷଧ ଖାଇବା ଠିକ୍ ନୁହଁ ।'

ସେ ସଙ୍ଗେ ସଙ୍ଗେ ଉତ୍ତର ଦେଲା 'ଅନେକ ଥର କହିଛି ମିସ୍ । ମମି ଆଣୁନାହାନ୍ତି ।'

ଏହିକଥା ମୁଁ ସହଜରେ ଗ୍ରହଣ କରିନେଲେ । ହେଇଥିବ ନିଶ୍ଚୟ, ମୁଁ ଏଇ ମାନଙ୍କୁ ଭଲକରି ଜାଣେ । ଗୋଟାଏ ମାଛ ଆଣି, ମାସେ ଯାଏଁ ଚଳେଇବେ । କେବେ ମୁଗଡାଲିରେ ଫାଳେ ମାଛମୁଣ୍ଡ ଦେଇ, ରୋଷେଇ କରିବେ ଆଉ ପୁରା ପରିବାର ଭାତ ସାଙ୍ଗରେ ଖାଇବେ । ଆଉ ଫାଳେ ମୁଣ୍ଡକୁ ତା' ପରଦିନ ଛେଚ୍ଛଡ଼ା ବୋଲି କହିବେ, ଏମିତି ଫାଳେ ଫାଳେ କରି ଗୋଟେ ଅଧାକିଲିଆ ମାଛକୁ ଧରି ଭାତ ଖାଇ ଚାଲିଥିବେ । ଭାରି କଞ୍ଜୁସ୍ ଆଉ ବଡ ହିସାବି । ଲୁଗା ଫାଟିବା ଉପରେ ଥିବ କିନ୍ତୁ ମଣ୍ଡଦେଇ ଓ ଇସ୍ତିକରି ଘୋଷାଡି ଚାଲିଥିବେ ଆଉ ସବୁଠୁ ଶସ୍ତା କପଡ଼ା ଖୋଜିବେ । ମୋର ଅନେକ ସହକର୍ମୀ ଏଇ ଜାତିର । କଥାରେ ସିନା ଅଛି ପାଂଚ ଆଙ୍ଗୁଳି ସମାନ ନୁହଁନ୍ତି କିନ୍ତୁ ଏମାନେ ଯୋଉଠି ଥାନ୍ତୁ ନା' କାହିଁକି, ସମସ୍ତେ ସମାନ । ଭାରତ ସାରା ଯୋଉ ଜାଗାକୁ ବି ଯାଇଛି ଏଇ ଜାତିରେ ଏଇ ପ୍ରକୃତି ହିଁ ପାଇଛି । ଅଜନ୍ତା..!!, ହଁ, ଅଜନ୍ତା ମୋ ସହକର୍ମୀ । ପରୀକ୍ଷା ଖାତା କରେକ୍ସନ୍ କଲାବେଳେ ତା'ନାଲିପେନ୍ ଜମା କାଢିବନି, ୟା'ଠୁ .....ତା'ଠୁ ମାଗି କରେକ୍ସନ କରିବ । ଗୋଟାଏ ଦି' ଟଙ୍କାର ନାଲିପେନ୍ ପଛରେ ବି କେତେ ହିସାବ! ଆମ ଓଡ଼ିଆଙ୍କଠୁ ସେମାନେ ପୁରା ଭିନ୍ନ । ଆମେ ତ ଏ ଛୋଟ ଛୋଟ ଜିନିଷରେ ଏତେ ଗୁରୁତ୍ୱ ଦେଉନା । ଛାଡ, କାହା ଜାତିକୁ ନେଇ ଆକ୍ଷେପ କରିବା ଠିକ୍ ନୁହଁ କିନ୍ତୁ ମୁଁ କର୍ମକ୍ଷେତ୍ରରେ ଆଉ ବିଭିନ୍ନ ଜାଗାରେ ଏଭଳି ପଡୋଶୀ ପାଇ ଚିହ୍ନି ସାରିଲିଣି । ଏଥିରେ ଟିପ୍ପଣୀ ଦେବାର ମୋର କିଛି ଅଧିକାର ନାହିଁ ବୋଲି ବିଚାରି ବାମ୍ ଡବାଟାକୁ ତାକୁ ଦେଇଦେଲି ।

ସେଦିନ ଟିଉସନ୍ ସମୟକୁ ଆହୁରି ଦଶମିନିଟ୍ ବାକିଥାଏ, ମୁଁ ଲେମନ୍ ଟି ପିଉଥାଏ, ଆଦିଜ୍ ଆସି ପହଁଚିଲା । ଥରେ ଦି' ଥର ମୋ କପ୍ ଆଡ଼କୁ ଅନାଇ କହିଲା 'କିନ୍ନି ଆଛି ଖୁସବୁ ହେ ମିସ୍....। 'ମୁଁ ହସିଦେଇ କେଟଲିରୁ ଢ଼ାଳି ଗୋଟାଏ କପ୍ ତା' ଆଡ଼କୁ ବଢାଇଦେଲି । ସେ ପିଉପିଉ କହିଲା, ମୁଣ୍ଡ ବିନ୍ଧୁଥିଲା ଟିକିଏ ଆରାମ ଲାଗିଲା । ପ୍ରଥମେ ବାମ୍ ତାପରେ ଲେମନ୍ ଟି ତାପରେ ଜିରା....ଏମିତି କେତେ କଣ । ସବୁଥିରେ ତା' ମୁଣ୍ଡବିନ୍ଧା କମିଯାଏ । ମୁଁ ବୁଝି ପାରିନି, ସେ ସ୍କୁଲ ହେଉ କି ଟିଉସନ୍, କି ଦୋକାନ କି ବଜାର....., ବାହାରେ ଥିଲେ ତାର ଜମାରୁ ମୁଣ୍ଡ ବିନ୍ଧେନି ଆଉ ଘରେ ପଶିଲେ ଏ ଅସହ୍ୟ ମୁଣ୍ଡବିନ୍ଧା...???

ପିଲାଙ୍କ ବାର୍ଷିକ ପରୀକ୍ଷା ଚାଲୁଥାଏ । ପ୍ରତ୍ୟହ ମୁଁ ମେଂଚାଏ ପରୀକ୍ଷା ଖାତା ନେଇ ଆସେ ଘରକୁ ଚେକ୍ କରେ । ସେଦିନ ଛଅଟା ଯାକର ସେକ୍ସନର ଗଣିତଖାତାର ବଣ୍ଡଲ୍ ମିଳିଥାଏ ଚେକିଂ ପାଇଁ । ଚେକିଁ କରୁକରୁ ପାଖାପାଖି ରାତି ବାରଟା ଆଉ କରିହେବନି । ନିଦ ଆସିଲାଣି , ସକାଳ ଚାରିଟାରୁ ଉଠି ରୋଷେଇ ସାରି ଛଅଟାରେ ସ୍କୁଲ୍ ପହଂଚିବାର ଅଛି । ଚେକିଙ୍ଗ ବନ୍ଦକଲି । ଖଟକୁ ଯିବାପୂର୍ବରୁ ମୁଁହ ହାତଗୋଡ ଧୋଇ ଶୋଇବା ମୋର ଅଭ୍ୟାସ । ବାସ୍ ରୁମକୁ ଯାଇ ଟେପ୍ ଖୋଲିଲି , ସରୁଧାରରେ ପାଣି ଆସୁଥାଏ ଟ୍ୟାପରୁ । ଓହ୍ ଟାଙ୍କିରୁ ପାଣି ସରିଗଲା ବୋଧେ । ହଁ, ସରିବନି କେମିତି ଯେ ଆଜି ମଟର ଚଲେଇନି ଆଜି କପି ଚେକିଂ ଚକ୍କରରେ । ଛୋଟ ଟାଙ୍କି ସରିଯିବନି ? ଦିନକୁ ଦିଥର ମଟର ଅନ୍ କରିବାକୁ ହୁଏ । ଏବେ ଅନ୍ ନକଲେ ନଚଳେ ନହେଲେ ସକାଳେ ହଇରାଣ ହେବାକୁ ହେବ । ଇଏ କେତେବେଳୁ ଶୋଇ ପଡିଲେଣି ନିଘୋଡ଼ ନିଦରେ, ବାଧ୍ୟରେ ଓହ୍ଲାଇଲି ତଳକୁ ମଟର ସ୍ୱିଚ୍ ଅନ୍ କରିବାକୁ । ସ୍ୱିଚଟି ଗ୍ୟାରେଜ୍ ପାଖରେ ଆଉ ଗ୍ୟାରେଜଟି ଆଦିଜର ରୁମ୍ ପାଖରେ । ଘର ଭିତରୁ କ୍ଷୀଣାଭ ଆଲୋକ ଆସୁଥିଲା । ଘର ବାହାରେ ଦି'ଯୋଡ଼ି ଚପଲ ଥୁଆ ହେଇଥାଏ, ଏଇଟା କିଛି ବଡକଥା ନୁହଁ ।

ସେମାନେ ସବୁବେଳେ ସାମାଜିକ କାର୍ଯ୍ୟରେ ଲିପ୍ତ ଆଉ ରାତିରେ ସମସ୍ତେ ଡିଉଟି ସାରି ଏବଂ ଖିଆପିଆ ସାରି ଫ୍ରି ଥାଆନ୍ତି ବୋଲି ରାତିରେ ଡିସ୍କସନ୍ କରନ୍ତି ଆଉ ସପ୍ତାହର ଶେଷଦିନରେ ସୋସିଆଲ ୱ୍ୱାର୍କ କରନ୍ତି ବୋଲି ମୁଁ ଶୁଣିଛି। ସତରେ କେତେ ଭଲ ଏଇମାନେ ଡିଉଟି ସାଙ୍ଗକୁ ସାମାଜିକ କାର୍ଯ୍ୟବି କରୁଛନ୍ତି ପୁଣି ଏଇ ସାମାଜିକ କାର୍ଯ୍ୟପାଇଁ ସାରାରାତିର ଏ ମିଟିଂ ଆଉ ଛୁଟିଦିନରେ ସୋସିଆଲ ୱ୍ୱାର୍କ... ମୁଁ ତ ପାରିବିନି ବାବା । ଏ.ସି ଚାଲୁଥାଏ, ସେମାନଙ୍କ କଥାବାର୍ତ୍ତା କିଛି ସ୍ପଷ୍ଟ ଶୁଣାଯାଉନଥାଏ କି ଶୁଣିବାର ଆବଶ୍ୟକତା ବି ନଥାଏ । ମୁଁ ମଟର ସ୍ୱିଚ୍ ଅନ୍ କଲାବେଳକୁ ହଠାତ୍ ଫ୍ୟୁଜ ଉଡିଗଲା । ଏ.ସି. ଗୁଡ଼ାକ ବନ୍ଦ ହେଇଗଲେ, ଚାରିଆଡ଼ ଶୁନଶାନ୍ ଓ ଅନ୍ଧାର ହେଇଗଲା । ଘର ଭିତରୁ କିନ୍ତୁ ଏବେବି କ୍ଷୀଣଭ ଆଲୋକ ଆସୁଥାଏ ଆଉ ଶୁନଶାନ୍ ପରିବେଶରୁ ଭାସି ଆସୁଥାଏ, ଉହ୍... ଆହ୍...ର କିଛି ଅସ୍ପଷ୍ଟ ଶବ୍ଦ। ଅନ୍ଧାର ରାତି ଭୂତପ୍ରେତଙ୍କୁ ଡର ମାଡୁଥାଏ ତଥାପି ସାହାସ ବାନ୍ଧି ଛିଡ଼ାହୋଇ ଶୁଣିବାକୁ ଚେଷ୍ଟାକଲି । ଶବ୍ଦଗୁଡ଼ିକ ଆଦିଜର ଘର ଭିତରୁ ଆସୁଛି । କେହି ଜଣେ ପୁରୁଷ ଥକ୍କା ଥକ୍କା ସ୍ୱରନେଇ କହୁଥାନ୍ତି, 'ତମେ ଦିହେଁ କୁକୁର ହୁଅ...., କାମ ଉତ୍ତେଜନାରେ ମଣିଷ କଣ ତା' ସଭ୍ୟତା, ସଂସ୍କୃତି ସବୁ ଭୁଲି ଯାଇପାରେ ! କ୍ଷଣିକ କାମନା...ବାସନାର ବଶବର୍ତ୍ତୀ ହୋଇ କଣ ସେ ପରିବେଶକୁ ବି ଅଣଦେଖା କରିପାରେ !

ଛେ...ଛେ...., ସବୁ ସ୍ପଷ୍ଟ ହେଇ ସାରିଥାଏ । ମୋ ପାଦ ଆପଣା ଛାଏଁ ଆଗକୁ ବଢ଼ିଲା । ଆଦିଜ୍ ରୁମର ଝରକାର ଫାଳେ ଖୋଲାଥାଏ। ମୋ ଆଖି ଥରେ ପହଁରି ଗଲା ସେଇ ଝରକାଫାଳ ଦେଇ ରୁମ୍ ଭିତରକୁ। ଆଦିଜ୍ ଦି'କାନରେ ମେଂଚାଏଁ ତୁଳା ପୁରେଇ, ନିଜ ମୁଣ୍ଡ ଚୁଟିକୁ ଟାଣି ଧରି ପାଗଳଙ୍କ ଭଳି ହେଉଥାଏ । ମୂକ, ବଧିର, ପଥର, ଏକାସହ ସବୁ ପାଲଟି ଗଲି ମୁଁ । ଆଖିପତା ପଡ଼ି ଉଠିବା ଭିତରେ ମୁଁ ଘରକୁ ଫେରି ସାରିଥାଏ । କରେଂଟ ବି ଆସି ଯାଇଥାଏ ଆଉ ସବୁଆଡେ କୁଲ ଓ ଏ.ସି ର ଶବ୍ଦ ଭିତରେ ଅନ୍ୟସବୁ ଚିତ୍କାର, ଶବ୍ଦ, ପୀଡା ପୋତି ହେଇ ଯାଇଥାନ୍ତି । ମୋ ରୁମ୍ ଟେବୁଲ୍ ଲ୍ୟାଂପକୁ ଅନ୍ କଲି । ଆଖିରୁ ନିଦ ହଜି ଯାଇଥାଏ , ଖାତା ବଣ୍ଡଲ ଖୋଲି ପୁଣି ଚେକିଂ ଆରମ୍ଭ କଲି। ମୁଁ ମୋ ଅନ୍ ସୋସିଆଲ ହେବାକୁ ନେଇ ଗର୍ବିତ ଥିଲି ସେଦିନ। ଭାବିଲି ମୁଁ ଅନ୍ସୋସିଆଲ ହିଁ ଠିକ୍ ଅଛି ଆଉ ମୋ ନିଶା ବି ବେଶ୍ ଭଲ। ମୁଁ ଆହୁରି ଏଡିକ୍ଟେଡ ହେବାକୁ ଚାହେଁ ...ମୋ ଏହି ଲେଖିବା ନିଶାରେ ଆହୁରି ନିଶାଗ୍ରସ୍ତ ହେବାକୁ ଚାହେଁ । ପତ୍ରିକା ଭିତରେ, କାଗଜ ଭିତରେ ,କଲମ ମୁନରେ ହଜିବାକୁ ଚାହେଁ । ଏ ନିଶାକୁ ଜାବୁଡ଼ି ଧରି ଖୁସିଖୁସି ଅନ୍ସୋସିଆଲର ଆରୋପ ଗ୍ରହଣ କରିନେବି ବିନା ଆପତ୍ତିରେ......ଆଉ ଗର୍ବରେ କହିବି ହଁ, ମୁଁ ଅସାମାଜିକ ମଣିଷଟେ ,ଆମେ ଲେଖକ ଲେଖିକା ମାନେ ଅନ୍ସୋସିଆଲ ମଣିଷ । ଆଉ ମୁଁ ଆପଣମାନେ କହୁଥିବା ଏଇ ଅନ୍ସୋସିଆଲ ଲେଖକଙ୍କ ଗହଣରେ ରହିବାକୁ ଚାହେଁ । ମୁଁ ରାଜିଖୁସି ଏମାନଙ୍କ ତାଲିକାରେ ତାଲିକାଭୁକ୍ତ ହେବାକୁ ଚାହେଁ।

*ସୁନ୍ଦରଗଡ*
*ଦୂରଭାଷ: ୯୫୭୧୦୩୩୨୭୯*






# ପେହେଲ୍ ଗାଁ

**ଦେବାଶିଷ ଚକ୍ରବର୍ତ୍ତୀ**

ଜ୍ଞାନୀ ଗୁଣୀ ଏ ସିନା କହିଛନ୍ତି
ସନ୍ତ୍ରାସର କୌଣସି ଧର୍ମ ନାହିଁ ବୋଲି
ହେଲେ, ବେଳେ ବେଳେ ଏକଥାଯେ
ସମ୍ପୂର୍ଣ୍ଣ ଅସାର ଏକ ବୌଦ୍ଧିକ ବିଳାସ
ଏହା ତୁମ ଠୁଁ ଜାଣିଲି
ବାଛି ବାଛି କେବଳ ହିନ୍ଦୁଙ୍କୁ ମାରିବା
ନୁହେଁ କି ପ୍ରମାଣ ଏହାରି ?

ଆମେ ହିନ୍ଦୁ !
ଆମର ପ୍ରତିଟି ରକ୍ତକଣିକାରେ
ସାଇତା ହୋଇନି କି ବିଶ୍ୱକୁ
କୋଳେଇ ନେବାର ଆପଣାପଣ ?
ଖାସ୍ ସେଇଥି ପାଇଁ ବୈଦିକ ଋଷି
ଉଦାର କଣ୍ଠରେ ଗାଇ ନଥିଲେ କି
"ବସୁଧୈବ କୁଟୁମ୍ବକମ୍ ।"

ଅଭାବର ଝାଞ୍ଜିରେ ସିନା
ମନଲତିକାରୁ ଝରିଯାଏ
ସ୍ୱପ୍ନର ଫୁଲକଢ଼
ହେଲେ ଧାର୍ମିକ ଉନ୍ମାଦନାର
ଖଣ୍ଡ ପ୍ରଳୟରେ
ଦଣ୍ଡକରେ ପୋଛି ହୋଇଗଲା
ସୀମନ୍ତ ସିନ୍ଦୂର, ମାଆ ର କୋଳ
ଶୈଶବକୁ ପିନ୍ଧେଇ ଦେଲା ଛେଉଣ୍ଡପଣ
ହସଖୁସିର ସମୀରଣ
ପାଲଟି ଗଲା ଆତଙ୍କର ହୁତାଶନ ।

ପଡ଼ୋଶୀ ଦେଶମାନଙ୍କରେ ନଜିର୍ ଅଛି
ସଂଖ୍ୟାନ୍ୟୁନମାନେ ନିର୍ଯ୍ୟାତିତ ହେବାର
ହେଲେ ସଂଖ୍ୟାଧିକମାନେ
ନିପୀଡ଼ିତ ହେବାରେ ଏକମାତ୍ର ଦୃଷ୍ଟାନ୍ତ
ସାଜିନି କି ଦେଶ ଆମର ?

ପେହେଲ୍ ଗାଁ ହେଉକି ପୁଲ୍ ୱାମା
କିଏ ପଢ଼ିନାହିଁ କୁହ
ହିନ୍ଦୁ ମେଧର ପର୍ ୱାନା ?
ସତରେ ହିନ୍ଦୁହୋଇ ଜନ୍ମ ନେବା କଣ
ମହା ପାପ ଆମରି ଦେଶରେ ?

ଆକାଶ ପରି ବିଶାଳ ହୃଦୟ ଆମର
ନୋହିଲେ ଛାର ବଗୁଲିର ଶୋକରେ କି
ହୋଇଥାନ୍ତୁ ଲୁହ ଜରଜର
ହେଲେ, ସିଂହର ଆଁରେ ବି
ହାତ ପୁରେଇବାର ସାହସ
ଅଛି ଆମ କଅଁଳା ଛୁଆର
ଆମ ଉଦାରତାକୁ ଭୀରୁତା ବୋଲି
ମଣିବାର ମୂଢ଼ତା ତୁମର
ତୁମକୁ ସଜେଇବ ନାହିଁ କି
କୀଳୋତ୍ପାଟିତ ବାନର ?

*ମଣ୍ଡୁଆ, କେନ୍ଦୁଝରଗଡ଼*
*ଦୂରଭାଷ: ୯୪୩୭୭୫୨୩୯୫*

# ଭାଗଶେଷ

**ଶ୍ରୀରାମ ଦାଶ**

ଶେଷ ଅଙ୍କ ଆସୁଛି
ବିନା ସିଲଟ ଖଡ଼ିରେ
ଛିଡ଼ିଯିବ ଜଟିଳ ଗଣିତ
ଅତଏବ ଚିହ୍ନର ଲୋଡ଼ା ନାହିଁ
କିଛି ଲେଖିବାର ନାହିଁ କିଛି
କେଉଁଠିବି ।।

ଭାଗଶେଷ ଲୁଚିଥିବ
ଆକାଶରେ ତାରାଙ୍କ ପେଟରେ
ଅନ୍ଧାର ସହ ମେଲିଥିବ
ଶାଖା ପ୍ରଶାଖା ଗ୍ରହରୁ ଗ୍ରହାନ୍ତର

ସେହି ଗଛ ଡାହିରେ, ପତ୍ରରେ
ଶିରାରେ ଶିରାରେ
ଖୁନ୍ଦା ଖୁନ୍ଦି ବସିଥିବେ
ପାଖାପାଖି ସବୁ ଛାଇମାନେ
ଜୁଳୁଜୁଳିଆ ପରି
ଜଳୁ ଥିବେ ଲିଭୁଥିବେ
ମୁହୂର୍ମୁହୁ ଆଗ ପଛ ହୋଇ ।।

ସମସ୍ତେ ସମସ୍ତଙ୍କୁ ଜାଣିଥିବେ
ଏହି ବିଚିତ୍ର ବୃକ୍ଷରେ
ଅଥଚ କେହି କାହାକୁ ଚିହ୍ନୁ ନଥିବେ
କେବଳ ଝିଙ୍କାରୀ ଶବ୍ଦ ଶୁଭୁଥିବ ସମସ୍ତଙ୍କୁ ।।

କେଉଁ ମଞ୍ଚରେ ଛାଡ଼ିଛ ତୁମ ମୁକୁଟ
କେଉଁଠି ଧନୁ ତୀର
କେଉଁଠି ପଡ଼ିଛି ହୃଦୟ
କେଉଁଠି ଫୁଲ ହାର
କେଉଁ ମଞ୍ଚର ସିଂହାସନରେ ଅବା ମଧୁଶାଳାରେ
ରହି ଯାଇଛ ତୁମେ ଏକା ଏକା
କେଉଁଠି ରହିଗଲା
ତୁମ ଶବ୍ଦର ନିଃଶବ୍ଦ ସଂସାର
ଏବେ ତୁମେ ଛାଇଟିଏ
ଏବେ ତୁମେ ତରଙ୍ଗ ଟିଏ
ପ୍ରସାରିତ ହେବ ଢେଉ ପରି
ସ୍ୱରଚିତ ସାଗରର ବୁକୁରେ ।।

ଏବେ ତୁମେ ସୂର୍ଯ୍ୟ ହେବ
ଆଲୋକ ହେବ
ଜହ୍ନ ହେବ ଅନ୍ଧାର ହେବ
ତୁମେହିଁ ଈଶ୍ୱର ହେବ
କାହାରି ସନ୍ତାନଥିବ କେଉଁଠିବି
ଉଠ ଠିଆହୁଅ
ଶେଷ ସଂଳାପ
କହିବାର ଅଛି ବିନା ଶବ୍ଦରେ ।।

ଦେଖ ପରଦା ପଡ଼ିବା ପୂର୍ବରୁ
ତାଳିମାଡ଼ରେ ପ୍ରକମ୍ପିତ
ବିଦ୍ୟୁତ ନଥିବା ଅନ୍ଧାର ମଣ୍ଡପରେ
ସମସ୍ତେ କାନେଇଛନ୍ତି ତୁମକୁ
ତୁମେ କେଉଁଠି ଅଛ କେଉଁଠି ଅଛ ।।

*ବି-୨୫୩, ବିଡିଏ, ବରମୁଣ୍ଡା, ଭୁବନେଶ୍ୱର*
*ଦୂରଭାଷ: ୯୪୩୭୦୫୫୨୨୧*

# ଜୀବନଟା ଏମିତି କବିତାଟିଏ...

**ଡାଃ ମନୋରଞ୍ଜନ ଦାଶ**

ଜୀବନ ଏମିତି କବିତାଟିଏ ସାଙ୍ଗ
ଶବ୍ଦ ଓ ପ୍ରୀତି ଓଜାଡ଼ିଲେ ହେଲା...
ଜୀବନଟା ଏକ ଅବୁଝା କବିତା
ଭାବରେ ଟିକିଏ ବୁଡ଼ିଲେ ହେଲା...
ଏନ୍ତୁଡ଼ିଶାଳର କୁଆଁ କୁଆଁ ଡାକ
ରାମ ନାମ ସତ୍ୟରେ ଯେ ହୁଅଇ ଶେଷ
ବୁଝିଲେ ବି ପୁଣି ବୁଝି ସେ ପାରେନା...
ଜୀବନେ କେତେ ମାନ ଅଭିମାନ
ପୁଣି ସାଉଁଟି ଥାଏ ସେ ଅମାପ ଧନ
ଈର୍ଷା ଓ ଅହଂରେ ବିତୁଥାଏ ଦିନ
ମୁଠାଏ ପାଉଁଶରେ ହୋଇଥାଏ ଲୀନ
ଜୀବନଟା ଏଇମିତି ହସଖୁସିର କବିତା
ତାକୁ ଅଣ୍ଟିରେ ପୂରେଇ ପୁଣି
ବାଣ୍ଟି ପାରିଲେ ହେଲା...
ଜୀବନଟା ଏମିତି ନାଟକଟିଏ ସାଙ୍ଗ
ଅଭିନୟ କରିପାରିଲେ ହେଲା...
ବାଟ ଚାଲୁ ଚାଲୁ ଝୁଣ୍ଟିବାକୁ ହୁଏ,
ପଡ଼ି ଉଠି ବାଟ ଚାଲିଲେ ହେଲା... ।

*ପ୍ରଭାବତୀ ନିଳୟମ୍, ବେଲତଳ, ପଟ୍ଟାମୁଣ୍ଡାଇ, ଜି.: କେନ୍ଦ୍ରାପଡ଼ା*
*ଦୂରଭାଷ: ୯୪୩୭୩୧୭୭୨୨*



# ନିଆଁ

**ଶରତ କୁମାର ଦାସ**

ନିଆଁ
ଜଳେ
ଜାଳେ

ତେବେ
ନିଆଁର ବି ଏକ
ସୁକୁମାର ହୃଦୟ ଅଛି
ଚିହ୍ନି ପାରିଲେ ହେଲା

ଚିହ୍ନି ପାରିଥିଲି ବୋଲିତ'
ଦିନେ ଲମ୍ଫ ଦେଇଥିଲି
ତା' କରାଳ ଛାୟାରେ
ଗୋଟେଇ ଆଣିଥିଲି
ଅଞ୍ଜୁଳାଏ ପ୍ରେମର ସ୍ତବକ
ତା' ଜ୍ୱଳନ୍ତ ଶିଖାରୁ
ଭରିଦେଇଥିଲି
ଏକ ନିଷ୍ପାପ ମନର
ଶୀତଳ ଛାୟାଚିତ୍ର
ତା'ଉତ୍ତାଳ ଛାତିରେ

ତମେ କିନ୍ତୁ
ସେ ଭୁଲ କରନି ପ୍ରିୟ
ଫସିଯିବ
ତା' ବିଷାକ୍ତ ଫଣାର ଦଂଶନରେ
ଟଳିପଡ଼ିବା ଆଗରୁ
ଜଳି ପୋଡ଼ି ପାଉଁଶ ହୋଇଯିବ

ପାରୁଛ ଯଦି
ଫୁଲଠୁ ଅଧିକ କୋମଳ ହୁଅ
ପ୍ରେମର ସମୁଦ୍ର ତିଆର
ହୃଦୟ ଭିତରେ
ହୃଦୟଟିଏ ଗଢ଼

ଦେଖିବ
ଆବାହନ ସଙ୍ଗୀତ ଗାଇ
ନିଷ୍ପାପ ଶିଶୁଟିଏ ପରି
ନିଆଁ କେମିତି ଆପେ ଆପେ
ତମର କୋଳ ମଣ୍ଡନ କରିବ

*ପାଲୁର ବଙ୍ଗଳା, ଘର ନମ୍ବର- ୨୬, ବ୍ରହ୍ମପୁର*
*ଦୂରଭାଷ: ୯୪୩୭୪୨୩୯୮୫*

# କେମିତି ଲେଖିଲ ତୁମେ

**ରାଧାଶ୍ୟାମ ମହାନ୍ତି**

କେମିତି ଲେଖିଲ ତୁମେ
ଏମିତିଆ ଚିଠି
ଚିଠିରେ ଚିଠିରେ ଆମ
ପଡ଼ିଗଲା କଟି
କେମିତି... ॥

ଚିଠିତ କାଗଜ ଖଣ୍ଡେ
ଦେଲା ଏତେ ବ୍ୟଥା
କାଗଜରେ ଇଏ କିଗୋ
ତୁମ ମନ କଥା
ମୁହେଁ ମୁହେଁ ହେଲା ପ୍ରେମ
କାଗଜରେ କଟି
କେମିତି... ॥

ସେଦିନ ତ ଭଲ ଥିଲ
ପହିଲି ପ୍ରେମରେ
ଆଜି ତୁମେ ଭୁଲିଗଲ
କାହାମନ୍ତରରେ
ସେଥିପାଇଁ ଲାଗୁଥିଲ
କେମିତି କେମିତି
କେମିତି... ॥

*ସିମୋଳ, ଖନୋଳ, ସୁନ୍ଦର ଗ୍ରାମ, କଟକ*



# ସୁବିଧାବାଦୀର ପରିଚୟ

ନୃସିଂହ ବେହେରା

ଅଭିନୟ ପରେ ଅଭିନୟ
ଦେଖି ଦେଖି କହି          ପାଇ ପାଏନାହିଁ
ସୁବିଧା ବାଦୀର ପରିଚୟ ॥

କଥାରେ ଫୁଟାଇ          ଅମାପ ଗୋଲାପ
ସହଜେ ଅରପି ଦେଇ
ଅନୁଗତ ଭାବେ          ମନ ନିଏ ସିଏ
ନିହାତି ନିଜର ହୋଇ
କାହାଣୀ ପରିକା          ଦେଇପାରେ ସିଏ
ଶରଧା ଶେଫାଳି ଅତିଶୟ ॥

ନିରୀହ ଆଖିର          ସେ ପାରିରେ ସେହି
ନିଆରା ଛଂଚାଣ ରହି
ନିଜ ଓରିମାନା          ମେଣ୍ଟେଇବା ପାଇଁ
ଓର ଖୋଜୁଥାଏ ଚହିଁ
ସେ ଲାଗି ମିଛରେ          ଦେଖାଏ ନିଜର
ଆଚରକୁ କରି ଉପାଦେୟ ॥

ବେଳ ଉଣ୍ଡି ସିଏ          ବେଳେ ବେଳେ ପୁଣି
ପରମା ପ୍ରେୟସୀ ସାଜି
ଆଶା ନଉକାରେ          ଜଡ଼ାଇ କୁଡ଼ାଇ
ନିଜ ଲୋଭ କିଏ ଖୋଜି
ସିଏ ଏମିକିକା          ଚିକ୍କଣ ଚେହେରା
ଯାର ପାଶେ ନାହିଁ ଲାଜ ଭୟ ॥

*ରାଜକନିକା, କେନ୍ଦ୍ରାପଡ଼ା-୭୫୪୨୨୦*
*ଦୂରଭାଷ: ୮୨୮୦୧୧୧୦୬୭*



# ଓଡ଼ିଆ ଅସ୍ମିତାରେ ପ୍ରଭୁ ଜଗନ୍ନାଥ

ଶ୍ରୀମତୀ ସୁଷମା ଲେଙ୍କା

ଓଡ଼ିଆର ଗର୍ବ ଓଡ଼ିଆ ଅସ୍ମିତା
ତୁମେ ଜଗନ୍ନାଥ ହରି
ତୁମରି ଆଶୀଷ କରୁଣାର ବାରି
ସଦା ପଡୁଥାଉ ଝରି ॥

ତୁମରି ଇଚ୍ଛାରେ ଚାଲେ ଏ ସଂସାର
ସୂର୍ଯ୍ୟ ଚନ୍ଦ୍ର ଆତଯାତ
ଭୂମିଠୁ ଆକାଶ ଜଳସ୍ଥଳ ବନେ
ବିଜେ ଆମ ଜଗନ୍ନାଥ
ଆହେ ମହାବାହୁ ବଳିଆର ଭୁଜ
ଧନ୍ୟ ମହିମା ତୁମରି
ଓଡ଼ିଆର ଗର୍ବ... ॥

କେତେ ଋଷି ମୁନି ଭକତ ଜନଙ୍କୁ
ଦେଖାଇଛ ସତ୍ୟପଥ
ପତିତ ପାବନ ନାମ ବୋଲାଇଛ
ଆହେ କାଳିଆ ସାଆନ୍ତ
ତୁମରି କରୁଣା ଜ୍ଞାନର ଚେତନା
ହୃଦୟରେ ଦିଅ ଭରି
ଓଡ଼ିଆର ଗର୍ବ... ॥

ଦାସିଆ ହାତରୁ ନଡ଼ିଆକୁ ନେଇ
ଭକତ ବିଶ୍ୱାସ ପାଇଁ
ବନ୍ଧୁ ମହାନ୍ତିଙ୍କୁ ସୁନାଥାଳି ଭୋଗ
ଦେଇଥିଲ ଭାବଗ୍ରାହୀ
ସୁଦାମାର ଖୁଦ ଭଜାଯେ ଖାଇଲ
ଦୀନବନ୍ଧୁ ଦଇତାରୀ
ଓଡ଼ିଆର ଗର୍ବ... ॥

ଶ୍ରୀଚୈତନ୍ୟଙ୍କ ଭକ୍ତିଭାବ ଦେଖି
ଦେଇ ତାଙ୍କୁ ଦରଶନ
ବଳରାମଙ୍କର ବାଲିରଥେ ବସି
ଧନ୍ୟ କରିଲ ଜୀବନ
ଭକ୍ତ ସାଲବେଗ ଭକତିରେ ପରା
ରଥ ଦେଲ ଅଟକାଇ

ଓଡ଼ିଶାର ଗର୍ବ ଓଡ଼ିଆ ଅସ୍ମିତା... ॥

କୃଷ୍ଣ ନାମ ଜପି କୁବୁଜା ସୁନ୍ଦରୀ
ହୋଇଥିଲା ଶାପ ମୁକ୍ତ
ବିଷ ଖାଦ୍ୟ ଖାଇ ହୋଇଥିଲା ତୃପ୍ତ
ଭକ୍ତ ରଘୁ ଅରକ୍ଷିତ
ପୁରସ୍ତମ ଆସି ଭକତ ତୁଳସୀ
ଜପିଲା ନାମ ତୁମରି
ଓଡ଼ିଆର ଗର୍ବ... ॥

ଭକ୍ତ ପାଇଁ ସଦା ଅବତାର ନିଅ
ଭକତ ତୁମ ଜୀବନ
ଆହେ ନୀଳଗିରି ଓଡ଼ିଆ ଠାକୁର
ପ୍ରଣତି ମୋହର ଘେନ
ଭକତ ଛଳିଆ ହେ ଜଗା କାଳିଆ
ହୃଦେ ଦିଅ ହସ ଭରି
ଲକ୍ଷ୍ମୀକାନ୍ତ ଚକ୍ରଧାରୀ
ଓଡ଼ିଆର ଗର୍ବ ॥

***ଖଣ୍ଡଗିରି ବିହାର, କୋଳଥିଆ, ଭୁବନେଶ୍ୱର***

# ବାପା ତୁମେ ଆଜି ବି ହାରିନ !

**ସ୍ନିଗ୍ଧାରାଣୀ ପଣ୍ଡା**

ଛୋଟବେଳେ ମୋର କଅଁଳ ପାଦରେ
କଣ୍ଟାଟିଏ ଫୁଟିଗଲେ,
ଘର କଣେ ଯିଏ ଲୁଚି ଲୁଚି କାନ୍ଦେ,
ତୁମେ ପରା ବାପା ସିଏ ॥

ନ ଖାଇକି ମୁଁ ରୁଷିକି କାନ୍ଦିଲେ
ଅବା କାନ୍ଦି କାନ୍ଦି ଶୋଇ ମୁଁ ପଡ଼ିଲେ,
ନାନା ରକମର ରାନ୍ଧି ଯେ ଖୁଆଏ,
ତୁମେ ପରା ବାପା ସିଏ ॥

ହଳିଏ ଡ୍ରେସ୍, ହଳେ ଜୋତା ଯେତେ
ପୁରୁଣା ହେଲେବି, ସେଇମିତି ପିନ୍ଧି
ନୂଆ ଯେ ଆମକୁ ଦିଏ...
ତୁମେ ପରା ବାପା ସିଏ ॥

ପଥ ହୁଡ଼ି ଯାଇ ଅବାଟକୁ ଗଲେ
ଅବା କାହିଁ ଯାଇ ଝୁଣ୍ଟିକି ପଡ଼ିଲେ,
ବୁଝାଇଥାଏ ତ ଯିଏ,
ତୁମେ ପରା ବାପା ସିଏ ॥

ଧୈର୍ଯ୍ୟହରା ହୋଇ କାନ୍ଦୁଥିଲେ ଯାଇ
ଧୈର୍ଯ୍ୟ ଦେଇଥାଅ ତୁମେ,
ଆଜି କେମିତି ବା ନିଜେ ଧୈର୍ଯ୍ୟ ଭାଙ୍ଗି
ସାହସ ରଖୁନ ମନେ ? ?

କହୁଛି ମୁଁ "ବାପା, ଆଜି ବି ହାରିନ"
କିଣିଛ ଜଗତ ତୁମେ
ତୁମ ପରି ଲୋକ କୋଉଠି କାହିଁ ତ
ଦେଖିନାହିଁ ମୁହିଁ ଜଣେ ॥

"ଲୋକଙ୍କ କଥାରୁ କି ଅବା ମିଳିବ,
କହିବା ତ ତାଙ୍କ କାମ
ମନ ଦୃଢ଼ କରି ନିଜ କର୍ମ କଲେ
ରଖିବା ନିଜର ପଣ ॥"

ଏହି କଥା ତୁମେ ଆମକୁ ଶିଖାଇ
କେମିତି ବା ଭୁଲିଗଲ ?
ହାରିନ ତ ତୁମେ କହୁଛି ମୁଁ ଆଜି
ତୁମେ ବାପା ଜିତିଗଲ ॥

***ନରସିଂହପୁର, କଟକ***
***ଦୂରଭାଷ: ୯୬୯୨୮୪୨୩୮୪***

# ଗ୍ରାମବଧୂ

**ସୁଜିତ କୁମାର ମିଶ୍ର**

ମହା ଆକର୍ଷଣ ବିଧୁରା ବନିତା ମେଘୁଆ ବର୍ଣ୍ଣର ଆଖି,
ଚାଲିରେ ତାହାର ରାଜହଂସୀ ଭାବ ଚିଲିକାର ଚିତ୍ରପକ୍ଷୀ ।
ଅଳସୀ ଯୌବନା ପ୍ରେମର ଅଗଣା ଆନମନା ସୁନୟନା,
ଲହଡ଼ିଭାଙ୍ଗେ ତା ଚୋରାଚାହାଣୀରେ ଲକ୍ଷେ ଚନ୍ଦ୍ରମାର ଜ୍ୟୋତ୍ସ୍ନା ।

ପାହାନ୍ତି ପହର ଭୁଆସୁଣୀ ସିଏ ପୋଖରୀର ନୀଳକଇଁ,
ଚପଳଛନ୍ଦା ସେ ପ୍ରେମିକ ପତିର ଛଳେଛଳେ ଯାଏ ଛୁଇଁ ।
ସରାଗ ନଈର ଆନନ୍ଦ ରାଗିଣୀ ସମ୍ପୂର୍ଣ୍ଣା ସେ ସମାସ୍କନ୍ଧା,
ବନ୍ଧନ ଘାଟର ବେପଥୁ ସାଥୀ ସେ ବିରହର ମଧୁଛନ୍ଦା ।

ଗୋପନ ଗପର ନୀଳ ନାୟିକା ସେ ଗୁଞ୍ଜରିତ ଗ୍ରାମବଧୂ,
ବିନ୍ଦୁ ବିନ୍ଦୁ ମିଠା ଅନୁରାଗ ଭରା ବୈଭବର ମହାସିନ୍ଧୁ।
ସେ ମନରେ ଫୁଟେ ସମ୍ମୋହିତ ରସେ ଶରତର ଶୁଭ୍ରାକାଶ,
ଲାଜୁକି ଲତାର ନମ୍ର ଓଢ଼ଣୀ ସେ ଲାବଣ୍ୟବତୀର ହସ।

ଉଜୁଡ଼ା ସଂସାରେ ଜୀଇଁବାର ଆଶା ଉଲ୍ଲସିତ ଜହ୍ନରାତି,
ସିଏ ଫଗୁଣର ପ୍ରତିଶ୍ରୁତି ରଙ୍ଗ ସହଣୀର ତପଗୀତି।

*ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର*

*ଦୂରଭାଷ: ୭୬୮୩୮୬୭୭୪୨*

ହାତପାଆନ୍ତାରେ ମିଳିଯାଏ
ଆଖି ତାର ଛଳଛଳ ହୁଏ
ଆଶୀଷ ଭରା ତା ହାତ
ଯେତେବେଳେ ମୋ ମଥାକୁ ଛୁଏଁ
ମୋତେ ଲାଗେ,
ମାଆ ମୋର ଈଶ୍ୱରୀଟିଏ।

***ଗୋପାଳପୁର, କେନ୍ଦୁଝର***
***ଦୂରଭାଷ: ୬୩୭୦୫୬୦୫୫୪***

# ଜନ୍ମଦିନ

**ସନ୍ତୋଷିନୀ ଦାଶ (ଗିରି)**

ଜନ୍ମଦିନ ଆସିଲେ
ଡର ନ ଥାଏ ମାଆକୁ
ଅଭାବୀ ସଂସାର ସତ୍ତ୍ୱେ
କେବେ ହାରିଯାଏନି ସେ।
ହଁ କେକ୍ କଟାହୁଏନି କି
କ୍ୟାଣ୍ଡେଲ୍ ଲିଭା ହୁଏନି
ଦିଅଁଙ୍କ ପାଖରେ ଦୀପଟିଏ
ଜାଳି ଦେଇ
ସାଙ୍ଗସାଥି ମେଳରେ
କ୍ଷୀରି ପୁରି ପେଟପୂରା
ଖାଇ ସାରିଲା ପରେ
ମୋତେ ଲାଗେ
ମୁଁ ସେଦିନ ମୁକୁଟ ବିହୀନ
ସାମ୍ରାଜ୍ଞୀ
ହଁ ଜନ୍ମଦିନ ଆସିଗଲେ
ମା' ମୋର କେମିତି
ସବୁ ଜାଣିପାରେ କେଜାଣି
କାହିଁ କେତେ ଦିନରୁ
ସାଇତି ରଖିଥିବା
ନାଲି ଫ୍ରକ୍‌ଟି ଯେବେ ମୋ
ହାତକୁ ବଢ଼େଇଦିଏ
ସତ କହୁଛି,
ଆକାଶଟା ମୋତେ

# ରଥରେ ଭାବନ୍ତି କଳା ଠାକୁର

**ବିଭୁତି ଭୂଷଣ ତ୍ରିପାଠୀ**

ବଡ଼ ଦାଣ୍ଡେ ରଥଯାତ୍ରା ଚାଲିଛି,
ଲୋକ ଗହଳିରେ ଫାଟି ପଡୁଛି।
ଦେଖିଲି କାନ୍ଦୁଛି ଛୁଆ ବକଟେ,
ବାପ କିମ୍ବା ମା ନାହିଁ ନିକଟେ।
ଘେରିଛନ୍ତି ଲୋକେ ଛୁଆ ପାଖରେ,
କେଉଁ ଜାତିର ପିଲା କିଏ ପଚାରେ।
ଛୋଟଜାତି ପିଲା ଯଦି ହେଇଥିବ,
ଆଦରିବା ଲୋକ ମହତ ଯିବ।
ବିଧର୍ମୀ ହୋଇଲେ କଥା ସରିଲା,
ଏ ପିଲା ରଚିବ ବଡ଼ ଝାମେଲା।
ଜାତି ଚାଲିଯିବ କଥା ରହିବ
ପର ପିଲା ପାଇଁ କିଏ ସହିବ।
କିଏ କହେ ଆହେ ପୁଲିସି ଡାକ,
ପୁଲିସି ଥାନାରେ ଛୁଆକୁ ରଖ।
ସରକାର ବୁଝନ୍ତୁ ଛୁଆ କାହାର,
ଅଯଥାରେ କିମ୍ପା ଚିନ୍ତା ଆମର।
ଧର୍ମ ଅର୍ଜିବାକୁ ଆମେ ଆସିଛେ
ଛୁଆ କଥାରେ କିମ୍ପା ପଶୁଛେ।
ରଥରେ ଅଛନ୍ତି କଳା ଠାକୁର
ଏ ଛୁଆ କଥା ବୁଝିବା କାମ ତାଙ୍କର।
ରଥରେ ଭାବନ୍ତି କଳା ଠାକୁର
ଧନ୍ୟରେ ମଣିଷ ତୋର ବିଚାର।
ଧର୍ମ ନାମେ ନିଜ ସ୍ୱାର୍ଥ ସାଧଇ,

ଉପରେ ପଡ଼ିଲେ ଭେଦଭାବ ରଚଇ।

*ପ୍ଲଟ ନଂ. ୭୭୫, ପୁରୁଣା ପୋଷ୍ଟ ଅଫିସ୍ ଗଳି,*
*ବୁଦ୍ଧେଶ୍ୱରୀ କଲୋନୀ, ଭୁବନେଶ୍ୱର*

# ହସି ଉଠୁ ଭାଇଚାରା

**ଅନସୂୟା ପଣ୍ଡା**

ଏମିତି କାମନାକୁ ନିରସ୍ତ କରି
ରଙ୍ଗର କୋମଳ ସମ୍ମୋହନ ଦିଅ ଭରି
ମୈତ୍ରୀର ନାରଙ୍ଗି ଅବିର
ଝରିପଡୁ ସାରା ଆତଙ୍କବାଦକୁ ହରି।

ଏମିତି ଅହଂର କଳାପାହାଡ଼କୁ ମାରି
ଭରିଦିଅ ଶାଶ୍ୱତ ଶୁଭ୍ର ରଙ୍ଗ
ବୋହି ପଡୁ ଶାନ୍ତିର ଓଁକାର ସ୍ୱର
ଗାଁଠାରୁ ସହର ମୁଖରିତ କରି।

ମୋହର ମହୁଲି ରଙ୍ଗକୁ ନିର୍ମୋହ କର
ନୀଳ ଦେହ ଗୋଲାପୀ ଜୀବନ
କଅଁଳି ଉଠୁ ମମତ୍ୱର ମଧୁରିମା ଭରି
ସାତ୍ତ୍ୱିକତାର ରଙ୍ଗ ମାଖି।

ଏମିତି ପ୍ରୀତିର ପଟୁ ଯାଉ ଚରି
ତ୍ୟାଗ ଓ ନିର୍ବାଣର ଗୀତ ଗାଇ
ମହଣ ମହଣ ମରୁବାଲି ଉଠୁ ହସି
ଅଣାୟତ ଢେଉ ଢେଉ ରଙ୍ଗରେ
ଭାଇଚାରା ମନ୍ତ୍ରକୁ ଉଚ୍ଚାରି
ପ୍ରତୀକ୍ଷାର ସୁଖଦ ଅନ୍ତ କରି।

*ବୁର୍ଲା, ସମ୍ବଲପୁର*
*ଦୂରଭାଷ: ୮୩୨୮୯୪୫୮୮୫*



# ଆଦ୍ୟ ଆଷାଢ଼

**ରତ୍ନମଞ୍ଜରୀ ରାଉତ**

ଆଦ୍ୟ ଆଷାଢ଼ରେ ନବବଧୂ ସାଜି
ଆସିଛି ବରଷାରାଣୀ
ସାଧବ ବୋହୁଏ ଥରି ଥରି ଚାଲି
କରନ୍ତି ତାକୁ ବରଣୀ।

ଟୁପୁରୁ ଟାପୁରୁ ବରଷା ରାତିରେ
ବେଙ୍ଗ ବେଙ୍ଗୁଲୀଙ୍କ ରଡ଼ି
ଘନ ଘନ ମାରେ ବିଜୁଳି ଆଲୁଅ
ଶୁଭେ ପୁଣି ଘଡ଼ଘଡ଼ି।

ଚଷାଭାଇ ମନ ଅଥୟ ହୁଅଇ
ସୁନା ଫଳାଇବ ଜାଣି
ଚତୁର୍ଦ୍ଦିଗ ଦେଖି ସବୁଜିମାମୟ
ହସନ୍ତି ଧରଣୀ ରାଣୀ।

କଚଡ଼ା ମେଘର କାଦୁଅ ପାଣିରେ
ବାହାରି ପାରେନା କେହି
ଚଷୀଭାଇ ଧାଏଁ ଆନନ୍ଦମନରେ
ମୁଣ୍ଡରେ ପଛିଆ ଦେଇ।

ବରଷାକୁ ତାର ବର୍ଷର ଅପେକ୍ଷା
ହୁଏ ଅପେକ୍ଷାର ଶେଷ
ଘଡ଼ ଘଡ଼ି ସହ ମେଘ ବରଷିଲେ
ମନ ହୁଏ ତାର ତୋଷ।

ଖରା ବରଷାକୁ ଖାତର ନକରି
କରୁଥାଏ ବିଲକାମ
ବରଷା ଦେଖିଲେ ଆନନ୍ଦେ ନାଚଇ
ଖୁସିରେ ନାଚଇ ମନ।

ମୁଣ୍ଡଝାଳ ତୁଣ୍ଡେ ମାରିକରି ସିଏ
ଦେଶକୁ ଯୋଗାଏ ଖାଦ୍ୟ
ପହିଲି ଆଷାଢ଼ୁ ଲାଗିଥାଏ ସିଏ
ମନରେ ନରଖି ଖେଦ।

ଚଷ ଆମ ଦେଶ ମେରୁଦଣ୍ଡ ପରା
ସଳଖି ରଖିବା ତାକୁ
ନୂଆ ପଦ୍ଧତିରେ ଚଷକାମକରି

ଅମାରକୁ ଭରିବାକୁ।

ଋଷୀ ଭାଇ ସଞ୍ଜେ ଦେଶ ପାଇଁ ଖାଦ୍ୟ
ସେ ଆମର ଅନ୍ନଦାତା
ତାର ଦୁଃଖ ସୁଖ ବୁଝିବା ପାଇଁକି
ଅଛନ୍ତି ଜଗତ କର୍ତ୍ତା।

*ବଡ଼ଡେରା, ଏଲ୍.ଆଇ.ସି ଅଫିସ୍ ପାଖ, ପୋଷ୍ଟ-ମଣ୍ଡୁଆ,*
*ଜିଲ୍ଲା- କେନ୍ଦୁଝର*
*ଦୂରଭାଷ: ୯୪୩୮୭୭୫୧୪୫*

# ଭାବ ବିନିମୟ

**ଡ. ଅଶୋକ କୁମାର ସେଠୀ**

ଫୁଲର ମହକ
ପବନରେ ଭାସି ଆସେ
ସୁବାସରେ ହସି ଉଠେ
ମନ ପ୍ରାଣ ।
ଭାବରେ ଭାବନା ଆସେ
ତାପରେ ଶବ୍ଦ ସବୁ ଗୁନ୍ଥି
କବିତାଟିଏ ହୁଏ ।
ସନ୍ଧ୍ୟା ଆସିଲେ ସୂର୍ଯ୍ୟ ଅସ୍ତ ହୁଏ
ସମସ୍ତେ ଜାଣନ୍ତି
ନିତି ଦିନିଆ ଖେଳ ।
ବାରମ୍ବାର ହାରି ବା
ପୁଣି ଜିତିବାର କଷ୍ଟ
ଲକ୍ଷସ୍ଥଳରେ ପହଂଚାଏ ।
ଏ କଥା ମିଛ ନୁହେଁ
ସବୁ କିଛି ପଛକୁ ଠେଲି
ଆଗେଇବା ଶିଖ
ଭାବ ଅଭାବ ଦୂରେଇବ ।
ସମୟ ଓ ସମ୍ପର୍କକୁ
କିଏ ଧରିପାରେ
କଥା ପଦରେ ସବୁ ଶେଷ
ଅତି ଆପଣାର ମଣିଷ
ପର ହୁଏ ।
ଅତୀତକୁ ଇତିହାସ
ହବାକୁ ଦିଅ ।
ସ୍ମୃତିକୁ ବାରମ୍ବାର
ଦୋହରାଇଲେ
କେବଳ ଲୁହ ଝରିବ
କିଛି ମିଳିବ ନାହିଁ ।
କଥା ପଦକରେ
ମଧୁରତା ଆସେ
ଆଉ ପଦକରେ ସବୁ ଉଜୁଡିଯାଏ
ସମୟ ସହ
ପାଦ ମିଶାଇ ଚାଲ
ସବୁ ଶୁଣ ସବୁ ବୁଝ
ଜବାବ ଦିଅ
ନ ବୁଝି ସମ୍ପର୍କରେ
ପୂର୍ଣ୍ଣଛେଦ ନ ପଡୁ ।

*ଚିକିତ୍ସା ଅଧିକାରୀ*
*ସରକାରୀ ହୋମିଓପ୍ୟାଥିକ ଚିକିତ୍ସାଳୟ*
*କଲେଜ ଛକ, ବଲାଙ୍ଗିର*
*ମୋ.ନଂ-୯୯୩୮୭୭୦୬୯୭*



ତନ୍ମାତ୍ର







# ଆଗାମୀ ଚିତ୍ର ସମ୍ପର୍କରେ

### -: ପାଦେ ଆକାଶ :-

ତରଙ୍ଗ ସିନେ ପ୍ରଡ଼କ୍ସନର 'ପାଦେ ଆକାଶ' ଅପ୍ରେଲ ୧୧ ତାରିଖରେ ମୁକ୍ତିଲାଭ କରିଛି। ପ୍ରଯୋଜକ ଲିତିଶା ମଙ୍ଗତ ପଣ୍ଡା, ନିର୍ଦ୍ଦେଶକ- ସୁଶାନ୍ତ ମଣି, ସଙ୍ଗୀତ- ପ୍ରେମାନନ୍ଦ, ଗୀତ- ବିଜୟ ମଲ୍ଲ। ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ଅର୍ଚ୍ଚିତା ସାହୁ, ରାଜେଶ ଜଏସ୍, ହର ରଥ, ସ୍ମିତା ମହାନ୍ତି, ମୋହନ ମାଝିଟିଆ, ମଧୁମିତା, ବିଜୟଲକ୍ଷ୍ମୀ ପ୍ରମୁଖ।

### -: ଡେଲିଭରି ବୟ - ୨ :-

ଜ୍ୟୋତି ରଞ୍ଜନ ମହାନ୍ତିଙ୍କ କାହାଣୀ ଓ ପ୍ରଯୋଜନାରେ 'ଡେଲିଭରି ବୟ- ୨' ଚିତ୍ର ମୁକ୍ତି ଅପେକ୍ଷାରେ। ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା- ଅଶ୍ୱିନୀ କୁମାର ତ୍ରିପାଠୀ, ସଂଳାପ- ଡ. ଦୀପକ ଜେନା, ସଙ୍ଗୀତ- ବୈଦ୍ୟନାଥ ଦାଶ, ଗୀତ- ଡ. ନିର୍ମଳ ନାୟକ ଓ ଅରୁଣ ମନ୍ତ୍ରୀ। ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ଶୈଳେନ୍ଦ୍ର ସାମନ୍ତରାୟ, ବୃନ୍ଦାଦିତ୍ୟ, ଅର୍ଚ୍ଚିତା ସାହୁ, ପ୍ରିୟମ୍ବଦା ରାୟ, ଶ୍ରୀତମ ଦାସ, ପୁପିନ୍ଦର, ଶକ୍ତି ବରାଳ ପ୍ରମୁଖ।

### -: ପରୀ :-

ଓମ୍ ଶାନ୍ତି ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ନିର୍ମିତ 'ପରୀ' ମୁକ୍ତି ଅପେକ୍ଷାରେ। ପ୍ରଯୋଜକ- ସଞ୍ଜୟ ମହାନ୍ତି ଓ ଚନ୍ଦନ ସ୍ୱାଇଁ, କାହାଣୀ- ସଞ୍ଜୟ ମହାନ୍ତି, ନିର୍ଦ୍ଦେଶକ- ତ୍ରିପତି ସାହୁ, ସଂଳାପ- ଡ. ରଜନୀ ରଞ୍ଜନ, ସଙ୍ଗୀତ- ଜାପାନୀ ଭାଇ, ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ଜ୍ୟୋତି, ଅନୁରାଧା ପାଣିଗ୍ରାହୀ, ଶ୍ରୀତମ ଦାସ, ନୀଳମଣି ସାହୁ, ପ୍ରଦ୍ୟୁମ୍ନ ଲେଙ୍କା, ସୌମ୍ୟା, ଗୁଡୁ, ଜଗନ୍ନାଥ ସାହୁ, ନରେଶ ରାଉତରାୟ, ରୋଶନ ଭରଦ୍ୱାଜ ପ୍ରମୁଖ।

### -: ଆଜିର ରେବତୀ :-

ଆର୍ ଆର୍ ଇଭେଣ୍ଟ୍ ଆଣ୍ଡ ସିନେ ପ୍ରଡ଼କସନର ୨୪ତମ ଚିତ୍ର "ଆଜିର ରେବତୀ" ଅପ୍ରେଲରେ ମୁକ୍ତିଲାଭ କରିଛି। ପ୍ରଯୋଜକ- ରମେଶ ବାରିକ, ଏହାର ମୂଳ କାହାଣୀ ବଦ୍ରି ମିଶ୍ର ରଚନା କରିଥିବାବେଳେ ଚିତ୍ରନାଟ୍ୟରେ ଅଛନ୍ତି ସୁଶାନ୍ତ ମଣି ଓ ଶ୍ୟାମାପ୍ରସାଦ। ନିର୍ଦ୍ଦେଶନା- ଶୁଭ୍ରାଂଶୁ ଦାସ। ସଙ୍ଗୀତ- ପ୍ରେମାନନ୍ଦ। ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି- ଶୀତଲ ପାତ୍ର, ପୃଥ୍ୱୀରାଜ ନାୟକ, ପୁଷ୍ପା ପଣ୍ଡା, ଉଷସୀ ମିଶ୍ର, ବନି ସେନଗୁପ୍ତା, ପାରିଜାତ, ଅଙ୍କିତା ବ୍ରହ୍ମା ପ୍ରମୁଖ।

### -: ନାଗାର୍ଜୁନ :-

ଦୁଇ ବନ୍ଧୁଙ୍କ କାହାଣୀକୁ ନେଇ ଚନ୍ଦ୍ରାବତୀ ଭିଜନ ବ୍ୟାନରର ଚତୁର୍ଥ ଚିତ୍ର "ନାଗାର୍ଜୁନ" ସୁଟିଂ ଚାଲୁହରିଛି। କାହାଣୀ, ପ୍ରଯୋଜକ- ସମ୍ପିତ କୁମାର, ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା- ମାନସ ସାହୁ, ସଂଳାପ ଓ ଗୀତ- କଳିଙ୍ଗ ସାହୁ, ସଙ୍ଗୀତ- ଶ୍ରୀନିବାସ ବିଶ୍ୱାଳ। ଭୂମିକାରେ ସମ୍ପିତ କୁମାର, ରୋଶନ ନନ୍ଦ, ରୋହିତ (ଭୋଜପୁରୀ), ପାୟଲ, ବିଜୟଲକ୍ଷ୍ମୀ (ଦେବୀ), ରକ୍ ପାତ୍ର, ଇଲୁ ବାନାର୍ଜୀ, ପିଣ୍ଟୁ, ସିପୁ, ପ୍ରଭାତ, ବିଜୟ, ମିରା ଚକ୍ରବର୍ତ୍ତୀ ପ୍ରମୁଖ।

### -: ଜୟ ହିନ୍ଦ୍ :-

ଶୁଭଶ୍ରୀ ଫିଲ୍ମସ୍ ବ୍ୟାନରର 'ଜୟ ହିନ୍ଦ୍' ଚଳଚ୍ଚିତ୍ର ଏକ ମର୍ଡ଼ର ମିଷ୍ଟ୍ରି। ଏକ ହତ୍ୟାକାଣ୍ଡର ତଦନ୍ତ କରି ନାୟକ କିପରି ସତ୍ୟକୁ ସାମନାକୁ ଆଣୁଛନ୍ତି ଏବଂ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହେଉଛନ୍ତି ତାହା ଦେଖିବାକୁ ମିଳିବ ଏହି ସିନେମାରେ। ନିର୍ଦ୍ଦେଶକ- ଅଭିଷେକ ତ୍ରିପାଠୀ, ଶୁଭଶ୍ରୀ ମଙ୍ଗରାଜ, ଭୂମିକାରେ- ଆକାଶ ଦାସନାୟକ, ଚୌଧୁରୀ, ରାଜା, କେ. କେ.ଳ ବିଭାସ, ଶକ୍ତି ବରାଳ, ଅଞ୍ଜନା ଦାଶ, ପ୍ରଲିପ୍ତା ପ୍ରମୁଖ।

### -: ଚକ୍ରାନ୍ତ :-

ଲକ୍ଷେଶ୍ୱର ପ୍ରଡ଼କ୍ସନ ବ୍ୟାନରରେ ଗୋଟିଏ ଝିଅର ସଂଘର୍ଷର କାହାଣୀକୁ ନେଇ ଏକ ଚିତ୍ର ନିର୍ମାଣ କରୁଛନ୍ତି ନିର୍ଦ୍ଦେଶକ ପିନୁ ନାୟକ। କାହାଣୀ- ଦିଶା ପାଢ଼ୀ, ପ୍ରଯୋଜକ- ସୌରଭ ପାଢ଼ୀ, ସଙ୍ଗୀତ- ଅଭିଜିତ୍ ମଜୁମଦାର, ଗୀତିକାର- ଡ. ନିର୍ମଳ ନାୟକ, ଡ. ରଘୁନାଥ ସାହୁ। ଭୂମିକାରେ- ଭୂମିକା ଦାଶ, ଶୁଭାଶିଷ ଶର୍ମା, ଚୌଧୁରୀ ଜୟ ପ୍ରକାଶ ଦାଶ, ପ୍ରଦ୍ୟୁମ୍ନ ଲେଙ୍କା, ଧରିତ୍ରୀ ଖଣ୍ଡୁଆଳ, ହରିହର ମହାପାତ୍ର ପ୍ରମୁଖ।

### -: ଅପେକ୍ଷା :-

କେ. ଅନିଶଙ୍କ ପ୍ରଯୋଜିତ ତଥା ଆନନ୍ଦ କୁମାରଙ୍କ ନିର୍ଦ୍ଦେଶିତ 'ଅପେକ୍ଷା' ମୁକ୍ତି ପ୍ରତୀକ୍ଷାରେ। ଭୂମିକାରେ- ସାର୍ଥକ ନାୟକ, ଶୁଭାଙ୍ଗୀ, ଚୌଧୁରୀ ବିକାଶ ଦାସ, ପୁଷ୍ପା ପଣ୍ଡା, ଶକ୍ତି ବରାଳ ପ୍ରମୁଖ।

### -: ବୋଉ ବୁଟୁ ଭୂତ :-

ବାବୁଶାନ୍ ଫିଲ୍ମସ୍ ପ୍ରଯୋଜିତ 'ବୋଉ ବୁଟୁ ଭୂତ' ଚିତ୍ରର ସୁଟିଂ ଏବେ ପାଇଁ ବନ୍ଦ ଅଛି। ପ୍ରଯୋଜକ- ତୃପ୍ତି ଶତପଥୀ, କାହାଣ ଓ ଚିତ୍ରନାଟ୍ୟ- ମହମ୍ମଦ ଇମ୍ରାନ, ନିର୍ଦ୍ଦେଶକ- ଜଗଦିଶ ମିଶ୍ର, ସଙ୍ଗୀତ- ଗୌରବ ଆନନ୍ଦ। ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ଅପରାଜିତା, ବାବୁଶାନ୍, ଅର୍ଚ୍ଚିତା, ରବି ମିଶ୍ର, କ୍ରିଷ୍ଣା କର, ଉଦିତ୍ ଗୁରୁ, ଅନୁଗୁଳିଆ ବଷ୍ଟି, କାଞ୍ଚନ, ମନ୍ଦାକିନୀ ଜେନା, ରବିନ୍ ଦାସ, ଅନିଶା ଶର୍ମା, ଜଗନ୍ନାଥ ସେଠୀ, ଗୌରବ ମହାନ୍ତି ପ୍ରମୁଖ। ଚିତ୍ରଟି ଆଗାମୀ ରଜ ଅବସରରେ ମୁକ୍ତିଲାଭ କରିବାର ଅଛି।

*ସୌଜନ୍ୟ: "ଚଳଚ୍ଚିତ୍ର ଜଗତ"*

ଖେଳ ଓ ଖେଳାଳୀ

# ଭାରତୀୟ ଫୁଟବଲର କାଲି, ଆଜି ଓ ଆସନ୍ତାକାଲି



୧୯୪୮ ର ଲଣ୍ଡନ ଅଲିଂପିକ ପରେ ପରେ ଭାରତୀୟ ଫୁଟବଲର ସୁନାମ ଚତୁର୍ଦ୍ଦିଗ ବ୍ୟାପିଯାଇଥିଲା। ଅଲିଂପିକ୍‌ରେ ପରାଜୟ ସତ୍ତ୍ୱେ ଏକ ଭିନ୍ନ ପରିସ୍ଥିତିରେ ଭାରତୀୟ ଦଳ ଯୋଗ୍ୟତା ଅର୍ଜନ କରି ବ୍ରାଜିଲ୍‌ରେ ଅନୁଷ୍ଠିତ ହେଉଥିବା ବିଶ୍ୱକପ୍‌ର ଚୂଡ଼ାନ୍ତ ପର୍ଯ୍ୟାୟକୁ ଉନ୍ନୀତ ହେବାର ସୁଯୋଗ ପାଇଥିଲା। କୁହାଯାଏ ଯେ ସେତେବେଳେ ଦୁର୍ବଳ ଆର୍ଥିକ ପରିସ୍ଥିତି ନିମନ୍ତେ ଦଳ ଏଇ ସୁଯୋଗ ପାଇଥିଲେ ମଧ୍ୟ ପ୍ରତିଯୋଗିତାରେ ଯୋଗ ଦେଇପାରିନଥିଲା। କିନ୍ତୁ ଏହା ସତ୍ୟ ନୁହେଁ କାରଣ ସେତେବେଳେ ପୃଷ୍ଠପୋଷକତା କରୁଥିବା ଅନେକ ବ୍ୟବସାୟିକ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷ ଦଳକୁ ଆର୍ଥିକ ସହାୟତା ଦେବାପାଇଁ ଆଗ୍ରହ ଦେଖାଇଥିଲେ। ଆଉ ଏକ କାରଣ କୁହାଯାଏ ଯେ ବିନା ବୁଟ୍‌ରେ ଖାଲି ପାଦରେ ଖେଳିବା ବିପଜ୍ଜନକ ବୋଲି ୧୯୪୮ ଅଲିଂପିକ୍ ସମୟରୁ ଫିଫା ଅନୁଭବ କରିବାରୁ ଖାଲିପାଦରେ ଖେଳୁଥିବା ଭାରତୀୟ ଦଳକୁ ବିଶ୍ୱକପ୍‌ରେ ଖେଳିବାକୁ ଅନୁମତି ମିଳିନଥିଲା। ଅଧିକନ୍ତୁ ବୁଟ୍ ପିନ୍ଧି ଖେଳିବାରେ ଅନଭ୍ୟସ୍ତ ଭାରତୀୟ ଖେଳାଳୀମାନେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଦୋ ଦୋ ପାଞ୍ଚ ମଧ୍ୟ ହୋଇଥିଲେ। ଯାହାବି କାରଣ ହେଉ ନା କାହିଁକି ବିଶ୍ୱକପ୍‌ରେ ଖେଳିବା ପାଇଁ ପାଇଥିବା ସୁଯୋଗ ହରାଇବା ପରେ ଆଜି ପର୍ଯ୍ୟନ୍ତ ମଧ୍ୟ ଆଉଥରେ ବିଶ୍ୱକପ୍‌ର ଯୋଗ୍ୟତା ପର୍ଯ୍ୟାୟରୁ ଭାରତ ଚୂଡ଼ାନ୍ତ ପର୍ଯ୍ୟାୟକୁ ଉନ୍ନୀତ ହୋଇନାହିଁ। ବ୍ରାଜିଲ ବିଶ୍ୱକପ୍‌ର ମାତ୍ର ଦୁଇସପ୍ତାହ ପୂର୍ବରୁ ଓହରିଯିବା ପାଇଁ ଫୁଟବଲ ସଂଗଠନର ନିଷ୍ପତ୍ତି କିନ୍ତୁ ସେତେବେଳେ ବିଶେଷ ସମାଲୋଚନାର ଶରବ୍ୟ ହୋଇନଥିଲା କାରଣ ବିଶ୍ୱକପ୍ ସେ ସମୟରେ ଏତେ ଗୁରୁତ୍ୱ ବହନ କରୁନଥିଲା ଯେଉଁଭଳି ଗୁରୁତ୍ୱ ଅଲିଂପିକ୍‌କୁ ମିଳୁଥିଲା। କିନ୍ତୁ ଏଇଭଳି ଏକ ପରିସ୍ଥିତି ମଧ୍ୟରେ ଭାରତୀୟ ଫୁଟବଲର ସୁବର୍ଣ୍ଣଯୁଗର ମୂଳଦୁଆ ପଡ଼ିଥିଲା।

ଏଇ ସୁବର୍ଣ୍ଣଯୁଗର ଶୁଭାରମ୍ଭ ହୋଇଥିଲା ୧୯୫୧ ରେ ଯେତେବେଳେ ଦିଲ୍ଲୀଠାରେ ଅନୁଷ୍ଠିତ ଏସିଆନ୍ ଗେମ୍‌ସ ରେ ଭାରତୀୟ ଫୁଟବଲ ଦଳ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲା। ଛଅଟି ଦଳକୁ ନେଇ ଅନୁଷ୍ଠିତ ଏଇ ପ୍ରତିଯୋଗିତାରେ ଇରାନକୁ ୧-୦ ଗୋଲ୍‌ରେ ହରାଇ ଭାରତୀୟ ଦଳ ପ୍ରଥମ ଏସୀୟ ଫୁଟବଲ ଚାମ୍ପିୟାନ ଦଳ ହେବାର କିର୍ତ୍ତୀ ଅର୍ଜନ କରିଥିଲେ। ଏହି ଦଳର ନେତୃତ୍ୱ ନେଇଥିଲେ ଶୈଲେନ୍ ମାନ୍ନା ଓ କୋଚିଂ ଦେଇଥିଲେ ସଇଦ ଅବଦୁଲ ରହିମ୍। ଏହି ଦଳରେ ରହିଥିଲେ ମେୱାଲାଲ, ଅହମ୍ମଦ ଖାନ୍, ଭେଙ୍କଟେଶ, ସନମୁଗମ୍, ଅବଦୁଲ ରଜାକ୍ ସୋରେହ, ଶେଖ୍ ଲତିଫ୍, ଚନ୍ଦନ ସିଂହ ରାୱତ, ନୁର ମହମ୍ମଦ, ବର୍ଲାଣ୍ଡ ଆଣ୍ଟୋନୀ, ଟି. ଏମ୍. ଉର୍ଗଜ, ନୁର ମହମ୍ମଦ, କେଞ୍ଚାପ୍ପା ବର୍ଦ୍ଦରାଜ, ସନ୍ତୋଷ ନନ୍ଦୀ, ଆଜିଜୁଦ୍ଦିନ, ସୁନୀଲ ଚଟାର୍ଜୀ, ଅଭୟ ଘୋଷ, ଡେଭିନ୍ ଜେନ୍‌ସ, ଲାଇକ୍, ଲୋପନାଥନ, ଅବଦୁସ ସତ୍ତାର, ରନୁ ଗୁହା ଠାକୁର, ବଚ୍ଚନ। ଏମାନଙ୍କ ମଧ୍ୟରେ ସର୍ବାଧିକ ବାରଜଣ ଥିଲେ ବେଙ୍ଗଲ ଖେଳାଳୀ, ୩ ଜଣ ଥିଲେ ହାଇଦ୍ରାବାଦ୍‌ରୁ ଏବଂ ଦୁଇଜଣ ଥିଲେ ମହୀଶୂରରୁ। ଉଲ୍ଲେଖ ଯୋଗ୍ୟ ଯେ ଏହି ଦଳରେ ସ୍ଥାନ ପାଉଥିବା "ବଚ୍ଚନ" ଥିଲେ ଓଡ଼ିଶାର ଖେଳାଳୀ। ସଇଦ୍ ଅବଦୁଲ ରହିମଙ୍କର କୋଚିଂରେ ଆରମ୍ଭ ହୋଇଥିବା ଏଇ ଫୁଟବଲ୍‌ର ସୁବର୍ଣ୍ଣଯୁଗ ପ୍ରାୟ ବାରବର୍ଷ କାଳ ଜାରି ରହିଥିଲା ଏବଂ ଏହି ଯୁଗର ପତନ ଆରମ୍ଭ ହୋଇଯାଇଥିଲା ରହିମଙ୍କର ମୃତ୍ୟୁ ପରେ। ଏହି ଏସୀୟ ଚାମ୍ପିୟାନସିପ୍‌ରେ ଖେଳିଥିବା ଅନ୍ୟ ଦଳଗୁଡ଼ିକ ଥିଲେ ଆଫଗାନିସ୍ତାନ, ବର୍ମା, ଇଣ୍ଡୋନେସିଆ, ଇରାନ୍ ଏବଂ ଜାପାନ। ଆଜି ଦିନରେ ଦେଖିବାକୁ ଗଲେ ବିଶ୍ୱ ଫୁଟବଲରେ ଏସୀୟ ଦେଶ ଭାବରେ ଇରାନ, ଜାପାନଙ୍କ ବ୍ୟତୀତ, ଚୀନ, ଦକ୍ଷିଣ କୋରିଆ, ବାହାରିନ୍, କୁଏଟ, କାତାର, ଇରାକ୍ ପ୍ରଭୃତି ଏସୀୟ ଦେଶମାନେ ଭାରତଠାରୁ ବହୁତ ଆଗେଇ ଯାଇଛନ୍ତି ଏବଂ ପ୍ରାୟତଃ ଏଇ ସମସ୍ତ ଦଳ ବିଭିନ୍ନ ବିଶ୍ୱକପ୍‌ରେ ଚୂଡ଼ାନ୍ତ ପର୍ଯ୍ୟାୟରେ ଖେଳିଛନ୍ତି।

ସୁବର୍ଣ୍ଣଯୁଗର ଦ୍ୱିତୀୟ ବର୍ଷ ଥିଲା ୧୯୫୨ ଯେତେବେଳେ ଏସିଆରେ ଖେଳାଯାଉଥିବା ଚତୁର୍ଦ୍ଦେଶୀୟ ପ୍ରତିଯୋଗିତାରେ ଭାରତ ବିଜୟର ଧାରା ଜାରି ରଖି ଚାମ୍ପିୟାନ ହୋଇଥିଲା। ଭାରତ, ପାକିସ୍ତାନ, ବର୍ମା ଓ ସିଂହଳ (ଆଜିର ଶ୍ରୀଲଙ୍କା)କୁ ନେଇ ଖେଳାଯାଇଥିବା ଏଇ ପ୍ରତିଯୋଗିତାରେ ଭାରତ ପାକିସ୍ତାନ ସହ ଫାଇନାଲ ମ୍ୟାଚ୍ ଅମୀମାଂସିତ ରଖି ଯୁଗ୍ମ ଚାମ୍ପିୟାନ ହୋଇଥିଲା। ସୁବର୍ଣ୍ଣଯୁଗରେ ବିଜୟର ଧାରା ଜାରି ରଖି ଭାରତ ପୁନରାୟ ସୁଯୋଗ ପାଇଥିଲା ୧୯୫୨ ଅଲିଂପିକ୍‌ରେ ଖେଳିବା ପାଇଁ। ୧୯୪୮ ଅଲିଂପିକ୍‌ରେ ଫ୍ରାନ୍ସ ବିରୁଦ୍ଧରେ ଚମତ୍କାର ପ୍ରଦର୍ଶନ କରିଥିବା ଭାରତୀୟ ଦଳଠାରୁ ବେଶ୍ କିଛି ଆଶା କରୁଥିଲେ ଫୁଟବଲ ପ୍ରେମୀ। ଶୈଳେନ୍ ମାନ୍ନାଙ୍କ ନେତୃତ୍ୱରେ ଖେଳିଥିବା ଭାରତୀୟ ଦଳ କିନ୍ତୁ ଯୁଗୋସ୍ଲାଭିଆ ଠାରୁ ପ୍ରଥମ ରାଉଣ୍ଡରେ ହିଁ ପରାଜିତ ହୋଇଯାଇଥିଲା ୧୦-୧ ଗୋଲ ବ୍ୟବଧାନରେ। ଯୁଗୋସ୍ଲାଭିଆର ବ୍ରାଙ୍କୋ ଜେବେକ୍ ୪ଟି ଗୋଲ୍ ସ୍କୋର କରିଥିଲା ବେଳେ ଭାରତୀୟ ଦଳ ପକ୍ଷରୁ ଅହମ୍ମଦ ଖାନ୍ ସ୍କୋର କରିଥିଲେ ମ୍ୟାଚ୍‌ର ଶେଷ ଗୋଲଟି। ଏଇ ପରାଜୟ କିନ୍ତୁ ସୁବର୍ଣ୍ଣଯୁଗକୁ ଆଗକୁ ନେଇଯିବାକୁ ଦେଇଥିଲା ପ୍ରେରଣା ଓ ଶକ୍ତି। ୧୯୫୬ ଅଲିଂପିକ ପୂର୍ବରୁ ଖେଳାଯାଇଥିବା ୧୯୫୬ ଏସିଆନ୍ ଗେମ୍‌ସରେ କିନ୍ତୁ ଭାରତୀୟ ଦଳ ବିଶେଷ ଭଲ ପ୍ରଦର୍ଶନ କରିନଥିଲା। କିନ୍ତୁ ଭାରତୀୟ ଦଳ ତା'ର ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଅପେକ୍ଷାରେ ଥିଲା ୧୯୫୬ ର ଅଲିଂପିକ୍ ପ୍ରତିଯୋଗିତକୁ।

କ୍ରମଶଃ...

ଜ୍ୟୋତିଷ ବିଚାର



# ମାସିକ ରାଶିଫଳ


## (ତା: ୧୫/୦୫/୨୦୨୫ ରୁ ତା: ୧୪/୦୬/୨୦୨୫)

ଜ୍ୟୋତିର୍ବିଦ- ବିଶ୍ୱନାଥ ନାୟକ



**ମେଷ:-** ମାସଟି ଗତାନୁଗତିକ ଭାବେ ଗଡ଼ି ଚାଲିଲେବି ପୂର୍ବ ତୁଳନାରେ ଅଧିକ ଉତ୍ସାହ ଓ କର୍ମ କରିବାର ଶକ୍ତି ଜାଗରିତ ହେବା କାରଣରୁ ନୂତନ ଉଦ୍ଦୀପନା ସହିତ କର୍ମକ୍ଷେତ୍ରରେ ଆଗେଇ ଲକ୍ଷ୍ୟ ସ୍ଥଳରେ ପହଞ୍ଚିଗଲେ ଅସୁବିଧା ହେବନାହିଁ। ସରକାରୀ କଳରୁ ସୁବିଧା ଓ ସାଧନ ଲାଭ କରି ପ୍ରଫୁଲ୍ଲିତ ହେବେ। ଶତ୍ରୁମାନଙ୍କ ଚକ୍ରାନ୍ତକୁ ଛିନ୍ନ ଭିନ୍ନ କରି ବାଟରେ ଆଗେଇବେ। ଉନ୍ନୟନ ମୂଳକ କାର୍ଯ୍ୟପନ୍ଥା ସାମାନ୍ୟ ଶିଥିଳ ହୋଇପାରେ। ସାମାଜିକ ସ୍ତରରେ ଆଦୃତିର ଅଭାବ ଘଟିବ ନାହିଁ। ବିବାଦୀୟ କ୍ଷେତ୍ରରେ ସମସ୍ତଙ୍କୁ ଚମକାଇ ଦେଇପାରନ୍ତି। ଆର୍ଥୀକ ଦିଗ ପୂର୍ବ ତୁଳନାରେ ସୁଧାର ହେବ। ବାଣିଜ୍ୟ ବେପାରରେ ଯଥା ସମ୍ଭବ ଚେଷ୍ଟା ଜାରିରଖି ସଫଳତାର ସ୍ୱାଦ ଚାଖିବେ। ଅନ୍ୟମାନଙ୍କ କାର୍ଯ୍ୟ କଳାପରେ ସନ୍ଦେହ ପୋଷଣ କରିପାରନ୍ତି। ଅଯଥା ଆଲୋଚନାରେ ମୂଲ୍ୟବାନ ସମୟ ବ୍ୟୟ ହେବ। ନିର୍ମାଣ କାର୍ଯ୍ୟରେ ଅଗ୍ରଣି ହେବେ। ଭ୍ରମଣରୁ ଶାନ୍ତି ମିଳିବ। ମୂଲ୍ୟବାନ ଦ୍ରବ୍ୟ କ୍ରୟ କରିବେ। ଗୁରୁଜନମାନଙ୍କ ସ୍ୱାସ୍ଥ୍ୟ ଚିନ୍ତିତ କରାଇବ। ବନ୍ଧୁମିଳନର ଯୋଗ ଅଛି। ଥଣ୍ଡାଦୋଷ ଓ ପିତ୍ତଦୋଷରେ ଆକ୍ରାନ୍ତ ହେବେ। ପରିବାରରେ ମନୋମାଳିନ୍ୟ ଘଟିବାର ଆଶଙ୍କା ନାହିଁ। ମହିଳାମାନଙ୍କ ପରିବାର ପ୍ରତି ମୁଖ୍ୟ ଭୂମିକା ନିର୍ବାହ କରିବେ। ଅଳଙ୍କାର ପ୍ରତି ରୁଚି ବଢ଼ିବ। ବିଦ୍ୟାର୍ଥୀମାନେ ଉତ୍ତମ ଫଳଭୋକ୍ତା ହେବେ।

ଅଶୁଭ ଦିବସ:- ୧୬, ୧୭, ୨୭, ୨୮, ୩୧, ୧, ୧୨, ୧୩, ୧୪ ଅଷ୍ଟମଚନ୍ଦ୍ର:- ୧୫, ୧୬, ୧୧ ଘାତଚନ୍ଦ୍ର:- ୨୫, ୨୬ ବାକିଦିନ ଶୁଭ।



**ବୃଷ:-** ଆପଣଙ୍କ ନିମିତ୍ତ ମାସଟି ଶୁଭଫଳ ଦ୍ୟୋତକ ହେବ। ବହୁ ବନ୍ଧନ ଓ ସମସ୍ୟାର ସମାଧାନ ଯୋଗେ ଆଶ୍ୱସ୍ତ ହେବେ। ଦୀର୍ଘ ଭବିଷ୍ୟତର ସୁଦୃଢ଼ ଯୋଜନା ପ୍ରସ୍ତୁତିରେ ଆଗେଇବାର ସୁଯୋଗ ଉପସ୍ଥିତ ହେବ। କର୍ମପଥର ଗତି ଯଥା ସମ୍ଭବ ଓ ସରଳ ହେବ। କର୍ମ ସଂପାଦନରେ ଅଗ୍ରଣୀ ଭୂମିକା ନିର୍ବାହ କରି ଆତ୍ମ ସନ୍ତୋଷ ପ୍ରାପ୍ତ ହେବେ। ମୂଲ୍ୟବାନ ଦ୍ରବ୍ୟ ପ୍ରାପ୍ତିର ଯୋଗ ଅଛି। ପୁରୁଣା କାମର ପୂର୍ଣ୍ଣତା ପ୍ରଦାନ କରିବେ। ସାମାଜିକ ସ୍ତରରେ ଉଚ୍ଚମାନ୍ୟତା ପ୍ରାପ୍ତହେବେ। ଧନର ଅଭାବ ପରିଲକ୍ଷିତ ହେବନାହିଁ। ବେପାର ବାଣିଜ୍ୟରେ ଉତ୍ସାହିତ ହେବେ। ଉପାର୍ଜ୍ଜନ ତୁଳନାରେ ଖର୍ଚ୍ଚର ମାତ୍ରା ବୃଦ୍ଧି ଘଟିବ। ଭ୍ରମଣରୁ ଆନନ୍ଦ ପାଇବେ। ବନ୍ଧୁମିଳନ ଓ ଉତ୍ସାବାଦି କର୍ମରେ ଯୋଗଦାନ କରିବାର ଅଛି। ଆପଣାରମାନେ ଭୁଲ ବୁଝିପାରନ୍ତି। ଗୁରୁଜନ ଓ ଆତ୍ମୀୟ ମାନଙ୍କ ସ୍ୱାସ୍ଥ୍ୟ ବିଷାଦିତ କରିବ। ଅତ୍ୟଧିକ ଭାବୁକ ହେବା ଯୋଗେ ପେଟ ଓ ମୁଣ୍ଡଦୋଷ ଦେଖାଦେଇପାରେ। ବିବାଦୀୟ କ୍ଷେତ୍ରରୁ ଫାଇଦା ଉଠାଇବେ। ପାରିବାରିକ ଜୀବନରେ ଶାନ୍ତି ପାଇବେ। ମହିଳାମାନେ ଧର୍ମ କାର୍ଯ୍ୟରେ ମତ ବଳାଇବେ। ସମସ୍ତଙ୍କ ମେଳରେ ରହି ତଥା ଅନ୍ୟମାନଙ୍କ ନିମନ୍ତେ ଦାୟିତ୍ୱ ବହନ କରି ଶାନ୍ତି ପାଇବେ। ଅର୍ଥଲୋଭ ଦେଖାଦେବ। ବିଦ୍ୟାର୍ଥୀମାନେ ସମୟର ସୁବିନିଯୋଗ କରିବେ।

ଅଶୁଭ ଦିବସ:- ୧୮, ୧୯, ୨୦, ୨, ୩, ୪ ଅଷ୍ଟମଚନ୍ଦ୍ର:- ୧୬, ୧୭, ୧୨, ୧୩, ୧୪ ଘାତଚନ୍ଦ୍ର:- ୫, ୬ ବାକିଦିନ ଶୁଭ।



**ମିଥୁନ:-** ପୂର୍ବ ତୁଳନାରେ ଚଳିତ ମାସଟି ଆପଣଙ୍କ ପକ୍ଷେ ଶୁଭାଧିକ୍ୟ ହେବ। ମାସର ଶେଷ ଭାଗରେ ଶୁଭର ପରିମାଣ ଅଧିକ ଅନୁଭୂତ ହେବା କାରଣରୁ ଉତ୍‌ଫୁଲ୍ଲିତ ହେବେ। କଠିନ ସମସ୍ୟାର ସମାଧାନ କରି କର୍ତ୍ତବ୍ୟ ପଥରେ ଆଗୁସାର ହେବାର ସୂଚନା ମିଳୁଛି। ସରକାରୀ କଳରୁ ପ୍ରୋତ୍ସାହନ ପାଇ ଉତ୍ସାହିତ ହୋଇପାରନ୍ତି। ବନ୍ଧୁବାନ୍ଧବ ଓ ଆତ୍ମୀୟମାନଙ୍କ ପୂର୍ଣ୍ଣ ସହଯୋଗ ଉଦ୍‌ବୁଦ୍ଧ କରିବ। ଠକାମି ଓ ପ୍ରତାରଣା ପ୍ରତି ସଜାଗ ହେବା ଆବଶ୍ୟକ। ବିବାଦୀୟ କ୍ଷେତ୍ରରେ କ୍ଷତିର ଆଶଙ୍କା ନାହିଁ। ସାମାଜିକ ସ୍ତରରେ ଲୋକାଦୃତିରେ ଭଟ୍ଟା ପଡ଼ିବାର ନାହିଁ। ଆର୍ଥୀକ ଦିଗ ଠିକ୍‌ଠାକ୍ ରହିବ। ବେପାର ବାଣିଜ୍ୟରେ ନୂତନ ଅଧ୍ୟାୟ ସୃଷ୍ଟି କରିବେ। ସାମାଜିକ ତଥା ଆନୁଷ୍ଠାନିକ କ୍ଷେତ୍ରରେ କର୍ମ କୁଶଳତା ପରିଲକ୍ଷିତ ହେବ। ଉତ୍ସବାଦି ମାଙ୍ଗଳିକ କାର୍ଯ୍ୟରେ ସକ୍ରୀୟ ଅଂଶଗ୍ରହଣ କରିବାର ଅଛି। ନିର୍ମାଣ କାର୍ଯ୍ୟରେ ବ୍ରତୀ ହେବେ। କର୍ମଯୋଗାଡ଼ର ମଉକା ମିଳିବ। ପ୍ରତିଯୋଗିତା କ୍ଷେତ୍ରରେ


ଅଗ୍ରଣୀ ରହିବେ। ଦେବ କାର୍ଯ୍ୟରେ ଶ୍ରଦ୍ଧା ବଳିବ। ବାୟୁ ଓ ପିତ୍ତ ରୋଗର ଯନ୍ତ୍ରଣା ଭୋଗ କରିବେ। ପାରିବାରିକ ଜୀବନ ଦୂଷିତ ହେବନାହିଁ। ମହିଳାମାନେ ଇଚ୍ଛା ପୂର୍ତ୍ତି କରିବେ। ଆତ୍ମ ସମ୍ମାନ ବୃଦ୍ଧି ପାଇବ। ନେତୃତ୍ୱରେ ସଫଳତା ପ୍ରାପ୍ତ ହେବେ। ବିଦ୍ୟାର୍ଥୀମାନେ କର୍ତ୍ତବ୍ୟରେ ପଛେଇଯିବେ ନାହିଁ।

ଅଶୁଭ ଦିବସ:- ୫, ୬ ଅଷ୍ଟମଚନ୍ଦ୍ର:- ୧୮, ୧୯, ୨୦ ଘାତଚନ୍ଦ୍ର:- ୨୧, ୨୨ ବାକିଦିନ ଶୁଭ।



**କର୍କଟ:-** ସୁଖ ଦୁଃଖକୁ ଆପଣାର କରି କର୍ମପଥରେ ଧିରେ ସୁସ୍ଥେ ଆଗେଇବେ। ନିଷ୍ପାପର କର୍ତ୍ତବ୍ୟ, ଈଶ୍ୱରଙ୍କ ପ୍ରତି ସମର୍ପଣ ଭାବନା ଯୋଗେ କର୍ମପଥ ଅଟକିବ ନାହିଁ। ଆପଣା ଚେଷ୍ଟା ଓ ବୁଦ୍ଧିଦ୍ୱାରା କର୍ମ ନିର୍ବାହ କରିଚାଲିବେ। ଦୈବୀ କୃପା ଯୋଗେ ଅନେକ ନକାରାତ୍ମକ ପରିବେଶ ଅଚିରେ ଉଭେଇଯିବ। ଉପରିସ୍ଥ ମାନଙ୍କଠାରୁ ତତ୍ପରତା ପ୍ରାପ୍ତ ହୋଇ ମନରେ ସାହାସ ଓ ଉତ୍ସାହମୁକ୍ତ ହେବେ। ଶତୃମାନେ ହଇରାଣ ହରକତ କରିବାକୁ ଚେଷ୍ଟା କଲେବି ସେମାନେ ସଫଳକାମ ହେବେ ନାହିଁ। ବିବାଦୀୟ କ୍ଷେତ୍ରରେ ନିଜପକ୍ଷ ସବଳ ରହିବ। ସାମାଜିକ ସ୍ତରରୁ ପ୍ରଶଂସା ମିଳିପାରେ। ଅର୍ଥ କାରବାରରୁ ଫାଇଦା ପାଇପାରନ୍ତି। ବେପାର ବାଣିଜ୍ୟର ଧାରା ପୂର୍ବ ତୁଳନାରେ ପ୍ରସାରିତ ହେବ। ମାସର ଦ୍ୱିତୀୟାର୍ଦ୍ଧରେ ପରିବର୍ତ୍ତନର ସ୍ୱରୂପ ପ୍ରକାଶିତ ହୋଇପାରେ। ସ୍ତ୍ରୀ ଲୋକଙ୍କ ସହାୟତାରୁ ସଫଳତା ମିଳିବ। କର୍ମଯୋଗାଡ଼ର ପଥ ପରିଷ୍କାର ହେବ। ଭବିଷ୍ୟତର ଯୋଜନାରେ ନିଜକୁ ସାମିଲ କରିବେ। ଥଣ୍ଡା କାଶ ଓ ପେଟରୋଗ ଦେଖାଦେବ। ପାରିବାରିକ ଅଶାନ୍ତି ଘଟିବାର ନାହିଁ। ମହିଳାମାନେ ଦୂରଦୃଷ୍ଟି ସଂପନ୍ନ ହୋଇ କାର୍ଯ୍ୟପନ୍ଥା ହାତେଇବେ। ବ୍ୟକ୍ତିତ୍ୱ ବୃଦ୍ଧି ପାଇବ। ଧନ ସଞ୍ଚୟ କରିପାରନ୍ତି। ବିଦ୍ୟାର୍ଥୀମାନେ କର୍ମ ସଫଳତା ପ୍ରାପ୍ତ ହେବେ।

ଅଶୁଭ ଦିବସ:- ୧୫, ୨୩, ୨୪, ୨୯, ୩୦, ୭, ୮, ୯ ଅଷ୍ଟମଚନ୍ଦ୍ର:- ୨୧, ୨୨ ଘାତଚନ୍ଦ୍ର:- ୨, ୩, ୪ ବାକିଦିନ ଶୁଭ।



**ସିଂହ:-** ଶୁଭାଶୁଭ ମିଶ୍ରିତ ଫଳ ଭୋଗ ମାଧ୍ୟମରେ ମାସଟି ଅତିବାହିତ କରିବେ। ପ୍ରଥମାର୍ଦ୍ଧ ଅପେକ୍ଷା ଦ୍ୱିତୀୟାର୍ଦ୍ଧରେ ଶୁଭଫଳ ଆଖିଦୃଶିଆ ହେବ। କର୍ମକ୍ଷେତ୍ରରେ ନିଜକୁ ସୁସଂଯତ କରି ଆଗେଇବେ। ସରକାରୀ କଳ ତଥା ଉପରିସ୍ଥମାନଙ୍କ ସ୍ନେହ ଭାଜନ ହେବା ଯୋଗେ ଉତ୍ସାହର ସହିତ କର୍ମରେ ନିଜକୁ ନିୟୋଜିତ କରିବେ। ଚଉଆଖିଆ ଯୋଗେ କର୍ମ ସାଧନ ସହଜହେବ। ଅଦମ୍ୟ ଉଦ୍ୟମ ଓ ଦୈବୀକୃପା ଯୋଗେ ଜଟିଳ ସମସ୍ୟା ସରଳରେ ପରିଣତ କରିପାରିବେ। ବିବାଦୀୟ କ୍ଷେତ୍ରରେ ଅର୍ଥ ଓ କୌଶଳ ପ୍ରୟୋଗ ଦ୍ୱାରା ନିଜପକ୍ଷ ସୁଦୃଢ଼ ରହିବ। ସାମାଜିକ ସ୍ତରରେ ବ୍ୟକ୍ତିତ୍ୱର ପରିପ୍ରକାଶ ଘଟିବ। ବେପାର ବାଣିଜ୍ୟରେ ମୂଳଧନ ଖଟାଇ ଲାଭର ପରିମାଣ ବୃଦ୍ଧି ଘଟାଇବେ। ଆପଣାରମାନେ ଈର୍ଷାଳୁ ହୋଇପାରନ୍ତି। ବନ୍ଧୁ ବାନ୍ଧବରେ ପ୍ରଶଂସିତ ହେବାର ଯୋଗ ଅଛି। ପରୋପକାର ତଥା ଦେବକାର୍ଯ୍ୟରେ ସମୟ ବିନିଯୋଗ କରିବେ। ପରିବାରରେ ଅନ୍ୟମାନଙ୍କ ସ୍ୱାସ୍ଥ୍ୟ ନିମିତ୍ତ ଚିନ୍ତିତ ହୋଇପାରନ୍ତି। ଖଟଣୀ ବଢ଼ିବ। ମାଙ୍ଗଳିକ କାର୍ଯ୍ୟରେ ଅର୍ଥ ବ୍ୟୟିତ ହେବ। ଦେବ ଦର୍ଶନର ଯୋଗ ଅଛି। ମୋଟା ଅଙ୍କର ଅର୍ଥ ହାତକୁ ଆସିବ। ରକ୍ତଶର୍କରା ଓ ପିତ୍ତ ଦୋଷ ଦେଖାଦେବ। ପାରିବାରିକ ସ୍ତରରେ ବୁଝାମଣାର ଆବଶ୍ୟକତା ଅଛି। ମହିଳାମାନେ ବ୍ୟସ୍ତ ବିବ୍ରତ ମଧ୍ୟରେ କର୍ତ୍ତବ୍ୟ ନିଭାଇବେ। ବିଦ୍ୟାର୍ଥୀମାନେ ଯଥାସମ୍ଭବ ଆଗେଇବେ।

ଅଶୁଭ ଦିବସ:- ୧୬, ୧୭, ୨୫, ୨୬, ୩୧, ୧, ୧୦, ୧୧, ୧୨, ୧୩, ୧୪ ଅଷ୍ଟମଚନ୍ଦ୍ର:- ୨୩, ୨୪ ଘାତଚନ୍ଦ୍ର:- ୧୮, ୧୯, ୨୦ ବାକିଦିନ ଶୁଭ।



**କନ୍ୟା:-** ମାସଟି ମିଶ୍ରଫଳ ଦାୟକ ହେଲେବି ଅଶୁଭ ଅପେକ୍ଷା ଶୁଭତ୍ୱର ପରିମାଣ ଅଧିକ ହେବ। କାମ୍ୟକର୍ମରେ ଶିଥିଳତା ଦେଖାଦେବାର ନାହିଁ। ଚେଷ୍ଟା ଚରିତ୍ରକୁ ଆଧାରକରି କର୍ମକ୍ଷେତ୍ରରେ ଆଖିଦୃଶିଆ ଅଗ୍ରଗତି କରିବେ। ଗଠନମୂଳକ କାର୍ଯ୍ୟରେ ଉତ୍ତମ ମନୋନିବେଶ କରି ଆତ୍ମସନ୍ତୋଷ ପ୍ରାପ୍ତ ହେବେ। ସରକାରୀ କଳରୁ ଆବଶ୍ୟକୀୟ ସାହାଯ୍ୟ ସହଯୋଗ ମିଳିବାରେ ପ୍ରତିବନ୍ଧକ ହେବନାହିଁ। ଯାନବାହାନରେ ସତର୍କତା ଅବଲମ୍ବନ କରିବାର ଆବଶ୍ୟକତା ଅଛି। ବିବାଦୀୟ କ୍ଷେତ୍ରରେ ନ୍ୟାୟାଳୟରୁ ସୁବିଚାର ମିଳିବ। ସାମାଜିକ ସ୍ତରରେ ମୂଲ୍ୟବୋଧ ବୃଦ୍ଧି ପାଇବ। ବନ୍ଧୁବାନ୍ଧବମାନେ ବେଳେବେଳେ ଅସହିଷ୍ଣୁ ହେବେ। ଶ୍ରେୟ ସାଧନରେ ଚେଷ୍ଟା ଅସଫଳ ହେବନାହିଁ। ଆର୍ଥୀକ ଦିଗରୁ ଚିନ୍ତିତ ହେବାଭଳି ପରିବେଶ ସୃଷ୍ଟି ହେବନାହିଁ। ବେଳେବେଳେ ମନର କଥା ମନରେ ମାରିବାକୁ ପଡ଼ିବ। ନିଜ ବୁଦ୍ଧିରେ ପରିଚାଳିତ ହେବେ। ପରିଶ୍ରମ ଅଧିକ ହେଲେବି ଫଳପ୍ରାପ୍ତିରେ ବାଧା ନାହିଁ। ସ୍ୱାସ୍ଥ୍ୟ ସଂକ୍ରାନ୍ତରେ ସ୍ନାୟବିକ ଦୁର୍ବଳତା ଦେଖାଦେବ। ପାରିବାରିକ ସ୍ଥିତି ସଠିକ ରହିବ। ମହିଳାମାନେ ଭବିଷ୍ୟତକୁ ପ୍ରାଧାନ୍ୟ ଦେଇ କର୍ମପନ୍ଥା ନିର୍ଦ୍ଧାରଣ କରିବେ। ଛୁଆପିଲାଙ୍କ ଜନିତ ଚିନ୍ତା ଦେଖାଦେବ। ବନ୍ଧୁମେଳରୁ ସାହାଯ୍ୟ ପାଇ କାର୍ଯ୍ୟ ହାସଲ କରିବେ। ବିଦ୍ୟାର୍ଥୀମାନେ ମନରେ ଦ୍ୱନ୍ଦ୍ୱ ଅନୁଭବ କରିବେ।

ଅଶୁଭ ଦିବସ:- ୧୮, ୧୯, ୨୦, ୨୭, ୨୮, ୨, ୩, ୪ ଅଷ୍ଟମଚନ୍ଦ୍ର:- ୨୫, ୨୬ ଘାତଚନ୍ଦ୍ର:- ୨୯, ୩୦ ବାକିଦିନ ଶୁଭ।



**ତୁଳା:-** ଆପଣଙ୍କ ନିମିତ୍ତ ମାସଟି ମଧ୍ୟମ ଶୁଭଦାୟକ ହେବ। ଜଗିରଖି ଚଳିଲେ ଅଶାନ୍ତି ଓ ଦୁଶ୍ଚିନ୍ତାର କବଳିତ ହେବେନାହିଁ। ବିବାଦୀୟ ଓ ନକାରାତ୍ମକ ପରିସ୍ଥିତି ସହିତ ଲଢ଼େଇକରି ଚାଲିବା ଦ୍ୱାରା କର୍ମର ଗତି ସାମାନ୍ୟ ବିଳମ୍ବିତ ହୋଇପାରେ। ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟଦ୍ୱାରା ପରିଚାଳିତ ନହୋଇ ନିଜର ନିଜତ୍ୱ ବଜାୟ ରଖିବେ। କୌଣସି କ୍ଷେତ୍ରରେ ଅପମାନିତ ହେବାର ନାହିଁ। ଶତୃମାନଙ୍କ ଚକ୍ରାନ୍ତ ଫଳବତୀ ହେବନାହିଁ। ଉପରିସ୍ଥ ମାନଙ୍କଠାରୁ ପ୍ରଶଂସା ପ୍ରାପ୍ତ ହୋଇ ଉତ୍ସାହିତ ହେବେ। ବଚନ କୁଶଳତା ଓ କାର୍ଯ୍ୟ ପ୍ରବଣତା ଯୋଗେ କାର୍ଯ୍ୟ ସାଧନ ସହଜ ସରଳ ହେବ। ପୁରୁଣା କାର୍ଯ୍ୟକୁ ପୂର୍ଣ୍ଣତା ଦେବା ସଙ୍ଗେ ସଙ୍ଗେ ନୂତନ କାର୍ଯ୍ୟରେ ମନୋନିବେଶ କରିବେ। ବିବାଦୀୟ କ୍ଷେତ୍ରରେ ଅଟକିଯିବାର ନାହିଁ। ସାମାଜିକ ସ୍ତରରେ ଲୋକମାନ୍ୟତା ହାସଲ କରିବେ। ବେପାର ବାଣିଜ୍ୟର ଧାରା ସଂକୀର୍ଣ୍ଣ ହେବାର ନାହିଁ। ମୋଟା ଅଙ୍କର ଅର୍ଥପ୍ରାପ୍ତି ଅସଫଳ ହେବନାହିଁ। ମୂଲ୍ୟବାନ


ଦ୍ରବ୍ୟ କ୍ରୟ ସହିତ ନିର୍ମାଣ କାର୍ଯ୍ୟରେ ଆଗୁଆ ହେବେ। ମାଙ୍ଗଳିକ କାର୍ଯ୍ୟରେ ସଂପୃକ୍ତି ଘଟିବ। ବେଳେବେଳେ ମନରେ ଅବଶ୍ୟ ଭୟ ବସା ବାନ୍ଧିବ। ଦୈବୀକୃପା ଯୋଗେ ସମସ୍ୟାମୁକ୍ତ ହେବେ। ବାଉପିତ୍ତ ଦୋଷ ସାଙ୍ଗକୁ ମୁଣ୍ଡ ଭ୍ରମ ଦେଖାଦେବ। ପାରିବାରିକ ଜୀବନ ସରଳୀକୃତ ହେବ। ମହିଳାମାନେ ଯୋଜନାବଦ୍ଧ ଭାବେ କାର୍ଯ୍ୟ କରି ପ୍ରଶଂସାର ଅଧିକାର ପ୍ରାପ୍ତହେବେ। କ୍ରୋଧ ତ୍ୟାଗ କଲେ ଶାନ୍ତି ପାଇବେ ଓ ଶାନ୍ତି ବାଣ୍ଟିବେ। ବିଦ୍ୟାର୍ଥୀମାନେ ଆତ୍ମ ସନ୍ତୋଷ ଲାଭ କରିବେ।

ଅଶୁଭ ଦିବସ:- ୧୫, ୨୧, ୨୨, ୫, ୬ ଅଷ୍ଟମଚନ୍ଦ୍ର:- ୨୭, ୨୮ ଘାତଚନ୍ଦ୍ର:- ୧୬, ୧୭, ୧୨, ୧୩, ୧୪ ବାକିଦିନ ଶୁଭ।



**ବିଛା:-** ମାସଟିରେ ଶୁଭାଶୁଭ ମିଶ୍ରିତଫଳ ପ୍ରାପ୍ତ ହେଲେବି ପୂର୍ବ ତୁଳନାରେ ମାତ୍ରା ଅଧିକ ରହିବ। କାର୍ଯ୍ୟରେ ଅଗ୍ରଗତି ତଥା ଉପରିସ୍ଥ ମାନଙ୍କଠାରୁ ଶ୍ରେୟ ପାଇବା ଫଳରେ ମନରେ ଆଗ୍ରହ ଓ ସନ୍ତୋଷ ପରିଲକ୍ଷିତ ହେବ। କର୍ମକ୍ଷେତ୍ରରେ ନିରଳସ ଭାବ ଗ୍ରହଣ କରି ଆଗୁଆ ରହିବେ। କର୍ମ କରିବାର ଶୈଳୀ ମଧ ପରିବର୍ତ୍ତନ ହେବ। ଅଜଣା ଅଥବା ଦୂରାଗତ ବ୍ୟକ୍ତି କର୍ମରେ ସାହାଯ୍ୟ ସହଯୋଗ କରିପାରନ୍ତି। ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ବିଳମ୍ବ ଅଥବା କଷ୍ଟସାଧ ହେବନାହିଁ। ବିବାଦୀୟ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଖଟାଇ ନିଜପକ୍ଷ ଦୃଢ଼ କରିବେ। ଆପଣାର ମାନେ ଦୂରେଇଯାଇପାରନ୍ତି। ସାମାଜିକ କ୍ଷେତ୍ରରେ ସମ୍ମାନ ବଢ଼ତି ଘଟିବ। ବେପାର ବାଣିଜ୍ୟରେ ନୂତନ କୌଶଳ ପ୍ରୟୋଗ କରି ଲାଭବାନ ହେବେ। ଆର୍ଥୀକ ଚିନ୍ତା ଘାରିବ ନାହିଁ। ଯାନ ଅଥବା ଯାନ୍ତ୍ରିକ ବସ୍ତୁ କ୍ରୟ କରିବେ। ନୂତନ ବନ୍ଧୁ ସ୍ଥାପନରେ ଆଗଭର ହେବେ। ଖାଦ୍ୟ ଓ ପୋଷାକ ରୁଚି ବୃଦ୍ଧି ପାଇବ। ଭ୍ରମଣ ଯୋଗେ ସନ୍ତୋଷ ଅନୁଭବ କରିବେ। ବହୁ ଦିନର ଅବଶୋଷ ମେଣ୍ଟାଇବେ। ପୁରାତନ ରୋଗକୁ ବାଦ୍‌ଦେଲେ ନୂତନ ରୋଗର ଶିକାର ହେବେନାହିଁ। ପାରିବାରିକ ସ୍ଥିତି ଚଳନୀୟ ହେବ। ମହିଳାମାନେ ଚଉଆଖିଆ ହୋଇ ନିଜର ତଥା ପରିବାରର ଉନ୍ନତିରେ ଯଥା ସମ୍ଭବ ଉଦ୍ୟମଶୀଳ ହେବେ। ବିଦ୍ୟାର୍ଥୀମାନେ ଶିକ୍ଷାରେ ପରାକାଷ୍ଠା ପ୍ରଦର୍ଶାଇବେ।

ଅଶୁଭ ଦିବସ:- ୧୬, ୧୭, ୨୩, ୨୪, ୭, ୮, ୯, ୧୨, ୧୩, ୧୪ ଅଷ୍ଟମଚନ୍ଦ୍ର:- ୨୯, ୩୦ ଘାତଚନ୍ଦ୍ର:- ୨୭, ୨୮ ବାକିଦିନ ଶୁଭ।



**ଧନୁ:-** ଗତାନୁଗତିକ ଭାବେ କାର୍ଯ୍ୟଧାରା ଚାଲୁରହିଲେବି ମାସର ଦ୍ୱିତୀୟାର୍ଦ୍ଧରେ ପରିବର୍ତ୍ତନ ଘଟି ଅନେକ ଗୁଡ଼ିଏ କାର୍ଯ୍ୟ ସାଧନ ହେବାର ସମ୍ଭାବନା ଅଧିକ। ଆଭା, ପ୍ରଭା ଓ ପ୍ରତିଭା ବିକଶିତ ହେବାର ମଉକା ମିଳିବ। ଅନୁକୂଳ ବାତାବରଣ ଉଦ୍ରେକ ହେବା ଯୋଗେ ଆଶ୍ୱସ୍ତି ଓ ଆତ୍ମତୃପ୍ତି ପ୍ରାପ୍ତ ହେବ। କର୍ମର ଗତି ଅଟକିବାର ନାହିଁ। ବାଧା, ପ୍ରତିରୋଧ ଓ ଶତ୍ରୁ ଜନିତ ଅବରୋଧକୁ ଏଡ଼ାଇ ଆଗକୁ ମାଡ଼ିଚାଲିବାର ସାମର୍ଥ୍ୟ ଉପଗତ ହେବ। ଧୈର୍ଯ୍ୟ ଓ ଦୈବୀକୃପା ଯୋଗେ ଇଷ୍ଟପ୍ରାପ୍ତି ସହଜ ହେବ। ବିବାଦୀୟ କ୍ଷେତ୍ରରେ ବିଜୟର ଆଶା ସର୍ବାଧିକ। ସାମାଜିକ ସ୍ତରରେ ପ୍ରତିମୂର୍ତ୍ତିରେ ମଳିନତା ପଡ଼ିବାର ନାହିଁ। ଆର୍ଥୀକ ଦିଗରୁ ନିରାପଦ। ବେପାର ବାଣିଜ୍ୟରେ ମନ ଊଣା ହେବାର ନାହିଁ। ମାଙ୍ଗଳିକ କାର୍ଯ୍ୟରେ ଯୋଗଦାନ କରିବେ। ବହୁ ଦିନର ଅଭିଳାଷ ପୂରଣ ହେବ। ପରିବାରରୁ ବହୁ ସମୟ ପୃଥକ୍ ରହିପାରନ୍ତି। ମନର ସ୍ଥିତିକୁ ଆୟତ୍ତ କରିବାକୁ ପଡ଼ିବ। ରକ୍ତଚାପ, ରକ୍ତ ଶର୍କରା ଓ ଆଳସ୍ୟବୋଧ ଦେଖାଦେଇପାରେ। ପାରିବାରିକ ଜୀବନରେ ଆଶ୍ୱସ୍ତି ମିଳିବ। ମହିଳାମାନେ ପ୍ରକୃତିର ବଶବର୍ତ୍ତୀ ହୋଇ ଏଣୁତେଣୁ ଚିନ୍ତା ପୋଷଣ କରିବେ। ଅଧିକ ସୁଖ ଓ ଭୋଗ ଇଚ୍ଛା ବଳବତ୍ତର ହେବ। ବିଦ୍ୟାର୍ଥୀମାନେ କର୍ତ୍ତବ୍ୟକୁ ପ୍ରାଧାନ୍ୟତା ଦେଇ ପଢିଆରାକୁ ବଜାୟ ରଖିବେ।

ଅଶୁଭ ଦିବସ:- ୧୮, ୧୯, ୨୦, ୨୫, ୨୬, ୧୦, ୧୧ ଅଷ୍ଟମଚନ୍ଦ୍ର:- ୩୧, ୧ ଘାତଚନ୍ଦ୍ର:- ୨୩, ୨୪ ବାକିଦିନ ଶୁଭ।



**ମକର:-** ଆପଣଙ୍କ ନିମିତ୍ତ ମାସଟି ପୂର୍ବ ତୁଳନାରେ ଶାନ୍ତି ଓ ଆରାମପ୍ରଦ ହେବ। ସମସ୍ୟାମାନ କ୍ରମଶଃ ଅପସରି ଯିବା କାରଣରୁ ଆଶ୍ୱସ୍ତ ହେବେ। ନୂତନ ପରିକଳ୍ପନାକୁ ସାକାର କରିବା ନିମିତ୍ତ ଚେଷ୍ଟିତ ହେବେ। କର୍ମ ବିମୁଖତା ଲୋପ ପାଇ ନୂତନ ପ୍ରେରଣାରେ ଉଦ୍‌ବୁଦ୍ଧ ହେବେ। ବିବଦମାନ ସ୍ଥିତି ପଛରେ ଦୌଡ଼ିବା ଯୋଗେ ନୂତନ କର୍ମ ସାଧନରେ ସାମାନ୍ୟ ଶିଥିଳତା ପ୍ରକାଶ ପାଇବ। ଉତ୍ତମ ପରାମର୍ଶଦାତା ଓ ଗୁରୁଜନମାନଙ୍କ ଆଶୀର୍ବାଦରୁ କାର୍ଯ୍ୟ ସାଧନରେ ବିଶୃଙ୍ଖଳା ଜାତହେବ ନାହିଁ। ଭୋଗ ବିଳାସର ସାଧନ ହାତପାଆନ୍ତାରେ ଉପଲବ୍ଧ ହେବ। ସୌଖୀନ ବସ୍ତୁ କ୍ରୟ କରିବେ। ସାମାଜିକ ସ୍ତରରେ ବ୍ୟକ୍ତିତ୍ୱରେ ମଇଳା ଲାଗିବାର ନାହିଁ। ବେପାର ବାଣିଜ୍ୟରେ ମୋଡ଼ ପରିବର୍ତ୍ତନ କରିପାରନ୍ତି। ଆର୍ଥୀକ ଦିଗରୁ ଲାଭବାନ ହେବେ। ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ଉପକୃତ ହୋଇପାରନ୍ତି। ଭ୍ରମଣରୁ ଶାନ୍ତି ପାଇବେ। ଉତ୍ସବାଦି କର୍ମରେ ଯୋଗଦାନ। ଖାଦ୍ୟ ଓ ପୋଷାକ ରୁଚି ବଢ଼ିବ। ଆନୁଷ୍ଠାନିକ କର୍ମରେ ନିପୁଣତା ଦେଖାଇବେ। ଚକ୍ଷୁ ଓ ଦାନ୍ତରେ ପୀଡ଼ା ସାଙ୍ଗକୁ ରକ୍ତଚାପ ଦେଖାଦେବ। ପାରିବାରିକ ଜୀବନ ଦୂଷିତ ହେବନାହିଁ। ମହିଳାମାନେ ନେତୃତ୍ୱ ବହନ କରିବେ। ଈଶ୍ୱରଙ୍କ ଆଡ଼କୁ ମନ ବଳିବ। ପରିବାର ପ୍ରତି ଅନୁରକ୍ତ ହେବେ। ସନ୍ତାନମାନଙ୍କ ନିମିତ୍ତ ଚିନ୍ତା ବଢ଼ିବ। ବିଦ୍ୟାର୍ଥୀମାନେ ପରିଶ୍ରମର ଫଳ ପାଇବେ।

ଅଶୁଭ ଦିବସ:- ୨୧, ୨୨, ୨୭, ୨୮ ଅଷ୍ଟମଚନ୍ଦ୍ର:- ୨, ୩, ୪ ଘାତଚନ୍ଦ୍ର:- ୨, ୩, ୪ ବାକିଦିନ ଶୁଭ।



**କୁମ୍ଭ:-** ମାସଟି ଆପଣଙ୍କୁ ଶୁଭଫଳ ପ୍ରଦାନ କରିବାର ଆଭାସ ମିଳୁଛି। ଶତ୍ରୁମାନଙ୍କୁ କଳେବଳେ କୌଶଳେ ଆୟତ୍ତ କରି ଗନ୍ତବ୍ୟ ପଥରେ ଆଗେଇବେ। ବକେୟା କର୍ମର ପୂର୍ଣ୍ଣତା ପ୍ରଦାନ କରି ଆଶ୍ୱସ୍ତ ହେବେ। କର୍ମ ଯେତେ କଷ୍ଟକର ହେଲେବି ବୁଦ୍ଧି ଓ ବଳ ଖଟାଇ ତାହା ଆୟତ୍ତ କରିବାରେ ସମର୍ଥ ହେବେ। ସରକାରୀ ସ୍ତରରୁ ଆବଶ୍ୟକୀୟ ସୁବିଧା ସୁଯୋଗ ନିକଟତର ହେବ। ମନର ସ୍ଥିରତା ଯୋଗେ କର୍ମ ସଂପାଦନ ନିମିତ୍ତ ଆଗ୍ରହ ସୃଷ୍ଟିହେବ। ଶତ୍ରୁମାନେ ସାମନାକୁ ଆସିବାକୁ ସାହାସ ଜୁଟାଇ ପାରିବେ ନାହିଁ। ସାମାଜିକ ସ୍ତରରେ ଆଦୃତି ବୃଦ୍ଧି ଯୋଗେ ଉତ୍ସାହିତ ହେବେ। ଅନ୍ୟ ଉପରେ ଭରସା ନ ରଖି ନିଜ ବୁଦ୍ଧିରେ ଚାଲିବେ। ବେପାର ବାଣିଜ୍ୟର ଧାରା ସମ୍ପ୍ରସାରିତ ହେବ। ବକେୟା ଅର୍ଥ ହାତକୁ ଆସିବାର ଉପଯୁକ୍ତ ସମୟ। ଆର୍ଥୀକ ଦିଗ ଦୁର୍ବଳ ନହେଲେବି ଅପବ୍ୟୟ ଯୋଗେ ଚିନ୍ତିତ ହେବେ।

ଆପଣାରମାନେ ଶୋଷଣ କରିପାରନ୍ତି। ଭ୍ରମଣ ଓ ଦେବ ଦର୍ଶନ ସାଙ୍ଗକୁ ପରୋପକାର ରୁଚି ବୃଦ୍ଧି ପାଇବ। ଧାତୁ ପଦାର୍ଥ କ୍ରୟ କରିବେ। ଶର୍ଦ୍ଦିଶ୍ଳେଷ୍ମା ସାଙ୍ଗକୁ ଅମ୍ଳଦୋଷ ଓ ରକ୍ତ ଶର୍କରା ଦୋଷ ଦେଖାଦେବ। ପରିବାରରେ ନିଜର କର୍ତ୍ତୃତ୍ୱ ଜାହିର କରିବେ। ମହିଳାମାନେ ଅନୁକୂଳ ବାତାବରଣର ସୂଚନା ପାଇବେ। ଭୋଗଇଚ୍ଛା ସହିତ ତ୍ୟାଗ ଇଚ୍ଛା ପରିପ୍ରକାଶ ହେବ। ଅର୍ଥ ଲୋଭ ଦେଖାଦେଇପାରେ। ବିଦ୍ୟାର୍ଥୀମାନେ ସ୍ୱାତନ୍ତ୍ର୍ୟତା ହାସଲ କରିବେ।

ଅଶୁଭ ଦିବସ:- ୨୩, ୨୪ ଅଷ୍ଟମଚନ୍ଦ୍ର:- ୫, ୬ ଘାତଚନ୍ଦ୍ର:- ୧୬, ୧୭, ୧୨, ୧୩, ୧୪ ବାକିଦିନ ଶୁଭ।



**ମୀନ:-** ଆପଣଙ୍କ ନିମିତ୍ତ ମାସଟି ଶୁଭାଶୁଭ ମିଶ୍ରିତଫଳ ପ୍ରଦାନ କରିବ। ମଝିରେ ମଝିରେ ଦୁଶ୍ଚିନ୍ତାର ଶିକାର ହେଲେବି କର୍ମପଥରୁ ଓହରିଯିବାର ନାହିଁ। କ୍ଳାନ୍ତି ଓ ଅବସନ୍ନତାର ଦାପଟରେ ପଡ଼ିଲେ ଆଶ୍ଚର୍ଯ୍ୟ ଚକିତ ହେବାର ନାହିଁ। ଏ ସବୁ ସତ୍ତ୍ୱେ କର୍ମରେ ନିମଗ୍ନ ରହିବେ। କର୍ତ୍ତବ୍ୟ ନିର୍ବାହରେ ଯଥେଷ୍ଟ ଧୈର୍ଯ୍ୟ ଓ ସଂଯମତାର ଆବଶ୍ୟକତା ଅଛି। ବୈଷୟିକ ଦିଗରୁ ଶାନ୍ତି ଓ ସନ୍ତୋଷ ପ୍ରାପ୍ତି ଆଶା କରାଯାଇପାରିବ। ଉପରିସ୍ଥ ମାନଙ୍କୁ ସନ୍ତୁଷ୍ଟ କରି ଇଷ୍ଟପୂର୍ତ୍ତି କରିବେ। ଆଶାର ପ୍ରବଲ୍ୟତା ବୃଦ୍ଧିପାଇବ। ସାମାଜିକ ସ୍ତରରେ ନୂତନ କୀର୍ତ୍ତି ସ୍ଥାପନ କରିପାରନ୍ତି। ବିବାଦୀୟ କ୍ଷେତ୍ରରେ ବୁଦ୍ଧିବଳ ଓ ଲୋକବଳ ଦ୍ୱାରା ବିଜୟ ହାସଲ କରିବେ। ବେପାର ବାଣିଜ୍ୟରେ ଅନ୍ୟମାନଙ୍କୁ ପଛରେ ପକାଇ ଆଗଧାଡ଼ିରେ ରହିବେ। ଜମି ଭୂମି କ୍ରୟ ନିମିତ୍ତ ଆଶାୟୀ ହେବେ। ଭ୍ରମଣରୁ ଶାନ୍ତି ମିଳିବ। ଆର୍ଥୀକ ଦିଗ ଦବିଯିବାର ନାହିଁ। ପତିତ ଅର୍ଥ ହାତକୁ ଆସିବ। ଉତ୍ସବାଦି କର୍ମରେ ଯୋଗଦାନ କରିବାର ଅଛି। ସୌଖୀନ ଦ୍ରବ୍ୟ ପ୍ରତି ଦୁର୍ବଳତା ଦେଖାଦେବ। ପେଟ ଗୋଳମାଳ ସାଙ୍ଗକୁ ଛାତି ଯନ୍ତ୍ରଣା ଅନୁଭବ କରିବେ। ପାରିବାରିକ ଜୀବନ ଶ୍ରଦ୍ଧାଯୁକ୍ତ ହେବ। ମହିଳାମାନେ ଖର୍ଚ୍ଚୀ ହେବେ। ଯୋଜନା ଅପେକ୍ଷା ବ୍ୟୟଭାର ଅଧିକ ହେବ। କ୍ରୋଧ ନିୟନ୍ତ୍ରଣ କଲେ ଆଦର ପାଇବେ। ବିଦ୍ୟାର୍ଥୀମାନେ ଉଚ୍ଚତର ସୋପାନକୁ ଉତ୍ତୀର୍ଣ୍ଣ ହୋଇପାରନ୍ତି।

ଅଶୁଭ ଦିବସ:- ୧୫, ୨୫, ୨୬, ୨୯, ୩୦ ଅଷ୍ଟମଚନ୍ଦ୍ର:- ୭, ୮, ୯ ଘାତଚନ୍ଦ୍ର:- ୨୧, ୨୨ ବାକିଦିନ ଶୁଭ।

*ନୂଆଗାଁ, ଇଟିପୁର, ଖୋର୍ଦ୍ଧା*
*ଦୂରଭାଷ: ୬୩୭୨୫୯୬୯୧୯*

**DM Associates**
**Chartered Accountants**
307, Block - A, 3rd Floor, Nirmala Plaza
Forest Park, Bhubaneswar
Ph.: +91 674 259511-13
Telefax : +91 674 2595912
*We undertake*
*Auditing, Taxation, Consultancy outsourcing*

Postal Regd. No. CK (C)/91/2024-2026
The Samaroha May - 2025, Vol. - 34, Issue - 8
RNI Regd. No. : 034056/1981

KALINGA COMMERCIAL CORPORATION LTD
A Leading Turnkey Service Provider for Mining Sector
(ISO 9001 : 2008 Certified)

*Our Strength is-*
*Unity &*
*Teamwork with*





*Commitment and*
*Dedication*

*Our Motto –*
*No Words but Deeds*





*Aiming for Excellence*
*in Achievement with*
*Customer Satisfaction*

Our Vision:
Aspire to set Benchmark on Global Mining,Value Creation and Corporate Social Responsibility

*CORPORATE OFFICE*

A/47, NILAKANTHA NAGAR, NAYAPALLI, BHUBANESWAR, ODISHA 751012
MOB: 9937559264
WEB: www.kccl.co.in

₹ 20/-

Date of Publication : 15.05.2025
Facebook: The Samaroha
E-mail: thesamaroha@gmail.com, Website: www.samaroha.in